



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-103 • THURSDAY • 9 OCTOBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୦୩ • ଗୁରୁବାର • ୯ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ପୁଲିସ ଚାକିରି ବିକ୍ରି

# କାଠଗଡ଼ାରେ ଓପିଆର୍‌ବି

## ଟେଣ୍ଡର ସର୍ତ୍ତାବଳୀ ଉଲ୍ଲଙ୍ଘନ ସତ୍ତ୍ୱେ କାହିଁକି ଚୁପ୍ ଥିଲେ କର୍ତ୍ତୃପକ୍ଷ ?

### ଅନୁମତି ନ ଥିବା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲେ ସିଲିକନ୍ ଓ ପଞ୍ଚସଫ୍ଟ

### ଓପିଆର୍‌ବି ଓ ଆଇଟିଆଇ ଅଧିକାରୀଙ୍କ ପ୍ରତି କୋହଳ ମନୋଭାବ କାହିଁକି

■ **ଭୁବନେଶ୍ୱର, ୮ ।୧୦ (ସମିସ):** ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାକୁ ନେଇ ସାରା ରାଜ୍ୟ ଦୁଲୁକୁଛି। ୨୫ରୁ ୩୦ ଲକ୍ଷ ଟଙ୍କାରେ ପୁଲିସ ଚାକିରି ବିକ୍ରି ଷଡ଼ଯନ୍ତ୍ର ଧରାପଡ଼ିବା ପରେ ଯେତିକି ତଥ୍ୟ ଲୋକଲୋଚନକୁ ଆସିଛି, ସେଥିରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଓ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ପାଇଥିବା ଆଇଟିଆଇର ଭୂମିକାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇରୁ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍‌ଟ ମୁଖ୍ୟ ଶଙ୍କର ପୃଷ୍ଟିର କାର୍ଯ୍ୟକଳାପ ସମ୍ପର୍କରେ ଓପିଆର୍‌ବି ସବୁ ଜାଣି ବି ନିରବ ଥିବା ସ୍ପଷ୍ଟ ହେବାରେ ଲାଗିଛି। ପରୀକ୍ଷା ପରିଚାଳନା ନିମନ୍ତେ ଆଇଟିଆଇକୁ ଟେଣ୍ଡର ଦେବା ବେଳେ ଓପିଆର୍‌ବି କେବଳ ଅନ୍ୟ କମ୍ପାନୀଠାରୁ ମାନବ ସମ୍ବଳ ସହଯୋଗ ନିମନ୍ତେ ଅନୁମତି ଦେଇଥିଲା। ମାତ୍ର ଆଇଟିଆଇ ପୂରା ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବକୁ ହସ୍ତାନ୍ତର କରିବା ବେଳେ କାହିଁକି ଓପିଆର୍‌ବି ନିରବ ରହିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସିଲିକନ୍ ଟେକ୍‌ଲାବ୍ ସହ ମିଶି ପଞ୍ଚସଫ୍ଟ କମ୍ପାନୀ ଅନୁମତି ନ ଥିବା ସତ୍ତ୍ୱେ କିପରି ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରିଚାଳନା ଦାୟିତ୍ୱ ପାଇଲେ, ତାହାକୁ ଦେଖିଲେ ମୂଳରୁ ହିଁ ଚାକିରି ବିକ୍ରି ପାଇଁ ଷଡ଼ଯନ୍ତ୍ର ହୋଇଥିବା ଜଳଜଳ ଦିଶୁଛି। ▶ପୃଷ୍ଠା-୭

# ଗିରଫ ୧୧୯ ଜଣଙ୍କ ଜାମିନ ଖାରଜ

■ **ବ୍ରହ୍ମପୁର,୮ ।୧୦ (ସମିସ):** ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଥିବା ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି।

**୬ ବସ୍ କର୍ମଚାରୀଙ୍କ ବୟାନ ରେକର୍ଡ**

ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ସେମାନଙ୍କ ଅଧିବକ୍ତାମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍ଏଫସି (ଗ୍ରାମୀଣ)ଙ୍କ ଅଦାଲତରେ ଆବେଦନ କରିଥିଲେ। ବୁଧବାର ଉକ୍ତ ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା। ସରକାରୀ ଓକିଲ ଜାମିନ ଆବେଦନର ତୀବ୍ର ବିରୋଧ କରିଥିଲେ। ସେହିକ୍ରମରେ ବିଚାରପତି ସମସ୍ତ ୧୧୯ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୧୧୪ ଚାକିରି ଆଶାୟୀ ଓ ୩ ଜଣ ଦଲାଲଙ୍କୁ ନେଇ ବିଜୟନଗରମ ଅଭିମୁଖେ ଯାଉଥିବା ୩ଟି ବସ୍‌ର ୬ଜଣ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି। ▶ପୃଷ୍ଠା-୭

## ମିଆଁମାର ସେନାର ବର୍ବରତା

# ବୌଦ୍ଧ ମହୋତ୍ସବରେ ବୋମାମାଡ଼

## ୪୭ ମୃତ, ୮୦ ଆହତ



■ **ନେପିଡୋ, ୮।୧୦ (ସମିସ):** ମିଆଁମାରରେ ବୌଦ୍ଧ ମହୋତ୍ସବ ପାଳନ କରାଯାଉଥିବା ବେଳେ ସେନା ଆକ୍ରମଣ କରିଛି । ଚାଉଙ୍ଗ ୟୁ ସହରରେ 'ଥାଡିଙ୍ଗ୍‌ଟ୍ ପୂର୍ଣ୍ଣିମା' ପାଳନ କରିବାକୁ ଲୋକେ ଏକାଠି ହୋଇଥିବା ବେଳେ ସେନା ବୋମାମାଡ଼ କରିଛି । ଏଥିରେ ୪୭ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୮୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଉତ୍ସବ ପାଳନ ବେଳେ ସମବେତ ଲୋକେ ସାମରିକ ଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ସମୟରେ ସେନା ପକ୍ଷରୁ ୭ଟି ବୋମାମାଡ଼ କରାଯାଇଥିବା ଜଣାପଡ଼ିଛି ।

ଏକ ମୋଟରଚାଳିତ ପାରା ଗ୍ଲାଇଡର ଘଟଣାସ୍ଥଳରେ ଉଡିଥିଲା ଓ ଏଥିରୁ ବୋମାମାଡ଼ କରାଯାଇଥିଲା । ଏଭଳି ଆକ୍ରମଣ ହେବ ବୋଲି ଲୋକଙ୍କୁ ଆଗୁଆ ସୂଚନା ମଧ୍ୟ ଦିଆଯାଇଥିଲା । ସୂଚନା ପାଇ ଏକ ତୃତୀୟାଂଶ ଲୋକ ସେଠାରୁ ପଳାଇଥିଲେ । ବୋମାମାଡ଼ ପରେ ସଂପୃକ୍ତ ଅଞ୍ଚଳରେ ଖଣ୍ଡବିଖଣ୍ଡିତ ମରଶରୀର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ବେଳେ ସେଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଛି । ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଉଲ୍ଲେଖଥାଉ କି ୨୦୨୧ରେ ସେନା ଶାସନଭାର ହାତକୁ ନେବା ପରେ ମିଆଁମାରରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି । ଗଣତନ୍ତ୍ରର ସମର୍ଥକମାନେ ଅନ୍ୟ ଉଗ୍ରବାଦୀ ସଂଗଠନ ସହ ମିଶି ସାମରିକ ଶାସନ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି । ତେବେ ମିଆଁମାରରେ ଆଗାମୀ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ହେବ ବୋଲି କୁହାଯାଇଛି । କିନ୍ତୁ ଏଥିରେ ବ୍ୟାପକ ଜାଲିଆତି ହେବ ବୋଲି ଆଶଙ୍କା ପ୍ରକଟ କରି ବିଦ୍ରୋହୀ ଓ ଗଣତନ୍ତ୍ରର ସମର୍ଥକମାନେ ଏହି ନିର୍ବାଚନକୁ ବର୍ଜନ କରିବାକୁ ଘୋଷଣା କରିଛନ୍ତି ।

# ସରକାରଙ୍କୁ ଆଇନଶୃଙ୍ଖଳା ଚିନ୍ତା

## ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୮।୧୦ (ସମିସ):** ଗତ କିଛିଦିନ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଭୟଙ୍କର ସମୟ ଦେଇ ଗତି କରୁଛି। ଅରାଜକତା ସୀମା ଅତିକ୍ରମ କରିଛି। କଟକ ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ହତ୍ୟାକାରୀ ଫେରାର ହୋଇ ଯାଇଛନ୍ତି। ଭଦ୍ରକ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଠାଇ ନିଆଯାଇ ଦୁଷ୍କର୍ମ କରାଯାଇଛି। କଟକରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇଛି। ସହରରେ କର୍ଫ୍ୟୁ ଜାରି କରାଯାଇଛି। ବ୍ରହ୍ମପୁରରେ ଖୋଦ ଶାସକ ଦଳର ଜଣେ ନେତା ତଥା ଆଇନଜୀବୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ଏହି ସମୟରେ ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି। ଏହାର ଅନୁଧ୍ୟାନ ନିମନ୍ତେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାକିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ। ଆଇନଶୃଙ୍ଖଳା ଖରାପ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ହସ୍ତରେ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।



ନିକଟରେ ରାଜ୍ୟରେ ଘଟିଯାଇଥିବା ବିଭିନ୍ନ ଅପରାଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଲିସ ଡିଜିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି । ସେ କହିଛନ୍ତି ଯେ କଟକରେ ପରିସ୍ଥିତି ସ୍ୱାଭାବିକ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଂ ଜାରି ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ, ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

## ନୂଆପଡ଼ା ଲଢ଼େଇ

# ନବୀନ ଗଢ଼ିଲେ କମିଟି

**ଷ୍ଟିଅରିଂ କମିଟିରେ ଦଳର ୬ ବରିଷ୍ଠ ନେତା**

**ଜୋନାଲ କମିଟିରେ ୧୦, ଆକ୍ସନ କମିଟିରେ ୩**

■ **ଭୁବନେଶ୍ୱର, ୮।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ନେତାଙ୍କୁ ନେଇ ୩ଟି କମିଟି ଗଠନ କରିଛନ୍ତି। ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟିରେ ସ୍ଥାନୀତ ସଦସ୍ୟମାନେ ନିର୍ବାଚନ ପରିଚାଳନା କରିବେ ବୋଲି ବିଜେଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

ଉପନିର୍ବାଚନର ପରିଚାଳନା ଦାୟିତ୍ୱ ଷ୍ଟିୟରିଂ କମିଟି ଉପରେ ନ୍ୟସ୍ତ ହୋଇଛି। ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି ଓ ମହମ୍ମଦ ଆୟୁବ ଖାନ୍ ପ୍ରମୁଖ ଏହି କମିଟିରେ ରହିଛନ୍ତି। ସେହିପରି ଜିଲ୍ଲା ପରିଷଦ ଜୋନ୍ ଏବଂ ପୌରାଞ୍ଚଳ ଜୋନକୁ ନେଇ ଗଠିତ ଜୋନାଲ କମିଟିରେ ମୋଟ ୧୦ ଜଣ ସ୍ଥାନ ପାଇଛନ୍ତି। ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଶାରଦା ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଖରିଆର ରୋଡ୍ ଏନଏସି ପାଇଁ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂଙ୍କୁ ଜିଲ୍ଲା ପରିଷଦ ଜୋନ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଲୋକାଲ ଆକ୍ସନ କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି। ଏହି ୩ କମିଟି ତତ୍ତ୍ୱାବଧାନରେ ବିଜେଡି ନିଜର ଉପ ନିର୍ବାଚନ ରଣନୀତି ପରିଚାଳନା କରିବ ବୋଲି ଜଣାପଡ଼ିଛି।

## ଟ୍ରମ୍ପଙ୍କ ଏଚ୍ ୧-ବି ଭିସା ବୋମା

# କମୁଛି ଏନ୍‌ଆର୍‌ଆଇ ବରଙ୍କ କ୍ରେଜ୍

**ସଫ୍ଟୱେର ବୃତ୍ତିଧାରୀଙ୍କୁ ବାହା ହେବାକୁ ଅରାଜି ଭାରତୀୟ ଝିଅ**

■ **ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଚ୍୧-ବି ଭିସା କଟକଣାର ପ୍ରଭାବ ଏବେ ଚାରିଆଡେ ଜୋରଦାର ଅନୁଭୂତ ହେବାରେ ଲାଗିଛି। ବିଶେଷକରି ଭାରତ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଭାରତରେ ବିବାହ ବଜାର ଏହାଦ୍ୱାରା ପ୍ରଭାବିତ ହୋଇଛି। ଟ୍ରମ୍ପ ଏହି ଭିସା ନିମନ୍ତେ ଆବେଦନକାରୀଙ୍କ ପାଇଁ ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ଫି' ବୃଦ୍ଧି କରିବା ପରେ ଆମେରିକାରେ କାମ କରୁଥିବା ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ ପାଇଥିବା 'ଭାଓଜ୍ ଫର୍ ଇଟରନିଟି ରିପୋର୍ଟ'ରେ କୁହାଯାଇଛି। ସୂଚନା ଅନୁସାରେ ଭାରତର ଯେଉଁ ପରିବାରଗୁଡ଼ିକ ଏ ପର୍ଯ୍ୟନ୍ତ ସେମାନଙ୍କ ପିଲାମାନଙ୍କ ପାଇଁ ଅନ୍ତର୍ଜାତୀୟ ଜୀବନସାଥୀ ଖୋଜିବାରେ ବ୍ୟସ୍ତ ଥିଲେ, ସେମାନେ ଏବେ ଟ୍ରମ୍ପଙ୍କ ଏପରି ନୀତିରେ ବିବ୍ରତ ▶ପୃଷ୍ଠା-୭







## ଷଷ୍ଠ ପର୍ଯ୍ୟାୟ ସନ୍ତରଣ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର,୮ ।୧୦(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହଠାରେ ଯୁବପିଢ଼ିଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜରୁରୀ ଅଧିକାରୀ ସାଇ କୃଷ୍ଣ ଜେନା , ଓଡ୍ରାଫ୍ ଅଧିକାରୀ ମନୋରଞ୍ଜନ ବେହେରା ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଯୋଗ ଦେଇଥିଲେ । ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପିଢ଼ିଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚତୁର୍ଥ ପର୍ଯ୍ୟାୟରେ ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ । ୧୦ ଦଳ ମୋଟ ୩୦୦ ଜଣ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବାଲେଶ୍ୱର ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ । ବାଲେଶ୍ୱରରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ପାଇଁ ଯୋଗ ଦେଇଛନ୍ତି । ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଭୂୟାଁ ଓ ନେହ୍ରୁ ଯୁବ କେନ୍ଦ୍ରର ସଂଯୋଜକ ବିକ୍ରମ ବାରିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା

# କୋର୍ଟରେ ହାଜର ହେଲେ ଗିରଫ ୪ ଜଣ

ବାଲେଶ୍ୱର, ୮ ।୧୦(ସମିସ)



ଗତ ଜୁଲାଇ ମାସ ୧୨ତାରିଖରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିଲା ଏକ ସାଂଘାତିକ ଘଟଣା । ଉକ୍ତ କଲେଜର ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସେହି ବିଭାଗର ଏଚଓଡ଼ିଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ନେଇ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢ଼ାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ । ସେହି ମାସ ୧୪ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣା ଘଟିବା ଠାରୁ କ୍ରାଇମବ୍ରାଂଚ ଏହାର ତଦନ୍ତ କରୁଥିଲା । ପାଖାପାଖି ଏକମାସରୁ ଅଧିକ ଦିନ ଧରି ଏହି ଘଟଣାରେ ତଦନ୍ତ କରିବା ସହ ଦୁଇଜଣ ଛାତ୍ର ଶୁଭ୍ରସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କ ସହ ଏଚଓଡ଼ି ସମୀର ସାହୁ ଏବଂ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ତେବେ ଆଜି ସେମାନଙ୍କୁ ଏସଡିଜେଏମ କିଶୋର କୁମାର ନାଥଙ୍କ କୋର୍ଟରେ ଶେଷ ଥର ପାଇଁ ହାଜର କରାଯାଇଛି । କାରଣ ଏହି କୋର୍ଟରୁ ଏବେ ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ବିଚାର ପାଇଁ ସମସ୍ତ ରେକର୍ଡପତ୍ର ଯିବ । ଏହାପୂର୍ବରୁ ଜଜ ସେମାନଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ସେମାନଙ୍କ

**ବିଚାର ପାଇଁ ଉପରକୋର୍ଟକୁ ଗଲା ରେକର୍ଡପତ୍ର**

ବିରୋଧରେ ଯାହା ଦଫା ଗୁଡିକ ଲାଗିଥିଲା ସେଇ ଦଫା ଉପରେ ତର୍ଜମା ହୋଇଥିଲା । ସେମାନଙ୍କୁ ଜଜ୍ ଦୋଷ କରିଛନ୍ତି କି ନାହିଁ ତାହା ବି ପଚାରିଥିଲେ । ଏ ନେଇ ଏସଡିଜେଏମ କୋର୍ଟର ସରକାରୀ ଓକିଲ ବିଜୟ କୁମାର ଦାସ କହିଛନ୍ତି ଯେ, ଆଜି ସୌମ୍ୟାଶ୍ରୀ ଘଟଣାରେ ପୁଲିସ ଚାର୍ଜସିଟ ଦାଖଲ କରିଛି । ଆଜି ତାଙ୍କର କମିଟିମେଟ ହେଲା । ତାଙ୍କ ଓକିଲ ଶିଘ୍ର ବିଚାର ପାଇଁ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ଆବେଦନ କରିଥିଲେ । ଏଣୁ ଆଜି ମାମଲାଟି ଉପର କୋର୍ଟକୁ ଯାଇଛି । ଏ ନେଇ ଆଡଭୋକେଟ ଗୁରୁ ପ୍ରସାଦ ବେହେରା କହିଛନ୍ତି ଯେ, ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଉପର କୋର୍ଟରେ ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଏସଡିଜେଏମ କୋର୍ଟ ପଠାଇଛନ୍ତି ଏବଂ ସେଠାରେ ସେମାନଙ୍କର ବିଚାର ହେବ । ବିଚାର ପରେ ଯାହା ଫଇନାଲ ଜଜମେଣ୍ଟ ହେବ । ୮୪୦ ପୃଷ୍ଠାର ଦସ୍ତାବିଜ ପ୍ରଦାନ କରାଯାଇଛି । ଏପରିକି ଜାମିନ ପାଇଁ ହାଇକୋର୍ଟରେ ଆବେଦନ ହୋଇ ରହିଛି ବୋଲି କହିଛନ୍ତି ।

## ମାର୍କେଟ କମ୍ପ୍ଲେକ୍ସରୁ ଚୋରି ଘଟଣାରେ ୬ ଗିରଫ





ବାଲେଶ୍ୱର,୮ ।୧୦(ସମିସ): ବାଲେଶ୍ୱର ଶିଳ୍ପାଂଚଳ ଥାନା ଅଂଚଳରେ ଥିବା ଏକ ଆରଏମସି ମାର୍କେଟ କମ୍ପ୍ଲେକ୍ସରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା । ଏହିଘଟଣାରେ ପୁଲିସ ୬ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୬ଜଣ ରେମୁଣା ଥାନା ଅନ୍ତର୍ଗତ ମନ୍ଦାରପୁର ଅଞ୍ଚଳର ବୋଲି ଶିଳ୍ପାଞ୍ଚଳ ଥାନା ଅଧିକାରୀ ଶ୍ୟାମଘନ ବେହେରା ସୂଚନା ଦେଇଛନ୍ତି । ଥାନା ନିକଟରେ ରହିଛି ଆରଏମସି ମାର୍କେଟ କମ୍ପ୍ଲେକ୍ସ । ଏହାରି ମଧ୍ୟରେ ପିଏଚଡି ବିଭାଗର ପାଇପ ଗୁଡିକ ଷ୍ଟକ କରି ରଖାଯାଇଛି । କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ସୁଯୋଗ ନେଇ ମନ୍ଦାରପୁର ଅଂଚଳର କିଛି ଯୁବକ ରାତିରେ ଟ୍ରକ ଲଗାଇ ସେଠାରୁ ଲୁହା ରଡ, ପାଇପ, ବ୍ୟାଟେରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିଲେ । ଖବର ପାଇ ପୁଲିସ ସେଠାରେ ପହଁଚିବା ପରେ ଟ୍ରକରେ ସାମଗ୍ରୀ ଗୁଡିକ ଲଦା ହୋଇଥିବା ଦେଖିବା ସହ ସେଠାରେ ଦୁଇ ଜଣକୁ ଧରିଥିଲେ । ପୁଲିସ ଗାଡି ଦେଖି ବାକି କିଛି ଲୋକ ସେଠାରୁ ପଳାଇ ଯାଇଥିଲେ । ଖୋଜାଖୋଜି କରିବା ପରେ ୬ଜଣକୁ ଧରିଥିଲେ । ଚୋରି ହୋଇଥିବା ୨୭ଟି ପାଇପ,ଟ୍ରକକୁ ଜବତ କରାଯାଇଛି । ଜବତ ସାମଗ୍ରୀ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ । ଏ ନେଇ ପିଏଚଡି ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ହିରାଲାଲ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ମହିଳାଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

ବାଲେଶ୍ୱର,୮ ।୧୦(ସମିସ): ଗତ ସେପ୍ଟେମ୍ବର ମାସରେ ବିଶ୍ୱକର୍ମା ପୂଜାର ପୂର୍ବ ରାତିରେ ବାଲେଶ୍ୱର ରେଳଷ୍ଟେସନ ନିକଟରେ ଜଣେ ମହିଳାଙ୍କୁ ଏକ ଯୁବକ ତଳେ ପକାଇ ନିସ୍ତୁକ ମାଡ ମାରିବା ସହ ଗୋଇଠା ମଧ ମାରିଥିଲେ । ଏହାକୁ ନେଇ ଆରପିଏଫ ଅଧିକାରୀ ସହଦେବଖୁଂଟା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୪୨/୨୫ନମ୍ବରରେ ଏକ ମାମଲା ରୁଜୁ କରି ମାଡ ମାରିଥିବା ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ହୋଇଥିବା ଯୁବକ ଜଣକ ହେଲେ ସହଦେବଖୁଂଟା ଥାନା ଅନ୍ତର୍ଗତ ଭାସ୍କରଗଞ୍ଜ(ବି) ଅଂଚଳର ବିଜୟକୁମାର ଗିରି(୨୮) ।

### ● ବାଲେଶ୍ୱର ମହାବୀର ଆଖଡାର ୧୦୦ ବର୍ଷ ପୂର୍ତ୍ତି

## ମଠସାହି ଆଖଡାକୁ ମିଳିଲା ପ୍ରଥମ ପୁରସ୍କାର



ବାଲେଶ୍ୱର,୮ ।୧୦(ସମିସ): ଆଖଡାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱରର ବହୁ ଆଖଡା ଦଳ ନିଜର ଖେଳ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବାଲେଶ୍ୱର ମଠସାହି ଆଖଡା ଦଳ ଉଭୟ ବୀରାଷ୍ଟମୀରେ ମାକଲପୁରର ହନୁମାନ ମନ୍ଦିର ଓ ବିଜୟାଦଶମୀରେ ସିନେମା ଛକରେ ନିଜର ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମଠସାହି ଆଖଡା ଦଳର ସର୍ଦାର ରବୀନ୍ଦ୍ର ବେହେରା ଏବଂ ସଭାପତି ମନୋଜ ରାଉତଙ୍କ ତତ୍ୱାବଧାନରେ ଶତାଧିକ ମଠସାହି ଗ୍ରାମର ଆବାଳବୃଦ୍ଧବନିତା ଏହି ଆଖଡା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ଗତ କୁମାର ପୂର୍ଣ୍ଣିମାରେ ବାଲେଶ୍ୱର ମହାବୀର ଆଖଡା ସଂଘର ବାର୍ଷିକ ଉତ୍ସବରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ମାନେ ମଠସାହି ଆଖଡା ଦଳକୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମଠସାହି ଆଖଡା ଦଳର ସଭାପତି ମନୋଜ ରାଉତ ସମସ୍ତ ଆଖଡା ଦଳ ସହ ଆଖଡା ସଂଘର ସମସ୍ତ କର୍ମକର୍ତ୍ତା ଓ ମଠସାହିର ସମସ୍ତ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ



ବାଲେଶ୍ୱର,୮ ।୧୦(ସମିସ): ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ବ୍ଲକସ୍ତରୀୟ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ସଦର ବ୍ଲକରେ କୃତି ପ୍ରତିଯୋଗୀମାନଙ୍କୁ ଆଜି ଏକ ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ପ୍ରମାଣପତ୍ର, ନଗଦ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏଥିପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦାମୋଦର ନାୟକ ମୁଖ୍ୟ ଅତିଥି ଭାବେ ଓ ମଞ୍ଚର ବରିଷ୍ଠ କର୍ମକର୍ତ୍ତା ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ ଦେବେନ୍ଦ୍ରନାଥ ଚୌଧୁରୀ, ବ୍ଲକର ସେକ୍ସନ ଅଫିସର ମହେଶ୍ୱର ଶିଅଳ ଓ ଫାଇନାନ୍ସ ଅଫିସର ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଏବଂ ବକ୍ତାଭାବେ ଯୋଗଦେଇ କୃତି ପ୍ରତିଯୋଗୀ ଟାଉନ ହାଇସ୍କୁଲର ଉର୍ବଶୀ ବାଇ ଓ ପ୍ରିୟଙ୍କା ଆଢ଼୍ୟ, ପୁଲିସ ହାଇସ୍କୁଲର ଅଙ୍କିତା ପାଢ଼ୀଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ପାତ୍ର ମଂଚ ପରିଚାଳନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ଜେନା,ଲକ୍ଷ୍ମଣ ମଲ୍ଲିକ ଓ ଶରତ ତରେଇ ସହଯୋଗ କରିଥିଲେ ।

### ଆନ୍ତର୍ଜାତିକ ଦିବ୍ୟାଂଗ ସମ୍ଭବ-୨୦୨୫ ପ୍ରତିଯୋଗିତା

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରୀଙ୍କୁ ସଫଳତା



ବାଲେଶ୍ୱର, ୮।୧୦(ସମିସ): ଅକ୍ଟୋବର ୪ ଓ ୫ ଦୁଇ ଦିନ ଧରି ଦିଲ୍ଲୀ ଠାରେ ଭାରତୀୟ ଅନ୍ତର୍ଜାତୀୟ କେନ୍ଦ୍ର ଠାରେ ଗୁରୁ ଆଲପନା ନାୟକଙ୍କ ଅନୁଷ୍ଠାନ ଆଲପନା ଦ୍ୱାରା ଅନ୍ତର୍ଜାତୀୟ ଦିବ୍ୟାଂଗ ସମ୍ଭବ- ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଭୁଟାନ, ଇରାନ, ମିଆମାର, ନେପାଳ,ଋଷିଆ, ଶ୍ରୀଲଙ୍କା,ତେଜକିସ୍ଥାନ, ଥାଇଲାଣ୍ଡ, ଉଜବେକିସ୍ଥାନ ଓ ଭିଏତନାମ ଦେଶ ମାନଙ୍କରୁ ପ୍ରାୟ ୨୨ଟି ଦିବ୍ୟାଂଗଜନ ସଂଗଠନର କଳାକାର ଅଂଶଗ୍ରହଣ କରି ଦିବ୍ୟାଂଗମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ପ୍ରଦର୍ଶନୀ ସହିତ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଟୁଡୁ, ପାର୍ବତୀ ମାର୍ଣ୍ଡି,ମିନି ମହନ୍ତ, ମଘ୍ନା ସିଂ, ସୁଲୋଚନା ସିଂ, ସୁନିତା ସିଂ ନୃତ୍ୟ ଗୁରୁ ଆରତୀ ଭୋଇ ଭାଗନେଇ ଦ୍ରୌପଦୀ ବସ୍ତ୍ର ହରଣ ଆଧାରିତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିବା ସହିତ ଶ୍ରେଷ୍ଠ ବିବେଚିତ ତଥ୍ୟ ଭିତ୍ତିକ ନୃତ୍ୟ ପରିବେଷଣ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ, ଆଲପନା ଅନୁଷ୍ଠାନର କାର୍ଯ୍ୟକାରିଣୀ ସଭ୍ୟା ଅର୍ଚ୍ଚନା ନନ୍ଦୀ ଉପସ୍ଥିତ ଥିଲେ । ପରିଶେଷରେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା ପ୍ରମାଣପତ୍ର ସହିତ ବିଦ୍ୟାଳୟକୁ ଏକ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଯାତ୍ରୀ ଫେରିପାଇଲେ ହଜିଥିବା ମୋବାଇଲ

ବାଲେଶ୍ୱର,୮ ।୧୦(ସମିସ): ଯାତ୍ରୀମାନେ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଯଦି ସେମାନଙ୍କର କୌଣସି ସାମଗ୍ରୀ ହଜିଯାଏ ତେବେ ସେମାନଙ୍କର ସାମଗ୍ରୀକୁ ଫେରାଇ ଆଣିବା ପାଇଁ ଏହି ଅପରେସନ ଅମାନତ ଗଠନ ହୋଇଛି । ଯାହାଫଳରେ ଯାତ୍ରୀମାନଙ୍କ ଅଭିଯୋଗ ପରେ ତୁରନ୍ତ ଆରପିଏଫ କର୍ମଚାରୀମାନେ ସେମାନଙ୍କ ସାମଗ୍ରୀକୁ ଉଦ୍ଧାର କରି ସେମାନଙ୍କୁ ଫେରାଉଛନ୍ତି । ତେବେ ଏହାରି ମଧ୍ୟରେ ବାଲେଶ୍ୱରରେ ଜଣେ ଯାତ୍ରୀଙ୍କ କ୍ଷେତ୍ରରେ ମଧ ଏମିତି ଏକ ଘଟଣା ଘଟିଥିଲା । ଯାତ୍ରୀ ଜଣଙ୍କ ୧୮୪୧୦ଡାଉନ ଟ୍ରେନରେ ଯାତ୍ରା କରୁଥିବା ତାଙ୍କ ମୋବାଇଲଟି ବାଲେଶ୍ୱର ଷ୍ଟେସନରେ ପଡିଯାଇଥିଲା । ଯାହାର ମୂଲ୍ୟ ୩୩ହଜାର ଟଙ୍କା ହେବ । ଏ ନେଇ ଆରପିଏଫ ପକ୍ଷରୁ ଖୋଜାଖୋଜି କରି ତାଙ୍କ ମୋବାଇଲକୁ ଉଦ୍ଧାର କରି ତାଙ୍କୁ ଫେରାଇଛନ୍ତି ବୋଲି ଜଣାଯାଇଛି ।

## ନୀଳରକ୍ତ କଙ୍କଡ଼ା ସୁରକ୍ଷା କାର୍ଯ୍ୟକ୍ରମ




ବାଲେଶ୍ୱର, ୮।୧୦(ସମିସ): ଜାତୀୟ ବନ୍ୟପ୍ରାଣୀ ସ୍ୱରକ୍ଷା ସପ୍ତାହ ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ପକ୍ଷରୁ ପାଳନ କରାଯାଇଛି । ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ବନ୍ୟ ଜନ୍ତୁ ସୁରକ୍ଷା ସମ୍ବନ୍ଧୀୟ ଏକ ସାଇକେଲ ରାଲି ମୁନ କମ୍ୟୁନିକେସନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ରଣସାହି ହିଡିଗାଁ, ସାରଗାଁ, ଗୁଡୁ ଗ୍ରାମ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଜଳଧର ବେହେରା, ରେଜେନ୍ଦ୍ର ବେହେରା, ଜଗନ୍ନାଥ ବେହେରା, କାର୍ତିକ ଚନ୍ଦ୍ର ନାୟକ, ସୂର୍ଯ୍ୟ ପ୍ରସାଦ ମାହାନ୍ତି, ଅମ୍ବିକା ପ୍ରସାଦ ନାୟକ ଯୋଗ ଦେଇ ବନ୍ୟ ଜନ୍ତୁଙ୍କ ପାଇଁ ଜଙ୍ଗଲର ସୁରକ୍ଷା ସହ ଆକାର ବୃଦ୍ଧି ପାଇଁ ବ୍ୟାପକ ବୃକ୍ଷରୋପଣ କରିବାକୁ ସମସ୍ତଙ୍କୁ ନିବେଦନ କରାଇଥିଲେ । ମହିଁଶାଳୀ ମୁହାଣଠାରେ ନୀଳ ରକ୍ତ କଙ୍କଡା ସୁରକ୍ଷା କାର୍ଯ୍ୟକ୍ରମରେ ଅତିଥି ଭାବେ ମୁରଲୀଧର ମହାନ୍ତି ନୀଳରକ୍ତ କଙ୍କଡାର ଜୀବନଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


# ମାସ ମାସ ବିତୁଛି; ଦିବ୍ୟାଙ୍ଗଙ୍କୁ ମିଳୁନି ବ୍ୟାଟେରି ଗାଡ଼ି

ବାଲେଶ୍ୱର, ୮ ।୧୦(ସମିସ)



ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି । ଏହି ଯୋଜନା ମଧ୍ୟରେ ସେମାନେ କିପରି ଲାଭବାନ ହୋଇପାରିବେ ସେଥିପାଇଁ ସାମାଜିକ ଭିନ୍ନକ୍ଷମ ସୁରକ୍ଷା ବିଭାଗ ମଧ କାର୍ଯ୍ୟ କରୁଛି । ଏହି ବିଭାଗ ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ଭତା ସାଙ୍ଗକୁ ବିଭିନ୍ନ ପ୍ରକାର ଉପକରଣ ମଧ ପ୍ରଦାନ କରାଯାଉଛି । ହେଲେ ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ୟାଟେରୀଚାଳିତ ଗାଡି ପ୍ରଦାନ କରିବା ପାଇଁ ଏବେ ଜିଲ୍ଲାରେ ଗୋଟିଏ ହେଲେ ବି ଗାଡି ନାହିଁ । ଯାହାର ଆବଶ୍ୟକ ହେଉଛି ତାହା ବିଭାଗ ପକ୍ଷରୁ ରାଜ୍ୟକୁ ମଗାଯିବା ପରେ ମିଳୁଛି । ଫଳରେ ବ୍ୟାଟେରୀ ଚାଳିତ ଗାଡି ଉପରେ ନିର୍ଭର କରୁଥିବା ଦିବ୍ୟାଙ୍ଗମାନେ ଏବେ ହତାଶ ହୋଇପଡ଼ିଛନ୍ତି ।

ଅନ୍ୟପଟେ ଜିଲ୍ଲାର ସମସ୍ତ ବ୍ଲକରେ ରହିଥିବା ବିଭିନ୍ନ ଉପକରଣ ଗୁଡିକ ଷ୍ଟକ ଖାତା ଗୁଡିକ ରାଜ୍ୟକୁ ଭେରିଫିକେସନ ପାଇଁ ଯାଇଥିବା ବେଳେ କେବେ ତାହା ଭେରିଫେକେସନ ହୋଇ ଆସିବ ଏବଂ ଦିବ୍ୟାଙ୍ଗମାନଙ୍କୁ ତାଙ୍କର ଆବଶ୍ୟକ ଅନୁସାରେ ଉପକରଣ ମିଳିବ ତାହା ଏବେ ଅନିଶ୍ଚିତତାରେ ।

ଭିନ୍ନକ୍ଷମ ସୁରକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଉପକରଣମାନ ସେମାନଙ୍କୁ ଯୋଗାଇ ଦିଆଯାଉଛି । ବିଶେଷ କରି ଟ୍ରାଇ ସାଇକେଲ, ହୁଇଲଚେୟାର, ଅନ୍ଧବାଡ଼ି, ଶ୍ରବଣଯନ୍ତ୍ର ଆଦି ୧୬ପ୍ରକାର ଉପକରଣ ସେମାନଙ୍କୁ ପ୍ରଦାନ କରାଯାଉଛି । ଏହାରି ମଧ୍ୟରେ ରହିଛି ବ୍ୟାଟେରୀ ଚାଳିତ ଗାଡି ମଧ୍ୟ । ଜିଲ୍ଲାର ୧୨ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ଦିବ୍ୟାଙ୍ଗ ଯୁବକମାନଙ୍କ ପାଇଁ ଟ୍ରାଇସାଇକେଲ୧୫୪ଟି, ହୁଇଲଚେୟାର ୩୩୯ଟି, ଛୋଟ ପିଲାମାନଙ୍କ ପାଇଁ ଗୋଟିଏ ହୁଇଲଚେୟାର ସହ କମୋଡ ୧୩ଟି, ଶ୍ରବଣଯନ୍ତ୍ର ୧୩୯ଟି, ବ୍ଲାଇଣ୍ଡ ଷ୍ଟିକ୧୩ଟି, ୱାକର ୧୫ଟି, ବଡ କ୍ରଚେସ ୪ଟି, ମଧ୍ୟମ ଧରଣର କ୍ରଚେସ ୯୦ଟି, ଛୋଟ କ୍ରଚେସ ୨୨ଟି, ସାନ ରେଲେଟର ୨ଟି, ୮ଟି ଟ୍ରଇପଏଡ, ୬୯ଟି ଚାଲିବା ବାଡ଼ି,୧୯ଟି ଏଲବୋ କ୍ରଚେସ, ୬ଟି ଆଣ୍ଠୁ ବ୍ରେସ, ୪ଟି ଆନି ଆଦି ମୋଟ ଉପରେ ୮୯୮ଟି ଉପକରଣ ଷ୍ଟକ ରହିଛି । ଗତ ଅଗଷ୍ଟମାସ ୫ତାରିଖ ଠାରୁ ଏହି ସବୁ ଉପକରଣ ଷ୍ଟକ ରେଜିଷ୍ଟ୍ରାର ଭେରିଫିକେସନ ହେବା ପାଇଁ ରାଜ୍ୟ ସରକାରଙ୍କ ବିଭାଗ ପକ୍ଷରୁ ପଠାଯାଇଛି । ହେଲେ ଏବେ ପ୍ରଶ୍ନ ଉଠୁଛି ଯେ ଜିଲ୍ଲାରେ ଷ୍ଟକ ରହିଥିବା ଏହି ସବୁ ଉପକରଣ କିପରି ମିଳିବ । ଅନ୍ୟପଟେ ଦେଖିବାକୁ ଗଲେ ବ୍ୟାଟେରୀ ଚାଳିତ ଗାଡି ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରାଯିବା ପାଇଁ ଗୋଟିଏ ବି ନାହିଁ । ଯେଉଁ ଦିବ୍ୟାଙ୍ଗମାନଙ୍କର ଆବଶ୍ୟକତା ରହୁଛି ସେମାନେ ଅଭିଯୋଗ ବିଭାଗଠାରେ କରୁଛନ୍ତି । ବିଭାଗ ରାଜ୍ୟ ସରକାରଙ୍କୁ ପଠାଇବା ପରେ ଅତିକମରେ ଗୋଟିଏ ମାସ ପାଇବା ପାଇଁ ସେମାନଙ୍କୁ ଲାଗିଯାଉଛି । ଯାହାଫଳରେ ଦିବ୍ୟାଙ୍ଗମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି । ଯାହାର ଏକ ଉଦାହରଣ ହେଉଛନ୍ତି ନୀଳଗିରି ବ୍ଲକ ଅଧିନ କାହାଲିଆ ଅଞ୍ଚଳର ଲିପିପୁଷ୍ପା ଭୋଳ । ସେ ଗତମାସରୁ ଗୋଟିଏ ବ୍ୟାଟେରୀ ଚାଳିତ ଗାଡି ପାଇଁ ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ମିଳିପାରି ନାହିଁ । ପିଲାଟି ବେଳୁ ତାଙ୍କର କ୍ରୀଡା ପ୍ରତି ଅଧିକ ରୁଚି ରହିଥିଲା । ଦୁର୍ଘଟଣା ପରେ ତାଙ୍କର ସ୍ୱପ୍ନ ଭାଙ୍ଗିବାକୁ ଲାଗିଥିଲା । ହେଲେ ସେ ଧୈର୍ଯ୍ୟହରା ନ ହୋଇପଡି ଭିନ୍ନକ୍ଷମ ହୋଇବି କ୍ରୀଡାକୁ ଆଦରିଥିଲେ । ସେ ଜାଭଲିନ,ସଟପୁଟ,ଡିସକସ ଖେଳରେ ପାରଙ୍ଗମ ଦେଖାଇ ସାରିଥିବା ବେଳେ ଆଗକୁ ହୁଇଲଚେୟାର ରେସିଙ୍ଗରେ ଭାଗ ନେବାକୁ ଇଛା ପ୍ରକାଶ କରିଛନ୍ତି । ଅଧିକ ଦକ୍ଷତା ସମ୍ପନ୍ନ ଖେଳ ପାଇଁ ଏବେ କଟକ ସ୍ଥିତ ଅଲଟପୁର ଠାରେ ଥିବା ଏସଭି ନିରତାର କ୍ରୀଡା ଏକାଡେମୀରେ ତାଲିମ ଗ୍ରହଣ କରୁଛନ୍ତି । ହେଲେ ତାଙ୍କର ଏକ ବ୍ୟାଟେରୀଚାଳିତ ଗାଡିର ଆବଶ୍ୟକତା ରହିଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିପାରି ନାହିଁ । ଆଜି ମଧ ସେ ବିଭାଗୀୟ ଅଧିକାରୀଙ୍କୁ ଦେଖାକରିଛନ୍ତି ବୋଲି କହିଛନ୍ତି । ଏ ନେଇ ସାମାଜିକ ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କହିଛନ୍ତି ଯେ, ଜିଲ୍ଲାରେ ଯେଉଁସବୁ ଷ୍ଟକ ଗୁଡିକ ରହିଛି ତାହାର ଖାତା ରାଜ୍ୟକୁ ଭେରିଫିକେସନ ପାଇଁ ଯାଇଛି । ଯଦି କାହାର କିଛି ଆବଶ୍ୟକ ଥାଏ ତାଙ୍କୁ ଆଉ ଏକ ନୂଆ ଖାତା କରି ପ୍ରଦାନ କରାଯାଉଛି । ଅନ୍ୟପଟେ ବ୍ୟାଟେରୀ ଚାଳିତ ଗାଡି ଗୋଟିଏ ହେଲେ ବି ନାହିଁ । ଚଳିତ ମାସ ଶେଷ ସୁଦ୍ଧା କିଛି ନୂଆ ମୋଟର ଚାଳିତ ଗାଡି ଆସିବା ପରେ ଯାଇ ତାଙ୍କୁ ପ୍ରଦାନ କରାଯିବ । ପୂର୍ବରୁ ମାନୁଆଲରେ ଉପକରଣ ପ୍ରଦାନ ହେଉଥିଲା କିନ୍ତୁ ଏବେ ଅନଲାଇନ ମାଧ୍ୟମରେ ସବୁ ହେଉଥିବା ବେଳେ ଗୋଟିଏ ଦିନରେ ବ୍ୟାଟେରୀ ଚାଳିତ ଗାଡି ଛାଡି ଆଉ ସବୁ ଉପକରଣ ମିଳିପାରିବ ବୋଲି ସେ କହିଛନ୍ତି ।

## ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# ୧୫ ରାଜ୍ୟର ବ୍ୟବସାୟ ପ୍ରତିଷ୍ଠାନକୁ ସାମଗ୍ରୀ ବିକ୍ରି କରିବାର ସୁଯୋଗ

ଢେଙ୍କାନାଳ,୮ ।୧୦(ସମିସ)




ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଓର୍‌ମାସର ମିଳିତ ସହଯୋଗରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆଜି ମହିଷାପାଟସ୍ଥିତ ପଲିଶ୍ରୀ ମେଳାପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପଲ୍ଲିଶ୍ରୀ ମେଳା ଉଦଘାଟନୀ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଆଇଏଏସ ପ୍ରୋବେସନ ଭଗତ ସାମଲ କଲ୍ୟାଣ ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ଆୟୋଜିତ ପଲ୍ଲିଶ୍ରୀ ମେଳା ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଗୃହ ଉପକରଣ ସାମଗ୍ରୀ ବିକ୍ରିର ସୁଯୋଗ ସୃଷ୍ଟି କରିପାରୁଛି ଏବଂ ଜିଲ୍ଲାର କଳାନୈପୁଣ୍ୟ ପ୍ରଦର୍ଶନର ଏକ ଉତ୍କୃଷ୍ଟ ମାଧ୍ୟମ ହୋଇପାରିଛି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି । ଏହି ମେଳା ଆୟୋଜନ ଯୋଗୁଁ ଜିଲ୍ଲାର ଗର୍ବ ଓ ଗୌରବ ବୃଦ୍ଧି ଘଟୁ ଥିବାରୁ ସମସ୍ତେ ଶୃଙ୍ଖଳିତ ହୋଇ ଲକ୍ଷ୍ମୀ ପୂଜା ଉପଭୋଗ କରିବା ସହିତ ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସାମଗ୍ରୀ କିଣିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାର ୨୫୦ ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୧୫ ଟି ରାଜ୍ୟର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଷ୍ଟଲ ମାଧ୍ୟମରେ ବିଭିନ୍ନ ସାମଗ୍ରି ବିକ୍ରିର ସୁଯୋଗ ପାଇଛନ୍ତି ବୋଲି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ପ୍ରକାଶ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଓରମାସର ଡେପୁଟୀ ସିଇଓ ସୁବଳ ଜେନାମଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ ଅନୁଷ୍ଠାନ- ବାଗଦେବୀ, ଶତରୂପା, ନିତା ନୃତ୍ୟାଙ୍ଗନା, ମହିମା ଡ୍ୟାନ୍ସ ଏକାଡେମୀ, ମୟୁର ଏବଂ ସେଲ୍ଫ୍ ହେଲ୍ପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜନବସତିରେ ମୁକୁଳା ଟ୍ରାନ୍ସଫର୍ମର



ଭୁବନ,୮ ।୧୦(ସମିସ): ଭୁବନ ବ୍ଲକ୍ ଅଧୀନ ଏକତାଳୀ ପଞ୍ଚାୟତ ନିମେଇପୁର ଛକ ଏବଂ ଜନବସତି ଅଞ୍ଚଳରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ରହିଥିବା ଯୋଗୁ ଏଠାରେ ଜନ ଜୀବନ ପ୍ରତି ବିପଦର ଆଶଙ୍କା ରହିଛି । ଟ୍ରାନ୍ସଫର୍ମରଟି ରାସ୍ତା କଡ଼ରେ ରହିଥିବା ଯୋଗୁ ଗୃହପାଳିତ ପଶୁ ଓ ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷାବାଡ଼ ନିର୍ମାଣ କରିବା ପାଇଁ ସ୍ଥାନୀୟଲୋକେ ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାଆସିବା କରୁଛନ୍ତି। ଏହି ରାସ୍ତା ଦେଇ ଛୋଟବଡ଼ ଗାଡି ମଧ୍ୟ ଯିବା ଆସିବା କରିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷାବାଡ଼ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ପାଲଲହଡ଼ା ଫୁଟବଲ କପ୍



ପାଲଲହଡ଼ା,୮ ।୧୦(ସମିସ): ଅନଗୁଳ ଜିଲ୍ଲା ପାଲଲହଡ଼ା ଷ୍ଟାଡିୟମଠାରେ ଉପଖଣ୍ଡ ସ୍ତରୀୟ ଫୁଟବଲ ଆସୋସିଏଶନ, ପାଲଲହଡ଼ା ଦ୍ୱାରା ୩୭ ତମ ରାଜ୍ୟସ୍ତରୀୟ ପାଲଲହଡା ଫୁଟବଲ କପ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି। ପାଲଲହଡ଼ାର ଗଣପର୍ବ ମା ଲକ୍ଷ୍ମୀ ଙ୍କ ପୂଜା ସମୟରେ ରାଜ୍ୟର ବଛାବଛା ଆଠ ଗୋଟି ଦଳକୁ ନେଇ ଏହି ପାଲଲହଡା କପ୍ ଆୟୋଜିତ ହେଉଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଖେଳକୁ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ କୈଳାସ ସେଠୀ, କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ଆସୋସିଏସନର ଅଧ୍ୟକ୍ଷ ସୁଧାଂଶୁ କପରଦାର, ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଝାରସୁଗୁଡ଼ା ଏବଂ ରାଉରକେଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ପେନାଲ୍ଟି ଶୁଟ୍ ଆଉଟ ମାଧ୍ୟମରେ ରାଉରକେଲା ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ମ୍ୟାଚ୍ ବଲାଙ୍ଗିର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ। ସଭାପତି ନୀଳାମ୍ବର ପ୍ରଧାନ, ସାଧାରଣ ସମ୍ପାଦକ ଆଶିଷ ସାମଲ, କୋଷାଧ୍ୟକ୍ଷ ମନମୋହନ ଭୁକ୍ତା, ଈଶ୍ୱର ବେହେରା, ଅଭୟ ନାଏକ, ବସନ୍ତ ବେହେରା, ହିମାଂଶୁ ନହରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଏଡିଭି ପକ୍ଷରୁ ବାୟୁସେନା ଦିବସ ପାଳିତ



ଅନୁଗୋଳ,୮ ।୧୦(ସମିସ): ଅନୁଗୋଳ ଡିଫେନ୍ସ ଭେଟେରାନସ୍ ପକ୍ଷରୁ ବାସନ୍ତୀ ଦୁର୍ଗା ପୂଜା ପଡ଼ିଆରେ ବାୟୁ ସେନା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ସୈନିକ ସଂଘର ସଭାପତି ଅନଜଲ କୁମାର ମହାନ୍ତି ଏହି ସମାରୋହକୁ ଉଦ୍‌ଘାଟନ କରିବା ସହ ଦେଶର ସୁରକ୍ଷାରେ ବାୟୁ ସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅପରେସନ ବିଜୟ, ଅପରେସନ ସିନ୍ଦୂରରେ ବାୟୁ ସେନାର ଯବାନ ଅସୀମ ବୀରତ୍ୱ ଓ ପରାକ୍ରମ ପ୍ରଦର୍ଶନ କରି ଶତ୍ରୁ ପକ୍ଷକୁ ଧ୍ୱସ୍ତ କରିଦେଇଥିଲେ। ଏବେ ଅଧିକରୁ ଅଧିକ ଯୁବକ ବାୟୁ ସେନାରେ ଯୋଗ ଦେଉଛନ୍ତି , ଯାହାକି ଏକ ଶୁଭଙ୍କର ଲକ୍ଷ୍ୟଣ। ବରିଷ୍ଠ ବାୟୁସେନା ଅଧିକାରୀ ବସନ୍ତ କୁମାର ବେହେରା ସମାରୋହରେ ଯୁଦ୍ଧ ସମୟରେ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସମାରୋହରେ ବହୁ ପୂର୍ବତନ ସୈନିକ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ନବକୃଷ୍ଣ ଜନସେବା ସମ୍ମାନ ଘୋଷିତ



ଅନୁଗୋଳ,୮ ।୧୦(ସମିସ): ସ୍ଥାନୀୟ ନବ ଜୀବନ ମଣ୍ଡଳ ପରିସରରେ ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ କମିଟିର ବୈଠକ ଆୟୋଜିତ ହୋଇଯାଇଛି। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୋଭାକର ସ୍ୱାଇଁଙ୍କୁ ରାଜ୍ୟସ୍ତରୀୟ ନବକୃଷ୍ଣ ଜନ ସେବା ସମ୍ମାନ ୨୦୨୫ ପ୍ରଦାନ ନିମନ୍ତେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପୁରସ୍କାର ପ୍ରଦାନ ସମାରୋହ ଆସନ୍ତା ନଭେମ୍ବର ୨୪ ତାରିଖ ଦିନ ଜିଲ୍ଲା ପାଠାଗାର ଠାରେ ଅନୁଷ୍ଠିତ ହେବ। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଡ଼ା ରାମଚନ୍ଦ୍ର ନାୟକ, ଏବଂ ଇଂ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ବୈଠକରେ ଆଡ୍‌ଭୋକେଟ ଯଦୁମଣି ସାହୁ, ଡ଼ା ଦଧିବାମନ ପ୍ରଧାନ, ରମେଶ ଚନ୍ଦ୍ର ମିଶ୍ର, ନିରଞ୍ଜନ ପତି, ଗୋଲାପ ନନ୍ଦ, ଶାନ୍ତିଲତା ରଥ, ଇଂ ଧନେଶ୍ୱର ସାହୁ ଏବଂ ଶିବରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସମ୍ପାଦକ ରାଧାକାନ୍ତ ମହାନ୍ତି ପାଦଚିହ୍ନ ପତ୍ରିକା ୨୦୨୬ ପାଇଁ ଆଗ୍ରହୀ ଲେଖକମାନଙ୍କୁ ଲେଖା ପଠାଇବା ନିମନ୍ତେ ଅନୁରୋଧ କରିଥିଲେ। ମନୋଜ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ସ୍ଥାନାନ୍ତରିତକୁ ନେଇ ଅସନ୍ତୋଷ

ଖଜୁରିଆକଟା,୮ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସଦର ମହକୁମାବାସୀଙ୍କୁ କେନ୍ଦ୍ରୀୟବିଦ୍ୟାଳୟ କ୍ଷେତ୍ରରେ ଠକି ଦିଆଯାଇଥିବା ଆଲୋଚନା ହେଉଛି। କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ସ୍ଥାନାନ୍ତରିତକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ବାଚନ ପୂର୍ବରୁ ବିଜେପିର ଅନେକ ପ୍ରତିଶ୍ରୁତିମଧ୍ୟରୁ କେନ୍ଦ୍ରୀୟବିଦ୍ୟାଳୟ ନିର୍ମାଣ ଥିଲା ଅନ୍ୟତମ। କେନ୍ଦ୍ରୀୟବିଦ୍ୟାଳୟ ମଧ୍ୟ ସଦରମହକୁମା କିମ୍ବା ସହରାଞ୍ଚଳରେ ହେବାକଥା ମାତ୍ର କେତକ କ୍ଷମତାଲୋଭିଙ୍କ ଇଙ୍ଗୀତରେ ଏହାକୁ ଅନ୍ୟତ୍ର କରାଯିବାକୁ ସ୍ଥିର ହୋଇଛି । ହିନ୍ଦୋଳ ସଦରମହକୁମାରେ କିମ୍ବା ମଧ୍ୟସ୍ଥଳ ସାତମାଇଲ ନିକଟରେ ଏହା ହୋଇଥିଲେ ୮୦ପ୍ରତିଶତ ଜନସାଧାରଣ ଉପକୃତ ହୋଇଥାନ୍ତେ। ମାତ୍ର ଗତ ୩ ତାରିଖରେ କେନ୍ଦ୍ରୀୟ ବିଦ୍ୟାଳୟ କମିଶନଙ୍କ ଚିଠିରେ ସଦର ମହକୁମାକୁ ବାଦଦେଇ ଅନ୍ୟତ୍ର ସିଲେକ୍ସନ କରାଯାଇଥିବା ସ୍ଥାନର ସ୍ଥିତି ଜଣାଇବାପାଇଁ ଚିଠି ହୋଇଥିବା ଶୁଣି ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏପରିକି ସ୍ଥାନୀୟ ଶାସକଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା କର୍ମୀମାନେ ମଧ୍ୟ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି। କେନ୍ଦ୍ରୀୟବିଦ୍ୟାଳୟ ସଦରମହକୁମାରେ କର ନ ଗଲେ ଆଗାମୀଦିନରେ ଦଳମତ ନିର୍ବିଶେଷରେ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ଜନସାଧାରଣ କହିଛନ୍ତି।

## ଜନ୍ଦାବାହାଲ ଶ୍ମଶାନର ଉନ୍ନତିକରଣ ଦାବି



ତାଳଚେର,୮ ।୧୦(ସମିସ): ତାଳଚେର ବ୍ଲକ୍ ଧରମପୁର ପଞ୍ଚାୟତ ଅନ୍ତର୍ଗତ ଶ୍ମଶାନ ଏବେ ଅସୁରକ୍ଷିତ ଓ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ଶ୍ମଶାନର ଚାରିପାଖ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହେବାସହ ଶ୍ମଶାନକୁ ଯିବାକୁ ରାସ୍ତା ଖଣ୍ଡିଏ ନାହିଁ। ଏହା ଫଳରେ ଗ୍ରାମବାସୀ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡୁଛନ୍ତି। ଏହାର ପ୍ରତିକାର ନିମନ୍ତେ ସେମାନେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ତେଣୁ ଏହାକୁ ଜିଲ୍ଲା ପ୍ରଶାସନ ବିଚରାକୁ ନେଇ ତୁରନ୍ତ ଉକ୍ତ ଗ୍ରାମଶ୍ମଶାନ ସୁବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଖଣ୍ଡହତା - ପିପଲବାହାଲ**
**ଗଜଲକ୍ଷ୍ମୀ ପୂଜା**

## ବୃଦ୍ଧ ପିତାମାତାଙ୍କ ଯତ୍ନ ନେବାପାଇଁ କଂସଙ୍କ ନିର୍ଦ୍ଦେଶ





କିଶୋରନଗର,୮ ।୧୦(ସମିସ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ କିଶୋରନଗର ବ୍ଲକ୍ ଖଣ୍ଡହତା- ପିପଲବାହାଲ ଲକ୍ଷ୍ମୀପୂଜା କମିଟି ତରଫରୁ ଆୟୋଜିତ ଧନୁଯାତ୍ରା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଆଜି କୃଷ୍ଣ ଜନ୍ମ , ବିଜୁଳି କନ୍ୟାର ସତର୍କ ବାଣୀ ଓ ପୁତନା ରାକ୍ଷସୀକୁ ଗୋପପୁରକୁ ପ୍ରେରଣ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କଂସ ଦରବାରରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ରାଜଅତିଥି ଭାବେ କିଶୋରନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଲବ ପ୍ରଧାନ, ଜଏରାଟ ସରପଞ୍ଚ ବିଜୟ କୁମାର ରଥ, କିଶୋରନଗର ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ସାଂପ୍ରତିକ ପରିସ୍ଥିତିରେ ବୃଦ୍ଧ ପିତା ମାତା ମାନଙ୍କ ପ୍ରତି ସନ୍ତାନ ମାନଙ୍କ ଚରମ ଅବହେଳାକୁ ନେଇ ମହାରାଜା କଂସ କ୍ଷୋଭପ୍ରକାଶ କରିଥିଲେ। ସୁତରାଂ ବୃଦ୍ଧ ପିତାମାତାଙ୍କ ସେବାଯତ୍ନ ସୂଚାରୁରୂପେ ସମ୍ପାଦନା କରିବାକୁ କଂସ ମହାରାଜ ପ୍ରଜାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ମଞ୍ଚ ପରିଚାଳନା କରିଥିଲେ। ଗତବର୍ଷ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନଙ୍କ ଚମତ୍କାର ଅଭିନୟ ଦେଖିବାପାଇଁ ଦର୍ଶକମାନଙ୍କ ଭିଡ଼ ଲାଗିରହିଛି। ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟରେ ପୂଜାକାଳୀନ ସମ୍ମିଳନୀ



ଖଜୁରିଆକଟା,୮।୧୦(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୧ମସିହା ଛାତ୍ରଛାତ୍ରୀଙ୍କୁ ନେଇ ପୂଜାକାଳୀନ ସମ୍ମିଳନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମଙ୍ଗରାଜ ପ୍ରଧାନ ପୌରହିତ୍ୟ କରି ହିନ୍ଦୋଳ ଉପଖଣ୍ଡରେ ସୁନାମ ରଖିଥିବା ଏହି ବିଦ୍ୟାଳୟର ଉନ୍ନତି କରିବା ସହିତ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରିବା ପାଇଁ ମତପୋଷଣ କରିଥିଲେ। ପ୍ରାରମ୍ଭରେ ପରିସରରେ ଥିବା ମହାପୁରୁଷଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ବିଦ୍ୟାଳୟରେ ବିଦ୍ୟାଦାନ କରି ପରଲୋକ ହୋଇଥିବା ପ୍ରଧାନଶିକ୍ଷକ ସ୍ୱର୍ଗତ ବିଦ୍ୟାଧର ମିଶ୍ର, ସହକାରୀ ଶିକ୍ଷକ ସର୍ବେଶ୍ୱର ମିଶ୍ର, ରାଧାନାଥ ଦାଶ, ଉଗ୍ରସେନ ଗଡନାୟକ, ଭାସ୍କର ଚନ୍ଦ୍ର ସାହୁ, ବିମ୍ବାଧର ପ୍ରଧାନ, କ୍ରୀଡ଼ା ଶିକ୍ଷକ କପିଳ ଚରଣ ସାହୁ, ମୁଖ୍ୟ କିରାଣୀ ସନାତନ ସାହୁ, କାର୍ଯ୍ୟାଳୟ ସହାୟକ ଇନ୍ଦ୍ରମଣି ସାହୁ, ଲୋଚନ ପ୍ରଧାନ ଓ ସହପାଠୀଙ୍କ ମଧ୍ୟରୁ ସ୍ୱର୍ଗତ ରଞ୍ଜିତ କୁମାର ସାହୁ, ନିର୍ମଳ ଚନ୍ଦ୍ର ସାହୁ, ବେଣୁଧର ନାଏକ, ସୁଶାନ୍ତ କୁମାର ପଟ୍ଟନାୟକ, ନଗେନ ପ୍ରଧାନ, ଅଭୟ କୁମାର ପରିଡ଼ା, ମୁରଲୀଧର ସାହୁ, ବାନାମ୍ବର ଦେହୁରୀ, ରେଣୁବାଳା ମାଝୀ, କଲ୍ୟାଣୀ ସାହୁ, ପ୍ରଫୁଲ୍ଲ କୁମାର ଦେହୁରୀ ଓ ଶରତ ଚନ୍ଦ୍ର ସାମଲଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜଣାଇ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରିସରରେ ଉପାଦେୟ ଚାରାରୋପଣ କରି ବିଦ୍ୟାଳୟ ସୌନ୍ଦର୍ଯ୍ୟକୁ ବଢାଇବା ସହିତ ପ୍ରଧାନଶିକ୍ଷକଙ୍କୁ ଗଠନ ମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା। ଶେଷରେ ଶଶିଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଲଲହଡ଼ା କୃଷକ ଉତ୍ପାଦକ ସଂଗଠନର ବାର୍ଷିକ ବୈଠକ

ପାଲଲହଡ଼ା,୮ ।୧୦(ସମିସ)



ଅନୁଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକରେ ନାବାର୍ଡ ସହାୟତା ଓ ସିବିବିଓ ସିନାର୍ଜୀ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ଢେଙ୍କାନାଳର ନିର୍ଦ୍ଦେଶନାରେ ଗଠିତ ପାଲଲହଡ଼ା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଝିମିରିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କୃଷକ ଉତ୍ପାଦକ ସଂଗଠନ ରେ ୭୫୦ ରୁ ଅଧିକ ଛୋଟ ଓ ନାମମାତ୍ର ଚାଷୀ ଜଡ଼ିତ ହୋଇ ଥିବାବେଳେ ଚାଷୀମାନଙ୍କ ଆୟ ବୃଦ୍ଧି, ବଜାର ଯୋଗାଯୋଗ ଓ ସଶକ୍ତିକରଣ ପାଇଁ ବିଭିନ୍ନ କୃଷି ଉଦ୍ୟୋଗ କାର୍ଯ୍ୟରତ ଅଛନ୍ତି। ଏହି ସଭାରେ ୩୦୦ ରୁ ଅଧିକ ଚାଷୀ ଉପସ୍ଥିତ ରହି ଗତ ବର୍ଷ ର ଲାଭ କ୍ଷତି,ବ୍ୟବସାୟ ଯୋଜନା, ନୂତନ ସଦସ୍ୟ ସଂଗ୍ରହ, ସାର ଓ ହହଲସେଲ ବ୍ୟବସାୟ ଓ ସରକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ ଧର୍ମେନ୍ଦ୍ର ମହନ୍ତ ଆଗାମୀ ବର୍ଷ ପାଇଁ ୩ କୋଟି ଟଙ୍କା ବ୍ୟବସାୟ ବୃଦ୍ଧି ଲକ୍ଷ୍ୟ ଘୋଷଣା କରିଥିଲେ। ସଭାରେ ଆଦିତ୍ୟ ନାରାୟଣ ପାତ୍ର ବରିଷ୍ଠ କୃଷିବିଦ୍, ଗୌରୀଶଙ୍କର ସାହୁ ଓ ମାନସ ରଞ୍ଜନ ଦାଶ କୃଷିବିଦ୍ ପ୍ରମୁଖ ଉପସ୍ଥିତ ରହି କୃଷି ଉପରେ ନୂତନ ଜ୍ଞାନ, ବିଜ୍ଞାନ ଆଧାରିତ ଚାଷ, ବଜାର ମୁଖୀ ଉଦ୍ୟମ ଓ କୃଷକ ଉତ୍ପାଦକ ସଂଗଠନର ଭୂମିକା ଉପରେ ଅବଗତ କରାଇଥିଲେ। ସିନାର୍ଜୀ ପକ୍ଷରୁ ଉପସ୍ଥିତ ସିବିବିଓ ଦଳ ଚାଷୀମାନଙ୍କୁ ଆଗାମୀ ଦିନ ରେ ଅଧିକ ସହଯୋଗ, ଶିକ୍ଷା ଓ ବଜାର ସଂଯୋଗ ସୁଯୋଗ ଦେବା ଆଶ୍ୱାସନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ପାଲଲହଡ଼ା କୃଷକ ଉତ୍ପାଦକ କମ୍ପାନୀ ର ସମସ୍ତ ବୋର୍ଡ ସଦସ୍ୟ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।






କବାଟବନ୍ଧ ଓ ଜେନାପୁର ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ



## ୨୫ ବର୍ଷ ଧରି ହେଉଛି ଗଜଲକ୍ଷ୍ମୀ ପୂଜା

ଦଶରଥପୁର, ୮।୧୦(ସମିସ): ଦଶରଥପୁର ବ୍ଲକ ଡାହାଣହତା ଗ୍ରାମରେ ୨୫ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ନିକଟସ୍ଥ ନଦୀରେ ପୂଜା ଅର୍ଚ୍ଚନା କରି କଳସରେ ପବିତ୍ର ଜଳ ସଂଗ୍ରହ କରିଥିଲେ। ପରେ ପାରମ୍ପରିକ ସଂକୀର୍ତ୍ତନ ସହିତ ହରିବୋଲ ହୁଳହୁଳିର ତାଳେ ତାଳେ ନଗର ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ପୂଜନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରତ୍ୟହ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ରାତ୍ରି କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଚଳିତ ବର୍ଷ ପୂଜା ପାଳନ ୨୫ ବର୍ଷରେ ପଦାର୍ପଣ କରିଛି। ପୂଜା କର୍ତ୍ତା ଭାବରେ ଉମାକାନ୍ତ ବେହେରା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା ପରିଚାଳନା କମିଟି ସଭାପତି କାର୍ତିକ କୁମାର ଜେନା, ଗ୍ରାମ ଗୋବିନ୍ଦ ଜେନା, ଧିରେନ୍ଦ୍ର ଜେନା, ରବୀନ୍ଦ୍ର ଜେନା, ମାଗୁଣି ବେହେରା, ରଶ୍ମିରଞ୍ଜନ ଜେନା, ପଞ୍ଚାନନ ବେହେରା, ସୁରେନ୍ଦ୍ର ବେହେରା, ରବିନାରାୟଣ ବେହେରା, ଶ୍ରୁତିରଞ୍ଜନ ଜେନା ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରୁଛନ୍ତି।



## ଆମ୍ବୁଲାନ୍ସ - କାର୍ ଦୁର୍ଘଟଣାରେ ୨ ଆହତ




ଧର୍ମଶାଳା, ୮।୧୦(ସମିସ): ଧର୍ମଶାଳା ଥାନା କୋଟପୁର ଫାଣ୍ଡିସ୍ଥିତ ଗଡ଼ା ନିକଟରେ ବନ୍ଧ ତଳୁ ଉଠି ଆସୁଥିବା ଏକ କାର୍ ସହ ୧୦୮ ଅମ୍ବୁଲାନ୍ସର ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ିର ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବରୀ ଅଞ୍ଚଳର ଓଡି-୦୨-ଇଜେ- ୬୭୭୨ ନମ୍ବର ବିଶିଷ୍ଟ ୧୦୮ ଆମ୍ବୁଲାନ୍ସ ବନ୍ଧଡିହରୁ ଏକ ରୋଗୀକୁ ଆଣି ଧର୍ମଶାଳା ମେଡିକାଲରେ ଛାଡ଼ି ଫେରୁଥିବା ବେଳେ କୋଟପୁର ଗଡ଼ା ନିକଟରେ ତଳୁ ବନ୍ଧ ରାସ୍ତାକୁ ଉଠୁଥିବା ଓଡି ୦୨- ସିଟି- ୨୮ ୯୮ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ସାମ୍ନା ପଟ କ୍ଷତି ହୋଇଥିବା ବେଳେ ୧୦୮ ଆମ୍ବୁଲାନ୍ସ ଓ କାର୍ ଚାଳକ ଦ୍ୱୟ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସେଠାରେ ପହଞ୍ଚି ଉଭୟ ଗାଡ଼ିକୁ ରାସ୍ତାରୁ ହଟାଇବା ସହ ଉଭୟ ଗାଡିର ଡ୍ରାଇଭରଙ୍କୁ କୋଟପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛନ୍ତି।

## ପିକ୍‌ଅପ୍ ଧକ୍କାରେ ଜଣେ ମୃତ୍ୟୁ

ବ୍ରହ୍ମବରଦା, ୮।୧୦(ସମିସ): ବ୍ରହ୍ମବରଦା ଥାନା ଅର୍ନ୍ତଗତ ବ୍ରହ୍ମବରଦା କଲେଜ ନିକଟରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶଯେ ଆଜି ଦିବା ୧ ଘଟିକା ସମୟରେ ନବଘନ ବେହେରା ତାଙ୍କ ବିଲକୁ ଘାସ ଆଣିବା ପାଇଁ ଯାଉଥିବା ସମୟରେ ବିପରୀତ ଦିଗ ବାଲିଚନ୍ଦ୍ରପୁର ପଟୁ ଆସୁଥିବା ବୋଲରୋ (ପିକ୍‌ଅପ) ଗାଡ଼ି ନଂ ଓଡ଼ି୦୫ସିସି୦୯ ୭ ୯ ତାଙ୍କ ସାଇଟ ମାରିବା ଫଳରେ ନବଘନ ଆଘାତ ପାଇ ତଳେ ପଡ଼ିଯାଇଥିଲେ। ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରି ଥାନାକୁ ଆଣିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ମେଡ଼ିକାଲ ନେବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ ଶରୀରକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିବା ପରେ ତାଙ୍କ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ତାଙ୍କ ବଡ଼ପୁଅ ଅମର ବେହେରା ମୁଖାଗ୍ନି ଦେଇଥିଲେ।

## ରଣପୁର ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ସ୍ଥଗିତ

ବିଞ୍ଝାରପୁର, ୮।୧୦(ସମିସ): ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ସରପଞ୍ଚ ରିୟଙ୍କା ଯେନାଙ୍କ ବିରୁଦ୍ଧରେ ଆଜି ହେବାକୁ ଥିବା ଅନାସ୍ଥା ଭୋଟିଂ ସ୍ଥଗିତ କରାଯାଇଛି। ଏଥିନେଇ ଯାଜପୁର ଉପଜିଲ୍ଲାପାଳ ପତ୍ର ସଂଖ୍ୟା (୧୫୧୬୫)ରେ ଅବଗତ କରିଛନ୍ତି। ସରପଞ୍ଚ ରିୟଙ୍କା ଯେନା ପଞ୍ଚାୟତର ବିକାଶ କରିବାରେ ବିଫଳ ହେବା ସହ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି କରୁଥିବା ଅଭିଯୋଗ ଆଣି ପଞ୍ଚାୟତର ୧୫ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୧୧ ଜଣ ୱାର୍ଡ ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଦସ୍ତଖତ ଯାଞ୍ଚ ପରେ ଆଜି ଅର୍ଥାତ ୮ ତାରିଖ ଦିନ ଅନାସ୍ଥା ପାଇଁ ଭୋଟିଂ ହେବା ନେଇ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହା ପୂର୍ବରୁ ପଞ୍ଚାୟତର ୩ନଂ ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଗତ ୧ତାରିଖ ଦିନ ବିଞ୍ଝାରପୁର ବଜାରରୁ କେହି ଅପହରଣ କରିନେଇଥିବା ଧନେଶ୍ୱରଙ୍କ ପତ୍ନୀ ପୁଷ୍ପଲତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଅନ୍ୟ ୱାର୍ଡ ସଭ୍ୟ ଓ ନାଏବ ସରପଞ୍ଚ ମଧ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ୱାର୍ଡ ସଭ୍ୟ ଧନେଶ୍ୱର ଉଦ୍ଧାର ନହେବା ପର୍ଯ୍ୟନ୍ତ ଅନାସ୍ଥା ଭୋଟିଂ ସ୍ଥଗିତ ପାଇଁ ଆବେଦନ କରିଥିଲେ। ଅନ୍ୟ ପକ୍ଷରେ ବିଞ୍ଝାରପୁର ପୁଲିସ ୱାର୍ଡ ସଭ୍ୟ ଅପହରଣ ଘଟଣାରେ ମାମଲା ରୁଜୁ କରି ଅପହରଣକାରୀଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜରିରଖିଥିବା ବେଳେ ଅପହର୍ତ୍ତାଙ୍କୁ ଉଦ୍ଧାର ପାଇଁ ମଧ୍ୟ ଉଦ୍ୟମ କରୁଛି। ୱାର୍ଡ ସଭ୍ୟ ଅପହରଣ ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ବିଞ୍ଝାରପୁର ଥାନା ଓ ତହସିଲଦାରଙ୍କୁ ରିପୋର୍ଟ ତଲବ କରିଥିଲେ। ପୁଲିସ ଓ ତହସିଲଦାରଙ୍କ ରିପୋର୍ଟକୁ ଆଧାର କରି ଉପଜିଲ୍ଲାପାଳ ଆଜି ଏହି ଅନାସ୍ଥାକୁ ସ୍ଥଗିତ କରିଛନ୍ତି।

## 'ଭୋଟ୍‌ଚୋରି' ଦସ୍ତଖତ ଅଭିଯାନ

ଯାଜପୁର, ୮।୧୦(ସମିସ): ନୂତନଭାବେ ନିଯୁକ୍ତି ପାଇଥିବା ଯାଜପୁର ଜିଲ୍ଲାର କଂଗ୍ରେସର ସଭାପତି ମାଗୁଣି ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭୋଟ୍ ଚୋରି ପରିପ୍ରେକ୍ଷୀରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଏକ କମିଟି ଗଠନ କରାଯାଇଛି। ଜିଲ୍ଲା ସଂଯୋଜକ ଭାବେ ଦୁର୍ଯ୍ୟୋଧନ ବେହେରାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୱାର ରୁମ୍ ଦାୟିତ୍ୱରେ ଉମେଶ ଚନ୍ଦ୍ର ମଲ୍ଲିକ, ସୁଶାନ୍ତ ମିଶ୍ର, ଆରତି ଦେଓ ଏବଂ ଅନିଲ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ବ୍ଲକ ସଂଯୋଜକ ଭାବେ ସୁକିନ୍ଦା ବ୍ଲକ ପାଇଁ ମଦନ ମୋହନ ଖୁଣ୍ଟିଆ, ଦାନଗଦି ଦୟାନିଧି ପଲାଇ, କୋରେଇ ସୁଧିର ମହାନ୍ତି, ବ୍ୟାସନଗର ପୌରପାଳିକା ପଦ୍ମନାଭ ସ୍ୱାଇଁ, ରସୁଲପୁର ମିହିର ମିଶ୍ର, ଧର୍ମଶାଳା ପ୍ରଫୁଲ୍ଲ ରାୟ, ବଡ଼ଚଣା ଚିନ୍ମୟ ପ୍ରଧାନ, ବରୀ ସନ୍ତନ କୁମାର ଜେନା, ବିଞ୍ଝାରପୁର ପ୍ରବୋଧ ଦାସ, ଦଶରଥପୁର ଶ୍ୟାମସୁନ୍ଦର କର, ଯାଜପୁର ପୌରପାଳିକା ନାରାୟଣ ଚନ୍ଦ୍ର ସାମନ୍ତ ଓ ଯାଜପୁର ବ୍ଲକ ଗଦାଧର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ବ୍ଲକ ପର୍ଯ୍ୟବେକ୍ଷକ ଭାବେ ସୁକିନ୍ଦା ଦୀପକ ବଳ, ଦାନଗଦି କିଶୋର ମଲ୍ଲିକ, କୋରେଇ ଗଣେଶ୍ୱର ଦାସ, ବ୍ୟାସନଗର ପୌରପାଳିକା ରାଇ ଚରଣ ମହାନ୍ତି, ରସୁଲପୁର ସଂଗ୍ରାମ ସାହାଣୀ, ଧର୍ମଶଳା କୁମାର ସୌରଭ, ବଡ଼ଚଣା ସମୀର କୁମାର ନାୟକ, ବରୀ ନିରୁପମା ସାହୁ, ବିଞ୍ଝାରପୁର ଅନୁପମ ମଲ୍ଲିକ, ଦଶରଥପୁର କୁମାର ଆଶୁତୋଷ, ଯାଜପୁର ପୌରପାଳିକା ପାଇଁ ସାଗର ରଞ୍ଜନ ପରିଡ଼ା ଓ ଯାଜପୁର ବ୍ଲକର ସତ୍ୟବ୍ରତ ଦାସଙ୍କୁ ନିଯୁକ୍ତି ଦିଆଯାଇଛି।

## ବ୍ୟାସନଗର କାଳୀପୂଜା ପାଇଁ ସମନ୍ୱୟ ବୈଠକ

# ୧୭ ମେଢ଼ରେ ପୂଜା ପାଇବେ ମହାକାଳୀ



ବ୍ୟାସନଗର, ୮।୧୦(ସମିସ): ବ୍ୟାସନଗରର ଗଣପର୍ବ କାଳୀପୂଜା ପାଇଁ ବୁଧବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନସ୍ଥ ଦଳା ଛକରେ ଥିବା ବ୍ୟାସଦେବ ଟାଉନ ହଲରେ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷମାନଙ୍କରେ ୧୬ଟି ସ୍ଥାନରେ ମା' ପୂଜା ପାଉଥିବା ବେଳେ ଏଥର ଆଉ ଏକ ମେଢ଼ ଯୋଡି ହେବାକୁ ଯାଉଛି। ଫଳରେ ଚଳିତବର୍ଷ ୧୭ ଗୋଟି ମେଢ଼ରେ ବ୍ୟାସନଗରରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହେବା ଏକପ୍ରକାର ନିଶ୍ଚିତ। ଏନେଇ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଯାଜପୁରରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର, ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ, କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ପାଣିକୋଇଲି ପୂର୍ତ୍ତ ବିଭାଗର ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଦିଲୀପ କୁମାର ନାଏକ, ଯନ୍ତ୍ରୀ ମଧୁସୁଦନ ଦାସ, ଟାଟା ପାୱାରର ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାର, ପୌର ଯନ୍ତ୍ରୀ, ପୌର ସଫେଇ ଅଧିକାରୀ ମାଣିକ ରଞ୍ଜନ ନାୟକ ଏବଂ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀମାନେ ଯୋଗଦେଇ ପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେ ସଂକ୍ରାନ୍ତରେ ଏକ ମିଳିତ ଆଲୋଚନା କରିଥିଲେ। ପୂଜା ସମୟରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଶାନ୍ତିକମିଟି ସମେତ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କୁହାଯାଇଛି।

ଭସାଣି ପୂର୍ବରୁ ଚୋରଦା କାଳୀ ମେଳଣ ପଡ଼ିଆରେ ସମସ୍ତ ମେଢ଼ଗୁଡିକ ମେଳଣ ନିମନ୍ତେ ଏକତ୍ରିତ ହେବା ସହ ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବା ବେଳେ

### ୨୦ରୁ ଆରମ୍ଭ ୩୧ରେ ବିସର୍ଜନ

ଏନେଇ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପୁଲିସ ପକ୍ଷରୁ ସୂଚିତ କରାଯାଇଛି। ପୂଜା ସମୟରେ ଅପରାହ୍ନ ୨ଟାରୁ ରାତି ୧୧ ପର୍ଯ୍ୟନ୍ତ ସହର ମଧ୍ୟରେ ୪ ଚକିଆ ଯାନ ପ୍ରବେଶ ନିଷେଧ କରାଯିବ। ସେହିପରି କାରଖାନା ବସ୍ ଗୁଡିକୁ ପୂଜା ସମୟରେ ସହରରେ ପ୍ରବେଶ ନିମନ୍ତେ ପ୍ରଶାସନ ବାରଣ କରିଥିବା ବେଳେ ବସ୍ ଗୁଡିକ ମିଲିଟାରୀ ଛକ ଓ ଫାୟାର ଷ୍ଟେସନ ଛକ, ଜହ୍ନା ଛକ ହୋଇ ନହକା ଛକରେ ବୁଲେଇ ପୁଣି ସେହି ରାସ୍ତାରେ କାରଖାନା ଯିବାକୁ ପ୍ରଶାସନ ରୋଡ୍ ମ୍ୟାପ କରିଛି। ପ୍ରତି ମଣ୍ଡପ ନିକଟରେ ସିସିଟିଭି ଓ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବାକୁ ଯାଜପୁର ରୋଡ୍ ଅଗ୍ନିଶମ ବାହିନୀ ପ୍ରଶାସନ ପକ୍ଷରୁ ପୂଜା କମିଟିମାନଙ୍କୁ ନିବେଦନ କରାଯାଇଛି। ସେହିପରି ପୂର୍ବ ବର୍ଷ ଭଳି ପ୍ରତି ପୂଜା ମଣ୍ଡପ ନିକଟରେ ୨୦ରୁ ଅଧିକ ସୁରକ୍ଷାକର୍ମୀ ନିୟୋଜିତ କରାଯିବା ସହିତ ସହରରେ ହୋମଗାର୍ଡ ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

ଏହି ବୈଠକରେ ବିଭିନ୍ନ ପୂଜା କମିଟି ତରଫରୁ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇ ପୂଜାମଣ୍ଡପ ନିକଟରେ ପାନୀୟ ଜଳର ବ୍ୟବସ୍ଥା, ଭସାଣି ନିମନ୍ତେ ମୋବାଇଲ ଟଏଲେଟ୍, ପୂଜା ମଣ୍ଡପ ନିକଟରେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ସଫେଇ, ଖୋଲା ଡ୍ରେନ୍ ଉପରେ ସ୍ଲାବ୍ ପକାଇବାକୁ ନିବେଦନ କରିଥିଲେ। କାରଖାନାର ଅଧିକାରୀମାନେ ପୂଜା ସମୟରେ ସହରର ବିଭିନ୍ନ ରାସ୍ତାରେ ପାଣି ସିଞ୍ଚନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ସମସ୍ତ ପୂଜା କମିଟିର ସଭାପତି ଏବଂ ସମ୍ପାଦକ ମାନେ ଉପସ୍ଥିତ ରହି ନିଜର ସମସ୍ୟା ଉପସ୍ଥାପନ କରିବା ସହିତ ପ୍ରଶାସନ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଚଳିତ ପୂଜାରେ ପ୍ରଶାସନ ପକ୍ଷରୁ କିଛି ବ୍ୟାଟେରୀ ଚାଳିତ ଗାଡି ସହରରେ ଯାତାୟତର ବ୍ୟବସ୍ଥା କରାଗଲେ ବୟସ୍କ ଲୋକେ ଏହା ମାଧ୍ୟମରେ ବିଭିନ୍ନ ପୂଜା ମଣ୍ଡପ ବୁଲିବା ସହିତ ମହାମାୟୀଙ୍କ ଦର୍ଶନ ଏବଂ ମେଳଣ ଉତ୍ସବର ଆନନ୍ଦ ନେଇପାରନ୍ତେ ବୋଲି ମତ ପ୍ରକାଶ କରିଥିଲେ। ତେବେ ଆସନ୍ତା ୨୦ ତାରିଖରେ ପୂଜା ଆରମ୍ଭ ହୋଇ ୩୧ ତାରିଖରେ ଭସାଣ ଉତ୍ସବ କରାଯିବାକୁ ସର୍ବସମ୍ମତି ପ୍ରକାଶ ପାଇଛି। ତେବେ ଚଳିତ ବର୍ଷ ଚୋରଦା କାଳୀ ପୂଜା କମିଟି ୫୦ ବର୍ଷ ପୂରଣ କରୁଥିବାରୁ ଏକ ବିଶେଷ କାର୍ଯ୍ୟକ୍ରମ ହେବାର ସୂଚନା କମିଟି ପକ୍ଷରୁ ଏବଂ ମେଳଣ ଆୟୋଜକ ଚଣ୍ଡି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

## ବଡ଼ର କଟୁରି ଚୋଟରେ ସାନ ଭାଇ ଆହତ



ବରୀ, ୮।୧୦(ସମିସ): ସାମାନ୍ୟ ଘରବାଡ଼ି ଭାଗ ବଣ୍ଟାକୁ ନେଇ ବଡ଼ ଭାଇର ଆକ୍ରମଣରେ ସାନ ଭାଇ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ରାଜସ୍ୱ ଗ୍ରାମର ପଡ଼ା ଗାଁ ମାଟିଆପଡ଼ାର ଅଞ୍ଜନ କରଙ୍କ ବଡ଼ପୁଅ ମନୋରଞ୍ଜନ ଓ ସାନପୁଅ ଜ୍ଞାନରଞ୍ଜନଙ୍କ ମଧ୍ୟରେ ବାପା ନିର୍ମାଣ କରିଥିବା କୋଠଘର ଭାଗ ବଣ୍ଟାକୁ ନେଇ ବିବାଦ ରହୁଥିଲା। ଅଭିଯୋଗ ଅନୁଯାୟୀ ସାନଭାଇ ଜ୍ଞାନରଞ୍ଜନ କୌଣସି ଜରୁରି କାମରେ ବାପାଙ୍କ ମଟର ସାଇକଲଟିକୁ ନେଇ ଯିବାକୁ ବାହାରିଥିବା ସମୟରେ ବଡ଼ଭାଇ ମନୋରଞ୍ଜନ ଅତର୍କିତ ଭାବେ କଟୁରି ଦ୍ୱାରା ଆକ୍ରମଣ କରିଥିଲେ। ଏହା ଦେଖି ଜ୍ଞାନରଞ୍ଜନଙ୍କ ପତ୍ନି ସ୍ୱର୍ଣ୍ଣପ୍ରଭା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ କଟୁରି ଦ୍ୱାରା ମନୋରଞ୍ଜନ ଆକ୍ରମଣ କରିଥିଲା। ଜ୍ଞାନରଞ୍ଜନ ଓ ତାଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭାଙ୍କ ଶରୀର ପ୍ରବଳ ରକ୍ତସ୍ରାବ ହେଉଥିବା ସତ୍ତ୍ୱେ ବରୀ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଥାନାରେ କାର୍ଯ୍ୟରତ ଥିବା ଅଧିକାରୀ ରକ୍ତସ୍ରାବ ହେଉଥିବା ଦେଖି ପ୍ରଥମେ ଚିକିତ୍ସା ପାଇଁ ଡାକ୍ତରଖନା ଯିବାକୁ ପରାମର୍ଶ ଦେଇଥିଲେ। ଜ୍ଞାନରଞ୍ଜନ ଓ ତାଙ୍କ ପତ୍ନୀ ଚିକିତ୍ସା ପାଇଁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେଠାରେ ତିନି ଦିନ ଧରି ଚିକିତ୍ସିତ ହେବା ପରେ ଡାକ୍ତର ବିଶ୍ରାମ କରିବାକୁ କହି ବିଦା କରିଥିଲେ। ସେଠାରୁ ଫେରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଖବର ମୁତାବକ ଭୟରେ ପତିପତ୍ନି ଏ ପର୍ଯ୍ୟନ୍ତ ଘରକୁ ନ ଯାଇ ନାଥପୁରସ୍ଥିତ ଶଶୁର ଘରେ ଆଶ୍ରୟ ନେଇଥିବା ଜଣାପଡ଼ିଛି।

## ରୀତିନୀତି ଅନୁଯାୟୀ ମଙ୍ଗଳା ପୂଜା ଶେଷ

କବାଟବନ୍ଧ, ୮।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବୃନ୍ଦାଦେଇପୁର ପଞ୍ଚାୟତ ହାଟମଙ୍ଗଳା ପରିସରରେ ମା' ମଙ୍ଗଳା ଓଷା ଶେଷ ପାଳି ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି।। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଏହି ପୂଜା ସ୍ଥାନୀୟ ଅଞ୍ଚଳରେ ହୋଇ ଆସୁଛି। ଏହି ପୂଜାରେ ଆଖପାଖର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ନିଜର ମାନସିକ କରିବା ସହ ପୂଜାର୍ଚ୍ଚନା କରିଥାନ୍ତି। ପାଞ୍ଚ ସପ୍ତାହ ପର୍ଯ୍ୟନ୍ତ ମାନସିକଧାରୀ ମହିଳାମାନେ ପୂଜା କରି ଶେଷ ପାଳିରେ ସମ୍ପୂର୍ଣ୍ଣ କରିଛନ୍ତି। ଏହି ପୀଠରେ ମା'ଙ୍କର ମହିମା ରହିଥିବା ବିଶ୍ୱାସ କରି ଦୂରଦୂରାନ୍ତରୁ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ଏହି କାର୍ଯ୍ୟକ୍ରମରେ ମା'ମଙ୍ଗଳା ଟ୍ରଷ୍ଟର ସଭାପତି ସୁବାସ ରାଉତ, ସମ୍ପାଦକ ରବୀନ୍ଦ୍ର କୁମାର ଖଟୁଆ, କୋଷାଧ୍ୟକ୍ଷ ନୃସିଂହ ଜେନା ଓ କମିଟିର ସମସ୍ତ ସଦସ୍ୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।



## ଆଇନଜୀବୀ ହତ୍ୟା ପ୍ରତିବାଦରେ ବିକ୍ଷୋଭ




ବ୍ୟାସନଗର, ୮।୧୦(ସମିସ): ବ୍ରହ୍ମପୁରରେ ବିଶିଷ୍ଟ ଓକିଲ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟାର ପ୍ରତିବାଦରେ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ଡାକରାରେ ବାର୍‌ର ସମସ୍ତ ସଦସ୍ୟ କାର୍ଯ୍ୟବନ୍ଦ କରି ସ୍ଥାନୀୟ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରତିବାଦ ସଭା କରିଥିଲେ। ସଭାପତି ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସମସ୍ତ ଓକିଲ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏହା ମଧ୍ୟରେ ତିନି ଦିନ ବିତି ଗଲାଣି। ବରିଷ୍ଠ ଆଇନଜୀବୀଙ୍କୁ ଘର ସମ୍ମୁଖରେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କଲେ, କିନ୍ତୁ ଦୋଷୀମାନେ ଖସିଯିବା ଦୁଃଖ ଓ ପରିତାପର ବିଷୟ। ସ୍ୱର୍ଗତ ପଣ୍ଡାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ତାଙ୍କ ପରିବାରବର୍ଗକୁ ଉପଯୁକ୍ତ କ୍ଷତିପୂରଣ, ସତ୍ୟର ପରିପ୍ରକାଶ ଏବଂ ଓକିଲ ସମୂହଙ୍କ ନିରାପତ୍ତା ପାଇଁ ଏକ ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିବାଦ ସଭାରେ ସମ୍ପାଦକ ଧନେଶ୍ୱର ବାରିକ, ଉପସଭାପତି ସସ୍ମିତା ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶୋକ ଶର୍ମା, ଦୂର୍ବାଦଳ ବସୁ, ହେମନ୍ତ କୁମାର ପଥାଳ, ମାନସ ରଞ୍ଜନ ସାମଲ, ସତ୍ୟଜିତ ଶତପଥୀ, ରମାକାନ୍ତ ନନ୍ଦ, ଅକ୍ଷୟ କୁମାର ବାରିକ, ରାଜେନ୍ଦ୍ର ଧୀର ସାମନ୍ତ, ରତିକାନ୍ତ ବେହେରା, ପ୍ରବୀର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ସପନାପାଟ ରାସ୍ତା ପାଲଟିଛି ମରଣଯନ୍ତା

# ଖାଲଖମା ଯୋଗୁଁ ଘଟୁଛି ନିୟମିତ ଦୁର୍ଘଟଣା

 କୟାଁଗୋଲା, ୮।୧୦(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ଶାସନ ମୁଣ୍ଡ ଠାରୁ ପାଲଟପୁର ନାରୀଗାଁ ରାସ୍ତା ସପନାପାଟ ରାସ୍ତା ଭାବେ ଜଣାଶୁଣା। ପ୍ରାୟ ଦେଢ଼ କିଲୋମିଟର ଏହି ରାସ୍ତା ଏବେ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜେଇ ଦେଇଛି। ଏହି ରାସ୍ତା ଦେଇ ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଜନସାଧାରଣ ମୁଖ୍ୟତଃ ଯାତାୟାତ କରିଥାନ୍ତି। ପ୍ରତ୍ୟହ ଶହ ଶହ ବାଇକ୍, ଅଟୋ ରିକ୍ସା ଓ ଚାରି ଚକିଆ ଯାନ ଓ ଛାତ୍ରଛାତ୍ରୀ ସାଇକଲ ନେଇ ଏହି ରାସ୍ତା ଦେଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପନିବନ୍ଧକ କାର୍ଯ୍ୟାଳୟ, ମଙ୍ଗଳପୁର ଥାନା ସୁବ୍ରତା ଶିକ୍ଷ ତାଲିମ କେନ୍ଦ୍ର, ମଙ୍ଗଳପୁର ବାଳିକା ଉଚ୍ଚ ବିଦ୍ୟାଳୟ, ମହତାବ ଉଚ୍ଚ ବିଦ୍ୟାଳୟ, ଗ୍ରୀନଲ୍ୟାଣ୍ଡ ଇଂରାଜୀ ମିଡିଅମ୍ ବିଦ୍ୟାଳୟ, ମଙ୍ଗଳପୁର ମହିଳା ମହାବିଦ୍ୟାଳୟ, ଏସଆଇଟି ଭଳି କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଯାଇଥାନ୍ତି। ରାସ୍ତା ସାରା ଖାଲଖମା ଓ କେତେକ ସ୍ଥାନରେ ଗଭୀର ଗାତ୍ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷାରେ ପାଣି ଜମି ରହି ଭ୍ରମ ସୃଷ୍ଟି କରୁଛି। ଟିକିଏ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ଥୟ। ରାସ୍ତାର ଉଭୟ ପାର୍ଶ୍ୱରେ ଚାଷ କ୍ଷେତ ରହିଛି। ଟ୍ରାକ୍ଟର, ଚଳାଚଳ ଯୋଗୁଁ ରାସ୍ତା ଭାଙ୍ଗି ରୁଜି ଯାଉଥିବା ବେଳେ ଏହାର ମରାମତି ବର୍ଷ ବର୍ଷ ଧରି ହେଉନି। ଛାତ୍ରଛାତ୍ରୀ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ସେହିପରି ହୃଦ୍‌ରୋଗୀ, ଗର୍ଭବତୀ ମହିଳାଙ୍କୁ ଏହି ରାସ୍ତାରେ ନେଇ ଯିବାକୁ ଗାଡି ଚାଳକ କୁଣ୍ଠାବୋଧ କରନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜୁଆ ଆଡ୍ଡାରେ ଚଢଉ

# ୩ଟି ମାମଲାରେ ୧୭ ଜୁଆଡି ଗିରଫ



ଜୟପୁର,୮ ।୧୦(ସମିସ): ଜୟପୁର ଟାଉନ ଏବଂ ସଦରଥାନା ପୁଲିସ ପକ୍ଷରୁ ପୃଥକ ପୃଥକ ଭାବେ ସହର ଏବଂ ଆଖାପାଖ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ସମୁଦାୟ ୧୭ଜଣ ଜୁଆଡି ମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୭୪ ହଜାର ୭୮୦ଟଙ୍କା ଜବତ କରିଛନ୍ତି। କୁମାର ପୂର୍ଣ୍ଣମୀ ଅବସରରେ ସ୍ଥାନୀୟ ପରମ୍ପରା ଅନୁଯାୟୀ ସହରର ବିଭିନ୍ନ ସ୍ଥାନରେ ଜୁଆ ଚାଲୁଥିବା ଅବସରରେ ପୁଲିସ ପକ୍ଷରୁ ସୂଚନାକୁ ଭିତ୍ତି କରାଯାଇ ଏନକେଟି ରୋଡରେ ପୁରୁଣା ଲକ୍ଷ୍ମୀ ସିନେମା ହଲ ସମ୍ମୁଖରେ ଏକ ଗୃହରେ ଜୁଆ ଆଡ୍ଡା ଉପରେ ଚଢଉ କରାଯାଇ ୯ଜଣ ଜୁଆଡିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୨୯ ହଜାର୫୮୦ ଟଙ୍କା ଜବତ କରିଥିଲା। ସେହିପରି ଗେଟଗୁଡା ନିକଟସ୍ଥ ଲୋରୀ ମାଲିସ ସଂଘ ନିକଟରେ ଚାଲିଥିବା ଜୁଆ ଆଡ୍ଡାଉପରେ ଚଢଉ କରାଯାଇ ୫ଜଣ ଜୁଆଡିଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୬ହଜାର ୫୦ ଟଙ୍କା ଜବତ କରିଥିଲା। ଲିଙ୍ଗରାଜନଗ ଏକ ଗୃହରେ ଚାଲିଥିବା ଜୁଆ ଖେଳ ଉପରେ ଚଢଉ କରାଯାଇ ୩ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୩୪,୫୦୦ ଟଙ୍କା ଜବତ କରାଯାଇଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ସେହିପରି ଜୟପୁର ସଦରଥାନା ପୁଲିସ ସ୍ଥାନୀୟ ବଦଲିଗୁଡା ଗ୍ରାମ ଠାରେ ଏକ ଭଲିବଲ ପଡିଆରେ ଚାଲିଥିବା ଜୁଆଖେଳ ଉପର ଚଢାଉ କରାଯାଇ ୬ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪ହଜାର ୬୫୦ ଟଙ୍କା ଜବତ କରିଛନ୍ତି। ଏହି ଅନ୍ୟାନ୍ୟ ଜୁଆଡି ମାନେ ପୁଲିସକୁ ଦେଖି ଚମ୍ପଟ ମାରିଥିଲେ ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# ମଦ ବିକ୍ରି ବନ୍ଦ ପାଇଁ ଏତଲା ଦେଲେ ଗ୍ରାମବାସୀ



ପାପଡ଼ାହାଣ୍ଡି,୮।୧୦(ସମିସ): ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁଞ୍ଜିଗୁଡା ଗ୍ରାମବାସୀ ମଦ ବିକ୍ରି ବନ୍ଦ ପାଇଁ ଅବକାରୀ ବିଭାଗ ଅଧିକାରୀ ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତ। ପୁଞ୍ଜିଗୁଡା ଗ୍ରାମରେ ପ୍ରାୟ ଚାରିଶହରୁ ଅଧିକ ଲୋକ ବାସବାସ କରୁଛନ୍ତି। ପୁଞ୍ଜିଗୁଡା ଗ୍ରାମରେ କିଛି ପରିବାର ମଦ ବିକ୍ରି କରୁଛନ୍ତି। ଫଳରେ କିଛି ମହିଳା ଓ ପୁରୁଷ ମଦ ପିଇ ଗାଁରେ ଏବଂ ଘରେ ଗଣ୍ଡଗୋଳ କରୁଛନ୍ତି। ଘରେ ଅଶାନ୍ତି ସୃଷ୍ଟି ହେଉଛି। ଛାତ୍ରମାନେ ପାଠ ପଢ଼ିବା ବଦଳରେ ମଦ ପିଇ ଭବିଷ୍ୟତ ନଷ୍ଟ କରୁଛନ୍ତି। ପୁରୁଷମାନେ କାମଧନ୍ଦା ଛାଡ଼ି ମଦ ପିଇ ଝଗଡ଼ା କରୁଛନ୍ତି। ତେଣୁ ଗାଁ ପରିବେଶ ଖରାପ ହେବାରେ ଲାଗିଛି। ପରିବାର ମୁଖିଆ ମଦ ପିଇ ଘରେ ପଡ଼ି ରହୁଥିବାରୁ ପରିବାର ଚଳାଇବାରେ ସମସ୍ୟା ହେଉଛି। ତେଣୁ ଏହି ଗାଁରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ କରିବାକୁ ଅଣ୍ଟା ଭିଡ଼ିଛନ୍ତି ମହିଳା। ଗ୍ରାମରେ ମଦ ବିକ୍ରି ବନ୍ଦ ନିଷ୍ପତ୍ତ ପରେ କିଛି ଅସାମାଜିକ ମାରିବା ପାଇଁ ଧମକ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ମଦ ବିକ୍ରି ବନ୍ଦ ନ ହେଲେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଅବକାରୀ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ବୈଠକରେ କନକଦି ଭତରା, ସୁନାଫୁଲ ଭତରା, ବୈଦି ଭତରା, ଡୋମାନୀ ଭତରା, ଜେମା ଭତରା, ଚନ୍ଦ୍ରମା ଭତରା, ହେମ ଭତରା, ବୃନ୍ଦା ଭତରା, ମିଳକ ଭତରା,ଗ୍ରାମବାସୀ ସାମିଲ ହୋଇଥିଲେ।

# ଆଇନଜୀବୀଙ୍କ କଲମ ଛାଡ଼ ଆନ୍ଦୋଳନ



କାଶୀପୁର,୮।୧୦(ସମିସ): ବ୍ରହ୍ମପୁରର ଆଇନଜୀବୀ ତଥା ଓଡ଼ିଶା ବାର କାଉନସିଲ୍ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯିବା ପ୍ରତିବାଦରେ ବୁଧବାର ଦିନ କାଶୀପୁର ବାର ଆସୋସିଏଶନର ସଭାଗୃହ ପରିସରେ ସଭାପତି କନ୍ହେଇଲାଲ ଜୈନଙ୍କ ସଭାପତିତ୍ୱରେ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇ ବୁଧବାର କୋର୍ଟ କାର୍ଯ୍ୟରୁ ନିବୃତ ରହିବା ସହ ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପ୍ରତିବାଦରେ ଓକିଲଙ୍କ କଲମ ଛାଡ଼ ଆନ୍ଦୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ କାଶୀପୁର ବାର ଆସୋସିଏଶନର ସମସ୍ତ ଓକିଲ ଉପସ୍ଥିତ ଥିଲେ।

# ସ୍କୁଲ୍ ପରିସରରେ ମହୁମାଛିଙ୍କ ଉତ୍ପାତ, ଶିକ୍ଷୟିତ୍ରୀ ଆହତ

ଉମରକୋଟ,୮।୧୦(ସମିସ): ଆଜି ମହୁ ମାଛି ଆକ୍ରମଣରୁ ଅଳ୍ପକେ ବର୍ତ୍ତିଗଲେ ଉମରକୋଟ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁମା , ଗୁରୁଜୀ ଓ ଛାତ୍ରୀ ଛାତ୍ର ମାନେ। ଦୀର୍ଘ ଦିନ ଧରି ସ୍କୁଲ କାଠରେ ମହୁ ମାଛି ମାନେ ଏକ ବିରାଟ ଫେଣା ତିଆରି କରିଥିଲେ। ଦଶହରା ଛୁଟି ପରେ ଆଜି ବିଦ୍ୟାଳୟ ଖୋଲିବା ଯୋଗୁ ଛାତ୍ରଛାତ୍ରୀ, ଗୁରୁା,ଗୁରୁଜୀ ବିଦ୍ୟାଳୟରେ ପହଞ୍ଚି ଯାଇଥିଲେ। ଏହି ସମୟରେ ଦଳେ ମହୁମାଛି ଜଣେ ଗୁରୁମାଙ୍କୁ ଆକ୍ରମଣ କରିଥିଲେ। ସେ ସାମାନ୍ୟ ଆହତ ହୋଇଥିଲେ ଏବଂ ଜୀବନ ବିକଳରେ ଗୋଟାଏ କ୍ଲାସ ରୁମ ଭିତରେ ପଶିଯାଇଥଲେ । ପ୍ରଧାନ ଶିକ୍ଷକ ଛାତ୍ରୀଛାତଙ୍କୁ ଟିକେ ଦୂରରେ ଥିବା କ୍ଲାସ୍‌ରୁମକୁ ନେଇଯାଇ ଅଗ୍ନିଶମ ଅଧିକାରୀଙ୍କୁ ମୋବାଇଲ ଯୋଗେ ଜଣାଇଥିଲେ। ଉମରକୋଟ ଅଗ୍ନିଶମ ଅଧିକାରୀ ଭାଗିରଥି ବାଣୁଆ, ଅଗ୍ନି ଯୋଦ୍ଧା ବିକ୍ରମ ସାମନ୍ତରାୟ, ଦଶରଥ ସାହୁ, ଧର୍ମେନ୍ଦ୍ର ସାହା, ଯଦୁମଣି କୁକ୍ ,ଟଙ୍କ ସୁନା ଓ ଯଦୁମଣି ବାଦି ଘଟଣା ସ୍ଥଳରେ ପହଞ୍ଚି କୀଟ ବ୍ୟବହାର କରି ମହୁ ଫେଣାକୁ ନଷ୍ଟ କରିଥିଲେ। ଫଳରେ ଆଜି ଉମରକୋଟ ସରସ୍ୱତୀ ଶିଶୁ ମନ୍ଦିରରେ ମହୁ ମାଛି ଆକ୍ରମଣରୁ ବହୁ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ୧୫ ଫୁଟିଆ ଅଜଗର ଉଦ୍ଧାର



ବୈପାରୀଗୁଡା,୮।୧୦(ସମିସ): ବୈପାରୀଗୁଡା ବନାଞ୍ଚଳ ଅଧିନସ୍ଥ ବରଗାଁରୁ ୧୫ ଫୁଟିଆ ଅଜାଗର ସାପ ଉଦ୍ଧାର କରିଛନ୍ତି ସ୍ନେକ ହେଲ୍ପ ଲାଇନ କର୍ମକର୍ତ୍ତା ଡ଼ମ୍ବୁର ମାଝୀ। ସାପକୁ ଦେଖି ଗାଁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଗାଁ ଲୋକେ ବୈପାରୀଗୁଡା ରେଞ୍ଜରଙ୍କୁ ଜଣାଇଥିଲେ। ରେଞ୍ଜର ସନ୍ଦେପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ସ୍ନେକ ହେଲ୍ପ ଲାଇନ କର୍ମକର୍ତ୍ତା ଡମ୍ବୁରୁ ମାଝୀ ବରଗାଁରେ ପହଞ୍ଚି ୧୫ ଫୁଟିଆ ଅଜଗର ସାପ ଉଦ୍ଧାର କରିଥିଲେ। ସାପର ଓଜନ ପାଖାପାଖି ୨୫କିଲୋ ହେବ ବୋଲି ଜଣା ପଡିଛି । ଉଦ୍ଧାର ଅଜଗରକୁ ମହୁଲି ପଂଚାୟତ ପେଟାଘାଟି ତିନି ବାଙ୍କ ମଧୁବନ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଛି। ବରଗାଁ ବାସି ସ୍ନେକ ହେଲ୍ପ ଲାଇନ କର୍ମକର୍ତ୍ତା ଡ଼ମ୍ବୁର ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ଟାୟାର ଦୋକାନରୁ ଚୋରି ଘଟଣା, ଜଣେ ଗିରଫ

# ଚୋରି ଲ୍ୟାପ୍‌ଟପ, ୯ଟି ଟାୟାର ଜବତ

ଜୟପୁର,୮ ।୧୦(ସମିସ): ଜୟପୁର ହାଟପଦାର ଏକ ଟାୟାର ସୋରୁମରୁ ଗତ ରବିବାର ରାତିରେ ସଟରର ତାଲା ଭାଙ୍ଗି ଟାୟାର , ଟଙ୍କା ଓ ଲ୍ୟାପଟପ ଚୋରି ମାମଲାରେ ଆଜି ଟାଉନଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ସ୍ଥାନୀୟ ମୁନିଗୁଡା ଗ୍ରାମର ଅଜିତ ବେନିଆ (୧୯) ଏବଂ ଅଭିଯୁକ୍ତଙ୍କ ନିକଟରୁ ଚୋରି ଲ୍ୟାପଟପ ଏବଂ ୯ଟି ନୂଆ ଟାୟାର ଜବତ କରିଥିବା ନେଇ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ରବିବାର ରାତିରେ ଉକ୍ତ ଟାୟର ଦୋକାନର ସର୍ଟର ତାଲାଭାଙ୍ଗି ସୋରୁମରୁ କାଉଣ୍ଟରରୁ ୧୫ ହଜାର ଟଙ୍କା, ଗୋଟିଏ ଲ୍ୟାପଟପ ଏବଂ ୪ଟି ନୂଆ ଟାୟାର ଚୋରିକରିଥିବା ବେଳେ ପଛପାଖ ଗୋଦାମ ଗୃହର ସଟର ଭାଙ୍ଗି ୩୦ଟି ଟାୟାର ଚୋରି କରିଥିବା ନେଇ ଦୋକାନର ମାଲିକ ଆର. ଶ୍ରୀନୁ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ସିସି କ୍ୟାମେରା ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଏହି ମାମଲାରେ ଅନ୍ୟାନ୍ୟ ଅଭିଯୁକ୍ତ ମାନଙ୍କ ସଂପୃକ୍ତି ନେଇ ତଦନ୍ତ ସହିତ ଗିରଫ କରିବା ନେଇ ପୁଲିସ ପ୍ରୟାସ ଜାରି ରଖିଛନ୍ତି।

# ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ



ଏମିଭି୭,୮ ।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ମୋଟୁ ବନାଞ୍ଚଳର ଏମଭି ୯୬ ଠାରେ ୭୧ ତମ ଜିଲ୍ଲା ସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବନାଞ୍ଚଳରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ କରାଯାଇଥିବା ବେଳେ ଆଜି ଶେଷ ଦିନ ଅବସରରେ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବନ୍ୟପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତ୍ୟେକ ସ୍ତରରୁ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମଞ୍ଚାସୀନ ଅତିଥି ମାନେ ସଚେତନତା କରିଥିଲେ। ଏହାଛଡ଼ା କଇଚ ଚୋରା ଚାଲାଣ ନକରି ତା'ର ସୁରକ୍ଷା କରିବା। ଶୁଆଶାରୀଙ୍କୁ ଘରେ ପିଞ୍ଜରାରେ ନରଖି ପ୍ରକୃତି କୋଳରେ ଛାଡ଼ିଦେବା। ଜଙ୍ଗଲରେ ପଶି ବନ୍ୟପ୍ରାଣୀଙ୍କୁ ବେଣ୍ଟ ବା ଶିକାର ନ କରିବା ଏବଂ ଘରେ ସାପ ପଶିଲେ ଭୟରେ ତାକୁ ନମାରି ସ୍ନେକ ହେଲ୍ପ ଲାଇନ କିମ୍ବା ବନ ବିଭାଗକୁ ତୁରନ୍ତ ଜଣାଇବା ଆଦି ବିଷୟରେ ବୁଝାଇଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ସାଇ କିରଣ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରୁ ଏସିଏଫ ମନସୁନ ଖେମୁଣ୍ଡୁ ଏବଂ ଏସିଏଫ ପ୍ରିୟଙ୍କା ମାହୁକ ରହିଥିଲେ। ୬ ଜଣ ରେଞ୍ଜର ଏବଂ ଅନ୍ୟ ବନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହା ତିନି ଶହରୁ ଉର୍ଦ୍ଧ ସ୍ଥାନୀୟ ଲୋକେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟରତ ମୋଟୁ ବନାଞ୍ଚଳର ବନପାଳ ମୁରଲିଧର ଅନୁଗୁଳିଆ ଭଲ କାମ କରୁଥିବାରୁ ତାଙ୍କୁ ମାନପତ୍ର ସହ ୨୫ ହଜାର ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବଚାଷୀ ମୃତ



ନନ୍ଦାହାଣ୍ଡି,୮।୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ନିଶିନାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଣିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଚାଷ ଜମିକୁ ଯାଇଥିବା ଜଣେ ଯୁବ ଚାଷୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଯୁବକ ଜଣଙ୍କ ବଣିଆ ଗ୍ରାମର କମଲୁ ନାୟକ(୩୫) ବୋଲି ଜଣାପଡିଛି। ଏହି ଦୁଖଦଃ ଘଟଣାକୁ ନେଇ ବଣିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ ବଣିଆ ଗ୍ରାମର କମୁଲୁ ନାୟକ(୩୫) ଆଜି ସକାଳୁ ନିଜ ଚାଷ ଜମିକୁ ଯାଇଥିଲେ। ତେବେ ଜମି ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର କୌଣସି କାରଣ ବଶତଃ ପାହାନ୍ତିଆ ସମୟରେ ଛିଣ୍ଡି ଯାଇ ଜମି ଭିତରେ ପଡିରହିଥିଲା। କମୁଲୁ ଜମି ମଧକୁ ପଶିବା ସମୟରେ ପୂର୍ବରୁ ତଳେ ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା ଦ୍ୱାରା ଘଟଣା ସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଏହି ଖବର ପ୍ରଚାର ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ନନ୍ଦାହାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଶବ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ କୁ ପଠେଇଛି। ଏନେଇ ନନ୍ଦାହାଣ୍ଡି ଥାନା କେଶ ନଂ ୩୩/୨୫ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ନାୟକ ସୂଚନା ଦେଇଛନ୍ତି। ମୃତ କମଲୁଙ୍କ ଦୁଇ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ଅଳ୍ପ କିଛି ଜମିରେ ଚାଷ ଓ କୁଲି କରି ଜୀବିକା ନିର୍ବାହ କରୁଥିବା କମୁଲୁଙ୍କ ମୃତ୍ୟୁ ପରେ ପତ୍ନୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏଣୁ ସରକାର କମୁଲୁଙ୍କ ପରିବାରଙ୍କୁ ମୃତ୍ୟୁ କ୍ଷତିପୂରଣ ତୁରନ୍ତ ଯୋଗାଇ ଦେଇ ପୁଅ ଝିଅଙ୍କ ପାଠପଢା ଦାୟିତ୍ୱ ବହନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ



ବୈପାରିଗୁଡା, ୮।୧୦ (ସମିସ): ବୈପାରିଗୁଡା ଓକିଲ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ ପାଳିତ ହୋଇଯାଇଛ। ଏହି ଅବସରରେ ସ୍ଥାନୀୟ ଡାକ ବଙ୍ଗଳା ଠାରେ ଦିବଙ୍ଗତ ଆଇନୀଜୀବୀ ପୀତବାସ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ଦ୍ଦେଶକ୍ରମେ ଆଜି ବୈପାରିଗୁଡା ଓକିଲ ସଂଘ ତରଫରୁ ଗୋଟିଏ ଦିନ କଲମ ଛାଡ଼ ଆନ୍ଦୋଳନ କରାଯାଇଥିଲା। ତାଙ୍କର ଆତ୍ମାର ସଦ୍‌ଗତି କାମନା କରି ବୈପାରିଗୁଡା ଡ଼ାକ ବଙ୍ଗଳା ଠାରେ ତାଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଘଟଣାକୁ ଓକିଲ ସଂଘ ଘୋର ନିନ୍ଦା କରିବା ସହ ସଂପୃକ୍ତ ଦୁଇ ହତ୍ୟାକାରୀଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ଦାବି କରାଯାଇଛି। ଶ୍ରଦ୍ଧାଞ୍ଜଳି ଜ୍ଞାପନ ସମୟରେ ବୈପାରିଗୁଡାର ବରିଷ୍ଠ ଆଇନଜୀବୀ ଗୌରଚନ୍ଦ୍ର ପାତ୍ର, ପ୍ରଦୀପ ସ୍ୱାଇଁ, ବିଶ୍ୱଜିତ ନାୟକ, ବିରେନ୍ ମହାପାତ୍ର, ଚିତରୋଞ୍ଜନ ପାଳ, ଦିଲ୍ଲୀପ ମହାନ୍ତି, ଭୁବନେଶ୍ୱର ପଣ୍ଡା ଏବଂ ଶୁଭ୍ରାଂଶୁ ଶେଖର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସୁଧୀର ହେଲେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

ରାୟଗଡ଼ା, ୮।୧୦(ସମିସ): ରାୟଗଡ଼ା ଜିଲ୍ଲାର ବରିଷ୍ଠ ବିଜେଡି ନେତା ସୁଧିର ଦାସ ହେଲେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ। ଏନେଇ ବୁଧବାର ବିଜେଡ଼ି ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ସୁଧୀର ଦଳର ରାଜ୍ୟ ସାଧାରଣ ସମ୍ପାଦକ ଓ ଜିଲ୍ଲା ସଭାପତି ରହିଥିଲେ। ପୁନର୍ବାର ତାଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ବିଜେଡ଼ି ମହଲରେ ଖୁସିର ଲହରୀ ଖେଳାଇଛି। ଏଥିପାଇଁ ତାଙ୍କୁ ଦଳୀୟ ନେତା ଓ କର୍ମୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ମା' ଗଜଲକ୍ଷ୍ମୀ ପୂଜା



ବୈପାରୀଗୁଡା, ୮।୧୦(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପୂଜାରୀ ଗୁଡା ପଞ୍ଚାୟତ ଅନ୍ତର୍ଗତ ଗୁମ୍ମା ଭାଲୁଗୁଡା ଠାରେ ପ୍ରଥମ ଥର ପାଇଁ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜାତ୍ସୋବ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଆସୁଛି। ଆଜି ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପୋଡାଲ ଗୁମ୍ମା ଭାଲୁଗୁଡା ଠାରେ ମାଆଙ୍କ ଦର୍ଶନ କରିଥିଲେ। ମୁଖ୍ୟ ପୂଜକ ସୀତା ରାମପୁରିଆଙ୍କ ତତ୍ତ୍ୱାବାଧାନରେ ଲକ୍ଷ୍ମୀ ପୂଜାତ୍ସୋବ ଧୁମଧାମରେ ପାଳିତ ହେଉଛି। ପୂଜାରେ ଲଳିତ ମାଝୀ ଏବଂ ତାଙ୍କ ଧର୍ମ ପତ୍ନୀ ତିଲୋତମ ମାଝୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ଗୁରୁବାର ଦିନ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଆସନ୍ତା ଶୁକ୍ରବାର ମହାସମାରୋହରେ ଭସାଣୀ ଉତ୍ସବ ପାଳନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ରହିଛି। ଏଥିରେ ପୂଜା କମିଟି ମେମ୍ବର ଦେବ ପୂଜାରୀ, ସୁରେନ୍ଦ୍ର ମୁନରବାଲିଆ ପର୍ଶୁରାମ ପୂଜାରୀ, ଦେବ ମାଝୀ, ରଘୁନାଥ ମିନାରବାଲିଆ ସହଯୋଗ କରିଛନ୍ତି।

# ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



ନବରଙ୍ଗପୁର,୮।୧୦(ସମିସ): ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବହୁ ବ୍ଲକର ବିଭିନ୍ନ ଗ୍ରାମ ବୁଲି ବହୁ ଲୋକଙ୍କ ସମସ୍ୟା ବୁଝିବା ସହିତ ରହିଥିବା ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଏହି ଗସ୍ତ ସମୟରେ କୋଷାଗୁମୁଡା ବ୍ଲକର, କୋକଡି ସେମଳା ପଞ୍ଚାୟତ ,ଭାଣ୍ଡ୍ରି ଗୁଡା,ସେମଳା, କୋକଡି ସେମଳାର ତଳସାହି, ଡଙ୍ଗରୀ ସାହି, ଆସଙ୍ଗା ନୁଆଗୁଡ଼ା, ପୂଜାରୀ ସାହି, କଣ୍ଟା ସାରୁ ଗୁଡା, ବାସନୀ ପଞ୍ଚାୟତର ବାରମାସି , ବଡ଼ମସି ଗାଁ ପଞ୍ଚାୟତର ମେନ୍ ରାସ୍ତା, ପୁଜାରୀ ସାହି, ଡେବରା ଗୁଡା, ଧଡ୍ରି ଗୁଡା, ଏସ.ମାଳିଗୁଡା, ଆମ୍ବା ଦୋଳା, କୁମଝର, ମହୁଲ ପଦର, ସାନ ମସିଗାଁ ଗ୍ରାମ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ତେନ୍ତୁଳିଖୁଣ୍ଟି ବ୍ଲକର ପୁଜାରୀ ଗୁଡା, ଚରାମୂଳା, କନେଇମୁଣ୍ଡା, ଆଉଁଳି ଗୁମ୍ମମା, ପଟାଗୁଡା, ଖାତିଗୁଡ଼ା, ବଙ୍ଗଳାଗୁଡା, ଦିଗି, ସଲପା, ଘଟରଲିଆ ଗୁଡା ଆଦି ଗ୍ରାମକୁ ଗସ୍ତ କରି ମଧ ମାଁ ଗଜଲକ୍ଷ୍ମୀ ଓ କୁମାରୀ କନ୍ୟା ମାନେ ପାଳନ କରୁଥିବା ଜହ୍ନି ଓଷାରେ ଉପସ୍ଥିତ ରହି ମାଁ ଗଜଲକ୍ଷ୍ମୀ ଓ ବୃନ୍ଦାବତୀଙ୍କ କୃପା ଆଶିଷ ଲାଭ କରିବା ସହ ଗ୍ରାମବାସୀଙ୍କର ବ୍ୟକ୍ତିଗତ ଓ ଗ୍ରାମର ସାମୂହିକ ସମସ୍ୟା ସୁବିଧା ଅସୁବିଧା ପଚାରି ବୁଝି ତାର ତୁରନ୍ତ ସମାଧାନ ନିମନ୍ତେ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶଙ୍କ ସମେତ ବଡମସିଗାଁ ମଣ୍ଡଳ ସଭାପତି ରମେଶ ଭତ୍ରା,ଭୀମ ସମରଥ, ବିରେନ୍ଦ୍ର ପୂଜାରୀ, ବିମଳ ଭାଇ, ଲକ୍ଷ୍ମୀ ଭାଇ, ଲଛମନ ମାଝି, ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ଅଭିମନ୍ୟୁ ନାୟକ, ହରେକୃଷ୍ଣ ମୁଦୁଲି, ଆଶିଷ ଟାକ୍ରୀ, ସନାତନ ବିଷୋୟୀ, ନନ୍ଦାହାଣ୍ଡି ମଣ୍ଡଳ ସଭାପତି ଲକ୍ଷ୍ମଣ ନାୟକ, ନଗର ମଣ୍ଡଳ ସଭାପତି ଅମୂଲ୍ୟ ମିଶ୍ର, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର ଓ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ ପ୍ରମୁଖଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ପଲଶାଗୋରାରେ ମୁରାସୁର ଦରବାର ଉଦ୍‌ଘାଟିତ

ପଲଶାଗୋରା,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ସ୍ୱସ୍ତିକ କ୍ଲବ୍ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ଡମ୍ବରୁଧର କହଁର, ସ୍ୱେଚ୍ଛାସେବୀ ଶିତିକଣ୍ଠ ମିଶ୍ର, କମିଟି ଉପଦେଷ୍ଟା ସୁଧୀର ପଣ୍ଡା, ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ସତ୍ୟନାରାୟଣ ପ୍ରଧାନ, ଉପସଭାପତି ରଞ୍ଜନ ପଣ୍ଡା, ଉପଦେଷ୍ଟା ଅସୀମ ଅଭିଷେକ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଅଚ୍ୟୁତ ଖମାରୀ ସଭା ପରିଚାଳନା କରିଥିଲେ । ମଞ୍ଚରେ ଇନ୍ଦ୍ରଙ୍କ ସହ ଯୁଦ୍ଧ ପାଇଁ ମୁରାସୁରଙ୍କୁ ନାରଦଙ୍କ ପରାମର୍ଶ, ସ୍ୱର୍ଗପୁରୀ ଆକ୍ରମଣ କରି ମୁରାସୁର ଇନ୍ଦ୍ରଙ୍କଠାରୁ ପରାସ୍ତ, ଶିବଙ୍କୁ ତପସ୍ୟା କରି ମୁରାସୁରର ବରପ୍ରାପ୍ତି, କର୍ଣ୍ଣାଟକ ଓ ସ୍ୱର୍ଗପୁର ଆକ୍ରମଣ ପାଇଁ ନାରଦଙ୍କ ପରମର୍ଶ ଉପରେ ଆଧାରିତ ପୌରାଣିକ କଥାବସ୍ତୁକୁ ନେଇ ଏହି ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ମୁରାସୁର ଭୂମିକାରେ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଅଭିନେତା ହୃଷିକେଶ ଭୋଇ ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ର ଅଭିନୟ କରୁଛନ୍ତି । ଉପଦେଷ୍ଟା କମିଟିର ସୁଧୀର ପଣ୍ଡା, ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ବିଘ୍ନେଶ ପ୍ରଧାନ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ପଲଶାଗୋରା ବେତ୍ରାପଡ଼ାରେ ଅଗ୍ନିକୁମାରୀ ଝାମୁଯାତ୍ରା

ପଲଶାଗୋରା,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ବେତ୍ରାପଡାରେ ବାର୍ଷିକ ଅଗ୍ନିକୁମାରୀ ଝାମୁଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି । ଦେବୀଙ୍କ କୋଠିରେ ଝଙ୍କାର ତ୍ରିନାଥ ନାଏକ ପୂଜା କରଥିଲେ ।ଗଙ୍ଗା ନାଏକ, ଘନ କହଁର, କରୁଣା ନାଗ, ଗାନ୍ଧୀ କହଁର, ବାବୁଲା ନାଏକ, ଜୟସେନ ନାଏକ, ଭଲୁ ପଧାନଙ୍କ ଦେହରେ କଳାସୀ ଲାଗିଥିଲା । ପରେ ଦେବତା ମାନେ ନିଆଁ ହୁଳା ଉପରେ ଚାଲିବା ସହ କଣ୍ଟା ଉପରେଠିଆ ହୋଇଥିଲେ । ମାନସିକଧାରୀ ଭକ୍ତ ମଧ୍ୟ ଏହି ନିଆଁ ହୁଳାରେ ଚାଲିଥିଲେ । ବିଶ୍ୱାସ ଓ ବହୁ ବର୍ଷର ପରମ୍ପରାକୁ ନେଇ ଏହା ପାଳନ କରାଯାଇ ଆସୁଛି ।

# ତରଭା ଜେଏନ୍‌ଭି ନବମ ଓ ଏକାଦଶ ଶ୍ରେଣୀରେ ଖାଲି ସିଟ୍ ପୂରଣ ହେବ

ତରଭା,୮ ।୧୦(ସମିସ): ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ତରଭାସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ନବମ ଓ ଏକାଦଶ ଶ୍ରେଣୀରେ ଖାଲି ପଡିଥିବା ସିଟ୍ ପୂରଣ ହେବ । ଆଗ୍ରହୀ ଛାତ୍ରଛାତ୍ରୀ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଜେଏନଭି ୱେବ୍‌ସାଇଟରେ ନିଃଶୁଳ୍କ ଆବେଦନ କରିପାରିବେ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମକଁୱର ସୂଚନା ଦେଇଛନ୍ତି ।

# ମନ ଛୁଇଁଲା 'ସବୁ ଲାଗେ ପର ଲୁହ ନିଜର'



ଶଗଡା/ମନମୁଣ୍ଡା,୮ ।୧୦(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଅଧୀନ ବଡ଼ଦେହୁରୀପାଲି ଗ୍ରାମରେ ନାଟକ "ସବୁ ଲାଗେ ପର ଲୁହ ନିଜର" ମଞ୍ଚସ୍ଥ ହୋଇଛି । ମାଁ ମାହେଶ୍ୱରୀଙ୍କ କୁମାର ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ମାଁ ମାହେଶ୍ୱରୀ ନାଟ୍ୟ କଳା ସଂସଦ ପକ୍ଷରୁ ଏହି ନାଟକ ମଞ୍ଚସ୍ଥ ହୋଇଥିଲା । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅରୁଣ ପଟ୍ଟନାୟକ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ । ବିଭିନ୍ନ ଭୂମିକାରେ ବୈଷ୍ଣବାନନ୍ଦ ପ୍ରଧାନ, ଅବିନାଶ ପ୍ରଧାନ, ରତ୍ନାକର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ସିକୁନ ସାହୁ, ଭୀମସେନ ସିଂହ, ଧିରେନ ଖମାରୀ, ତୁଷମନ ବାରିକ, ପ୍ରଦୀପ ସିଂହ, ପପୁନ ସିଂହ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ । ନାରୀ ଭୂମିକାର ସୁମିତ୍ରା, ମିତା, ବର୍ଷା, ଆଶା ଅଭିନୟ କରିଥିଲେ । ନୃତ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ରଣାଙ୍କ ନିର୍ଦ୍ଦେଶନାରେ ଆଲୋକ, ମହେଶ୍ୱର, ପଦ୍ମ, ରଜତ, ବିକାଶ, ରଞ୍ଜିତ, ଶିବାମ, ସରୋଜ, ସିପୁନ, ଲକି, ସୁବ୍ରତ, ସୁନିତ, କୁଶ, ବିଭୂତି, ପ୍ରାଣ, ଡଲି, ଶୃତି, ଇଶିକା ଓ ବେବି ପ୍ରମୁଖ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଶିତ ନାଚଗୀତର ତାଳେ ତାଳେ ଦର୍ଶକ ବେଶ୍ ଝୁମି ଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ପଞ୍ଚାନନ ଡାଙ୍ଗ ଓ ଉପସ୍ଥାପିକା ଭାବେ ଆଶାରାଣୀ ମହାନ୍ତି କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡୁମାଳ ପରିଷଦ ଓଡ଼ିଶାର ଜିଲ୍ଲା ସଭାପତି ସୀତାଂଶୁ ଶେଖର ମହାକୁଡ଼, ଜିଲ୍ଲା ସଂପାଦକ କୃଷ୍ଣଚନ୍ଦ୍ର ମେଷୁଆ, ଜିଲ୍ଲା କୋଷାଧ୍ୟକ୍ଷ ମନୋଜ ମହାକୁଡ଼, ରାଜ୍ୟ ପରିଷଦ ସଦସ୍ୟ ବିଭୂତି ପ୍ରସାଦ ଖେତି, ବାମଣ୍ଡା କେନ୍ଦ୍ର ସମ୍ପାଦକ କୈଳାସ ବିଶି, ବଡଦେହୁରୀପାଲି ମନ୍ଦିର କମିଟି ସଭାପତି ଧୃବ ଚରଣ ପ୍ରଧାନ, ସଂପାଦକ ରଙ୍କନିଧି ଖମାରୀ, କୋଷାଧ୍ୟକ୍ଷ ଶ୍ରଦ୍ଧାକର ଗାଇଗୌରିଆ, ଆଦିବାସୀ ନେତା ଡମ୍ବରୁଧର କହଁର, ସନ୍ତୋଷ ଦନ୍ତା, ଶଗଡ଼ା ସମିତି ସଭ୍ୟ କୁନୁ ଦନ୍ତା, ଶୁଣ୍ଠିପଦର ସରପଞ୍ଚ ପ୍ରତିନିଧି ଲାଲବିହାରୀ ବଗର୍ତ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସୁଧୀର ମହାକୁଡ଼, ପ୍ରମୁଖ ମଞ୍ଚାସୀନ ଥିଲେ । ନାଟ୍ୟ ସହ ନିର୍ଦ୍ଦେଶକ ସୁବଳ ଚରଣ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସଂପାଦକ ସୁକାନ୍ତ ପରଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦର ସଭାପତି ସନ୍ତୋଷ ସିଂହଙ୍କ ତତ୍ତ୍ୱାବଧାନରେ କମିଟିର ଜିତେନ୍ଦ୍ର, ସୁମନ୍ତ, ସଞ୍ଜିବ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।

● ରାତ୍ରୀ ଜଗୁଆଳି ଓ ଝାଡୁଦାର ନିଯୁକ୍ତିରେ ଅନିୟମିତତାର ପ୍ରତିବାଦ

# ଅଚଣ୍ଡା ଉନ୍ନୀତ ହାଇସ୍କୁଲରେ ତାଲା ପକାଇଲେ ଏସ୍‌ଏଚ୍‌ଜି ମହିଳା



ବୀରମହାରାଜପୁର,୮ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କେନଝିରିଆପାଲି କ୍ଲଷ୍ଟରର ଅଚଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏସଏଚଜି ମହିଳା ତାଲା ପକାଇ ପ୍ରତିବାଦ କରିଛନ୍ତି । ଏହା ଫଳରେ ଶିକ୍ଷକ ଓ ଛାତ୍ରୀଛାତ୍ର ସ୍କୁଲ ଭିତରକୁ ଯାଇ ପାରିନାହାନ୍ତି । ସ୍କୁଲରେ ରାତ୍ର ଜଗୁଆଳି ଓ ଝାଡୁଦାର ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା । ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଆବେଦନ କରିଥିଲେ । ତେଲିପାଲି ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟକା ଗୋଷ୍ଠୀରୁ ରାତ୍ର ଜଗୁଆଳି ଓ ଝାଡୁଦାର ପାଇଁ ଦାୟିତ୍ୱ ମିଳିଥିଲା; ମାତ୍ର ଏବେ ଅଚଣ୍ଡା, ମହୁଲପାଲି, ରୁଗୁଡ଼ିପାଲି ଆଦି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏହି ନିଯୁକ୍ତି ବେଆଇନ ଓ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି । ବିଭିନ୍ନ ଜନଗହଳି ସ୍ଥାନ, ଛକ ଓ ସ୍କୁଲ ସମ୍ମୁଖରେ ସୂଚନା ଦେବାର ନିୟମ ରହିଛି । କୌଣସି ସ୍ଥାନରେ କିନ୍ତୁ ସୂଚନା ଦିଆଗଲା ନାହିଁ । ତଞ୍ଚକତା କରାଗଲା । କାହାକୁ ଜଣାଗଲା ନାହିଁ । ଗୁପ୍ତ ଭାବେ ନିଯୁକ୍ତି ଦିଆଗଲା ।

ଅଚଣ୍ଡା, ମହୁଲପାଲି ଓ ରୁଗୁଡ଼ିପାଲି ଗ୍ରାମରେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି । କେମିତି କେହି ଜାଣି ପାରିଲେ ନାହିଁ ବୋଲି ଏମାନେ ପ୍ରଶ୍ନ କରିଛନ୍ତି । ଏହି ଗ୍ରାମର ଯେ କୌଣସି ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଉ ବୋଲି ଦାବି କରି ସ୍କୁଲ ଫାଟକରେ ଏମାନେ ତାଲା ପକାଇ ପ୍ରତିବାଦ କରିଛନ୍ତି । ତେବେ ଏହି ଖବର ପାଇ କେନଝିରିଆପାଲି କ୍ଲଷ୍ଟରର ସିଆରସିସି ବିନୟ ବିଶ୍ୱାଳ ଓ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ସ୍କୁଲକୁ ଯାଇ ପ୍ରତିବାଦ କରୁଥିବା ମହିଳାଙ୍କୁ ବୁଝାସୁଝା କରିଛନ୍ତି ।

● ଗଞ୍ଜେଇ ଚାଲାଣବେଳେ ୩ ଅଭିଯୁକ୍ତ ଗିରଫ

# ୨୩ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ

ମନମୁଣ୍ଡା,୮ ।୧୦(ସମିସ): ମନମୁଣ୍ଡା ପୁଲିସ ୨୩ କେଜି ଗଞ୍ଜେଇ ସହ ୨ଟି ବାଇକ୍ ଜବତ କରିଛି । ଏହି ଘଟଣାରେ ୩ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ରୁଗୁଡ଼ିଗୁଡ଼ାର ଚନ୍ଦ୍ର ମହାକୁଡ (୨୪), ପାଇକବହାଲର ଶ୍ରୀତମ ମେଣ୍ଡିଲୀ (୧୯) ଏବଂ ବା ଗ୍ରାମର ବଟ କହଁର (୨୦) । ଜଙ୍ଗଲ ରାସ୍ତା ଦେଇ ବାଇକରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ପୁଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା । ଶଗଡ଼ା ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ମହେନ୍ଦ୍ର ବେହେରା, ଏସଆଇ ସସ୍ମିତା ମଗର ସେହି ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରି ଛକି ରହିଥିଲେ । ମାଳତୀଗୋଛାପଡ଼ା ଜଙ୍ଗଲ ରାସ୍ତା ଦେଇ ୨ଟି ବାଇକରେ ୩ ଅଭିଯୁକ୍ତ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ । ଗଞ୍ଜେଇ ଓଜନ କରିବାରୁ ୨୩ କେଜି ୧୨୦ ଗ୍ରାମ ହୋଇଥିଲା । ପୁଲିସ ଗଞ୍ଜେଇ ସହ ୨ଟି ବାଇକ୍ (ନଂ ଓଡ଼ି ୩୧ଏଲ୭ ୭୫୯ ଏବଂ ଓ ଡି ୩୧ ଏମ ୦୧୮୦) ଜବତ କରିଛି । ଏହାସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ, ଏହି ମାମଲାରେ ଜଣେ ନାବାଳିକା (୧୪) ମଧ୍ୟ ସଂପୃକ୍ତ ଥିବା ଜାଣିବାକୁ ମିଳିଛି । ପୁଲିସ ଅଧିକ ତଦନ୍ତ ଚଳାଇଛି ।

# ୨ଟି କାର୍‌ରୁ ୪୧ କେଜି ଗଞ୍ଜେଇ ଜବତ

● ଖସିଗଲେ ମାଫିଆ ।



ଶଗଡା,୮ ।୧୦(ସମିସ): ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ୨ଟି ପୃଥକ ସ୍ଥାନରେ ଚଢ଼ଉ କରି ୨ଟି କାରେରୁ ୪୧ କେଜି ଗଞ୍ଜେଇ ଜବତ କରିଛି । ଅବକାରୀ ଏସଆଇ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍‌ର ଏକ ଟିମ୍ ଏହି ଚଢଉରେ ସାମିଲ ହୋଇଥିଲା । ମନମୁଣ୍ଡା ଥାନା ଶିମିଳିପଦର ପଞ୍ଚାୟତ ଗବଯୋର ତେଲ ନଦୀ କୂଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା । ଏକ ହୋଣ୍ଡାଇ ଆଇ ୨୦ କାର ( ଓଡି ୦୨ଭି ୦୨୬୬) ରୁ ୨୧ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ମାଫିଆ ଫେରାର ମାରିଥିବା ଜଣା ପଡିଛି । ସେହିପରି ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଗବଯୋର ବ୍ରିଜ ଛକରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା । ସେଠାରୁ ଏକ ମାରୁତି ସୁଜୁକି ବ୍ରେଜା କାରରୁ ୨୦ କେଜି ଗଞ୍ଜେଇ ଜବତ କରାଯାଇ ଥିବା ବେଳେ ମାଫିଆ ଘଟଣା ସ୍ଥଳରୁ ଫେରାର ମାରିଥିବା ଜଣା ପଡିଛି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ କରାଯାଇଛି ।

# ମାହେଶ୍ୱରୀ ସଂସ୍କୃତି ଭବନ ଓ ମନ୍ଦିର ନିର୍ମାଣ ନେଇ ଆଲୋଚନା

ବୌଦ୍ଧ,୮ ।୧୦(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ବୌଦ୍ଧ ସଦର ବ୍ଲକ ଜଗତିସ୍ଥିତ ନିର୍ମାଣାଧୀନ ମାହେଶ୍ୱରୀ ସଂସ୍କୃତି ଭବନ ଓ ମାହେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି । ଜୟଦେବ କଳତା, ଜଗତି କେନ୍ଦ୍ର ଶାଖାର ସମ୍ପାଦକ ଶମ୍ଭୁ ଗିରି, ସହ ସମ୍ପାଦକ ଦୀନବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ନିରଞ୍ଜନ ଗିରି, ଜଗତି ଗ୍ରାମ୍ୟ କମିଟି ସଭାପତି ରଙ୍ଗୀନା ଖେତୀ, ନିର୍ମାଣ କମିଟି ସଦସ୍ୟ ଜମ୍ବେବ ପ୍ରଧାନ,ବାବୁଲି କଳତା, ସୁରୁବୁଡା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଦେହେରୀ ଶିଶିର କଳତା ଓ ବିକ୍ରମ ମହାକୁଡ଼ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ । ଏହି ଅବସରରେ ସଂସ୍କୃତି ଭବନ ଓ ମନ୍ଦିର ପୂର୍ଣ୍ଣାଙ୍ଗ ନିମନ୍ତେ କମିଟି ତରଫରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଗନ୍ଧରାଡ଼ି ହରହରି ମନ୍ଦିରର ସମସ୍ୟା ନେଇ ଆଲୋଚନା



ବୌଦ୍ଧ,୮ ।୧୦(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତୀ ଗ୍ରାମ ନିକଟରେ ଥିବା ଗନ୍ଧରାଡ଼ି ଯୁଗ୍ମ ମନ୍ଦିର(ହର ଓ ହରି)ଙ୍କ ପରିଦର୍ଶନ କରିଛନ୍ତି । ମନ୍ଦିରଟି ଅବହେଳିତ ହୋଇ ପଡିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ମନ୍ଦିରର ଅଭାବ ଅସୁବିଧା ସମ୍ପର୍କରେ ସେବାୟତ ଓ ସେଠାରେ ନିୟୋଜିତ ଭାରତୀୟ ପତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ବେଳେ ଗନ୍ଧରାଡ଼ି ଲୋକକଳା ମହୋତ୍ସବ କମିଟିର ସମ୍ପାଦକ ଶମ୍ଭୁ ଗିରି, କୋଷାଧ୍ୟକ୍ଷ ନିରଞ୍ଜନ ଗିରି, ଅର୍ଥ କମିଟିର ମୁଖ୍ୟ ଗଜେନ୍ଦ୍ର ବାରିକ, ପ୍ରଚାର ପ୍ରସାର କମିଟିର ସଂଯୋଜକ ସୁଧାଂଶୁ ଶେଖର ମିଶ୍ର, ମନୋଜ ଗୁରୁ, ଆଦି ଜେନା, ସେବାୟତ ସୁଶୀଲ ପାଣିଗ୍ରାହୀ, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବେହେରାପଡ଼ାରେ ରାବଣ ଦରବାର

ଶଗଡା,୮ ।୧୦(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବଶରୀ ପଞ୍ଚାୟତ ବେହେରାପଡ଼ାରେ ଆଶ୍ୱିନ ପୂର୍ଣ୍ଣିମା ଉପଲକ୍ଷେ ମାହେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ପ୍ରତିବର୍ଷ ଭଳି ଏଠାରେ ଆଞ୍ଚଳିକ ଡୁମାଲ ପରିଷଦ ପକ୍ଷରୁ ମାହେଶ୍ୱରୀ ପୂଜା ଉପଲକ୍ଷେ ରାବଣ ଦରବାର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ କୁଶଳେଶ୍ୱର କର୍ମୀ ଯୋଗଦେଇ ରାବଣ ଦରବାରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଯୁଧିଷ୍ଠିର କ୍ଷେତି, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର କର୍ମୀ, ମହୋତ୍ସବର ପୂର୍ବତନ ସଭାପତି ପ୍ରମୋଦ ମେଣ୍ଡିଲି, ଉପଦେଷ୍ଟା ସତ୍ୟନାରାୟଣ ଦନ୍ତା, ମହୋତ୍ସବର ସଭାପତି ସଂଜିତ ଅମାତ, ଗୁହୁଲିଆ କେନ୍ଦ୍ରର ସଭାପତି ଅକ୍ରୂର ଦେହୁରୀ, ବିଜେଡି ନେତା ଅଶୋକ ଖମାରୀ, ସତ୍ୟନାରାୟଣ ମେହେର, ସାମାଜିକ କର୍ମୀ ପ୍ରେମାନନ୍ଦ ଭୋଇ, ବେହେରାପଡ଼ା କେନ୍ଦ୍ରର ସଭାପତି ସଂଜିତ ଅମାତ, ସମ୍ପାଦକ ସରୋଜ ପାତ୍ର, ଉପସଭାପତି ଗୋପବନ୍ଧୁ ପ୍ରଧାନ, ସହସମ୍ପାଦକ ତରଣୀ ସେନ କର୍ମୀ, ଉପଦେଷ୍ଟା ପ୍ରମୋଦ ମେଣ୍ଡିଲି, କୋଷାଧ୍ୟକ୍ଷ



ନାରାୟଣ ମହାକୁଡ଼, ପୂଜକ ବିଶେଶ୍ୱର ଦେହୁରୀ, ବରୁଆ କାର୍ତ୍ତିକ ମେଣ୍ଡିଲି ପ୍ରମୁଖ ଯୋଗ ଦେଇଥିଲେ । ଏହି ରାବଣ ଦରବାର ୬ ତାରିଖରୁ ଆରମ୍ଭ ହୋଇଛି । ଗୁରୁବାର ପର୍ଯ୍ୟନ୍ତ ଏହା ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆ ଯାଇଛି । କମିଟି ସଦସ୍ୟ ସୁଶାନ୍ତ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ । ରାବଣ ଭୂମିକାରେ ପଳସାଗୋରା ଗ୍ରାମର କଳାକାର ମନୋଜ ମହାନ୍ତିଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଏହି ଅବସରରେ ଆଞ୍ଚଳିକ ଡୁମାଳ ପରିଷଦ ଓ ପାଣ୍ଡପାଲି ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଚିକିତ୍ସା ଶିବିରକୁ କିଶୋର ମେହେର, ସଂଜୀତ ଅମାତ, ସରୋଜ ପାତ୍ର, ନାରାୟଣ ମହାକୁଡ଼, ସତ୍ୟନାରାୟଣ ଦନ୍ତା, ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୫୦ ଜଣ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୫ ଜଣକୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠା ଯାଇଥିଲା । ଏହି ଶିବିରରେ ଡ. କୌଶଳ ପଟେଲ, ପ୍ରିୟଙ୍କା ମହାକୁର, ନୀଳିମା ବାରିକ, ଚନ୍ଦ୍ରଶେଖର ନନ୍ଦ, ମହେଶ ବେହେରା, ଭାଗବତ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।

# ଚକ୍ଷୁପରୀକ୍ଷା ଓ ରକ୍ତଦାନ ଶିବିର

ବିରମହାରାଜପୁର,୮ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ମୃଷୁନ୍ଦି ଗଜଲକ୍ଷ୍ମୀ ପୂଜା ଅବସରରେ ପୂଜା କମିଟି ତରଫରୁ ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଜଲକ୍ଷ୍ମୀ କମିଟି ସଭାପତି ଲବ କୁମାର ସାହୁ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ୩୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।



# ଗଜଲକ୍ଷ୍ମୀପୂଜାରେ ସୁନ୍ଦର କାଣ୍ଡ



ବୀରମହାରାଜପୁର,୮ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଖୁଣ୍ଟୁଲାପାଲି ଗ୍ରାମରେ ଧନଦାତ୍ରୀ ମା ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ଏହି ଅବସରରେ ଗତକାଲି ମହିଳାମାନେ କଳସ ଶୋଭାଯାତ୍ରାରେ ପୋଖରୀରୁ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନ କରିଥିଲେ । କର୍ତ୍ତା ଭାବେ ମୃତ୍ୟୁଞ୍ଜୟ ପାତ୍ର ଓ ତାଙ୍କ ପତ୍ନୀ ପୂଜାକାର୍ଯ୍ୟ ତୁଲାଇ ଥିଲେ ଓ ପୂଜକ ଭାବେ ବଦ୍ରିନାରାୟଣ ଶତପଥୀ ପୂଜା କାର୍ଯ୍ୟ ତୁଲାଇ ଥିଲେ । ଆକର୍ଷଣୀୟ ତୋରଣ ଓ ରଙ୍ଗୀନ ଆଲୋକରେ ପୂଜାମଣ୍ଡପ ଝଲସି ଉଠୁଛି । ଏହି ଅବସରରେ ରାମାୟଣ ପାରାୟଣ ଗାୟିକା ସ୍ୱପ୍ନା ଯୋଶୀଙ୍କ ଦ୍ୱାରା ସୁନ୍ଦର କାଣ୍ଡ ପରାୟଣ ପଠନ ହୋଇଛି । ଜିଲ୍ଲାପରିଷଦ ସଭ୍ୟ ଲବକୁମାର ସାହୁ ଉପସ୍ଥିତ ଥିଲେ । କମିଟିର ସଭାପତି ଚନ୍ଦନ ପାତ୍ର, ସମ୍ପାଦକ ଶଙ୍କର ପାତ୍ର, ବିଶ୍ୱରଂଜନ ଦାସ, ଟିମନ ଭୋଇ, ଲକ୍ଷ୍ମୀକାନ୍ତ ଗଡୁଆ, ଚମ୍ପେଶ୍ୱର ଗଡୁଆ, ହର କର୍ମୀ, ସଞ୍ଜୟ ମେଣ୍ଡିଲୀ, ରାଜେନ୍ଦ୍ର ମହାକୁରଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଅବସରରେ ସଂକୀର୍ତ୍ତନ ଅନ୍ତାକ୍ଷରୀ



ବୌଦ୍ଧ,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା ସଦର ଟୁଟୁସିଙ୍ଗା ଗ୍ରାମରେ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଗଜଲକ୍ଷ୍ମୀ ପୂଜା ଅବସରରେ ସଂକୀର୍ତ୍ତନ୍ୟ ଅନ୍ତାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କଳାକାର ତଥା ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ବିଶିଙ୍କ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ଦଳରେ ରାଜେଶ ଦୀପ, ରବିନାରାୟଣ ଦେହୁରୀ, ସଂକୀର୍ତ୍ତନ୍ୟ ସେଠି, ଧୃବ କଉଡିଆ ରହିଥଲେ । ବଳରାମ ଦଳରେ ଗୌରାଙ୍ଗ ମେହେର, ଚତୁର୍ଭୁଜ ମାଝୀ, ସୁରୁ ଚରଣ ମେଣ୍ଡୁଲି ଅଂଶ ଗ୍ରହଣ କରିଥିଲେ । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସଂକୀର୍ତ୍ତନ୍ୟ ଗୁରୁ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥଲେ । ଯନ୍ତ୍ର ସଂଯୋଜନାରେ ସଞ୍ଜୟ ପ୍ରଧାନ, ସଞ୍ଜୟ ମାଝୀ, ବିଭୁତି ଭୂଷଣ ଗିରି, ସୁଧୀର ଭୋଇ ସନ୍ତୋଷ ବେହେରା ଓ କୁମୁଦ ମାଝୀ ଅଂଶ ଗ୍ରହଣ କରିଥିଲେ ।

# ଗ୍ରାମ୍ୟ ଜଙ୍ଗଲରୁ ଭାଲୁର କ୍ଷତାକ୍ତ ମୃତଦେହ ଜବତ

ହରଭଙ୍ଗା,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ରେଞ୍ଜ ଅଧୀନ ଚନ୍ଦ୍ରଶେଖରପୁର ଗ୍ରାମ୍ୟ ଜଙ୍ଗଲ ନିକଟରୁ ଏକ ଭାଲୁର ମୃତଦେହ ମିଳିଛି । ଭାଲୁଟିର ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ଏଣୁ ତାକୁ ଗୁଳି କରାଯାଇଥିବା ସନ୍ଦେହ କରାଯାଉଛି । ଏ ନେଇ ବନ ବିଭାଗ ତନାଘନା ଆରମ୍ଭ କରିଛି । ପୁରୁଣାକଟକ ବନ ବିଭାଗ ଭାଲୁଟିର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପ୍ରକିୟା ଆରମ୍ଭ କରିଛି । ପୁରୁଣାକଟକ ରେଞ୍ଜ ଅଫିସର ଜୟନ୍ତ ଦାଶ କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ।



# ସୁସ୍ଥ ସମାଜ ଗଠନରେ ବରିଷ୍ଠ ନାଗରିକ ପଥ ପ୍ରଦର୍ଶକ

ତରଭା,୮ ।୧୦(ସମିସ)


ତରଭା ବ୍ଲକ୍ ସଭାଗୃହରେ ବୁଧବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନେ ଏକ ସୁସ୍ଥ ସମାଜ ଗଠନରେ ପଥ ପ୍ରଦର୍ଶକ ବୋଲି କହିଥିଲେ । ବିଡିଓ ଗଙ୍ଗାରାମ ବୁଡେକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ତରଭାର ସଭାପତି ଦେବେନ୍ଦ୍ର ବୀଜୟ ସାହୁ, ବରିଷ୍ଠ ନାଗରିକ ସୀତାରାମ ଶର୍ମା, ହରିବନ୍ଧୁ ପାନିଗ୍ରାହୀ, ସାଂସଦଙ୍କ ତରଭା ବ୍ଲକ ପ୍ରତିନିଧି ବିମଳଚନ୍ଦ୍ର ମିଶ୍ର, ସାଂସଦଙ୍କ ତରଭା ଏନଏସି ପ୍ରତିନିଧି ମାନସ ସାହୁ, ବିଧାୟକଙ୍କ



ତରଭା ବ୍ଲକ ପ୍ରତିନିଧି ଦଶରଥ ସାହୁ, ବରିଷ୍ଠ ନାଗରିକ ରାମ ନାରାୟଣ ସାହୁ, ଶୈଳେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ତରଭା ବ୍ଲକର ୨୧ ଜଣ ଏବଂ ବିଞ୍ଜାପତ ଅଞ୍ଚଳ ପରିଷଦର ୪ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ସଭା ସଂଯୋଜନା କରିଥିଲେ । ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଯୋଗ ଶିବିର ଆୟୋଜିତ ହୋଇଥିଲା । ଯୋଗଗୁରୁ ସୋମନାଥ ପ୍ରଧାନ ଯୋଗାଭ୍ୟାସ କରାଇଥିଲେ । ଗତ ୨୬ ତାରିଖ ଦୁବୁଲାରେ ପଞ୍ଚାୟତ ସମିତି ତରଭା ତରଫରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଔଷଧ ବିତରଣ କରଯାଇଥିଲା । ବିକ୍ରମ ବିଶି, କିଶୋର ଧାରୁଆ, ଦୀପକ ଭୋଇ, ମନୋଜ ପାତ୍ର, ଉର୍ମିଳା ସୁନା ପ୍ରମୁଖ ସହଯୋଗ କରିଥିଲେ ।



# ବର୍ଷାରେ ଭୁଶୁଡ଼ିଲା ଘରର ଆଟୁ



ତିଗିରିଆ,୮।୧୦(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ଅଧୀନ କଳିବିରି ଗ୍ରାମ ନୂଆସାହିର ବାସିନ୍ଦା ପ୍ରଦୀପ ଦେଉରୀ (୫୭) ଙ୍କ ଚାଳ ଘରର ଆଟୁ ଲଗାଣ ବର୍ଷାରେ ମଙ୍ଗଳବାର ରାତିରେ ଭାଙ୍ଗି ଯାଇଥିବା ଜଣାପଡିଛି। ସେତେବେଳେ ଉକ୍ତ ଘରେ କେହି ଉପସ୍ଥିତ ନ ଥିବାରୁ ପରିବାରର କାହାର କିଛି କ୍ଷୟକ୍ଷତି ହୋଇ ନ ଥିବା ବେଳେ ଘରେ ଥିବା ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଦୀପ ମାଛ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ପରିବାର କହିଲେ ପତ୍ନୀ ପୁଷ୍ପଲତା ଦେଉରୀ, ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ୫ ପ୍ରାଣୀର କୁଟୁମ୍ବ। ବଡ଼ପୁଅ ବିକାଶ ଦେଉରି ବାପାଙ୍କୁ ବ୍ୟବସାୟରେ ସାହାଯ୍ୟ କରୁଥିବା ବେଳେ ସାନ ପୁଅ ଓ ଝିଅ ଉଭୟ ପାଠ ପଢୁଛନ୍ତି। ଗତକାଲି ରାତି ପ୍ରାୟ ୯ଟା ବେଳେ ଉକ୍ତ ଘରେ ଶୋଇଥିବା ବଡ଼ ପୁଅ ବିକାଶକୁ ପୁଷ୍ପଲତା ଖାଇବା ପାଇଁ ଡାକିଥିଲେ। ବିକାଶ ଆସି ଘର ବାହାରେ ପଡିଥିବା ଚୌକିରେ ବସିଥିବା ବେଳେ ହଠାତ ଘରର ଆଟୁ ଖସି ପଡ଼ିଥିଲା। ପ୍ରଦୀପ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି।

## ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ପ୍ରତିଫଳିତ ହେବ ଇଣ୍ଡୋନେସିଆ ପରମ୍ପରା

**ସହଭାଗୀ ରାଷ୍ଟ୍ର ହେବାକୁ ଇଣ୍ଡୋନେସିଆ ରାଜି**

**ତଳ ପଡ଼ିଆରେ ହେବ ବିରାଟ ରାମ ମନ୍ଦିର**

**ମହାନଦୀରେ ନୌବାଣିଜ୍ୟ ଐତିହ୍ୟ ପ୍ରଦର୍ଶନୀ**



କଟକ,୮।୧୦(ସମିସ):

ଚଳିତ ବର୍ଷର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କେତେକ ଅଭିନବ ଉଦ୍ୟମ କରୁଛି। ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ମାଳଦୀପ ଆଦି ରାଷ୍ଟ୍ର ସହ ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କକୁ ଆଧାର କରି ମହାନଦୀ କୂଳରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟିକ ମେଳାରେ ଏଥର ବିଦେଶୀ ପରମ୍ପରାକୁ ପ୍ରତିଫଳିତ କରାଯିବ। ବାଲିଯାତ୍ରାରେ ସହଭାଗୀ ରାଷ୍ଟ୍ର ଭାବେ ଇଣ୍ଡୋନେସିଆକୁ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଯଦ୍ବାରା ଇଣ୍ଡୋନେସିଆର ଶହଶହ ବାସିନ୍ଦା ଚଳିତଥର କଟକ ବାଲିଯାତ୍ରାରେ ଦେଖିବାକୁ ମିଳିବ। ସେଠାକାର କଳା, ସଂସ୍କୃତି, ଐତିହ୍ୟ ଏହି ମୁକ୍ତାକାଶ ମେଳାରେ ପ୍ରତିଫଳିତ ହେବ। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ବାଣିଜ୍ୟ ଓ ସାଂସ୍କୃତିକ ଐତିହ୍ୟର ବିନିମୟ ହେବ। ସହଭାଗୀ ରାଷ୍ଟ୍ର ହେବା ପାଇଁ ଇଣ୍ଡୋନେସିଆ ରାଜି ଥିବା ଜଣାପଡ଼ିଛି।

ଆସନ୍ତା ନଭେମ୍ବର ୫ ତାରିଖରୁ ବାଲିଯାତ୍ରା ଆରମ୍ଭ ହେବାକୁ ଯାଉଛି। ବ୍ୟବସାୟ ନିମନ୍ତେ ପ୍ଲଟ୍ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବାବେଳେ ଆସନ୍ତା ୧୨ ତାରିଖ ଯାଏ ଏହା ଚାଲିବ। ଚଳିତ ବର୍ଷ ୭୦ ଲକ୍ଷରୁ ଅଧିକ ଜନ ସମାଗମ ହେବା ବୋଲି ପ୍ରଶାସନ ଅନୁମାନ କରୁଛି। ଏଣୁ ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ବାଲିଯାତ୍ରାର ତଳ ପଡ଼ିଆର ସ୍ୱତନ୍ତ୍ର ଆକର୍ଷଣ ଭାବେ ଏକ ବିରାଟ ରାମ ମନ୍ଦିର ନିର୍ମାଣ କରାଯିବ। ପାର୍କିଂ ନିକଟରେ ସ୍ଥାନ ଚିହ୍ନଟ ହୋଇଛି। ଏକ ଏଜେନ୍ସି ଦ୍ୱାରା ଉକ୍ତ ଅସ୍ଥାୟୀ ମନ୍ଦିର ନିର୍ମାଣ ହେବ, ଯାହାକି ଅଯୋଧ୍ୟା ରାମ ମନ୍ଦିର ଆକୃତିର ହେବ। ଲୋକେ ଟିକଟ କରି ମନ୍ଦିର ବୁଲି ଦେଖିବେ। ସେହିପରି ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ଐତିହ୍ୟକୁ ନେଇ ମହାନଦୀରେ ଏକ ପ୍ରଦର୍ଶନୀ ହେବ। ମହାନଦୀ କୂଳରେ ଏକ ଯାନ୍ତ୍ରିକ ଡଙ୍ଗା ଦ୍ୱାରା ଏହି ପ୍ରଦର୍ଶନୀ କରିବାକୁ ଯୋଜନା ରଖାଯାଇଛି। ଏଥିପାଇଁ ସିଲଭର ସିଟି ବୋଟ୍ କ୍ଲବର ସୌନ୍ଦର୍ଯ୍ୟକରଣ ସହିତ ତିନୋଟି ଅସ୍ଥାୟୀ ଜେଟି ନିର୍ମାଣ କରାଯିବାର ଯୋଜନା ରହିଛି। ଏତଦବ୍ୟତୀତ ଚଳିତଥର କଟକ ଇନ କଟକରେ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତିର ଝଲକ ପାଇଁ ସ୍ୱତନ୍ତ୍ର ପାଭଲିୟନ କରିବାକୁ ଯୋଜନା କରାଯାଇଛି।

### ବାଲିଯାତ୍ରା ପ୍ଲଟ ଆବଣ୍ଟନ ପଞ୍ଜୀକରଣ ୧୨ ପର୍ଯ୍ୟନ୍ତ ବୃଦ୍ଧି

କଟକ,୮।୧୦(ସମିସ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କର୍ଫ୍ୟୁ ପରିସ୍ଥିତି ଏବଂ ଇଣ୍ଟରନେଟ ବନ୍ଦ ରହିଥିବା କାରଣରୁ ଏହି ସମୟ ବୃଦ୍ଧି କରାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବସାଇଟରେ ପଞ୍ଜୀକରଣ କରିପାରିବେ।

# ଏସ୍‌ସିବି ମେଡିକାଲ ଏକ୍ସ-ରେ' କକ୍ଷରେ ତାଲା

କଟକ,୮।୧୦(ସମିସ): ଏସ୍‌ସିବି ମେଡିକାଲରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ି ଚାଲିଛି। ଟ୍ରମା କାଜୁଆଲିଟି ଡ୍ରେସିଂ ରୁମ୍‌ରେ ଭଙ୍ଗା ଟେବଲରେ ରୋଗୀଙ୍କ ଚିକିତ୍ସା କରାଯାଉଥିବା ଅଭିଯୋଗ ହେଉଥିବା ବେଳେ ଏକ୍ସ-ରେ କକ୍ଷରେ ତାଲା ଝୁଲି ରହିଥିବା ଦେଖିବାକୁ ମିଳିଛି। ଏହି କକ୍ଷଟି ବହୁ ଦିନ ହେବ ବନ୍ଦ ରହିଛି ବୋଲି କିଛି ରୋଗୀ ସମ୍ପର୍କୀୟ କହିଛନ୍ତି। ଏଠାକୁ ଆସୁଥିବା ଗୁରୁତର ରୋଗୀମାନେ ଏକ୍ସ-ରେ ସେବା ନପାଇ ମେଡିକାଲର ଅନ୍ୟାନ୍ୟ ବିଭାଗକୁ ଯାଇ ଏକ୍ସ-ରେ କରାଉଛନ୍ତି। ସେହିପରି ଡ୍ରେସିଂ ରୁମ୍‌ରେ ଡ୍ରେସିଂ ଟେବଲର ଅବସ୍ଥା ଠିକ୍ ନଥିବାରୁ କାଜୁଆଲଟିରେ ଚିକିତ୍ସା ପାଇଁ ରୋଗୀ ଘଣ୍ଟା ଘଣ୍ଟା ଅପେକ୍ଷାରେ ଧାଡି ବାନ୍ଧି ଛିଡା ହୋଉ ରହୁଛନ୍ତି। ଘଟଣାରୁ ପ୍ରକାଶ ଯେ ଟ୍ରମା କାଜୁଆଲଟିକୁ ବିଶେଷକରି ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ଡ୍ରେସିଂ ରୁମ୍, ଅସ୍ତ୍ରୋପଚାର, ଏକ୍ସ-ରେ, ଆଇସିୟୁ ଓ ସାଧାରଣ ବେଡ୍‌ର ସୁବିଧା ରହିଛି। ହେଲେ ଡ୍ରେସିଂ ରୁମ୍‌ର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ଏବେ ମାତ୍ର ଗୋଟିଏ ଭଙ୍ଗା ଟେବଲରେ ଗୁରୁତର ରୋଗୀଙ୍କର ଡ୍ରେସିଂ କରାଯାଉଛି। ସେହିପରି ଅସ୍ତ୍ରୋପଚାର ପାଇଁ ଥିବା ସ୍ୱଟ୍ ଲାଇଟଟି ଭାଙ୍ଗି ଯାଇଥିବାବେଳେ ଅଧା ସମୟ ଠିକ୍ ଭାବେ ଚାଲୁ ନାହିଁ। ଏକ୍ସ-ରେ କକ୍ଷ ବହୁଦିନ ହେବ ବନ୍ଦ ହେବାରୁ ଏବେ ଗୁରୁତ ରୋଗୀ ଅନ୍ୟତ୍ର ଯାଇ ଏକ୍ସ-ରେ କରାଉଛନ୍ତି।

# 'ପେନ୍ ଡାଉନ୍' କାର୍ଯ୍ୟକ୍ରମକୁ ଆଓଲାର ସମର୍ଥନ

କଟକ,୮।୧୦(ସମିସ): ଓଡିଶା ବାର୍ କାଉନସିଲର 'ପେନ୍ ଡାଉନ୍' କାର୍ଯ୍ୟକ୍ରମକୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ (ଆଓଲା) ପକ୍ଷରୁ ସମର୍ଥନ କରାଯାଇଛି। ସାଧାରଣ ସଂପାଦକ ଆଇନଜୀବୀ ପ୍ରସନ୍ନ ନନ୍ଦ, ପ୍ରତାପ କେଶରୀ ଦେଓ, ସୁଶାନ୍ତ ବରାଳ, ଅସିତ ଜେନା, ପଦ୍ମାଳୟା ମହାପାତ୍ର, ସଞ୍ଜୟ ଦାସ, ଅଭିଜିତ ଦାସ, ସତ୍ୟ ଗୋପାଳ ପରିଜା, ସ୍ପନ୍ଦନ ମହାନ୍ତିଙ୍କ ସହ ଶତାଧିକ ଆଇନଜୀବୀ ଆନ୍ଦୋଳନରେ ଭାଗ ନେଇଥିଲେ।

# ସାଆନ୍ତସାହି କୁମାରୋତ୍ସବ ଉଦ୍‌ଘାଟିତ



କଟକ,୮।୧୦(ସମିସ): ସାଆନ୍ତ ସାହିରେ ୪୪ତମ କୁମାରୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବକୁ ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣଦୀପ କୌର, ଡ ଜୟନ୍ତ କୁମାର ପଣ୍ଡା, କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟିର ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ଯୁବନେତା ଲଲାଟେନ୍ଦୁ ବଡୁ ଯୋଗଦାନ କରିଥିଲେ। ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀଙ୍କ ସମେତ ବିଭିନ୍ନ ସାହିର ସଭାପତି ସମ୍ପାଦକ ଓ ମୁରବୀ ଉପସ୍ଥିତ ଥିଲେ। କୁମାର ଉତ୍ସବ ସମିତିର ସଭାପତି ଅମୂଲ୍ୟରତ୍ନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଡ. ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଅଧିକାରୀ ଧୀରେନ୍ଦ୍ର ପ୍ରଧାନ କୁମାର, ସାହି ସମ୍ପାଦକ ଦୟାନିଧି ରାଉତ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। କୁମାର ଉତ୍ସବ ସମିତି ତରଫରୁ କୁମାର ପୂନେଇଁ ଜହ୍ନ ନୃତ୍ୟ ସମେତ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ' ମଞ୍ଚସ୍ଥ ହୋଇଥିଲା। ମହେଶ ମଲ୍ଲ ଧନ୍ୟବାଦ ଦେଇଥିଲେ।

# 'ହୋପ ଏଜ' ପକ୍ଷରୁ ଫିଜିଓଥେରାପି ଶିବିର



କଟକ,୮।୧୦(ସମିସ): ହୋପ ଏଜ ଟ୍ରଷ୍ଟ ପକ୍ଷରୁ ଗତ ରବିବାର ମର୍କତନଗର ସେକ୍ଟର ୭ ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ଏକ ଫିଜିଓ ଥେରାପି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷଜ୍ଞ ଡାକ୍ତର ସଞ୍ଜୟ କୁମାର ରାମ ଏଥିରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ଆଣ୍ଠୁଗଣ୍ଠି ବିନ୍ଧା, ମେରୁଦଣ୍ଡ ଜନିତ ଆଘାତ, ଅଣ୍ଟା ଓ ପାଦ ବିନ୍ଧା କାରଣ ଓ ନିରାକରଣ ସଂପର୍କରେ ବୁଝାଇବା ସହ ଚିକିତ୍ସା ପ୍ରଦାନ କରିଥିଲେ। ବୟସ୍କ ଲୋକଙ୍କ ପାଇଁ ଫିଜିଓଥେରାପି ଏକ ଉଚ୍ଚମାନର ଔଷଧ ବିହୀନ ଚିକିତ୍ସା ପଦ୍ଧତି ବୋଲି ଡ. ରାମ ପ୍ରକାଶ କହିଥିଲେ। ଟ୍ରଷ୍ଟର ଉପସଭାପତି ପ୍ରମିଳା ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଟ୍ରଷ୍ଟି ଡ. ସତ୍ୟ ରାୟ, ସଂପାଦକ ରଞ୍ଜିତ ସାହୁ, ବିଜୟ ପୃଷ୍ଟି, ଇଂ କେ.କେ. ଦାସବର୍ମା, ସୁଜାତା ପଟ୍ଟନାୟକ, ଉତ୍କଳ ଭୂଷଣ ରାଉତରାୟ, ଅମୂଲ୍ୟ ମିଶ୍ର, ବୃନ୍ଦାବନଚନ୍ଦ୍ର ହୋତା, ଗୌରୀଶଙ୍କର ପଟ୍ଟନାୟକ ଓ ପୁଷ୍ପଲତା ପତି ପ୍ରମୁଖ ଯୋଗଦେଇଥିଲେ।

■ ମୃତ୍ୟୁ ଏମିତି ବି ଆସେ

# ଟ୍ରକ ଚକା ମାଡ଼ହେବାରୁ ଶିକ୍ଷକଙ୍କ ମୃତ୍ୟୁ



ସାଲେପୁର,୮।୧୦(ସମିସ): ପ୍ରାତଃଭ୍ରମଣ କରୁଥିବା ସମୟରେ ଏକ ଟ୍ରକ୍‌ରୁ ଚକା ବାହାରି ଆସି ଶିକ୍ଷକଙ୍କ ଦେହରେ ମାଡ଼ ହୋଇଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ଶିକ୍ଷକଙ୍କ ଅକାଳ ବିୟୋଗରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗତକାଲି ସକାଳ ମାଛୁଆଡି ଅଞ୍ଚଳରେ ସପରିବାରେ ରହୁଥିବା ମିର୍ଜାପୁର ପଞ୍ଚାୟତରର ଦାରିଆପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ କୁମାର ମହାରଣା କଟକ ସାଲେପୁର ରାସ୍ତାର ଶିଶୁଆ ବଜାର ନିକଟରେ ପ୍ରାତଃଭ୍ରମଣ କରୁଥିବା ସମୟରେ ଏହି ରାସ୍ତାଦେଇ ଯାଉଥିବା ଏକ ଟ୍ରକ୍‌ରୁ ଚକା ବାହାରି ଆସି ଶିକ୍ଷକ ମହାରଣାଙ୍କ ଦେହରେ ଜୋରରେ ମାଡ଼ ହୋଇଥିଲା। ଶିକ୍ଷକ ମହାରଣା ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି।

# ଚୋରି ଘଟଣା ତଦନ୍ତରେ ଶିଥିଳତା ଅଭିଯୋଗ

ତିଗିରିଆ,୮।୧୦(ସମିସ): ତିଗିରିଆ ଥାନା ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତର ବାସିନ୍ଦା ଦେବରାଜ ବେହେରାଙ୍କ ଘରୁ ଗତ ୨ ତାରିଖ ରାତିରେ କେହି ଦୁର୍ବୃତ୍ତ ପଶି ମୋବାଇଲ, ଟଙ୍କା, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଚୋରି କରିଥିବା ନେଇ ଦେବରାଜ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୨ ତାରିଖରେ ସେ ତାଙ୍କର ପରିବାର ସହ ନିଜର ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ। ରାତି ପ୍ରାୟ ୩ଟା ୧୫ରେ ଦେବରାଜଙ୍କ ଝିଅ ଉଠି ଦେଖିବାରୁ ତାଙ୍କ ଘରୁ କେହି ଦୁର୍ବୃତ୍ତ ଦୁଇଟି ମୋବାଇଲ, ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଚୋରି କରିନେଇଥିବା ଦେଖିଥିଲେ। ଅଭିଯୋଗ ଆଧାରରେ ତିଗିରିଆ ପୁଲିସ ତଦନ୍ତ ଆରମ୍ଭ କରିଥିବାର ପୁଲିସ ପକ୍ଷରୁ ସୂଚନା ମିଳିଥିବା ବେଳେ ତଦନ୍ତରେ ଅବହେଳା କରାଯାଉଛି ବୋଲି ଦେବରାଜ କହିଛନ୍ତି।

# ପାଣିରେ ବୁଡ଼ି ଶିଶୁର ମୃତ୍ୟୁ

ନରସିଂହପୁର,୮।୧୦(ସମିସ): ନରସିଂହପୁର ତହସିଲ ଅନ୍ତର୍ଗତ ଶ୍ୟାମସୁନ୍ଦର ଗ୍ରାମର ବିଜୟ ନାୟକଙ୍କ ଦେଢ଼ ବର୍ଷର ପୁଅ ଲବ ନାୟକର ପାଣିରେ ବୁଡ଼ି ମୃତ୍ୟୁ ହୋଇଯାଇଛି। ସେ ବାସେଳିହତା ପଞ୍ଚାୟତ ଅନ୍ତର୍ଗତ ତଇଳାଡିପ ଗ୍ରାମରେ ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ। ନିଜ ଘର ପାଖ ଦେଇ ଯାଇଥିବା ନାଳ ପାଣିରେ ଲବ ବୁଡ଼ିଯାଇଥିଲେ। ଏହି ଘଟଣା ସ୍ଥାନୀୟ ଲୋକେ ଦେଖିବା ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଅଚେତ ଅବସ୍ଥାରେ ଲବକୁ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ କାନପୁର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘର ସଚେତନତା ଶିବିର




କଟକ,୮।୧୦(ସମିସ): ଶତାବ୍ଦୀ ନଗର ସ୍ଥିତ ଗୋଷ୍ଠୀ କେନ୍ଦ୍ରରେ ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘର ସଭାପତି ବସନ୍ତ କୁମାର ସେଠୀଙ୍କ ପୌରହିତ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସଚେତନତା କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଥିଲା। ସଂଘର ସଂଗଠନ ସମ୍ପାଦକ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଗଙ୍ଗାଧର ବେହେରା ସଂଘ ଦ୍ୱାରା ଆୟୋଜିତ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ। ସୂର୍ଯ୍ୟୋଦୟ ବ୍ୟାଙ୍କର ଶାଖା ପରିଚାଳକ ଗଣେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକମାନେ କିପରି ସାଇବର ଠକାମୀରୁ ରକ୍ଷା ପାଇବା ସହ ସତର୍କତା ଅବଲମ୍ବନ କରାଯାଇପାରିବ ତାହାର ସୂଚନା ପ୍ରଦାନ କରିଥିଲେ। ସଂଘ ପରାମର୍ଶଦାତା ଡ. ସିଦ୍ଧାର୍ଥ ସାହୁ, ଉପସଭାପତି ନିବାସଚନ୍ଦ୍ର ମିଶ୍ର, ସଂଯୋଜ ସାମନ୍ତରାୟ, ଗଣେଶ ମିଶ୍ର, ସନ୍ତୋଷ ବିଶ୍ୱାଳ, କୈଳାସଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱାସ୍ଥ୍ୟ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହସମ୍ପାଦକ ବିକ୍ରମ ଲେଙ୍କା, କୋଷାଧ୍ୟକ୍ଷ ଅଭୟ ସେଠୀ, ଜ୍ୟୋତି ଭୂଷଣ ଦାସ, ସାମ୍ବାଦିକ ପ୍ରଭୁଦତ୍ତ ପ୍ରଧାନ ସହଯୋଗ କରିଥିଲେ। ରତ୍ନାକର ଜେନା, ଲମ୍ବୋଦର ପାଣିଗ୍ରାହୀ, ପବିତ୍ର ମୋହନ ସିଂ ସାମନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସୋମନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବାସିକ ପ୍ଲଟ୍‌ରେ ଏବେ ବି ବହୁ ବ୍ୟବସାୟ ପ୍ରତିଷ୍ଠାନ

# ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ

କଟକ,୮।୧୦(ସମିସ):

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ବାସପଯୋଗୀ ତଥା ଆବାସିକ ପ୍ଲଟରେ ବେଧଡକ ଭାବେ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଚାଲିଆସିଥିଲେ ବି ଦୀର୍ଘ ଦିନ ମଧ୍ୟରେ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ। ଏବେ ବି ସିଡିଏ ଅଧୀନସ୍ଥ ସାଟେଲାଇଟ ସିଟି ମର୍କତନଗରର ବିଭିନ୍ନ ସେକ୍ଟରରେ ମାଳମାଳ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଗଲାଣି। ସାଧାରଣତଃ ଆବାସିକ ପ୍ଲଟକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାର ସ୍ପଷ୍ଟ କଟକଣା ରହିଥିଲେ ବି ଅନେକ ସମୟରେ ଏହା କେବଳ କାର୍ଯ୍ୟାନୁଷ୍ଠାନ ନହୋଇ କାଗଜ କଲମରେ ସୀମିତ ରହିଯାଉଛି। ସହରର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୮୦ଦଶକରେ ମର୍କତନଗରର ପରିକଳ୍ପନା କରାଯାଇଥିଲା; ଯାହା ଆଜି ବେଶ ବିସ୍ତାରିତ ହୋଇଚାଲିଛି। ମର୍କତନଗରର ସେକ୍ଟର ୧୩ ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଖୋଲିଥିବାର ଦେଖିବାକୁ ମିଳିଛି। ଗୋଟିଏପଟରେ ସିଡିଏ ପକ୍ଷରୁ ଏହି ସବୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକର ଚିହ୍ନଟ ମଧ୍ୟ କରାଯାଇଛି।

ମିଳିଥିବା ତଥ୍ୟ ଅନୁସାରେ, ସିଡିଏ ତାଲିକାରେ ସହସ୍ରାଧିକ ପ୍ରତିଷ୍ଠାନ ରହିଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଠାରୁ ବାସଗୃହ କରିବା ପାଇଁ ପ୍ଲଟ ନେଇ ଲୋକେ ବ୍ୟବସାୟିକ ସଂସ୍ଥା ଖୋଲିଛନ୍ତି। ଏପରିକି ଅନେକ ଲୋକ ଘର କରି ବ୍ୟବସାୟ ପ୍ରତିଷ୍ଠାନକୁ ଭଡା ଆକାରରେ ଦେଇଛନ୍ତି। କେତେକ ସଂସ୍ଥା ତଥା ପ୍ଲଟ ମାଲିକଙ୍କୁ ଏଥିଲାଗି ନୋଟିସ କରାଯାଇଛି। ଏପରିକି ସିଡିଏ ଅଞ୍ଚଳର ଆବାସିକ ପ୍ଲଟରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନ ଖୋଲୁଥିବାର ଦେଖିବାକୁ ମିଳିଛି। ଯାହା ଅନେକ ସମୟରେ ଟ୍ରାଫିକ ସମସ୍ୟାର କାରଣ ପାଲଟୁଛି। କଟକ ମର୍କତନଗରରେ ପ୍ରାୟ ୧ଲକ୍ଷରୁ ଅଧିକ ଲୋକ ବସବାସ କରୁଥିଲା ବେଳେ ସେମାନଙ୍କ ଲାଗି ଅବଶ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ଆବଶ୍ୟକତା ରହିଛି। ଏଗୁଡିକ ଲାଗି ସ୍ଥାନ ନିର୍ଦ୍ଧାରଣ କରିବା ପାଇଁ ଦାବି କରାଯାଇ ଆସୁଛି। ମନଇଚ୍ଛା ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ରାସ୍ତା କଡରେ ଖୋଲୁଥିଲେ ମଧ୍ୟ ଏଗୁଡିକର ନିଜସ୍ୱ ପାର୍କିଂ ସ୍ଥାନ ମଧ୍ୟ ରଖାଯାଉନାହିଁ। ଯାହାଫଳରେ ଗ୍ରାହକମାନେ ରାସ୍ତାଘାଟ ଉପରେ ଗାଡି ରଖୁଥିବାର ଜଣାପଡିଛି। ସିଡିଏ ନିୟମ ଉଲ୍ଲଂଘନ କରି ଏହି ସବୁ ପ୍ରତିଷ୍ଠାନ ଚାଲୁଥିବାର ଜଣାପଡିଥିଲେ ବି ଏହା ସବୁ ବନ୍ଦ କରାଯିବା ନେଇ ସନ୍ଦେହ ଉପୁଜିଛି। ଏପରିକି ବହୁ ସଂଖ୍ୟାରେ ହଷ୍ଟେଲ ଓ ରେଷ୍ଟୁରାଣ୍ଟ ମଧ୍ୟ ଖୋଲାଖୋଲି ଓଡିଶା ମ୍ୟୁନିସିପାଲ ଆଇନକୁ ଉଲ୍ଲଂଘନ କରି ଚାଲୁଥିବା ଜଣାପଡିଛି। ଅନ୍ୟପଟରେ ଏହି ସବୁ ସଂସ୍ଥା ଚିହ୍ନଟ କାର୍ଯ୍ୟ ଚାଲୁରହିଛି ବୋଲି ବିଭାଗୀୟ ଅଧିକାରୀ କହୁଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସକାଳ THE SAKALA



# ନାବାଳିକା ହତ୍ୟାକାଣ୍ଡକୁ ୮ ମାସ; ନ୍ୟାୟ ଅପେକ୍ଷାରେ ପରିବାର

ଟିକାବାଲି, ୮।୧୦(ସମିସ)




ରାଜ୍ୟକୁ ସ୍ତବ୍ଧ କରିଦେଇଥିବା କନ୍ଧମାଳ ଜିଲ୍ଲା ଟିକାବାଲିର ବହୁ ଚର୍ଚ୍ଚିତ ନାବାଳିକା ହତ୍ୟା ଘଟଣାକୁ ୮ ମାସ ପୂରିଛି। ନାବାଳିକାଙ୍କ ମା'-ବାପା ଓ ପରିବାର ଲୋକ ନ୍ୟାୟ ଓ ସହାୟତା ପାଇଁ ଚାହିଁ ରହିଥିବା ବେଳେ ଏଯାବତ୍ ପୀଡ଼ିତା ପରିବାରକୁ ନା ମିଳିଛି କ୍ଷତିପୂରଣ ନା ଦୋଷୀଙ୍କୁ ମିଳିଛି ଉଚିତ୍ ଦଣ୍ଡ। ଘଟଣାକୁ ନେଇ ସାରା ରାଜ୍ୟରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ସମୟକ୍ରମେ ତାହା ଶିଥିଳ ପଡ଼ିଯାଇଛି।

ଗତ ଫେବୃଆରୀ ୨୭ରେ ଟ୍ୟୁସନ୍ ଯାଇ ଆଉ ଘରକୁ ଫେରି ନଥିଲେ ନାବାଳିକା। ମାସେ ପରେ ମାର୍ଚ୍ଚ ଶେଷ ଭାଗରେ ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଖଜୁରୀପଲ୍ଲୀ ଗାଁ ନିକଟସ୍ଥ ଟେକାମଣି ଜଙ୍ଗଲରୁ ତାଙ୍କର ଦରପୋଡ଼ା କଙ୍କାଳ ଉଦ୍ଧାର ହୋଇଥିଲା। ଦୁର୍ବୃତ୍ତ ତାଙ୍କୁ ଗଣଦୁଷ୍କର୍ମ କରି ମାରି ପୋଡ଼ି ଦେଇଥିଲେ। ଦରପୋଡା ମୃତଦେହ ଉଦ୍ଧାର କରି ତୁରନ୍ତ ସୋରଡ଼ା ଓ ଟିକାବାଲି ପୁଲିସର ମିଳିତ ତଦନ୍ତରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଘଟଣା ପରେ ପୀଡ଼ିତା ପରିବାରକୁ ନ୍ୟାୟ, ଦୋଷୀଙ୍କୁ ଫାଶୀ ଏବଂ କ୍ଷତିପୂରଣ ଦାବିରେ ସମଗ୍ର ଟିକାବାଲି ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ରାଲି ଓ ଟିକାବାଲି ବନ୍ଦ କରାଯାଇଥିଲା। ଦୁଃଖ ଓ କ୍ରୋଧର ଏହି ମାହୋଲରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତା ତାଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଓ ନ୍ୟାୟର ପ୍ରତିଶ୍ରୁତି ଦେଇଥିଲେ। ସେଥିମଧ୍ୟରୁ ବିଜେପି ପକ୍ଷରୁ ଫୁଲବାଣୀର ନବନିର୍ବାଚିତ ବିଧାୟକ ଉମାଚରଣ ମଲିକ, କଂଗ୍ରେସ ପକ୍ଷରୁ ଘୁ. ଉଦୟଗିରିର ପ୍ରଫୁଲ୍ଲ ପ୍ରଧାନ ଓ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ତଥା ଉପବାଚସ୍ପତି ସାଲୁଗା ପ୍ରଧାନ। ଏହାଛଡ଼ା ବଜରଙ୍ଗ ଦଳର କର୍ମକର୍ତ୍ତା ଏବଂ କେନ୍ଦ୍ରରୁ କଂଗ୍ରେସର ପାଞ୍ଚ ଜଣିଆ ମହିଳା କମିଟି ଆସି ସ୍ଥିତି ସମୀକ୍ଷା କରିବା ସହିତ ପୀଡିତା ପରିବାରକୁ ଶୀଘ୍ର ନ୍ୟାୟ ପାଇଁ ସରକାରଙ୍କୁ ଅପିଲ କରିବାକୁ ଆଶ୍ୱସନା ଦେଇଥିଲେ। ୮ ମାସର ଲମ୍ବା ସମୟ ବିତି ଯାଇଥିଲେ ମଧ୍ୟ ସମସ୍ତ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଗରିବ ପୀଡ଼ିତା ପରିବାରକୁ କ୍ଷତିପୂରଣର ଗୋଟିଏ ବି ଟଙ୍କା ମିଳିପାରି ନାହିଁ। ଏପରି ଏକ ବର୍ବରତାପୂର୍ଣ୍ଣ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପ୍ରକ୍ରିୟା ମଧ୍ୟ ବହୁ ବିଳମ୍ବିତ ହୋଇଛି।

ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତି କାହିଁକି କାର୍ଯ୍ୟକାରୀ ହୋଇପାରୁ ନାହିଁ, ତାହା ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନିକ ସ୍ତରରେ ଏଭଳି ଅବହେଳା କାରଣରୁ ନାବାଳିକାଙ୍କ ପରିବାର ଆଜି ମଧ୍ୟ ନିଜ ଦୁଃଖ ସହିତ ଆର୍ଥିକ ଅନାଟନର ଶିକାର ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ ପୀଡ଼ିତାଙ୍କୁ ନ୍ୟାୟ ଏବଂ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ● ପ୍ରଗତି ମହିଳା ସଂଗଠନ ଆନୁକୂଲ୍ୟରେ କୁମାରୋତ୍ସବ

# 'ପ୍ରାଚୀନ ପରମ୍ପରା ସମାଜକୁ ସୁସ୍ଥ ଓ ଶୃଙ୍ଖଳିତ କରିଥାଏ'




ପାରଳାଖେମୁଣ୍ଡି, ୮।୧୦(ସମିସ): ଗଜପତି ଜିଲ୍ଲାର ମହିଳା ସଙ୍ଗଠନ ପ୍ରଗତି ଆନୁକୂଲ୍ୟରେ ପାରଳାଖେମୁଣ୍ଡି ସ୍ଥିତ ୟୁଟେକ୍ କମ୍ପ୍ୟୁଟର ଏଡୁକେସନ ପରିସରରେ କୁମାରୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିବା ବେଳେ ସମ୍ପାଦିକା ତନୁଜା ଶତପଥୀ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା ପ୍ରଦାନ ପରେ ସଭାପତି ଲୋକନାଥ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମଞ୍ଚ ଆହ୍ୱାନ ଶୁଭାଶ୍ରୀ ଭୁକ୍ତା ଏବଂ ପରିଚୟ ପ୍ରଦାନ ସ୍ନେହା ବେହେରା କରିଥିଲେ। ମୁଖ୍ୟଅତିଥି ଭାବେ ଡାକ୍ତର ମୁର୍ମୁ, ବିଶିଷ୍ଟ ଅତିଥି ଭାବେ କାମକ୍ଷୀ ପ୍ରସାଦ ପତି, ମୁଖ୍ୟ ବକ୍ତା ଭାଗବତ ପାଢ଼ୀ, ସ୍ୱତନ୍ତ୍ର ଅତିଥି ଭାଗିରଥି ପଣ୍ଡା ଓ ରାମଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ହରିମୋହନ ପଟ୍ଟନାୟକ ଓ ଲିଙ୍ଗରାଜ ପାଣିଗ୍ରାହୀ ଯୋଗ ଦେଇ କୁମାର ଉତ୍ସବ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ସହ ସଭ୍ୟତା ଯେତେ ପ୍ରଗତି ପଥରେ ଆଗେଇ ଥିଲେ ମଧ୍ୟ ପ୍ରାଚୀନ ପରମ୍ପରା ସମାଜକୁ ସୁସ୍ଥ ଓ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ପର୍ବ ପାଳନ ସହିତ ଅଳତା ପରିଧାନ, ମେହେନ୍ଦି, ଚୁଡିସଜା, ହୁଳହୁଳି, ଶଙ୍ଖ, ଝୋଟି, ଦଉଡ଼ି ଡ଼ିଆଁ, ପୁଚିଖେଳ, ତର୍କ, ନୃତ୍ୟ ପ୍ରଭୃତିର ବିଜୟୀ ଛାତ୍ରଛାତ୍ରୀ ଓ ଗୃହିଣୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରିୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ମୂରଲୀଧର ପରିଚ୍ଛ, ଶରତ ପ୍ରଧାନ ଓ ତ୍ରିପତି ପଣ୍ଡା ପରିଚାଳନା କରିଥିଲେ।

# ହାଲୁକା ମୋଟର ଯାନ ଚାଳକ ତାଲିମ ଉଦ୍ଯାପିତ




ପାରଳାଖେମୁଣ୍ଡି, ୮।୧୦(ସମିସ): ଗଜପତି ଜିଲ୍ଲା ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନ ଦ୍ୱାରା ପୁରୁଷଙ୍କ ହାଲୁକା ମୋଟର ଯାନ ମାଲିକ ଚାଳକ ତାଲିମ କାର୍ଯ୍ୟକ୍ରମର ଉଦ୍ଯାପିତ ହୋଇଯାଇଛି। ୩୧ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୫ ଜଣ ପୁରୁଷ ତାଲିମାର୍ଥୀ ଯୋଗ ଦେଇଥିଲେ। ଉଦଯାପନୀ ସଭାରେ ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନର ନିର୍ଦ୍ଦେଶକ ତ୍ରିନାଥ ନାଗ ସଭାପତିତ୍ୱ କରିଥିଲେ ଏବଂ ମୁଖ୍ୟଅତିଥି ଭାବେ ଓଡ଼ିଶା ଜୀବିକା ମିଶନ ଗଜପତିର ପ୍ରକଳ୍ପ ପ୍ରବନ୍ଧକ ତିମନ ବାରା, ଷ୍ଟେଟବ୍ୟାଙ୍କର ପୂର୍ବତନ ମୁଖ୍ୟ ପ୍ରବନ୍ଧକ ନିରଞ୍ଜନ ନନ୍ଦ, ପ୍ରଶିକ୍ଷଣ ଅନୁଷ୍ଠାନର ବରିଷ୍ଠ ପ୍ରଧାପକ ଦିଲୀପ କୁମାର ତନ୍ତୀ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ତାଲିମାର୍ଥୀଙ୍କୁ ନିଜ ନିଜ ବକ୍ତବ୍ୟରେ ବିଭିନ୍ନ ଉଦାହରଣ ଦେଇ ମନଯୋଗ ସହକାରେ ତାଲିମପ୍ରାପ୍ତ ହୋଇ ଭବିଷ୍ୟତରେ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତେ ଯେପରି ଭବିଷ୍ୟତରେ ନିଜେ ଜଣେ ସ୍ୱାବଲମ୍ବୀ ଭାବେ ରୋଜଗାରକ୍ଷମ ଉଦ୍ୟୋଗୀ ହୋଇପାରିବେ ସେନେଇ ପରାମର୍ଶ ଦେଇଥିଲେ। ଏହି ସଭାରେ ପ୍ରଶିକ୍ଷକ ତପନ ଦୋରା ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ପ୍ରାଧାପକ ତଥା ପାଠ୍ୟ ସଂଯୋଜକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ନୂଆଗଡ଼ ବ୍ଲକ ପରିଦର୍ଶନ; କ୍ଷୟକ୍ଷତି ଅନୁଧ୍ୟାନ



ନୂଆଗାଡ, ୮।୧୦(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକକୁ ଜିଲ୍ଲାପାଳ ମଧୁମିତା ଅଚାନକ ପରିଦର୍ଶନ କରି ଗତ ୨ତାରିଖରେ ପ୍ରବଳ ବର୍ଷାରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ବର୍ଷା ଯୋଗୁଁ ବ୍ଲକରେ ଅନେକ ଚାଷ ଜମିରେ ପାଣି ମାଡ଼ିଯାଇ ଫସଲ, ଘର, ରାସ୍ତା ଘାଟ ନଷ୍ଟ ହୋଇଛି। ନଷ୍ଟ ହୋଇଥିବା ସ୍ଥାନର କିଭଳି ପୁନରୁଦ୍ଧାର କରାଯାଉଛି ତାହା ତଦାରଖ ସହ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଥିଲେ। ଅଙ୍ଗନାବାଡି କେନ୍ଦ୍ର, ସ୍କୁଲ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଇଥିଲେ। ପ୍ରଥମେ ତିତିସିଂ ପଞ୍ଚାୟତରେ କ୍ଷତିଗ୍ରସ୍ତ ଚାଷ ଜମି, ଚାଷୀଙ୍କୁ ଭେଟି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ରାସନ ଚାଉଳ ବଣ୍ଟନ କେନ୍ଦ୍ରକୁ ଯାଇ ଚାଉଳର ଉତ୍ତମତା, ହିତାଧିକାରୀ ଠିକ ଭାବେ ପାଉଛନ୍ତି କି ନାହିଁ ନିରୀକ୍ଷଣ କରିଥିଲେ। ଖଜୁରୀପଦା ଅଙ୍ଗନାବାଡ଼ି କେନ୍ଦ୍ରରେ ରନ୍ଧନ ଖାଦ୍ୟ, ଦୋଘରିଆ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ପାଠପଢ଼ା, ନୂଆଗଡ଼ ସ୍ୱାସ୍ଥକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟସେବା ଏବଂ ନିର୍ମିତ ନୂତନ କୋଠା ବୁଲି ଦେଖିଥିଲେ। ନୂତନ କୋଠା କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ତହସିଲ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାପାଳ ବର୍ଷାରେ କ୍ଷୟକ୍ଷତି ସମ୍ପର୍କରେ, ବ୍ଲକ କାର୍ଯ୍ୟାଳୟର ବର୍ଷାରେ କ୍ଷତି ହୋଇଥିବା ସ୍ଥାନର ପୁନରୁଦ୍ଧାର କାର୍ଯ୍ୟର ବିବରଣୀ ଦେଖିଥିବା ସୂଚନା ମିଳିଛି। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ବିଡିଓ ଲୋକନାଥ ଶବର, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନୃସିହ ଚରଣ ମିଶ୍ର, ବିଭିନ୍ନ ବିଭାଗର କର୍ମଚାରୀ, ଅଧକ୍ଷା ସମେତ କିଛି ଜନପ୍ରତିନିଧି ଉପସ୍ଥିତି ଥିଲେ।

# କପା ଚାଷୀ ପଞ୍ଜୀକରଣ ପ୍ରଚାର ରଥ ଶୁଭାରମ୍ଭ




ପାରଳାଖେମୁଣ୍ଡି, ୮।୧୦(ସମିସ): ଭାରତୀୟ କପା ନିଗମ ଓ ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ପକ୍ଷରୁ କପା ଚାଷୀଙ୍କ ପଞ୍ଜୀକରଣ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ମଧୁମିତା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କପାଚାଷୀଙ୍କ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ଏମଏସପି ଅନୁଯାୟୀ କପା ବିକ୍ରି କରିବାକୁ ଗୁଗୁଲ ପ୍ଲେଷ୍ଟୋର ଏବଂ ଆପଲ ଆଇଓଏସ୍ ପୋଷ୍ଟରେ ଉପଲବ୍ଧ ମୋବାଇଲ୍ ଆପ୍ କପାସ କିଷାନ ମାଧ୍ୟମରେ ଚାଷୀ ନିଜ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ କରିବାର ଶେଷ ତାରିଖ ଆସନ୍ତା ୩୧ ଅକ୍ଟୋବର ରହିଛି। ଏହି ପ୍ରଚାର ରଥ ଜିଲ୍ଲାର ସମସ୍ତ ବ୍ଲକରେ ବୁଲି ବୁଲି ପ୍ରଚାର କରିବ। ପଞ୍ଜୀକରଣ ପାଇଁ ଇଚ୍ଛୁକ ଚାଷୀ ସେମାନଙ୍କ କାଗଜପତ୍ର ଜମି ରେକର୍ଡ, ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯଥାର୍ଥ ପ୍ରମାଣିତ କପା ଫସଲର ରେକର୍ଡ, ଆଧାରକାର୍ଡ, ନିଜ ଫଟୋ ସହିତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ ଓ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରେବତୀ ମୋହନ ରାଉତଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି ଓ ଜିଲ୍ଲା କୃଷି ବିଭାଗୀୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସପ୍ତାହ ପାଳିତ

ପାରଳାଖେମୁଣ୍ଡି, ୮।୧୦(ସମିସ): ଗଜପତି ଜିଲ୍ଲାରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ସାତଟି ରେଞ୍ଜରେ ପାଳିତ ହୋଇଛି। ଚଳିତ ବର୍ଷ ମାନବ-ବନ୍ୟପ୍ରାଣୀ ସହାବସ୍ଥାନ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ଆଧାରିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଶୋଭାଯାତ୍ରା ବାହାରି ଜିଲ୍ଲା ସହର ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ସଚେତନ କରାଇବା ଏବଂ ପ୍ରକୃତି ସହିତ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍କୁଲ ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଏନଜିଓ, ଗ୍ରାମବାସୀ ଏବଂ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ମଧୁମିତା ଯୋଗଦେଇ ସଚେତନତା ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ।



# ୧୦ ଜୁଆଡି ଗିରଫ

ଟିକାବାଲି, ୮।୧୦(ସମିସ): ଫଟିକାବାଲି ଅଞ୍ଚଳରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଗତକାଲି ପୁଲିସ ଚଢ଼ଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ବହୁ ସାମଗ୍ରୀ ଜବତ କରିଛି। ଟିକାବାଲିର ପଠାଣସାହିରେ ଜୁଆଖେଳ ଚାଲିଥିବାବେଳେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପୁଲିସ ରାତିରେ ଚଢ଼ଉ କରିଥିଲା। ସେଠାରୁ ୧୦ ଜଣଙ୍କୁ କାବୁ କରବା ସହ ସେମାନଙ୍କ ନିକଟରୁ ନଗଦ ୧୪ହଜାର ୨ଶହ ଟଙ୍କା, ୪ ମୋବାଇଲ ଫୋନ ଏବଂ ୪ ବାଇକ୍ ଜବତ କରିଥିଲା। ଏ ନେଇ ଟିକାବାଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଖଜୁରୀପଦାରେ ବନ୍ୟପ୍ରାଣୀ ସପ୍ତାହ

ନୂଆଗଡ଼, ୮।୧୦(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବନଖଣ୍ଡ ଅନ୍ତର୍ଗତ ରା.ଉଦୟଗିରି ବନାଞ୍ଚଳର ଖଜୁରୀପଦାରେ ୭୧ ତମ ବନ୍ୟ ପ୍ରାଣୀ ସପ୍ତାହ ପାଳନ ହୋଇଥିଲା। ଏଥିରେ ଜିଲ୍ଲାପାଳ ମଧୁମିତା, ବିଡିଓ ଲୋକନାଥ ଶବର ସମେତ ଖଜୁରୀପଦା ବନପାଳ ବିଜୟ କୁମାର ମହାରଣା, ନୂଆଗଡ଼ ବନପାଳ ଅଭିରାମ କାର୍ଜି ଏବଂ ବନରକ୍ଷୀ, ପାରା ଫରେଷ୍ଟ ଜଗୁଆଳି ସମେତ ବିଭିନ୍ନ ଗ୍ରାମରୁ ବନ ସୁରକ୍ଷା ସମିତି ସଭ୍ୟ ଉପସ୍ଥିତ ଥିଲେ। ବନଖଣ୍ଡ କାର୍ଯ୍ୟାଳୟରୁ ସଚେତନତା ରାଲି ବାହାରି ବନ୍ୟଜନ୍ତୁ ସୁରକ୍ଷା ଜୀବନ ରକ୍ଷା ପ୍ଲାକକାର୍ଡ ହାତରେ ଧରି ବନ୍ୟପ୍ରାଣୀର ବିଭିନ୍ନ ସୁରକ୍ଷା ସ୍ଲୋଗନ ଦେଇ ବଜାର, ସପ୍ତାହିକ ହାଟ ଏବଂ ଦୋଘରୀୟା ପର୍ଯ୍ୟନ୍ତ ପରିକ୍ରମା କରି ଲୋକଙ୍କୁ ସଚେତନ କରାଯାଇଥିଲା।

# ଲଗାଣ ବର୍ଷାରେ ଭାଙ୍ଗିଲା ବ୍ଲକ ପାଚେରି



ଟିକାବାଲି, ୮।୧୦(ସମିସ): ଟିକାବାଲି ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଛି। ଲଗାତାର ବର୍ଷା କାରଣରୁ ଗତକାଲି ବ୍ଲକର ପାଚେରୀର ଏକ ବୃହତ ଅଂଶ ଭୁଶୁଡ଼ି ପଡ଼ିଛି। ପାଚେରୀ ଭାଙ୍ଗିବା ଯୋଗୁଁ ତାହାର ନିକଟରେ ଲାଗିଥିବା ଏକ ଲୁହାରେ ନିର୍ମିତ ବିଜ୍ଞାପନ ଫଳକ ମଧ୍ୟ ଭାଙ୍ଗି ପଡ଼ିଛି। ପାଚେରୀ ଭାଙ୍ଗିବା ପରେ ସୁରକ୍ଷାଜନିତ ସମସ୍ୟା ଉପୁଜିବାର ଆଶଙ୍କା ଥିବାରୁ ତଥା ଅନ୍ୟାନ୍ୟ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ଭାଙ୍ଗିଯାଇଥିବା ଅଂଶର ତୁରନ୍ତ ନିର୍ମାଣ କରିବାକୁ ବ୍ଲକ ପ୍ରଶାସନ ନିକଟରେ ଦାବି ହେଉଛି।

# କାଲୁମାହାରେ ଚତୁର୍ଥ ଜପମାଳାର ରାଣୀ ପର୍ବ



ରାଇକିଆ, ୮।୧୦(ସମିସ): ରାଇକିଆ କ୍ୟାଥୋଲିକ ଧର୍ମାଞ୍ଚଳର କାଲୁମାହାରେ ବୁଧବାର ଚତୁର୍ଥ ଜପମାଳାର ରାଣୀ ପର୍ବ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ରାଇକିଆ ଚର୍ଚ୍ଚ ମୁଖ୍ୟ ଧର୍ମ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ, ମନୋରଞ୍ଜନ ସିଂ, ଧର୍ମ ଯାଜକ ପ୍ରଦୀପ ବେହେରା, ଯାଜକ ମାଇକେଲ ବେହେରା, ଯାଜକ ଦିବ୍ୟ ରଞ୍ଜନ ଦିଗାଳ, ଯାଜକ ପୁରୁଷୋତ୍ତମ ନାୟକଙ୍କ ସହ ସେବାଭଗ୍ନୀ ସମୂହ ଉପସ୍ଥିତ ଥିଲେ। ପରେ ସ୍ୱତନ୍ତ୍ର ଦିବ୍ୟଯଜ୍ଞର ଆୟୋଜନ କରାଯାଇ ପବିତ୍ର ବାଇବେଲ ପଠନ କରି ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପାହାଡ଼ ଶିଖର ଉପରେ ନବ ନିର୍ମିତ ଯୀଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମାନେଶ୍ୱର ଦିଗାଳ ଯୋଗଦେଇ ବାକ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅକ୍ଷୟ ପ୍ରଧାନ, ବିନୟ ସଭାସୁନ୍ଦର ଓ ରଶ୍ମିରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ଓଡ଼ିଶାର ସୁନାମଧନ୍ୟ ସୁସମାଚାର ଗାୟକ ଅମିତ୍ ପାଣି ଖ୍ରୀଷ୍ଟୀୟ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ମଣ୍ଡଳୀରୁ ଯୁବ ଗୋଷ୍ଠୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିଚାଳନା ପରିଷଦ କମିଟି ସଭାପତି ଜୟାନନ୍ଦ ନାୟକ ପରିଚାଳନା କରିଥିଲେ। ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବହୁ ସଂଖ୍ୟକ ଖ୍ରୀଷ୍ଟ ବିଶ୍ୱାସୀ ଏବଂ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ● କାଶୀନଗର ମତ୍ସ୍ୟଜୀବୀ ସମବାୟ ସମିତି

# ଏନ୍. ବୁଡୁ ସଭାପତି ଓ ଏନ୍. ସତୀଶ ସମ୍ପାଦକ


କାଶୀନଗର, ୮।୧୦(ସମିସ): କାଶୀନଗର ଭେଙ୍କଟଶ୍ୱର ମଣ୍ଡପରେ ବୁଧବାର ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ସମ୍ପାଦକ ଚୟନ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମବାୟ ସମିତି ସଭାପତି ଭାବେ ନେମାଲାପୁରି ବୁଡୁ ଓ ସମ୍ପାଦକ ଭାବେ ନେମଲାପୁରି ସତୀଶଙ୍କୁ ଚୟନ କରାଯାଇଛି। କାଶୀନଗର ସହରରେ ୬୦ ମତ୍ସ୍ୟଜୀବୀ ପରିବାର ବସବାସ କରିଥିବା ବେଳେ ସେମାନେ ଜୀବନଯାପନ ପାଇଁ ବିଭିନ୍ନ ପୋଖରୀ, ନଦୀ ଉପରେ ନିର୍ଭର କରନ୍ତି। ବହୁବର୍ଷ ହେଲା ଏଠାରେ ବସବାସ କରିଥିବା ମତ୍ସ୍ୟଜୀବୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ବିଭିନ୍ନ ସମସ୍ୟାକୁ ନେଇ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି, ସମ୍ପାଦକ ଚୟନ କରିଥିବା ଉପସ୍ଥିତ ସଦସ୍ୟ କହିଛନ୍ତି। ବହୁ ବର୍ଷ ଧରି ସ୍ଥାନୀୟ ବ୍ୟକ୍ତି ହୃଷୀକେଶ ଗୌଡ଼ ଉକ୍ତ ସମବାୟ ସମିତି ସମ୍ପାଦକ ରହି ଆସୁଥିଲେ। ସେ ଠିକ୍ ଭାବେ ଉକ୍ତ ସମିତିକୁ ପରିଚାଳନା କରୁନଥିବା ନେଇ ଅଭିଯୋଗ ହୋଇଥିବା ବେଳେ କିଛି ମାସ ପୂର୍ବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ କାଶୀନଗର ଏନ୍ଏସି ଅଧକ୍ଷାଙ୍କ ଉପସ୍ଥିତିରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ହୃଷୀକେଶ ଗୌଡ଼ ନିଜେ ନିଷ୍କ୍ରିୟ ରହିଥିବା କହିବା ସହ ସମିତି ପରିଚାଳନା ନଥି କାଗଜପତ୍ର ଫେରାଇବେ ବୋଲି କହିଥିଲେ। କିନ୍ତୁ ବର୍ତ୍ତମାନ ବୈଠକ ପୂର୍ବରୁ ସେ ଇସ୍ତଫା ଦେଇଥିବା ନେଇ ଗୋଷ୍ଠୀ ସଦସ୍ୟ କହିଛନ୍ତି। ଗଞ୍ଜାମ-ଗଜପତି ଜିଲ୍ଲା ସମବାୟ ସମିତି ସବ୍‌ରେଜିଷ୍ଟ୍ରାର ହେମନ୍ତ କୁମାର ମହାରଣା, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିନୋଦ ଚନ୍ଦ୍ର ନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ଓ ଯୁବ ଆଇନଜୀବୀ ଏମ୍ ପ୍ରବୀଣ କୁମାରଙ୍କ ଉପସ୍ଥିତିରେ ସଭାପତି ସମ୍ପାଦକ ଚୟନ କରାଯାଇଥିଲା। ୧୫୦ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ଉପସ୍ଥିତିରେ ସଭାପତି ଭାବେ ଏନ. ବୁଡୁ ଓ ସମ୍ପାଦକ ଭାବେ ଏନ୍. ସତୀଶ କୁମାରଙ୍କୁ ଚୟନ କରାଯାଇଥିଲା।



# ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର 'କଳିମାହା ଜଳପ୍ରପାତ'

## ପ୍ରୋତ୍ସାହନ ମିଳିଲେ ଆକୃଷ୍ଟ ହେବେ ପର୍ଯ୍ୟଟକ

ଜି.ଉଦୟଗିରି, ୮।୧୦(ସମିସ)



ପ୍ରାକୃତିକ ସୌନ୍ଦର୍ଯ୍ୟରେ ଖୁନ୍ଦି ହୋଇ ରହିଛି କନ୍ଧମାଳ ଜିଲ୍ଲାର ବହୁ ପର୍ଯ୍ୟଟନ ସ୍ଥଳ। କିଛି ଲୋକଲୋଚନ ଆସିଛି, ଆଉ କେତେ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସେଥିମଧ୍ୟରୁ କାଳିମାହା ଜଳପ୍ରପାତ ଅନ୍ୟତମ। ଏହି ଜଳପ୍ରପାତ ରଟିଙ୍ଗିଆ ପଞ୍ଚାୟତର ଆର୍. ପଡ଼ିକିଆ ଗ୍ରାମ ଠାରୁ ମାତ୍ର ୧ କିଲୋମିଟର ଦୂରରେ ରହିଛି। ଜଳପ୍ରପାତର ଜଳରାଶି ଏକ ପଥର(ବାଘଗୁମ୍ଫା)ରୁ ବାହାରିଛି। ବର୍ଷ ବର୍ଷ ଧରି ଏହି ଜଳଧାରା ନିରନ୍ତର ବହିଚାଲିଛି। କେବଳ ବର୍ଷା ଦିନେ ନୁହେଁ ଶୀତ ଏବଂ ଖରା ଦିନରେ ମଧ୍ୟ ଏହି ଜଳରାଶିରେ ଧାରା ସେହି ପରିମାଣରେ ବହି ଚାଲିଛି। ପଥର ଚଟାଣ ଦେଇ ଆସୁଥିବା ବହୁ ଉଚ୍ଚରୁ ଏହି ଜଳରାଶି ତଳକୁ ପଡ଼ି ସୃଷ୍ଟି କରୁଛି ମନୋରମ ଦୃଶ୍ୟ। ଜଳଧାରା ପଥରରୁ ପଥରକୁ ଖେଳି ଅଙ୍କାବଙ୍କା ଦେହରେ ଆସି ଏକ ପଥର ଗର୍ତ୍ତରେ ଜମା ହେଉଛି। ପରବର୍ତ୍ତୀ ସମୟରେ ଏହି ଗର୍ତ୍ତରୁ ବାହାରି କିଛି ଦୂରରେ ଶୂନ୍ୟ ହୋଇଯାଏ, ଯାହାକୁ ଦେଖି ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥାଆନ୍ତି। ବନ୍ୟଜନ୍ତୁଙ୍କ ପାଇଁ ଏହା ଜଳାଶ୍ରୟ ହୋଇଥିବା ବେଳେ ଏହାର କଳକଳ ଶବ୍ଦ କବି ସାହିତ୍ୟିକଙ୍କ କଲମ ଚାଳନାକୁ ଶକ୍ତି ଦେଉଛି। ଫଟୋ ଉତ୍ତୋଳନ ହେଉ ବା ରିଲ୍ସ ପାଇଁ ମଧ୍ୟ ଏହି ସ୍ଥାନ ଯୁବପିଢ଼ିଙ୍କ ପାଇଁ ବେଶ ପସନ୍ଦ ହୋଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେବା ପରେ ଲୋକପ୍ରିୟ ହେବାରେ ଲାଗିଛି। ବର୍ଷା ଦିନେ ଏହା ପାଖାପାଖି ୧ କିଲୋମିଟର ପର୍ଯ୍ୟନ୍ତ ଏକ ବଡ଼ ଜଳ ଧାରାରେ ବୋହିଥାଏ। ଏହାର ଚତୁଃପାର୍ଶ୍ୱରେ ଆମ୍ବ ଗଛ ପରିପୂର୍ଣ୍ଣ ଥିବାବେଳେ ଯୁବବର୍ଗ ବଣଭୋଜି କରିବାକୁ ପସନ୍ଦ କରିଥାନ୍ତି। ଆଦିବାସୀ ଏହି ସ୍ଥାନ ଦେଇ ଜଙ୍ଗଲକୁ ଯିବାଆସିବା କରିବା ବେଳେ ଏଠାରେ ବିଶ୍ରାମ ନେଇ ଏଠିକାର ଝରଣା ପାଣି ପିଇ ନିଜର କ୍ଲାନ୍ତକୁ ଭୁଲିଯାଆନ୍ତି। ଏହାର ପାଣି ସ୍ୱାସ୍ଥ୍ୟକର ଓ ସ୍ନାନ କଲେ ରୋଗ ମୁକ୍ତ ସହ ଚର୍ମରେ ଚମକ ଆସେ ବୋଲି ଗ୍ରାମର ପୁରୁଖା ଲୋକେ କହିଛନ୍ତି। ଏହି ସ୍ଥାନକୁ ସରକାରଙ୍କ ଦୃଷ୍ଟି ଦେଇ ଏହାର ସୁରକ୍ଷା ବ୍ୟବସ୍ଥା କଲେ ପ୍ରଚାରକଲେ ଅଧିକ ଲୋକଙ୍କ ଆଗମନ ଓ ଗ୍ରାମବାସୀଙ୍କ ଆର୍ଥିକ ବିକାଶ ହୋଇପାରିବ ବୋଲି ରଟିଙ୍ଗିଆ ପଞ୍ଚାୟତର ସାଧାରଣ ନାଗରିକ କମିଟି ପକ୍ଷରୁ କୁହାଯାଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ ସବୁଠି ଉତ୍ସବମୁଖର









## ପଧାନ ପାଲି

ବରଗଡ଼, ୮।୧୦(ସମିସ): ବରଗଡ଼ ବ୍ଲକ ଅଧୀନ ପଧାନପାଲି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଛି। ପୂଜା ପାଇଁ ଶ୍ରୀ ବାଲୁଙ୍କେଶ୍ୱର ବାବା ମନ୍ଦିର ପାଖ କେନାଲ ଠାରୁ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ ଓ ଅଧିବାସ କର୍ମ ଅନୁଷ୍ଠିତ ହୋଇଛି। ଏହା ପରେ ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବତା ପୂଜା, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ହୋମ, ଆରତି, ପୁଷ୍ପାଞ୍ଜଳୀ ଆଦି ଅନୁଷ୍ଠିତ ହୋଇଛି। ପୂଜାରେ କର୍ତ୍ତା ଭାବେ ଶୁକ୍ଳାଚାର୍ଯ୍ୟ ଖମାରୀ ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳୀ ଖମାରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ପଦ୍ମନ ଖମାରୀ, ଭାରତ ପଧାନ, ଜଟାଧାରୀ ଭୋଇ, କେଶବ ପୋଢ଼, ନୀରନ ଖମାରୀ, ସୁଧାଂଶୁ ସାହୁ, ପ୍ରଦୀପ ଖମାରୀ, ପ୍ରକାଶ ପଧାନ, ପଞ୍ଚାନନ ଖମାରୀ, ଭାଗବତ ପଧାନ, ଭଗବାନ ନାୟକ, ଗଣେଶ ବାରିକ ସାମିଲ ହୋଇଥିଲେ।

## ଉଦେପାଲି

ଅମ୍ବାଭୋନା: ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନରେ ଥିବା ଉଦେପାଲି ଗାଁରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଓ କଳସ ଯାତ୍ରା ଧାର୍ମିକ ଉତ୍ସାହ, ଭକ୍ତି ଓ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଗାଁର ମଙ୍ଗଳ, ସମୃଦ୍ଧି ଓ ଆସ୍ଥା ପାଇଁ ଆୟୋଜିତ ଏହି ପୂଜାରେ ଶତାଧିକ ଭକ୍ତ ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଲେଥେର ଗାଁ ସମ୍ପ୍ରଦାର ନୃତ୍ୟ ଓ ଗାନ ଏହି ଉତ୍ସବକୁ ଆହୁରି ଆକର୍ଷଣୀୟ କରିଦେଇଥିଲା। ପୂଜାର ମୁଖ୍ୟ ପଣ୍ଡିତ ଅଶୋକ ଦାଶ, ସହପଣ୍ଡିତ ଗଙ୍ଗାରାମ ଦାଶ ଓ ଦିଲ୍ଲୀପ ଦାଶ ଯଜ୍ଞକାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ କୃଷ୍ଣ ଚନ୍ଦ୍ର ପଧାନ ଓ ସହଧର୍ମିଣୀ ପୁଷ୍ପାଞ୍ଜଳି ପଧାନ, ଭଗବାନ ପଧାନ ଓ ତପସ୍ୱିନୀ ପଧାନ, ଟେକମଣୀ ଦୁଆନ ଓ ହିରାବତୀ ଦୁଆନ, ଟେକଚନ ଦୁଆନ ଓ ରାଧିକା ଦୁଆନ ଏବଂ କୃଷ୍ଣ ଭୁଏ ଓ କସ୍ତୁରୀ ଭୁଏ ଦାୟିତ୍ୱ ତୁଲାଇ ଥିଲେ। ଏହି ଅବସରରେ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲ ମଧ ଯୋଗଦେଇ ମାଁ ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପୂଜା କମିଟିର ସଭାପତି ଓମପ୍ରକାଶ ଭୋଇ, ସମ୍ପାଦକ ଅଜିତ ସା, କୋଷାଧ୍ୟକ୍ଷ ସୋମନାଥ ସାହୁ, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସେଠ ଓ ଉପସଭାପତି ଚୈତନ୍ୟ ପଧାନଙ୍କ ନେତୃତ୍ୱରେ ସମଗ୍ର ଉତ୍ସବ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା।

## ରକ୍ତଦାନ ଶିବିର

ବରଗଡ଼: ବରଗଡ଼ ବ୍ଲକ ଅଧୀନ ଖଣ୍ଡହଥା ପଞ୍ଚାୟତ ଆନ୍ଧ୍ର କେମ୍ପ ଛକ ଠାରେ ଖୁବ ଧୁମ୍‌ଧାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀରାମ ବଣିକ ସଂଘ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗଜଲକ୍ଷ୍ମୀ ପୂଜାର ପଣ୍ଡିତ ଉପେନ୍ଦ୍ର ଦେବତା ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ନାୟକ ନୃତ୍ୟ ପରିବେଷଣ କରିଥିବା କୁନି କୁନି କଳାକାର ମାନଙ୍କୁ ପୁରସ୍କୃତ କରିଥିଲେ। ଶିବିରରେ ମୋଟ ୪୦ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଶ୍ରୀରାମ ବଣିକ ସଂଘର ସମ୍ପାଦକ ରିଙ୍କୁ ସେନ କର, ଜମିଦାର ବିଶ୍ୱାଳ, ଶିବାଶିସ ପ୍ରଧାନ, ନୃପରାଜ ନାଗ, ଶ୍ୟାମ ସୁନ୍ଦର ସାହୁ, ନରେନ ପ୍ରଧାନ ଓ ଅନ୍ୟ ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ଓ ଶ୍ରୀରାମ ବଣିକ ସଂଘର ସଦସ୍ୟ ମାନେ ଶିବିର ପରିଚାଳନା କରିଥିଲେ। ଶ୍ରୀରାମ ବଣିକ ସଂଘ ତରଫରୁ ଛୋଟ ଛୋଟ ଛୁଆ ମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ଓ ଭକ୍ତ ମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ତ୍ରିପୁରା ସୁହୁଲା, ରକ୍ଷ ପାଲ ସାହୁ, ମଦନ ମୋହନ ଦାସ, ସୂତପା ଗଡ଼ତିଆ ଓ ସାଥୀ ପରିଚାଳନା କରିଥିଲେ।

## ମହୁଲପାଲି

ପଦ୍ମପୁର: ପଦ୍ମପୁର ନିକଟସ୍ଥ ମହୁଲପାଲିରେ ୨୪ ତମ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖରେ ଉଦ୍‌ଯାପିତ ହେବା ସୂଚନା ରହିଛି। ପ୍ରତ୍ୟହ ପୁରାଣପାଠ, ଆଳତି, ପୁଷ୍ପାଞ୍ଜଳି ବିଧି ପୂର୍ବକ ପୂଜାକାର୍ଯ୍ୟ ଅନୁଷ୍ଠିତ ହେଉଥିବା ବେଳେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପୂଜା କର୍ତ୍ତା ଭାବେ ହିମାଂଶୁ ସାହୁ, ଡଳି ସାହୁ ଓ ପୂଜା କାର୍ଯ୍ୟ ନବୀନ ଦାଶ ତୁଲାଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ବୀରେନ୍ଦ୍ର ସାହୁ, ଉପସଭାପତି ରାଜ ବେହେରା, କୋଷାଧ୍ୟକ୍ଷ ମାଧବ ସାହୁ ସମ୍ପାଦକ ବିଭୀଷଣ ସାହୁ, ଉପସମ୍ପାଦକ ଦୟାନିଧି ସାହୁ, ଉପ କୋଷାଧ୍ୟକ୍ଷ ଜନ୍ମେଞ୍ଜୟ ବାରିକ, ଉପଦେଷ୍ଟା ତୋଷବନ୍ତ ସାହୁ, ହରିଶ୍ଚନ୍ଦ୍ର ଧରୁଆ, ବଲ୍ଲଭ ସାହୁ, କବିରାଜ ବେହେରା ସମେତ ସଦସ୍ୟ ଗଣ ସହଯୋଗ କରୁଛନ୍ତି। ଏହି ଅବସରରେ ବୁଧବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ପଦ୍ମପୁର ଥାନା ଆଇଆଇସି ମମତା ନାଏକ, ପଦ୍ମପୁର ଲାୟନ୍ସ କ୍ଲବ୍ ସଭାପତି ପ୍ରିତମ ମେହେର, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଉଦ୍‌ଘାଟନ କରିଥିଲେ।

## ଭେଡେନ ମାଁ ସମଲେଶ୍ୱରୀଙ୍କ ବଏଲ ଯାତ୍ରା

ଭେଡେନ, ୮।୧୦(ସମିସ): ଭେଡେନ ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ବଏଲ ଯାତ୍ରା ଅନୁଷ୍ଠିତ ହୋଇଛି। ପୂଜକ ଭାବେ ଅରକ୍ଷିତ ଧରୁଆ ଦାୟିତ୍ୱ ତୁଲାଉଥିବା ଥିବା ବେଳେ ତାଲଗାଁର ଝଙ୍କାର ଭାବେ ଜନାର୍ଦ୍ଦନ ବାରିହା, ସେବାକାରୀ ଭାବେ ନରୋତ୍ତମ



ମହାକୁର ବରୁଆ ଈଶ୍ୱର ଧରୁଆ ଦାୟିତ୍ୱ ତୁଲାଇଥିଲେ। ମନ୍ଦିରରେ ବିଧିବଦ୍ଧ ଭାବରେ ପୂଜାର୍ଚ୍ଚନା ପରେ ବରୁଆ ଭେଡେନ ସ୍ଥିତ ଜମିଦାରଙ୍କ ରାଜବାଟୀ ପ୍ରାଙ୍ଗଣରେ ଥିବା ମାଁ ଦୁର୍ଗା ପୀଠକୁ ଯାଇ ସେଠାରେ ସମସ୍ତଙ୍କ ଗୁହାରି ଶୁଣିଲା ପରେ ଗାଁଦେବୀ ମନ୍ଦିରକୁ ଯାଇଥିଲେ। ପରେ ବରୁଆ ଭେଡେନ ଗାଁ ପରିକ୍ରମା କରିଥିଲେ। ବରୁଆ ମାଁ ସମଲେଶ୍ୱରୀ ମନ୍ଦିର ପ୍ରତ୍ୟାବର୍ତ୍ତନ ପରେ ସନ୍ଧ୍ୟାରେ ବଏଲ ଯାତ୍ରା ସମ୍ପନ୍ନ ହୋଇଥିଲା। ମାଁଙ୍କ ଦର୍ଶନ ପାଇଁ ମନ୍ଦିର ପ୍ରାଙ୍ଗଣରେ ପ୍ରବଳ ଜନସମାଗମ ହୋଇଥିଲା। ଭେଡେନ ଜମିଦାରଙ୍କ ଦାୟଦ ଅଶୋକ ସିଂ, ଅଭୟ ସିଂ, ଭରତ ସାହୁ, ଗୋପାଳ ଅଗ୍ରୱାଲ, ଓମ ପ୍ରକାଶ ମେହେର, ସନ୍ତୋଷ ମେହେରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଣା ପ୍ରତାପ ସ୍କୁଲରେ ବନ୍ୟପ୍ରାଣୀ ସପ୍ତାହ

ବରଗଡ଼, ୮।୧୦(ସମିସ): ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ୭୧ ତମ ବନ୍ୟ ପ୍ରାଣୀ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ବନ୍ଧୁ ଡ.ଡୋଳାମଣି ଶତପଥୀ ଯୋଗ ଦେଇଥିଲେ। ବନ୍ୟପ୍ରାଣୀ ଓ ତାଙ୍କର ସୁରକ୍ଷା କିପରି କରାଯାଇ ପାରିବ ସେଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଲୁମ୍ନି ସଦସ୍ୟ କପିଳ ବାଗ, ଶିକ୍ଷକ ଅଭିଭାବକ ସଂଘର ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ ଯୋଗ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସୀମା ବିଶ୍ୱାସ, ଜ୍ୟୋତି ବେହେରା, ସୀମା ଭୋଇ ସୁନୀତା ମିଶ୍ର, ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନତା ହାଇସ୍କୁଲରେ ବନ୍ୟପ୍ରାଣୀ ସପ୍ତାହ



ଅମ୍ବାଭୋନା, ୮।୧୦(ସମିସ): ବନ୍ୟପ୍ରାଣୀ ଓ ସେମାନଙ୍କର ଆଶ୍ରୟସ୍ଥଳୀର ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ସ୍ଥିତ ଜନତା ହାଇସ୍କୁଲରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ବନ୍ୟପ୍ରାଣୀ ସଂରକ୍ଷଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଏବଂ ୟୁଥ୍ ଆଣ୍ଡ ଇକୋ କ୍ଲବ୍‌ର ସଦସ୍ୟଙ୍କ ସମେତ ଶିକ୍ଷକ ଶ୍ରୀପତି ସାହୁ, ଅଙ୍କିତ ମହନ୍ତ, ସୁବାସ ଚନ୍ଦ୍ର ଖମାରୀ, ଆଶୁତୋଷ ଭୋଇ, ଅମୂଲ୍ୟ ଭୋଇ, ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।

● ଡ୍ରିମ୍ ସେଣ୍ଟର ଏଜୁକେଶନାଲ ହଷ୍ଟେଲ ବନ୍ଦ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଛାତ୍ରଛାତ୍ରୀ



ବରଗଡ଼, ୮।୧୦(ସମିସ): ଆର୍ଥିକ ଅନୁନ୍ନତ ପରିବାରର ଶିଶୁମାନଙ୍କୁ ପାଠ ପଢ଼ାଇ ଜୀବନରେ ଆଗକୁ ବଢ଼ିବା ପାଇଁ ସହଯୋଗର ହାତ ବଢ଼ାଉଥିବା ବହୁଗୁଡାଏ ସଂସ୍ଥା ରହିଛି ତନ୍ମଧ୍ୟରୁ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା ଠାରେ ଥିବା ବରଗଡ଼ ଡ୍ରିମ୍ ସେଣ୍ଟର ଏଜୁକେଶନାଲ ହଷ୍ଟେଲ ଅନ୍ୟତମ ଅଟେ। ଏହି ହଷ୍ଟେଲରେ ପ୍ରାୟ ୧୨୦ଜଣ ଛାତ୍ରଛାତ୍ରୀ ମାଗଣା ରହି ପାଠ ପଢ଼ିବା ସହ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ବିଗତ ୨୩ ସେପ୍ଟେମ୍ବରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଚିଠି ମାଧ୍ୟମରେ ଏହି ଡ୍ରିମ ସେଣ୍ଟର ଏଜୁକେଶନାଲ ହଷ୍ଟେଲକୁ ଅବୈଧ ଘୋଷଣା କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ। ଯାହାକି ଛାତ୍ର ଛାତ୍ରୀ ତଥା ଅଭିଭାବକଙ୍କୁ କୁଠାରଘାତ ଲାଗିଛି। ଏହି ମର୍ମରେ ବୁଧବାର ହଷ୍ଟେଲର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଜିଲ୍ଲାପାଳଙ୍କୁ ଭେଟି ହଷ୍ଟେଲ ବନ୍ଦ ନ କରି ପୁନଃ ପ୍ରଚଳନ ପାଇଁ ଦାବି କରିଥିଲେ। ଯଦିଓ ଏହି ହଷ୍ଟେଲ ଅବୈଧ ଭାବରେ ଚାଲୁଥିଲା ତେବେ ଏତେଦିନ ଧରି ପ୍ରତିବର୍ଷ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଆବେଦନକୁ ଖାରଜ ନକରି କାହିଁକି ଚଳିବାକୁ ଦେଇଥିଲେ। ବର୍ତ୍ତମାନ ଚଳିତ ବର୍ଷର ପାଠ୍ୟକ୍ରମର ଅଧା ଶେଷ ହୋଇ ସାରିଥିବା ବେଳେ ହଷ୍ଟେଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଭବିଷ୍ୟତ ଅନ୍ଧାରମୟ ହେବାର ଆଶଙ୍କା ରହିଛି। ଏଥିପାଇଁ କିଏ ହେବେ ଦାୟୀ ବୋଲି ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ରାଜେଶ ଦାସଙ୍କ ମୃଦଙ୍ଗରେ ଗାଁ ମାଟିର ସୁଗନ୍ଧ



ବିଜେପୁର, ୮।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଯୋଖିପାଲି ଗାଁର ଯୁବ କଳାକାର ରାଜେଶ ଦାସ ନିଜ ମୃଦଙ୍ଗ ଶବ୍ଦରେ ଗାଁ ମାଟିର ସୁଗନ୍ଧ ଓ ସଂସ୍କୃତିର ଚିହ୍ନକୁ ଜୀବନ୍ତ ରଖିଛନ୍ତି। କରମସାନୀ ବାୟକ ରୂପେ ସେ ବରଗଡ଼ ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ବାପା କ୍ଷୀରେଶ୍ୱର ଦାସ, ମା' ସୁରୁଚି ଦାସ, ବଡ ଭାଇ ଅଶ୍ୱିନୀ ଦାସ ଏବଂ ସାନଭାଇ କ୍ରିଷ୍ଣା ଦାସଙ୍କ ସମେତ ପରିବାର ବର୍ଗଙ୍କ ପ୍ରେରଣା ତାଙ୍କୁ ସଫଳତା ଦେଇଛି। ବର୍ତ୍ତମାନ ତାଙ୍କର ବରଗଡ଼, ବଲାଙ୍ଗିର, ସୋନପୁର, ଛତିଶଗଡ଼ ସମେତ ବିଭିନ୍ନ ଅଞ୍ଚଳରେ ସଙ୍କୀର୍ତ୍ତନ ଓ କରମସାନୀ ବାୟକ ଭାବେ ତାଙ୍କ ଖ୍ୟାତି ରହିଛି। ସେ ନିଜ କଳା ଦ୍ୱାରା ଗାଁ ମାଟିର ସଂସ୍କୃତିକ ଏବଂ ଧାର୍ମିକ ପରମ୍ପରାକୁ ଜୀବନ୍ତ ରଖିବାକୁ ଚେଷ୍ଟାରତ। ରାଜେଶ କହିଛନ୍ତି, "ମୃଦଙ୍ଗ କେବଳ ଗୀତ ଓ ସଙ୍ଗୀତ ଯନ୍ତ୍ର ନୁହେଁ, ଏହା ଗାଁର ଆତ୍ମା ଓ ପରମ୍ପରାର ଅଂଶ।" ଏହି ଐତିହ୍ୟର ଅସ୍ତିତ୍ୱ ହଜି ନ ଯିବା ପାଇଁ ସେ ଯୁବପିଢ଼ିଙ୍କୁ ଏହି ପାରମ୍ପରିକ କଳା ଶିଖିବାକୁ ପ୍ରେରିତ କରୁଛନ୍ତି। ଭବିଷ୍ୟତରେ ନିଜର ଏକ ବାୟକ ଦଳ ଗଠନ କରି ଏହି ମୃଦଙ୍ଗ କଳାକୁ ରାଜ୍ୟ ସୀମା ପାର କରାଇ ଦେଶବ୍ୟାପୀ ପ୍ରଚାର କରିବାକୁ ଚାହୁଁଛନ୍ତି।

## ନିଶାମଣି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




ବରଗଡ଼, ୮।୧୦(ସମିସ): ସ୍ଥାନୀୟ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ବରଗଡ଼ରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଆୟୋଜିତ ହୋଇଛି। ପ୍ରଧାନଶିକ୍ଷକ ଡ.ସଙ୍ଗୀତା ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଡକ୍ଟର ସୁରେନ୍ଦ୍ର ସାହୁ। ପଞ୍ଚାୟତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ.କିଶୋର ନାୟକ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଶ୍ୱଜିତ ସାହୁ ତଥା ଏଡିଇଓ ରଞ୍ଜନ ଦଣ୍ଡସେନା ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ୨୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ରରେ ଭାଗନେବାକୁ ମନୋନୀତ ହୋଇଥିଲେ। ସନ୍ତୋଷୀ ଅଗ୍ରୱାଲ, ମନୀଷା ସାହୁ, ସଞ୍ଜୁରାଣୀ ଦେବତା, ମନୋହର ସାହୁ ଆଦିଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

● ନକଲି ଜାତି ପ୍ରମାଣପତ୍ର ମାମଲା

## ଜବତ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ସାଂସଦଙ୍କ ମୁଖ୍ୟ ସଚିବଙ୍କୁ ପତ୍ର

ପଦ୍ମପୁର, ୮।୧୦(ସମିସ): ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ରାଜ୍ୟସ୍ତରୀୟ ଯାଞ୍ଚ କମିଟି ସମ୍ମୁଖରେ ପଡ଼ି ରହିଥିବା ନକଲି ଜାତି ପ୍ରମାଣପତ୍ର ମାମଲାଗୁଡିକର ତୁରନ୍ତ ଏବଂ ସମୟ ମଧ୍ୟରେ ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ୨୦୦୮ରୁ ବରଗଡ଼, ବଲାଙ୍ଗିର, ସୋନପୁର, ସମ୍ବଲପୁର, ସମେତ ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ୩୭୦ରୁ ଅଧିକ ମାମଲା ବିଚାରଧୀନ ଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ସମସ୍ତ ବିଚାରାଧୀନ ମାମଲାର ଶୀଘ୍ର ସମାଧାନ ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରିବାକୁ ମୁଖ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ବିଭାଗ ଉତ୍ତର (ସମ୍ବଲପୁର), ଦକ୍ଷିଣ (ବରହମପୁର) ଏବଂ ମଧ୍ୟ (କଟକ) ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ସମାନ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି।

## ଡ.ପୂର୍ଣ୍ଣେନ୍ଦୁ ମିଶ୍ର ବିପିୟୁଟି ବୋର୍ଡ ଅଫ ମ୍ୟାନେଜମେଣ୍ଟର ସଦସ୍ୟ



ବରଗଡ଼, ୮।୧୦(ସମିସ): ବରଗଡ଼ର ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକ୍ନୋଲୋଜିର ବୋର୍ଡ ଅଫ ମ୍ୟାନେଜମେଣ୍ଟର ସଦସ୍ୟ ପାଇଁ ମନୋନୀତ ହୋଇଛନ୍ତି। ବିପିୟୁଟିର ୪୫ ତମ ଏକାଡେମିକ କାଉନସିଲ ମିଟିଂରେ ବିପିୟୁଟି ଅଧୀନସ୍ଥ ସମସ୍ତ କଲେଜର ଅଧ୍ୟକ୍ଷ ମାନଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି। ବିପିୟୁଟିର କୁଳପତି ପ୍ରଫେସର ଅମୀୟ ରଥ ଏଥିପାଇଁ ଡ. ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡ.ମିଶ୍ର ୨୦୨୬ ଜୁନ ୨ ତାରିଖ ପର୍ଯ୍ୟନ୍ତ ବୋର୍ଡ ଅଫ ମ୍ୟାନେଜମେଣ୍ଟର ସଦସ୍ୟ ରହିବେ। ଏହି ସଫଳତା ପାଇଁ ଲକ୍ଷ୍ମୀବିକାଶ ଗ୍ରୁପର ଚେୟାରମ୍ୟାନ ଡି.ନାଗେଶ୍ୱର ରାଓ ଓ ବିକାଶ ଅନୁଷ୍ଠାନର ସମସ୍ତ ପ୍ରଶାସନିକ ଅଧିକାରୀ, ଅଧ୍ୟକ୍ଷ, ଉପାଧ୍ୟାକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ତଥା ଶୁଭେଚ୍ଛୁମାନେ ଡ.ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ପଦ୍ମପୁର, ୮।୧୦(ସମିସ): ପଦ୍ମପୁର ନିକଟସ୍ଥ ମହୁଲପାଲି ଗାଁର ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ସାହୁଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଛି। ପ୍ରାୟ ଏକ ବର୍ଷ ଧରି ଅସୁସ୍ଥ ଥିଲେ। ଗତ ସୋମବାର ପ୍ରଥମେ ପଦ୍ମପୁର ଓ ପରେ ବରଗଡ଼ ସ୍ଥିତ ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶେଷରେ ବୁଧବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ସମୟରେ ତାଙ୍କ ପତ୍ନୀ, ପୁଅ, ଝିଅ ଓ ଅନ୍ୟ ପରିଜନ ଉପସ୍ଥିତ ଥିଲେ। ତାଙ୍କ ନିଧନରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

● ସୁପ୍ରିୟା ସ୍ମାରକୀ ଆନ୍ତଃକ୍ଲବ୍ ନକ ଆଉଟ୍ ଫୁଟବଲ

## କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବରାହଗୋଡା ବିଜୟୀ

ବରଗଡ଼, ୮।୧୦(ସମିସ): ବରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବରାହଗୋଡା ଦଳ-ମହୁଲେଦଳକୁ ହରାଇ ବିଜୟୀ ହୋଇଛି।



ନିର୍ଦ୍ଧାରିତ ସମୟ ମଧ୍ୟରେ ବରାହଗୋଡା ଦଳ ଆକ୍ରମଣ ଜାରି ରଖି ମ୍ୟାଚ୍‌କୁ ୩-୦ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ଉତ୍ତର ପ୍ରଧାନ, ଅଙ୍କୁଶ ପ୍ରଧାନ ଓ ଚନ୍ଦନ ପ୍ରଧାନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ମ୍ୟାଚ୍‌କୁ ଦିପେଶ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ ରେ ଗୋପାଳ ନାୟକ, ସଚିନ ଭୁଏ ସହଯୋଗ କରିଥଲେ। ଚତୁର୍ଥ ରେଫରି ଥିଲେ ବଣ୍ଟି ସାହୁ। ମ୍ୟାଚ୍ ପରେ ବରାହଗୋଡା ଦଳର ଅନିଲ ସୁନାଙ୍କୁ ରବୀନ୍ଦ୍ର କଲାପି, ସୁଦାମ ପ୍ରଧାନ ଅତିଥି ଭାବରେ ଯୋଗଦେଇ ପୁରସ୍କୃତ କରିଥିଲେ। ଗୁରୁବାର ଦିନ ଗର୍ଭନା ଓ ବଲିଟିକ୍ରା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଉତ୍ତାଲଗଡ଼ ସ୍ପୋର୍ଟିଂର ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଘନାମାଳ ଚାମ୍ପିଅନ

ବିଜେପୁର, ୮।୧୦(ସମିସ)

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଉତ୍ତାଲଗଡ଼ ସ୍ପୋର୍ଟିଂର ୩୦ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିଜେପୁର, କୁଚିପାଲି, ଘାନାମାଳ, ତାଳପଦର, ଲୁହୁରାଚଟି, ମରହାପାଲି, ଡଙ୍ଗାଘାଟ, ଘେଁସ ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ଅମୃତ ଧାରା ନର୍ସିଂହୋମ ଅଧ୍ୟକ୍ଷ ଯଶୋବନ୍ତ ମେହେରଙ୍କ ସମେତ ଅତିଥି ବୃନ୍ଦ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଡଙ୍ଗାଘାଟ ଓ ଘନାମାଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇବେକର ଜରିଆରେ ଘନାମାଳ ବିଜୟଲାଭ କରି ଚାମ୍ପିଅନ ଘୋଷିତ



ହୋଇଥିଲା। ସନ୍ଧ୍ୟାରେ ଖେଳ ଶିକ୍ଷକ ହୃଦମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ସରପଞ୍ଚ କାମିନୀ ପ୍ରଧାନ, ସମିତି ସଭ୍ୟା ସଞ୍ଜୁ ପଧାନ, ଅଧ୍ୟାପକ ସୁଶାନ୍ତ ମିଶ୍ର, ପୂର୍ବତନ ଶିକ୍ଷକ କ୍ଷିରୋଦ୍ର ପ୍ରଧାନ, ବାସୁଦେବ ପ୍ରଧାନଙ୍କ ସମେତ ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରମୋଦ ପଧାନ, ପ୍ରାଣବନ୍ଧୁ ସାହୁ, ଖଗେଶ୍ୱର ସାହୁ, ଅରୁଣ ସାହୁ, ସୁଶାନ୍ତ ସାହୁ, ସତ୍ୟପ୍ରକାଶ ପ୍ରଧାନ, ସନ୍ତୋଷ ପଟେଲ, ମଣ୍ଟୁ ବାଗ, ବଣ୍ଟି ପ୍ରଧାନ, ଶଙ୍କର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉମେଶ ଭୋଇ, ସଞ୍ଜୟ ଭୋଇ, ପିକୁଲ ସାହୁ, ରାଘବ ରଣା, ଆଲୋକ ସାହୁ, ଗାଙ୍ଗୁଲି ବିଶ୍ୱାଳଙ୍କ ସମେତ ଉତ୍ତାଲଗଡ଼ ସ୍ପୋର୍ଟିଂର ସମସ୍ତ ସଦସ୍ୟଙ୍କ ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



### ଉଗ୍ରରୂପ ନେଲା ଭଡ଼ାଟିଆ ଓ ମାଲିକ ବିବାଦ

# ରାତି ଅଧରେ ପିସିଆର୍ କର୍ମଚାରୀଙ୍କୁ ପିଟିଲେ

■ ଅସଦାଚରଣ ଅଭିଯୋଗ ଆଣିଲେ ଭଡ଼ାଟିଆ
■ ୩ ମାମଲା; ୪ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୮।୧୦ (ସମିସ): ଘର ମାଲିକ ଓ ଭଡ଼ାଟିଆ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଛି। ଉଭୟପକ୍ଷ ହାତାହାତି ହୋଇଥିବା ବେଳେ ପୁଲିସ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାଁନ୍ତି। ବୁଝାସୁଝା କରିବାକୁ ଯାଇଥିବା ପିସିଆର ଭ୍ୟାନ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି ଭଡ଼ାଟିଆ। ଏମିତିକି ଘର ମାଲିକ ତାଙ୍କୁ ଅସଦାଚରଣ କରିଥିବା ନେଇ ଭଡ଼ାଟିଆ ମହିଳା ଅଭିଯୋଗ କରିଛନ୍ତି। କଳିଙ୍ଗନଗର କେ୪ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଘର ମାଲିକ ଅରବିନ୍ଦ ମଲ୍ଲିକ (୬୪), ଭଡ଼ାଟିଆ ପ୍ରିୟରଞ୍ଜନ ପାତ୍ର (୨୫), ତା'ର ସାଙ୍ଗ ଭରତ ଭୂଷଣ ସାହୁ (୨୫) ଓ ସୁମିତ କୁମାର ସାହୁ (୨୨)।

ପୁଲିସ ସୂଚନା ଅନୁସାରେ, ପ୍ରିୟରଞ୍ଜନର ପରିବାର କଳିଙ୍ଗନଗର କେ-୪ ଅଞ୍ଚଳରେ ଥିବା ଅରବିନ୍ଦଙ୍କ ଘରେ ଭଡ଼ା ରହୁଥିଲେ। କିଛିଦିନ ପୂର୍ବେ ପ୍ରିୟ ଓ ତା'ର ଏକାଧିକ ସାଙ୍ଗସାଥୀଙ୍କ ସହ ଘରେ ଭୋଜିଭାତରେ ଆସର ଜମାଇଥିଲେ। ଅଧିକ ଲୋକଙ୍କ ରହିବା ଓ ଘର ଭଡା ବାବଦରେ ଟଙ୍କା ନ ଦେବା ଯୋଗୁଁ ଘର ମାଲିକ ଅରବିନ୍ଦ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଇ ୫ ଦିନ ପୂର୍ବେ ଭଡ଼ାଟିଆ ତଥା ପ୍ରିୟରଞ୍ଜନର ବାପା ବିନୋଦଙ୍କୁ ତାଙ୍କ ଘର ଛାଡିବାକୁ କହିଥିଲେ। ସେବେଠାରୁ ମାଲିକ ଓ ଭଡ଼ାଟିଆ ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଉପର ମହଲାରେ ରହୁଥିବା ମାଲିକ ତଳକୁ ଆସିବା ବେଳକୁ ମୁଖ୍ୟ ଗେଟ୍ ଖୋଲା ରହିଥିଲା। ଏହାକୁ ନେଇ ସେ ଭଡ଼ାଟିଆଙ୍କୁ ତାଗିଦ୍ କରିବାରୁ ବଚସା ହୋଇଥିଲା। ପ୍ରତିଶୋଧ ନେବା ପାଇଁ ବିନୋଦ ବିହାରୀ ପାତ୍ର, ସ୍ତ୍ରୀ ରଞ୍ଜୁଲତା ପାତ୍ର, ଦୁଇ ଝିଅ, ପୁଅଳ ପ୍ରିୟରଞ୍ଜନ ଓ ତାର ସାଙ୍ଗ ସୁମିତ କୁମାର ସାହୁ, ଭାରତ ଭୂଷଣ ସାହୁ ମିଶି ଘର ମାଲିକ ଅରବିନ୍ଦ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଦେଇଙ୍କୁ ଆକ୍ରମଣ କରିଥିଲେ। ସପରିବାର ଉତକ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ମାଲିକଙ୍କ ଠାରୁ ଖବରପାଇ ତମାଣ୍ଡୋ ଥାନା ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ପ୍ରିୟରଞ୍ଜନ ଓ ସାଙ୍ଗମାନେ ମିଶି ପୁଲିସକୁ ଗାଳିଗୁଲଜ କରିଥିଲେ। ପୁଲିସ ପ୍ରତିରୋଧ କରିବାକୁ ଉଦ୍ୟମ କରୁଥିବାବେଳେ ସେମାନେ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ପିସିଆର ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ତମାଣ୍ଡୋ ଥାନାର ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ଆୟତ୍ତ କରିଥିଲେ। ତାକୁ ଏକାକୀ ପାଇ ଅରବିନ୍ଦ ଅସଦାଚରଣ କରିଥିବା ଭଡ଼ାଟିଆ ତଥା ନାବାଳିକା ଅଭିଯୋଗ କରିଥିବା ବେଳେ ଭଡ଼ାଟିଆ ଓ ସହଯୋଗୀମାନେ ତାଙ୍କୁ ଆକ୍ରମଣ କରିଥିବା ମାଲିକ ଅଭିଯୋଗ କରିଛନ୍ତି। ସେପଟେ ପିସିଆର କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ ନିଜ ଆଡୁ ଆଉଏକ ମାମଲା ରୁଜୁ କରିଛି। ସମୁଦାୟ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।




## କୁଆଡ଼େ ଗଲେ '୪୨୦ ମାଡାମ'

ଭୁବନେଶ୍ୱର, ୮।୧୦ (ସମିସ): ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ ଆତ୍ମହତ୍ୟା ମାମଲାରେ ୪୨୦ ଜ୍ୟୋତ୍ସ୍ନା ଖୁଣ୍ଟିଆ ପାଇଁ ଅଡୁଆ ବଢ଼ିଛି। ଅପହରଣ, ନିର୍ଯାତନା, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ପୂର୍ବରୁ ଦିଲ୍ଲୀପ କୁମାର, ଦୀପକ ସାହୁକାର, ରବୀନ୍ଦ୍ର ବେହେରା ଓ ରମେଶ ବେହେରା ଗିରଫ ହୋଇଥିଲେ ମଧ୍ୟ ଜ୍ୟୋତ୍ସ୍ନାଙ୍କ ପାଖରେ ପହଞ୍ଚି ପାରିନାହାଁନ୍ତି ପୁଲିସ। ଠକେଇ ଟଙ୍କାରେ ଅଏସ୍ କରୁଥିବା ଜ୍ୟୋତ୍ସ୍ନାଙ୍କ ସମ୍ପତ୍ତି ତାଲିକା ଏବେ ପୁଲିସ ହାତରେ ଲାଗିଛି। ଭୁବନେଶ୍ୱରରେ ଆପାର୍ଟମେଣ୍ଟ ଓ ସୁନ୍ଦରଗଡ଼ରେ ଆଲିସାନ ବିଲ୍ଡିଂ ଠାବ କରିଛି ପୁଲିସ। ପ୍ରାଥମିକ ପର୍ଯ୍ୟାୟରେ ଜ୍ୟୋତ୍ସ୍ନାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ ହୋଇଥିବା ବେଳେ ସେଥିରେ ୪୦ ଲକ୍ଷରୁ ଅଧିକ ଟଙ୍କା ରହିଥିବା ଜଣାପଡ଼ିଛି। ଜ୍ୟୋତ୍ସ୍ନାଙ୍କ ନାଁରେ ଲୁକ୍ ଆଉଟ ସର୍କୁଲାର ଜାରି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି କମିସନରେଟ ପୁଲିସ।


ଜ୍ୟୋତ୍ସ୍ନା ଖୁଣ୍ଟିଆଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍
ଲୁକ୍ ଆଉଟ୍ ସର୍କୁଲାର ପାଇଁ ପ୍ରକ୍ରିୟା ଆରମ୍ଭ

ନିଜର ସଉକ ପୂରା କରିବା ପାଇଁ ଚାକିରି ଆଶାୟୀଙ୍କ ଝାଳବୁହା ଧନକୁ ଚଳୁ କରିଦେଉଥିଲେ ଜ୍ୟୋତ୍ସ୍ନା ଖୁଣ୍ଟିଆ। ବଡଗଡ଼ ଅଞ୍ଚଳରେ ରହି ବରମୁଣ୍ଡା ଅଞ୍ଚଳରେ ଖୋଲିଥିଲେ କନ୍ସଲଟାନ୍ସି ଅଫିସ। କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଫେରାର ଥିବା ଜ୍ୟୋତ୍ସ୍ନା ମ୍ୟାଡାମଙ୍କ ବିରୋଧରେ ଜାରି ହେବ ଲୁକ ଆଉଟ ସର୍କୁଲାର। ରାଜ୍ୟର ୧୦ରୁ ଉର୍ଦ୍ଧ୍ୱ ଜିଲ୍ଲାର ଚାକିରି ଆଶାୟୀଙ୍କ ଠାରୁ ମହିଳା ଜଣଙ୍କ କୋଟି କୋଟି ଟଙ୍କା ଠକି ନେଇଛନ୍ତି। ମ୍ୟାଡାମଙ୍କ ଠକେଇ ସିଣ୍ଡିକେଟରେ ଯୋଡ଼ି ହୋଇ ପ୍ରାଣ ହରାଇଛନ୍ତି ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁ। ମୃତ ବିଦ୍ୟାଧର ଚାକିରି ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ପାଖାପାଖି କୋଟିଏ ଟଙ୍କା ନେଇଯାଇଥିଲେ। ଟଙ୍କା ନେଇ ସେ ଜ୍ୟୋତ୍ସ୍ନାଙ୍କୁ ଦେଇଥିଲେ। ଟଙ୍କା ଦେବାପରେ ମଧ୍ୟ ଚାକିରି ନପାଇବାରୁ ଆଶାୟୀ ପ୍ରାର୍ଥୀ ବିଦ୍ୟାଧରଙ୍କୁ ଅପହରଣ କରି ନେବା ପରେ ମାନସିକ ଓ ଶାରୀରିକ ଦେଇଥିଲେ। ଫଳରେ ସେ ବାଧହୋଇ ଆତ୍ମହତ୍ୟା କରିଛନ୍ତି। ପରେ ତାଙ୍କର ମୃତ୍ୟୁ ହେବା ପରେ ଅପହରଣକାରୀ ମାନେ ତାଙ୍କ ମୃତଦେହକୁ ଚନ୍ଦକା ଜଙ୍ଗଲ ରେ ଫିଙ୍ଗି ଚାଲିଯାଇଥିଲେ। ଧମକ ପୂର୍ଣ୍ଣ କଲ ରେକର୍ଡିଂ, ସିସିଟିଭି, ଟୋଲ ଗେଟ ଫାସ ଟ୍ୟାଗରୁ ମିଳିଥିବା ତଥ୍ୟ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ପୁଲିସ। ବିଭିନ୍ନ ସ୍ଥାନରେ ଚଢ଼ାଉ ସମୟରେ ଶତାଧିକ ପିଲାଙ୍କ ସାର୍ଟିଫିକେଟ, ନକଲି ନିଯୁକ୍ତିପତ୍ର, ନକଲି ଷ୍ଟାମ୍ପ, ନକଲି ଚେକ୍ ଜବତ କରିଥିଲା ପୁଲିସ। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଠକେଇ ସିଣ୍ଡିକେଟର ମାଷ୍ଟର ମାଇଣ୍ଡ ଜ୍ୟୋତ୍ସ୍ନାଙ୍କୁ ଗିରଫ କରିବାରେ ସଫଳ ହୋଇ ପାରିନାହିଁ।

## ହଟିଲା ଜବରଦଖଲ; ଉଠିଲେ କବାଡ଼ିଆ



ଭୁବନେଶ୍ୱର, ୮।୧୦(ସମିସ): ବିଏମ୍‌ସି ପକ୍ଷରୁ ୟୁନିଟ୍-୩ ଅଞ୍ଚଳରୁ ସରକାରୀ ଜମିରୁ ଜବରଦଖଲକୁ ଉଚ୍ଛେଦ କରାଯାଇ କବାଡିଆ ମାନଙ୍କୁ ହଟାଇ ଦିଆଯାଇଛି। ଏଠାରେ ଅସ୍ଥାୟୀ ଦୋକାନ ଓ କବାଡି ସାମଗ୍ରୀ ସର୍ବସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି କରୁଥିଲା। ଜନ ସାଧାରଣଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏବଂ ପରିବେଶ ପରିଷ୍କାର ସହ ଜବରଦଖଲ ମୁକ୍ତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଉଚ୍ଛେଦ ସମୟରେ ୨୧ ଟନ କବାଡ଼ି ସାମଗ୍ରୀ ଜବତ କରାଯାଇଛି। ଏହି ସାମଗ୍ରୀଗୁଡ଼ିକୁ ସ୍ୱୀକୃତିପ୍ରାପ୍ତ ରିସାଇକ୍ଲରଙ୍କୁ ବିକ୍ରୟ କରାଯିବ। ବିଏମ୍‌ସି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ସ୍ଥାନୀୟ ଲୋକେ ଏନେଇ ଅଭିଯୋଗ କରିଥିଲେ। ଏମାନଙ୍କ ଯୋଗୁଁ ଜଳବନ୍ଦୀ, ଜବରଦଖଲ, ରାସ୍ତା ଓ ଡ୍ରେନ ଅବରୋଧ ଭଳି ସମସ୍ୟା ସ୍ୟଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଜବରଦଖଲ ଉଚ୍ଛେଦ କରାଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।


## ୨୧ ଲକ୍ଷର ବ୍ରାଉନ୍‌ସୁଗର ଜବତ; ୫ ଗିରଫ

ଭୁବନେଶ୍ୱର, ୮।୧୦ (ସମିସ): ଦିନକରେ ରାଜଧାନୀରୁ ୨୧ ଲକ୍ଷର ବ୍ରାଉନସୁଗର ଜବତ ହୋଇଛି। ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାଲିଅନ୍ତା ଥାନା ସରକଣାର ଆକାଶ ଦାସ, ପଶ୍ଚିମବଙ୍ଗର ଏସକେ ଆରିଫ୍, କଳାରାହାଙ୍ଗ ଅଞ୍ଚଳରେ ରହୁଥିବା ସୋମେଶ କୁମାର ମାଟି ଓରଫ୍ ଭିକି (୨୫), ଅନିକେତ ମଲ୍ଲିକ (୨୫) ଓ ୟୁନିଟ୍-୧ ଅଞ୍ଚଳର ଅମ୍ବିକା ପ୍ରସାଦ ବରାଳ (୩୬)।

ପୁଲିସ ସୂଚନା ଅନୁସାରେ, ବରମୁଣ୍ଡା ବସଷ୍ଟାଣ୍ଡ ଦେଇ ରାଜ୍ୟ ବାହାରକୁ ବ୍ରାଉନସୁଗର ଚାଲାଣ ହେଉଥିବା ନେଇ ଅବକାରୀ ରେଞ୍ଜ୍ ୨କୁ ଖବର ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ୍ ବସଷ୍ଟାଣ୍ଡରେ ଚଢ଼ଉ କରି ଆରିଫକୁ ଗିରଫ କରିବା ସହ ତା ଠାରୁ ୧୫୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେ ପଶ୍ଚିମବଙ୍ଗକୁ ବ୍ରାଉନ୍‌ସୁଗର ଚାଲାଣ କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ସେହିପରି ସରକଣା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ନେଇ ଖବର ମିଳିବା ପରେ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଆକାଶକୁ ଗିରଫ କରିବା ସହ ୩୮ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ସେହିଭଳି ପଟିଆ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଇନଫୋସିଟି ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ପଟିଆ ଖେଳ ପଡ଼ିଆ ନିକଟରେ ଚଢ଼ଉ କରି ଭିକି ଓ ଅନିକେତକୁ କାବୁ କରିଥିଲେ। ଯାଞ୍ଚ ସମୟରେ ଉଭୟଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନସୁଗର, ଗୋଟିଏ କାର୍ ଓ ୬୦୦ ଟଙ୍କା ଜବତ କରିଥିଲା। ଏନେଇ ଇନଫୋସିଟି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ସେ?ହିପରି ୟୁନିଟ୍ ୧ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ କ୍ୟାପିଟାଲ ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ କମଳା ନେହରୁ କଲେଜ ନିକଟରେ ଚଢ଼ଉ କରି ଅମ୍ବିକାକୁ ଗିରଫ କରିଥିଲା। ତା' ହେପାଜତରୁ ମୋଟ ୧୦.୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏନେଇ କ୍ୟାପିଟାଲ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଅମ୍ବିକାକୁ କୋର୍ଟ ଚାଲାଣ କରିଛି।


ବରମୁଣ୍ଡା ଦେଇ ଯାଉଥିଲା ପଶ୍ଚିମବଙ୍ଗ

## ଭିଜିଲାନ୍ସ ଏସ୍‌ପି ସତ୍ୟବାନଙ୍କ ପରଲୋକ



ଭୁବନେଶ୍ୱର, ୮।୧୦ (ସମିସ): ବୁଧବାର ସନ୍ଧ୍ୟାରେ ଭିଜିଲାନ୍ସ ଏସପି ସତ୍ୟବାନ ମହାନନ୍ଦଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଶ୍ରୀ ମହାନନ୍ଦ କଟକ ସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟର କୋର୍ଡିନେସନ୍ ସେକ୍ସନରେ କାର୍ଯ୍ୟରତ ଥିଲେ। କଟକ ସ୍ଥିତ ଅଫିସରୁ ଘରକୁ ଫେରୁଥିବା ସମୟରେ ବାରଙ୍ଗ ନିକଟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଗାଡ଼ି ଚାଳକ ତାଙ୍କୁ ସଙ୍ଗେ ସଙ୍ଗେ ଇନଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଲିଯାତ୍ରା ପ୍ଲଟ ଆବଣ୍ଟନ ପଞ୍ଜୀକରଣ ୧୨ ପର୍ଯ୍ୟନ୍ତ ବୃଦ୍ଧି

କଟକ, ୮।୧୦(ସମିସ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ତାରିଖ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କର୍ଫ୍ୟୁ ପରିସ୍ଥିତି ଏବଂ ଇଣ୍ଟରନେଟ ବନ୍ଦ ରହିଥିବା କାରଣରୁ ଏହି ସମୟ ବୃଦ୍ଧି କରାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବସାଇଟରେ ପଞ୍ଜୀକରଣ କରିପାରିବେ।

## ଝାଁଳା କପ୍ : କ୍ୱାର୍ଟର ଫାଇନାଲ୍‌ରେ ଭାଲିଆବାଡ଼ି ଓ ଝାଁଳା

ଝାଁଳା, ୮।୧୦(ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଝାଁଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ୍‌ରେ ତମାଣ୍ଡୋକୁ ୩୩ ରନ୍‌ରେ ହରାଇ ଭାଲିଆବାଡି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ ଦଳର ସନ୍ତୋଷ ଭୋଳ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲା ବେଳେ ଅଷ୍ଟମ ଲିଗ୍ ମ୍ୟାଚ୍‌ରେ କୋଣାର୍କ ନଗରକୁ ୧୦୭ ରନ୍‌ରେ ହରାଇ ଝାଁଳା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଝାଁଳା ଦଳର ଅଭିଷେକ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ସୁକାନ୍ତ ପ୍ରଧାନ, ଗୋପବନ୍ଧୁ ପ୍ରଧାନ ଓ ସତ୍ୟ ସୁନ୍ଦର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

## ରେଳ କର୍ମଚାରୀଙ୍କ ପଶୁପ୍ରେମ



ଭୁବନେଶ୍ୱର, ୮।୧୦(ସମିସ): ରାଜଧାନୀରେ ଅନେକ ପଶୁପ୍ରେମୀ ରହିଛନ୍ତି। ଏହି ପଶୁପ୍ରେମୀମାନଙ୍କ ମଧ୍ୟରେ ରହିଛନ୍ତି ଜଣେ ରେଳବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ। ପେଶାରେ ରେଳ ବିଭାଗରେ କାର୍ଯ୍ୟରତ ଥିବା ବେଳେ ସ୍ତ୍ରୀ ଜଣେ ଗୀତିକାର। କିନ୍ତୁ ସ୍ୱାମୀ ଓ ସ୍ତ୍ରୀଙ୍କର ନିଶା ହେଉଛି ବୁଲା କୁକୁର, ଗୋରୁ, ପାରା, କାଉ, ଜନ୍ଦା ଓ ପିମ୍ପୁଡ଼ି ଆଦିଙ୍କୁ ଖାଇବାକୁ ଦେବା। ପ୍ରତିଦିନ କୁକୁରଙ୍କ ପାଇଁ ଭାତ ଚିକେନ୍, ପାରାମାନଙ୍କ ପାଇଁ ନିଜ ହାତରେ ଗହମ, ଚାଉଳ, ମଶୁର ଡ଼ାଲି, ଚଣା ଡ଼ାଲି, ଭଜା ବୁଟ, ଚଣା ଡ଼ାଲି ତିଆରି କରି ଖାଇବାକୁ ଦେଉଥିବା ବେଳେ କାଉ ମାନଙ୍କୁ ରୁଟି, ବିସ୍କୁଟ ଦିଅନ୍ତି। ଠିକ୍ ଏହିପରି କୁକୁର ମାନଙ୍କୁ ଭାତ ଚିକେନ୍ ଦେଉଥିବା ବେଳେ ଗୋରୁମାନଙ୍କୁ ଶୁଖିଲା ଖାଦ୍ୟ ଆଦି ଦେଇଥାନ୍ତି। ଏଥିସହିତ ଔଷଧ ମଧ୍ୟ ଦେଇଥାନ୍ତି। ଚାରି ବର୍ଷରୁ ଅଧିକ ଦିନ ହେଲାଣି ନୀଳାଦ୍ରି ବିହାର ଅଞ୍ଚଳରେ ରହୁଥିବା ରବୀନ୍ଦ୍ର ନାଥ ହୁିଇ ଓ ତାଙ୍କ ଧର୍ମ ପତ୍ନୀ ଏହି କାମ କରୁଛନ୍ତି। ଆଗରୁ ୨୫ ଟା ବୁଲା କୁକୁର ରହିଥିଲେ ହେଲେ ଏବେ ୧୮ ଟା କୁକୁର ଓ ୧୫୦ ରୁ ଅଧିକ ପାରା କାଉ ଆଦିଙ୍କୁ ଗୋରୁ ଜନ୍ଦା ପିମ୍ପୁଡ଼ିଙ୍କୁ ଖାଇବାକୁ ଦେଉଛନ୍ତି।

ନିଜ ସଞ୍ଚିତ ଅର୍ଥ ଓ ସମୟ ବାହାର କରି ଏହି ଅସହାୟ ପଶୁ, ପକ୍ଷୀଙ୍କ ସେବା କଲେ ଏମାନେ ଆଉ ହିଂସ୍ର ହୁଅନ୍ତେ ନାହିଁ ବୋଲି ରବୀନ୍ଦ୍ର କୁହନ୍ତି। ଆହୁରି ମଧ୍ୟ କହିଛନ୍ତି ସର୍ବେ ଭବନ୍ତୁ ସୁଖିନଃ ପରି ପଶୁ, ପକ୍ଷୀଙ୍କ ଠାରୁ ଆରମ୍ଭ କରି ସମସ୍ତେ ସୁଖରେ ରହିବା ଦରକାର ବୋଲି ସେ କହିଛନ୍ତି।

### ମାରିଜୁଆନା ଚାଲାଣର ଗେଟ୍-ୱେ ଭୁବନେଶ୍ୱର

# ଅନ୍ୟ ରାଜ୍ୟରେ କଡ଼ାକଡ଼ି; ଓଡ଼ିଶାରେ ଢିଲା

ଭୁବନେଶ୍ୱର, ୮।୧୦(ସମିସ): ଗତ କିଛିମାସ ଧରି ଭୁବନେଶ୍ୱର ବିମାନବନ୍ଦରରୁ ନିୟମିତ ଭାବେ ବିଦେଶୀ ଗଞ୍ଜେଇ ମାରିଜୁଆନା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ କଷ୍ଟମ୍‌ସ ବିଭାଗ ସ୍କ୍ୱାଡ୍ ୭ରୁ ଅଧିକ ଥର ଏହି ନିଷିଦ୍ଧ ନିଶା ମାରିଜୁଆନା ଜବତ କଲାଣି। ଏହି ବିଦେଶୀ ନିଶାଦ୍ରବ୍ୟ ଭୁବନେଶ୍ୱର ଦେଇ ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟକୁ ଚାଲାଣ ହେଉଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ତେବେ ଅନ୍ୟ ରାଜ୍ୟକୁ ଚାଲାଣ ପାଇଁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ବିମାନ ବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ବେଶ ସୁହାଉଛି। ଯେଉଁଥିପାଇଁ ଚାଲାଣକାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ସୁବିଧାରେ ବିଦେଶରୁ ଏଭଳି ବିଦେଶୀ ନିଶାଦ୍ରବ୍ୟ ଆମଦାନୀ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ଶନିବାର ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା ଜବତ ହୋଇଛି। ସନ୍ଦିଗ୍ଧ ଯୁବକଙ୍କ ଲଗେଜ୍‌ରୁ ୩.୨ କିଲୋ ମାରିଜୁଆନା ମିଳିଥିଲା। ବ୍ୟାଙ୍କକ୍‌ରୁ ଏହି ନିଶା ଚାଲାଣ କରୁଥିବା କେରଳୀ ଯୁବକକୁ କଷ୍ଟମ୍‌ସ ଅଧିକାରୀମାନେ ଉଠାଇନେଇ ପଚରାଉଚରା କରିଥିଲେ। ଚାଲାଣକାରୀ କେରଳ ବାସିନ୍ଦା ହୋଇଥିବାରୁ ଜବତ ମାରିଜୁଆନା ଓଡ଼ିଶା ଦେଇ କେରଳ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଜେରା ବେଳେ କେରଳର ଏହି ଯୁବକଜଣକ ବ୍ୟାଙ୍କକ୍‌ରୁ ଭୁବନେଶ୍ୱରଆସୁଥିଲେ ଏବଂ ପରେ ଅନ୍ୟ ବିମାନ ଯୋଗେ କେରଳ ଯିବାର ଥିଲା ବୋଲି କହିଥିଲେ।

ସେହିଭଳି ଗତ ଜୁଲାଇ ୩୦ ତାରିଖରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜବତ ୩୦ କୋଟିର ମାରିଜୁଆନା ଜବତ ଘଟଣାରେ ମହମ୍ମଦ ଜାମ୍, ମୋହିତ ଓ ବମ୍‌ତିଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। କିନ୍ତୁ ସେମାନେ ବେପାରୀ ନୁହନ୍ତି ବରଂ ଚାଲାଣକାରୀ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍‌ର ତଦନ୍ତ ମୁତାବକ ମାରିଜୁଆନା ଚାଲାଣର ମାଷ୍ଟର ମାଇଣ୍ଡ ଦୁବାଇରେ ବସି ନେଟୱର୍କ ଅପରେଟ କରୁଥିବା ଜଣାପଡ଼ିଥିଲା। ମହମ୍ମଦ ଜାମ୍, ମୋହିତ ଓ ବମ୍‌ତି କେବଳ ଥାଇଲାଣ୍ଡର ବ୍ୟାଙ୍କକରୁ ମାରିଜୁଆନା ଆଣି ଆଗ୍ରାର ଫତେପୁର ସିକ୍ରିରେ ପହଞ୍ଚାଇ ଥାନ୍ତେ। ୩୦ କୋଟିର ମାରିଜୁଆନା ଚାଲାଣ କରି କମିସନ ବାବଦକୁ ୧୦ ପ୍ରତିଶତ ବା ୩ କୋଟି ଟଙ୍କା ନେବାକୁ ଚୁକ୍ତି ହୋଇଥିଲା। କୋଲକାତା ବିମାନବନ୍ଦରରେ କଡ଼ା ସୁରକ୍ଷା ଓ କଟକଣା ବ୍ୟବସ୍ଥା ରହିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ଢ଼ିଲା ନେଇ ସେମାନେ ଗେଟ୍‌ୱେ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ଧରି ନେଇଥିଲେ।

ସୂଚନାଯୋଗ୍ୟ ଚଳିତ ବର୍ଷ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୬୦କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଅଗଷ୍ଟ ୨୩ ତାରିଖରେ କଷ୍ଟମ୍‌ସ ଅଧିକାରୀମାନେ ୪ କୋଟି ଟଙ୍କା ମୂଲ୍ୟର ଏହି ନିଶା ଜବତ କରିଥିଲେ। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ପୁଣି ସେହି ମାସରେ ଏହି ବିମାନବନ୍ଦରରୁ ୮କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। କିନ୍ତୁ ସେଥର ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ସ୍କ୍ୱାଡ୍ ହାବୁଡରେ ଗୁଜରାଟ ଅହମଦାବାଦର ଚାଲାଣକାରୀ ଯୁବକଜଣକ ଧରାପଡ଼ିଥିଲା। ସେହିପରି ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିଲା। ସେଥର କଷ୍ଟମ୍‌ସ ସ୍କ୍ୱାଡ୍ ଉତ୍ତରପ୍ରଦେଶର ୩ଜଣ ଯୁବକଙ୍କୁ ଗିରଫ କରିଥିଲା। ତେବେ ଓଡ଼ିଶାରୁ ଜବତ ହେଉଥିବା ଏହି ବିଦେଶୀ ନିଶାଦ୍ରବ୍ୟ ମାମଲାରେ ରାଜ୍ୟ ବାହାର ଅଭିଯୁକ୍ତ ଗିରଫ ହେଉଥିବାରୁ ଏହା ସ୍ପଷ୍ଟ ହୋଇଛି ଯେ, ଓଡ଼ିଶାର ଭୁବନେଶ୍ୱର ବିମାନବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ପାଇଁ ସେମାନେ ଏହାକୁ ବାଛି ନେଇଛନ୍ତି।



ଅପରପକ୍ଷେ ଓଡ଼ିଶାରେ ମଧ୍ୟ ମାରିଜୁଆନ୍ ସେବନକାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଭୁବନେଶ୍ୱରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଦେଶୀ ତଥା ରାଜ୍ୟ ବାହାରର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରେ ସେମାନେ ଏଭଳି ନିଶାଦ୍ରବ୍ୟ ଅଧିକାଂଶ ପରିମାଣରେ ସେବନ କରୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱରରେ ମାରିଜୁଆନାର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଚାହିଦା ବୃଦ୍ଧି ଦୃଷ୍ଟିରୁ ଯୋଗାଣ ମଧ୍ୟ ବୃଦ୍ଧି ପାଇଥିବା କୁହାଯାଉଛି।

# ଦେଶୀ ମଦ କାରଖାନା ଉପରେ ଚଢ଼ଉ

ବହସାହି, ୮।୧୦(ସମିସ): ବଡସାହି ଥାନା ଯଦୁନାଥପୁର ଗ୍ରାମର ପ୍ରଚୁର ବେଆଇନ ଚୋରା ଦେଶୀ ମଦ କାରଖାନା ଚାଲୁଥିବାର ପୁଲିସ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ଚଢଉ କରିଛି। ଫଳରେ ଘଟଣାସ୍ଥଳରୁ ୫୦୦ କେ.ଜି ପୋଚ, ୨୦୦ଲିଟର ରନ୍ଧା ମଦ ଓ ବ୍ୟାପକ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଛି। ମାତ୍ର ଅଭିଯୁକ୍ତମାନେ ଖସି ଯିବାରେ ସଫଳ ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବାଲି ବୋଝେଇ ପିକ୍‌ଅପ୍ ଜବତ; ଚାଳକ ଗିରଫ

ବାରିପଦା, ୮।୧୦(ସମିସ): ଭଞ୍ଜପୁର ଥାନା ପୁଲିସ ଏକ ବାଲି ବୋଝେଇ ପିକଅପ ଭ୍ୟାନ୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଚିପଟ ଅସ୍ତିଆ ଗ୍ରାମର ସେକ ଅଲତାଫ। ବେଲଗଡ଼ିଆ- ଜିଲ୍ଲାପାଳଙ୍କ ସରକାରୀ ବାସଭବନ- ଭଞ୍ଜପୁର ରାସ୍ତାର ବିଜୁ ପଟ୍ଟନାୟକ ପାର୍କ ନିକଟରେ ଦ୍ରୁତଗତିରେ ଆସୁଥିବା ବାଲିବୋଝେଇ ଭ୍ୟାନକୁ ଅଟକାଇ ପୁଲିସ ପଚରାଉଚରା କରିବାରୁ ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଚାଳକ କହିବାରୁ ତାଙ୍କୁ ଗିରଫ ସହ ଭ୍ୟାନକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଧାନ ବିଲ ପାଣିରେ ପଡ଼ି ଯୁବତୀ ମୃତ

ମହୁଲଡିହା, ୮।୧୦(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡା ଗ୍ରାମର ସ୍ୱର୍ଗତ ଗୋପାଳ କେରାଇଙ୍କ ଝିଅ ଗୁରୁବାରୀ (୨୫) ଗତକାଲି ଅପରାହ୍ନରେ ନିଜ ଧାନ ବିଲକୁ ଯାଇଥିବାବେଳେ ସେଠାରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଗ୍ରାମବାସୀ ଖବର ପାଇ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେ ଗହୀର ଧାନ ବିଲରେ ମାଛ ଧରିବାକୁ ଖଇଁଅି ବସାଇଛନ୍ତି। ଛାଡପଟାରୁ ଡେଇଁ ଆର ପଟକୁ ପାର ହେଉଥିବା ବେଳେ ଗୋଡ ଖସି ଗୁରୁବାରୀର ମୁଣ୍ଡଛାଡ ପଟା ଭିତରକୁ ପଶିଯାଇ ବାହାରି ନ ପାରିବାରୁ ମୁଣ୍ଡଟି ପାଣି ଭିତରେ ରହିଗଲା। ଫଳରେ ପାଣି ନାକ ଏବଂ ପାଟିରେ ପାଣି ପଶିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି।

# ନୂତନ ପଞ୍ଚାୟତ ଗଠନ ଦାବିରେ ବିଶାଳ ଶୋଭାଯାତ୍ରା

ରାଇରଙ୍ଗପୁର/ବହଳଦା, ୮।୧୦ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ସୁରଦା-ଯଶିପୁର ଗ୍ରାମପଞ୍ଚାୟତର ପାଞ୍ଚଟି ରାଜସ୍ୱ ଗ୍ରାମକୁ ନେଇ ଏକ ନୂତନ ପଞ୍ଚାୟତ ଗଠନ କରାଯିବା ଦାବିରେ ଶତାଧିକ ଗ୍ରାମବାସୀ ବିଡିଓ, ତହସିଲଦାର ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ପଞ୍ଚାୟତିରାଜ ମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ଏବଂ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଯଶିପୁର, ସୁରଦା, ନନ୍ଦାବସା, ଦୁବଲାବେଡା, ଭାଲେଇଡିହି, କୁଦରସାହି,




ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ସାପଘେରା, ନୂଆଗାଁ, ଅସୁରଘାଟୀ ଓ ରଙ୍ଗାମାଟିଆ ୧୦ଟି ରାଜସ୍ୱ ଗ୍ରାମକୁ ନେଇ ସୁରଦା-ଯଶିପୁର ଗ୍ରାମପଞ୍ଚାୟତ ରହିଥିବା ବେଳେ ସେଥିରୁ ସାପଘେରା, ନୂଆଗାଁ, କୁଦରସାହି, ଅସୁରଘାଟୀ ଓ ରଙ୍ଗାମାଟିଆ ୫ଟି ରାଜସ୍ୱ ଗ୍ରାମକୁ ନେଇ କୁଦରସାହି ପଞ୍ଚାୟତ ଗଠନ କରିବାକୁ ଦାବି କରିଛନ୍ତି। ପୂର୍ବତନ ବିଧାୟକ ଲକ୍ଷ୍ମଣ ସୋରେନ୍‌ଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ଶତାଧିକ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବିଡିଓ ଶରତ କୁମାର ମଲ୍ଲିକ ଏବଂ ପରେ ତହସିଲଦାର ଶିବ ପ୍ରସାଦ ମୁର୍ମୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ରାଇରଙ୍ଗପୁରଠାରେ ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ପାଞ୍ଚଟି ଗ୍ରାମକୁ ନେଇ ନୂତନ ଗ୍ରାମପଞ୍ଚାୟତ ଗଠନ କରାଯିବାକୁ ଦାବି କରାଯାଇଥିବା ବେଳେ ଏନେଇ ୨୦୨୨ ମସିହାରେ ସର୍ବେକ୍ଷଣ କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଶିପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମବାସୀଙ୍କୁ ସରକାରୀ ଯୋଜନାର ସମସ୍ତ ସୁବିଧା ସୁଯୋଗ ମିଳୁଥିବାବେଳେ ଗମନା ଗମନ ପାଇଁ ଉତ୍ତମ ସଡକପଥ ରହିଥିବା ସତ୍ତ୍ୱେ ପାହାଡିଆ ଅଞ୍ଚଳରେ ବସବାସ କରୁଥିବା ଖଡିଆ, ମାଙ୍କିଡିଆ ଜନଜାତିର ଲୋକେ କୌଣସି ସୁବିଧା ପାଉନାହାନ୍ତି। ଏପରିକି ଭତ୍ତା ଟଙ୍କା ଉଠାଣ ଏବଂ ଖାଉଟି ଚାଉଳ ସଂଗ୍ରହ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କୁଦରସାହି ଗ୍ରାମରେ ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଏହି ଅଞ୍ଚଳର ଲୋକେ ସୁବିଧା ପାଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଇଣ୍ଟରନେଟ ସେବା ଠପ; ଗ୍ରାହକ ହନ୍ତସନ୍ତ

ମୋରଡା, ୮।୧୦(ସମିସ): ମୋରଡା ସବ୍‌ପୋଷ୍ଟ ଅଫିସରେ ଦୀର୍ଘ ଦିନ ଧରି ଇଣ୍ଟରନେଟ ସମସ୍ୟା ଲାଗି ରହିଥିବାରୁ ଗ୍ରାହକ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଅଧିକାଂଶ ଦିନ ପୋଷ୍ଟ ଅଫିସରେ ଡାକସେବା ଅଚଳ ହୋଇପଡୁଛି। ଏହି ଉପଡ଼ାକଘର ଉପରେ ରାସଗୋବିନ୍ଦପୁର ବ୍ଲକର ୪ ଏବଂ ମୋରଡା ବ୍ଲକର ୫ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଟଙ୍କା ଉଠାଣ ପାଇଁ ପାସବୁକ ପୋଷ୍ଟ ଅଫିସରେ ଦେଇ ଫେରି ଆସିଥିଲେ ବୋଲି ନାରୀ




ନେତ୍ରୀ କୁମୁଦିନୀ ମହାକୁଡ଼ ଅଭିଯୋଗ କରିଛନ୍ତି। ତହିଁପରଦିନ ଯାଇ ମଧ୍ୟ ଟଙ୍କା ଉଠାଣ କରିପାରିନଥିଲେ। ପୋଷ୍ଟ ମାଷ୍ଟର ନେଟ ନାହିଁ ବୋଲି କହି ଅସହାୟତା ପ୍ରକାଶ କରିଥିଲେ। ଫଳରେ ପୋଷ୍ଟ ଅଫିସରେ ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଠାରେ ଜଣେ ପୋଷ୍ଟ ମାଷ୍ଟର ଏବଂ ଜଣେ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ନିଯୁକ୍ତ ହୋଇଛନ୍ତି; କିନ୍ତୁ ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟରଙ୍କୁ ବାରମ୍ବାର ଅନ୍ୟତ୍ର ଡେପୁଟେସନ ପଠାଯାଉଛି। ଫଳରେ ଜଣେ କର୍ମଚାରୀ କାମ କରୁଥିବାରୁ ଲୋକେ ଠିକ୍ ସେବା ପାଇପାରୁନାହାନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ରାଇହରି-ଜାମୁଡ଼ାଳି ରାସ୍ତା ଶୋଚନୀୟ; ମରାମତି ନ ହେଲେ ଆନ୍ଦୋଳନ

ବିଜାତଳା, ୮।୧୦(ସମିସ): ବିଜାତଳା ବ୍ଲକ ଅଧୀନ ରାଇହରି ପଞ୍ଚାୟତର ରାଇହରିଠାରୁ ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ କି ଏ ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। ସୂଚନାଯୋଗ୍ୟ ଯେ ରାଇହରି-ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଦୀର୍ଘ୍ୟ ଦିନ ହେଲା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ସମ୍ପର୍କରେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କେହି ଶୁଣୁନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ରାଇହରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ୧୫ ବର୍ଷ ତଳେ ରାଇହରି ଓ ଜାମୁଡାଳିର କିଛି ଲୋକେ ନିଜସ୍ୱ ଜମିଦାନ କରି ଏହି ଦୁଇକିମି ରାସ୍ତା ନିର୍ମାଣ କରିଥିଲେ; କିନ୍ତୁ ସେହି ଦିନଠାରୁ ଏପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ଉନ୍ନତି ହୋଇପାରିନାହିଁ। କେବଳ ନାଳ ଉପରେ ପୋଲ ଏବଂ ପୋଲର ଉଭୟ ପାର୍ଶ୍ୱରେ ପଚାଶ ମିଟର ବିଶିଷ୍ଟ ନିମ୍ନମାନର କଂକ୍ରିଟ ରାସ୍ତା ବ୍ୟତୀତ ଆଉ କୌଣସି କାମ ହୋଇନାହିଁ। ଫଳରେ ଲୋକେ ବିଭିନ୍ନ କାମ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଖୁବଶୀଘ୍ର ଏହି ରାସ୍ତାକୁ ପକ୍କା ସଡ଼କରେ ପରିଣତ ନ କଲେ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ରାଇହରି ଓ ଜାମୁଡାଳି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଭଣ୍ଡାର ହାଟସାହି-ଗନ୍ଦେସାହି ରାସ୍ତା ନିର୍ମାଣରେ ବିଳମ୍ବ

ଶରତ, ୮।୧୦(ସମିସ): ମନରେଗା ଯୋଜନାରେ ଗ୍ରାମାଞ୍ଚଳର ବିକାଶ କରିବା ସହିତ ରାସ୍ତାଘାଟ ନିର୍ମାଣ ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଆଜି ବି ବହୁ ଗାଁ ବିକାଶଠୁ ଦୂରରେ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳର ବ୍ଲକ ଆଜି ବି ପଛରେ ରହିଛି। କପ୍ତିପଦା ବ୍ଲକ ଅନ୍ତର୍ଗତ ସରଡିହା ଗ୍ରାମ ପଞ୍ଚାୟତ ଅଧୀନ ଭଣ୍ଡାର ହାଟସାହି ଛକରୁ ଗନ୍ଦେସାହି ଯାଏ ରାସ୍ତା ନିର୍ମାଣ ପାଇଁ ୨୦୨୫-୨୬ରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଆଜିଯାଏ କାମ ଆରମ୍ଭ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ବର୍ଷା ଋତୁରେ ବର୍ଷା ପାଣି ରାସ୍ତାରେ ଜମି ଯାଉ ଥିବାରୁ ରାସ୍ତା ପଚପଚ ହେଉଛି। ଏ ନେଇ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଜନସାଧାରଣଙ୍କ ସମୂହ ସ୍ୱାର୍ଥ ପାଇଁ ବିଡିଓ ରେଶମା ଟେଟେ ହସ୍ତକ୍ଷେପ କରିବା ନିମନ୍ତେ ଯୁବ ସମାଜସେବୀ ଅଜୟ ବିରୁଆ ନିବେଦନ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶୋକସଭା



କରଞ୍ଜିଆ, ୮।୧୦ (ସମିସ): କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ ନାଗରିକ ସଂଘର ଯୁଗ୍ମ ସମ୍ପାଦକ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ କବି ଓ ଲେଖକ ରବୀନ୍ଦ୍ରନାଥ ମହାନ୍ତ (୭୩)ଙ୍କ ଗତ ୫ ତାରିଖ ହୃଦଘାତରେ ପରଲୋକ ହୋଇଥିବାରୁ ସଂଘ ଉପସଭାନେତ୍ରୀ ସବିତା ମହାନ୍ତି ସଭାପତିତ୍ୱ କରିଥିଲେ।ଙ୍କ ସଭାପତିତ୍ୱରେ ଏକ ଶୋକ ସଭା ପାଳନ କରା ଯାଇଥିଲା। ସଂଘର ଜିଲ୍ଲା ଉପ ସଭାନେତ୍ରୀ ଅନିତା ବେହେରାଙ୍କ ସମେତ ସମ୍ପାଦକ ସର୍ବେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଅଭିମନ୍ୟୁ ତ୍ରିପାଠୀ, ହରେକୃଷ୍ଣ ମହାନ୍ତ, ଯୁଗଳ କିଶୋର ପଟ୍ଟନାୟକ, ଅଚ୍ୟୁତାନନ୍ଦ ବେହେରା, ଘନଶ୍ୟାମ ବାରିକ, ମନୋରଞ୍ଜନ ସାହୁ ପ୍ରମୁଖ ସ୍ୱର୍ଗତ ମହାନ୍ତଙ୍କ ସ୍ମୃତିଚାରଣ କରିଥିଲେ।

# ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର'



ବୈଶିଙ୍ଗା, ୮।୧୦(ସମିସ): ନୀଳମଣି ମହାବିଦ୍ୟାଳୟର ପ୍ରାକ୍ତନ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର- ୨୦୨୨-୨୩ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଗତ ୭ ତାରିଖରେ ପ୍ରଦାନ କରିଛନ୍ତି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ଜାତୀୟ ସେବା ଯୋଜନାର ଅଧିକାରୀମାନେ ଏକ ନୈଶ୍ୟ ଭୋଜିରେ ଯୋଗଦାନ କରି ସେଚ୍ଛାସେବୀଙ୍କ ସହ ଭାବ ବିନିମୟ କରିଥିଲେ। ଶ୍ରୀ ଆଚାର୍ଯ୍ୟଙ୍କ ସମାଜସେବା ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଭାବେ ୨୦୨୦-୨୧ରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ ସମାଜସେବାରେ ନିଜକୁ ସାମିଲ କରି ଦୃଷ୍ଟାନ୍ତ ମୂଳକ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ୨୦୨୧-୨୨ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରସ୍କାର ମଧ୍ୟ ପାଇଛନ୍ତି। ବେତନଟୀ ବ୍ଲକ ଆମ୍ବଗଡ଼ିଆ ପଞ୍ଚାୟତର ଭଗବାନପୁର ଗ୍ରାମର ଚକ୍ରଧର ଆଚାର୍ଯ୍ୟ ଓ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ପୁତ୍ର। ସେ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟରେ ନିଜର ଅଧ୍ୟୟନ ଜାରି ରଖିଥିଲେ। ରାଷ୍ଟ୍ର ନିର୍ମାଣ, ରକ୍ତଦାନ, ପରିବେଶ ସୁରକ୍ଷା, ନିଶା ନିବାରଣ, ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ, ଦିବ୍ୟାଙ୍ଗ ମାନଙ୍କୁ ସାହାଯ୍ୟ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଗ୍ରାମାଞ୍ଚଳ ଲୋକଙ୍କୁ ଅବଗତ କରାଇବା, ବାହାନଗା ଟ୍ରେନ ଦୁର୍ଘଟଣାରେ ଅନନ୍ୟ ସେବା ପ୍ରଦାନ କରି ସମାଜସେବା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।

# କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ

ସରସକଣା, ୮।୧୦(ସମିସ): ଯୋକା ଯୋକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନାସା ଫାଉଣ୍ଡେସନ ବାରିପଦା ପକ୍ଷରୁ ଏକ



କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ବିଜ୍ଞାନ କେବଳ ଏକ ବିଷୟନୁହେଁ, ଏକ ଜୀବନଶୈଳୀ। ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୂରେଇ ରଖି ସ୍ୱାଧୀନ ଚିନ୍ତା କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସମାଜସେବୀ ଅଧ୍ୟାପକ ଅଶୋକ ପୁଷ୍ଟି ଓ ଶିକ୍ଷକ ନରେନ୍ଦ୍ର ନାଥ ପରିଡ଼ା, ରେଖାରାଣୀ ଲୋହାର, ସୁଚିନ୍ତ୍ୟ କୁମାର ଶୋ, ମାଣିକ ଶୁଣ୍ଡି ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ବିଭୂତିଭୂଷଣ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଲିଆଡାଳରେ ବନ୍ୟପ୍ରାଣୀ ସପ୍ତାହ ପାଳିତ




ମହୁଲଡିହା, ୮।୧୦(ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗତ ୨ରୁ ୮ ତାରିଖ ଯାଏ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି। ଏହି ଅବସରରେ କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ମହୁଲଡିହା ଫରେଷ୍ଟ ସେକ୍ସନର ଭାଲିଆଡାଳରେ ୮ ତାରିଖରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ବୋଇତାଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସଏ ଏବଂ ସମ୍ମାନିତ ଅତିଥି ଭାବେ ଆଇଟିଡିଏର ବିଏଲଇ ପ୍ରମୋଦ କୁମାର ପଲେଇ ଯୋଗ ଦେଇଥିଲେ। ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ମହାନ୍ତ ଯୋଗଦେଇ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସଚେତନତା ଜରୁରୀ ଏବଂ ପରିବେଶ ସନ୍ତୁଳନ, ଜଙ୍ଗଲ ଜୀବ ମଧ୍ୟରେ ଭାରସାମ୍ୟ ରକ୍ଷା ପାଇଁ ବନ୍ୟପ୍ରାଣୀ ରହିବା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ବନରକ୍ଷୀ ଗଦାଧର ମହାନ୍ତ ଅତିଥି ପରିଚୟ ଦେଇଥିଲେ। ସମାଜସେବୀ ଦୁର୍ଗାଚରଣ ପୂର୍ତ୍ତି ଧନ୍ୟବାଦ ଦେଇଥିଲେ।

# ଯୋଗେଶ୍ୱର ଶିବକୁମାର ଶାସ୍ତ୍ରୀଙ୍କ ଜନ୍ମଉତ୍ସବ ପାଳିତ



କରଞ୍ଜିଆ, ୮।୧୦(ସମିସ): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପ୍ରତିଷ୍ଠାତା ଆଦିମୁନୀଶ୍ୱର ଯୋଗେଶ୍ୱର ଶିବକୁମାର ଶାସ୍ତ୍ରୀଙ୍କ ପବିତ୍ର ଜନ୍ମୋତ୍ସବ ଅଙ୍କୁରା ମୁନି ଆଶ୍ରମରେ ପାଳିତ ହୋଇଯାଇଛି। ପ୍ରଥମେ ଆଶ୍ରମର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ କ୍ଷେତ୍ରମୋହନ ମୁନି ସତ୍ୟ ପତାକା ଉତ୍ତୋଳନ କରିବା ସହିତ ସଭାରେ ସଭାପତିତ୍ୱ କରିଥିଲେ। ଏଥିରେ ମୁନି ନାକୁ ବେହେରା ମୁଖ୍ୟ ଅତିଥି ଭାବେ ଏବଂ ରଘୁନାଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଦଗୁରୁ ଶିବମୁନୀଙ୍କ ମୁନିସମାଜ କେମିତି ସମାଜକୁ ଶୃଙ୍ଖଳିତ କରିବା ସହିତ ନୀରୋଗ କରୁଛି ସେ ନେଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଟରନିଟୀ ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ, ଯୋଗୀ ଭରତ ମୁନି, ମୁନି ଶ୍ୟାମସୁନ୍ଦର ଦାଶ, ଛୋଟରାୟ ନାଏକ, ମୁନି ଲକ୍ଷ୍ମଣ ଚରଣ ସାହୁ, ସାରମଣୀ ସାହୁ, ମଞ୍ଜୁଲତା ସାହୁ, ସୁନ୍ଦରୀ ନାଏକ, ମୁନି ଜୟରାମ ମହାନ୍ତ, ମମତା, ସାବିତ୍ରୀ, ବାସନ୍ତୀ ପ୍ରମୁଖ ଯୋଗଦେଇ ସଦଗୁରୁଙ୍କୁ ବିଶ୍ୱର ଜଣେ ମହାନ ଦାର୍ଶନିକ ଓ ଯୋଗଜନ୍ମା ମହାପୁରୁଷ ଭାବେ ବର୍ଣ୍ଣନା କରିଥିଲେ। ମାଜସେବୀ ଜୟକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୭ ବର୍ଷରେ କୁମାର ଉତ୍ସବ

# ଗଜଲକ୍ଷ୍ମୀ ପୂଜା ପାଇଁ ଦେଉଳିଆ ମୁଖରିତ

ବଡସାହି, ୮।୧୦(ସମିସ): ପାର୍ବଣ ଋତୁରେ ଦୁର୍ଗାପୂଜା ପରେ ପୁଣି ଆରମ୍ଭ ହୋଇଛି ଲକ୍ଷ୍ମୀପୂଜା। ସେହିପରି କୁମାରଉତ୍ସବ, ଯାତ୍ରା ଓ ମେଳା ସବୁ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ସେଥିପାଇଁ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତର ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ଆସିଲେ ଗ୍ରାମର ସମସ୍ତ ଯୁବକ ନିଜ ନିଜ ମଧ୍ୟରେ ଥିବା ଭେଦଭାବକୁ ଭୁଲି ଏକତା ସୂତ୍ରରେ ବାନ୍ଧି ହୋଇଥାନ୍ତି। ଫଳରେ ସେହି ଏକତା, ନିଷ୍ଠା ଓ ତ୍ୟାଗ ପାଇଁ ଏହି ପୂଜା ଆଜି ୨୫ ବର୍ଷରେ ପଦାର୍ପଣ କରିଥିବାବେଳେ 'କୁମାର ଉତ୍ସବ' ଚଳିତ ବର୍ଷ ୨୭ ବର୍ଷରେ ପହଞ୍ଚିଛି। କେବଳ ପୂଜା ନୁହେଁ ପ୍ରତିବର୍ଷ କମିଟି କୁମାର ଉତ୍ସବକୁ ମଧ୍ୟ ଧୂମଧାମରେ ପାଳନ କରି ଆସିଛି। ଏପରିକି ସଂଘ ପକ୍ଷରୁ ଗ୍ରାମର କୃତୀ ଛାତ୍ର, ପ୍ରତିଭା ଓ ନବଜ୍ୟୋତି ଯୁବକ ସଂଘର ପ୍ରତିଷ୍ଠାତା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିବା ନଜିର ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ ମାଧ୍ୟମରେ ଅଞ୍ଚଳର ଲୁକାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ପ୍ରୟାସ କରାଯାଇ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି କମିଟି ପକ୍ଷରୁ




ସୋମବାର ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଘଟଉତ୍ତୋଳନ କରାଯାଇଛି। ଏହାକୁ ପୂଜା ମଣ୍ଡପରେ ସ୍ଥାପନ କରାଯିବା ସହିତ ଆଧ୍ୟାତ୍ମିକ ପରିବେଶରେ ପୂଜାବିଧି ଅନୁଯାୟୀ ପୂଜା କାର୍ଯ୍ୟ ରାତିତମାମ ଚାଲିଛି। ମଙ୍ଗଳବାର ଭୋରୁ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି। କର୍ତ୍ତାକର୍ତ୍ତୀଭାବେ ଶିକ୍ଷକ ରାମକୃଷ୍ଣ ଜୀଉ ଓ ତାଙ୍କ ପତ୍ନୀ ନମିତା ଜୀଉ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ପୂଜକମାନେ ପୂଜାର ସମସ୍ତ ବିଧିବିଧାନ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। କୁମାର ଉତ୍ସବ ଅବସରରେ ଚଳିତ ବର୍ଷ 'ତ୍ରିସା ମ୍ୟୁଜିକାଲ ନାଇଟ୍, ବାଲେଶ୍ୱର ତାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଛି। ଏହି ଟିମରେ ଚର୍ଚ୍ଚିତ ଗାୟକ ସଞ୍ଜୀବ କୁମାର, ଅମିତ ଓ ମେଘାଙ୍କ ଡାଇଲଗ, ନାଚ ଓ ଗୀତରେ ଦର୍ଶକ ବେଶ ଝୁମିଛନ୍ତି। ସଂଘର ସଭାପତି ନିହାର ରଞ୍ଜନ ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣ ଦେଇ କଳା ଓ ସାଂସ୍କୃତିକ ମାଟି ଏହି ଗ୍ରାମରେ କ୍ଲବ ପିଲାଙ୍କ ଏକତା ଓ ଭାଇଚାରା ପାଇଁ ଏହି କୁମାର ଉତ୍ସବ ଆଜି ୨୭ ବର୍ଷରେ ପଦାର୍ପଣ କରିଛି ବୋଲି ବକ୍ତବ୍ୟ ରଖି କର୍ମକର୍ତାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଏତଦବାଦ ଗ୍ରାମରେ ନିର୍ମଣାଧୀନ ଜଗନ୍ନାଥ ମନ୍ଦିରର ପୂର୍ଣ୍ଣାଙ୍ଗୀକରଣ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। କ୍ଲବର ସମ୍ପାଦକ ଅନଙ୍ଗ ଭୂଷଣ ସଦୁଆଳ, ବ୍ରହ୍ମାନନ୍ଦ ସଦୁଆଳ, ରବୀନ୍ଦ୍ର ଗଜେନ୍ଦ୍ର ମହାପାତ୍ର ଓ ଗଣେଶ୍ୱର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ଆମ୍ବଡାଳି, ସିଂହଟିଆ, ମାଣତ୍ରୀ, ସୁହାଗପୁର, ବଡସାହି ଓ ଶ୍ରୀରାମପୁର ଆଦି ସ୍ଥାନରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଛି।

# ଭୁବନେଶ୍ୱର ସିଟି



# ଆକାଶଫଟା ଗର୍ଜନ; ବାଦଲଫଟା ବର୍ଷା







## ଲଗାଣ ବର୍ଷାରେ ଭାସିଲା ସହର; ରାସ୍ତାଘାଟ ଜାମ୍
## କ୍ୟାପିଟାଲ୍ ହସ୍ପିଟାଲ ଭିତରେ ପଶିଲା ବର୍ଷାପାଣି
## ରାଜଧାନୀକୁ ରେଡ୍ ଆଲର୍ଟ, ଆହୁରି ୫ ଦିନ ବର୍ଷା

ଭୁବନେଶ୍ୱର, ୮।୧୦(ସମିସ): ବୁଧବାର ଅପରାହ୍ଣରେ ହଠାତ୍ ରାଜଧାନୀରେ ମାଡ଼ି ଆସିଲା କଳାହାଣ୍ଡିଆ ମେଘ। ମାତ୍ର କିଛିକ୍ଷଣ ମଧ୍ୟରେ ଘଡ଼ଘଡ଼ି ସାଙ୍ଗକୁ ବାଦଲଫଟା ବର୍ଷାରେ ରାଜଧାନୀ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଗଲା। କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ବର୍ଷାର ପରିମାଣ ଏତେ ଥିଲା ଯେ, ପୂରା ରାସ୍ତାରେ ଯାଉଥିବା ଦୁଇଚକିଆ ଚାଳକମାନେ ଦୋକାନ ବଜାରଠାରୁ ଆରମ୍ଭ କରି ବିଭିନ୍ନ ଫ୍ଲାଏଓଭର ତଳେ ମୁଣ୍ଡଗୁଞ୍ଜି ଠିଆ ହୋଇଗଲେ। ବିଶେଷକରି ସିଆର୍‌ପି, ଜୟଦେବବିହାର, ଆଚାର୍ଯ୍ୟ ବିହାର, ରାଜମହଲ ଛକଭଳି ବିଭିନ୍ନ ଅଞ୍ଚଳରେ ଥିବା ଫ୍ଲାଏଓଭର ତଳେ ଯାନବାହାନଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଉଭୟ ପଟୁ ଯାନବାହାନ ଚଳାଚଳ କରି ନ ପାରିବାରୁ ରାସ୍ତାଘାଟ ଦୀର୍ଘ ସମୟ ଧରି ଜାମ୍ ହୋଇଯାଇଥିଲା। ଏପରିକି ଜରୁରିକାଳୀନ ସେବା ଆମ୍ବୁଲାନ୍ସ, ପୁଲିସ, ପିସିଆର୍ ବି ରାସ୍ତା ଉପରେ ଅଟକି ରହିଛି। ସେହିଭଳି ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାପାଣି ମାଡ଼ିଯିବା ଯୋଗୁଁ ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ସହର ସାରା କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଗଲା। ଭୁବନେଶ୍ୱର ବିଭିନ୍ନ ବସ୍ତି ଅଞ୍ଚଳରେ ପାଣି ପଶିଯାଇଥିଲା। ରସୁଲଗଡ଼ର ଶବର ସାହିରେ ପାଣି ପଶିଯିବାରୁ ଲୋକଙ୍କ ଆସବାବପତ୍ର ପାଣି ବୁଡ଼ି ରହିଥିଲା।

ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିଥିଲା। ବର୍ଷା ଯୋଗୁଁ ଗାଡି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଗୋଟିଏ ଅଟୋ ଓ କାରରେ ଯାଉଥିବା ଏକ ପରିବାର ପାଣି ଭିତରେ ରହି ଯାଇଥିଲେ। ସିଟି ବସ୍‌ଗୁଡ଼ିକ ଅଧା ବୁଡିଯାଇଥିଲା। ବର୍ଷା ପାଣିରେ କାର୍ ବୁଡି ଯିବା ଯୋଗୁଁ କାର୍ ଷ୍ଟାର୍ଟ ମଧ୍ୟ ବନ୍ଦ ହୋଇଯାଇଥିଲା। ଫଳରେ ପାଣି ଭିତରେ କିଛି ଏହା ସମୟ ଫସି ରହି ଯାଇଥିଲା। ସାଧାରଣ ଲୋକ ଅସୁବିଧାରେ ପଡ଼ିଥିଲେ। ସବୁବେଳେ ବର୍ଷାରେ ଇସ୍କନ ଆଗରେ ପାଣି ଜମିବା ଏକ ସାଧାରଣ ଘଟଣା ପାଲଟିଛି।

ପ୍ରବଳ ବର୍ଷା ଯୋଗୁଁ କ୍ୟାପିଟାଲ ହସ୍ପିଲାଟର ସମେତ ବିଏମ୍‌ସିର କିଛି ହସ୍ପିଟାଲରେ ମଧ୍ୟ ପାଣି ପଶି ଯାଇଥିଲା। ଯାହାଫଳରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କ୍ୟାପିଟାଲ ହସ୍ପିଟାଲର ବିଭିନ୍ନ ସ୍ଥାନରେ ଝରକା ଏବଂ କରିଡର କାନ୍ଥରେ ଲାଗିଥିବା କାଚ ଭାଙ୍ଗି ଯାଇଛି। ଏହି ବାଟରେ ନିୟମିତ ଭାବେ ବର୍ଷା ପାଣି ପସୁଛି। ଆଜି ମଧ୍ୟ ବର୍ଷା ପସିବା ଯୋଗୁଁ ଚର୍ମ, ଦନ୍ତ ଏବଂ ଇଏନ୍‌ଟି ଓପିଡିରେ ପାଣି ଜମି ଯାଇଥିଲା। ଡେଣ୍ଟାଲ ଓଟି ଏକପ୍ରକାର ଅଚଳ ହୋଇପଡ଼ିଥିଲା।



ୟୁନିଟ୍-୧ସ୍ଥିତ ଜିଏର ସରକାରୀ କ୍ୱାର୍ଟର୍ସରେ ପସିଲା ପାଣି। ସରକାରୀ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ବର୍ଷା ଯୋଗୁଁ ୟୁନିଟ୍-୧ ସ୍ଥିତ ହାଟର ଅବସ୍ଥା ସଂଘାତିକ ହୋଇ ପଡ଼ିଥିଲା। ହାଟ କାଦୁଆ ପଚ ପଚ ହୋଇଯାଇଥିଲା। ବ୍ୟବସାୟୀ ଏବଂ ଗ୍ରାହକ ଏହାକୁ ନେଇ ଅସନ୍ତୋଷ ହୋଇଥିଲା।

ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍, ପଟିଆ, ଆଚାର୍ଯ୍ୟବିହାର, ଇସ୍କନ ମନ୍ଦିର ଛକ, ରସୁଲଗଡ଼, ଏଜି ଛକ, ଜୟଦେବ ବିହାର, କଳିଙ୍ଗ ଷ୍ଟାଡିୟମ, ବମିଖାଲ, କଟକରୋଡ୍ ଆଦି ସ୍ଥାନରେ ବର୍ଷା ପାଣି ଜମି ରହିବା ଫଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜାତୀୟ ରାଜପଥର କିଛି ସ୍ଥାନରେ ଆଚାର୍ଯ୍ୟ ବିହାର, ବରମୁଣ୍ଡା, ପଳାଶୁଣି ନିକଟରେ ଅଣ୍ଟାଏ ଅଣ୍ଟାଏ ପାଣି ଯୋଗୁଁ ଜାତୀୟ ରାଜପଥରେ ଗାଡିଗୁଡ଼ିକ ୪ ଘଣ୍ଟା ଧରି ଲମ୍ବା ଲାଇନ୍‌ରେ ଛିଡା ହୋଇଥିଲା। ମାତ୍ର ୨ ଘଣ୍ଟା ବର୍ଷା ବିଏମ୍‌ସିର ଡ୍ରେନେଜ୍ ବ୍ୟବସ୍ଥାର ପୋଲ୍ ଖୋଲି ଦେଇଥିଲା।

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ବୁଧବାର ଦୁଇଘଣ୍ଟା ବର୍ଷାରେ ଭୁବନେଶ୍ୱରବାସୀ ଘାଇଲା ହୋଇପଡ଼ିଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦୁଇଘଣ୍ଟା ମଧ୍ୟରେ ରାଜଧାନୀରେ ୪୦ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅପରପକ୍ଷେ ଭୁବନେଶ୍ୱର ପାଇଁ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସମ୍ଭାବ୍ୟ ବର୍ଷା ପାଇଁ ସୌଭାଗ୍ୟ ନଗର, ବସ୍ତି ଅଞ୍ଚଳ, ଜିଜିପି ଏବଂ ପଟିଆରେ ଜଳ ନିଷ୍କାସନ ହୋଇ ପାରୁ ନ ଥିବା କଲୋନୀ ବାସିନ୍ଦା ଏହାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି।

### ବିଏମ୍‌ସି ପକ୍ଷରୁ ର୍‍ୟାପିଡ୍ ଆକ୍ସନ ଟିମ୍ ନିୟୋଜିତ

ବିଏମ୍‌ସି ଅଞ୍ଚଳରେ ମୂଷଳଧାରାରେ ବର୍ଷା ଓ ବଜ୍ରପାତ ହୋଇଥିଲା। ଫଳରେ କେତେକ ସ୍ଥାନରେ ସାମୟିକ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଥିଲା। କିନ୍ତୁ ଏହାର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ରାପିଡ୍ ଆକ୍ସନ ଟିମ୍ (ରାଟ୍) ନିୟୋଜିତ କରାଯାଇଥିଲା। ଜରୁରିକାଳୀନ ଭିତ୍ତିରେ ବିଭିନ୍ନ ସ୍ଥାନରେ ଡ୍ରେନ ସଫା ଓ ପଙ୍କୋଦ୍ଧାର କରି ଜଳ ନିଷ୍କାସନ କରିଥିଲେ। ଅନ୍ୟ କେତେକ ସ୍ଥାନରେ ପାଣି ପମ୍ପ ଲଗାଇ ମଧ୍ୟ ଜଳ ନିଷ୍କାସନ କରାଯାଇଥିଲା। ଅଗ୍ନିଶମ ବିଭାଗର ୫ଟି ପାଣି ପମ୍ପର ଉପଯୋଗ କରାଯାଇଥିଲା। ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ପାନବରଜ ବସ୍ତିରେ ଗୋଟିଏ, ୩୮ ନମ୍ବର ୱାର୍ଡ ଅନ୍ତର୍ଗତ ଦମୟନ୍ତୀ ଆପାର୍ଟମେଣ୍ଟରେ ଗୋଟିଏ, ଡ୍ରେନ ନମ୍ବର ୫ ଓ ୬ ଉପରେ ଥିବା ସାଇଫନ ନିକଟରେ ଗୋଟିଏ ଲେଖାଏଁ, ୩୧ ନମ୍ବର ୱାର୍ଡ ଅନ୍ତର୍ଗତ କଟକ ରୋଡ ବମିଖାଲ ନିକଟରେ ଗୋଟିଏ ପାଣିପମ୍ପ ଲଗାଇ ତୁରନ୍ତ ଜଳ ନିଷ୍କାସନ କରାଯାଇଥିଲା। ଏହା ବ୍ୟତୀତ ରାଟ୍ ଟିମ୍ ବିଏମ୍ ସି ଅଞ୍ଚଳର ବିଭିନ୍ନ ସାମ୍ଭାବ୍ୟ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖିବା ସହ ସମ୍ବେଦନଶୀଳ ରସୁଲଗଡ଼ ଓ ଜୟଦେବ ବିହାରଠାରେ ଦୁଇଟି ଟିମ୍ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିଲେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଥାନାରୁ ଖସିଗଲା; ବଜାରରୁ ଧରାପଡ଼ିଲା



ଭୁବନେଶ୍ୱର, ୮।୧୦ (ସମିସ): ସୁଯୋଗ ଦେଖି ଥାନାରୁ ଖସି ପଳାଇଲା, କିଛି ସମୟପରେ ବଜାରରୁ ଧରାପଡ଼ିଲା। ବୁଧବାର ସକାଳେ ତମାଣ୍ଡୋ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଗିରଫ ଅଭିଯୁକ୍ତ ହେଉଛି ପାଇକରାପୁରର ଆଶିଷ ସାମନ୍ତରାୟ ଓରଫ୍ ଟିନା (୨୬)।

ସୂଚନା ଅନୁସାରେ, ସିଜିପୁଟ ଅଞ୍ଚଳରେ ଥିବା ବ୍ଲୁପ୍ରିଣ୍ଟ ସାଇନ୍ ଆପାର୍ଟମେଣ୍ଟର ନିର୍ମାଣ ଚାଲୁଥିବା ବେଳେ ଶ୍ରମିକ ଓ ମିସ୍ତ୍ରି ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରି ଆପାର୍ଟମେଣ୍ଟର ତଳ ମହଲାରେ ରହୁଛନ୍ତି। ଗତ ୫ ତାରିଖ ସକାଳେ ଟିନା ଗୋଟିଏ ପ୍ଲାଏ କଟର ମେସିନ୍, ଗୋଟିଏ ଡ୍ରିଲ୍ ମେସିନ୍, ଗୋଟିଏ ସିଣ୍ଡର ମେସିନ୍ ଓ ନଗଦ ୪ ହଜାର ୫୦୦ ଟଙ୍କା ଚୋରିକରି ନେଇଯାଇଥିଲା। ଅଭିଯୋଗ ପରେ ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଟିନାକୁ ଚିହ୍ନଟ କରିବା ସହ ଥାନାକୁ ଉଠାଇ ଆଣିଥିଲା। ବୁଧବାର ସକାଳୁ ସକାଳୁ ଟିନା ସୁଯୋଗ ଦେଖି ଥାନାରୁ ଖସି ପଳାଇଥିଲା। ପୁଲିସ କର୍ମଚାରୀମାନେ ତାକୁ ଖୋଜାଖୋଜି କରି ତମାଣ୍ଡୋ ବଜାରରୁ କାବୁ କରିଥିଲେ। ଜେରା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲା। ଟିନା କହିବା ମୁତାବକ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୋଟିଏ ପ୍ଲାଏ କଟର ମେସିନ୍, ଗୋଟିଏ ଡ୍ରିଲ୍ ମେସିନ୍ ଓ ଗୋଟିଏ ସିଣ୍ଡର ମେସିନ୍ ଜବତ କରିଥିଲା।

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବେସରକାରୀ ଅଧ୍ୟାପକ, କର୍ମଚାରୀ

ଭୁବନେଶ୍ୱର, ୮।୧୦(ସମିସ): ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ନିମନ୍ତେ ବାରମ୍ବାର ଦାବି ସତ୍ତ୍ୱେ ସରକାର ଦାବି ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ। ଏ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଗୋଦାବରୀଶ ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ପ୍ରକାଶ ଥାଉ କି ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ ସରକାରଙ୍କ ସହ ବାରମ୍ବାର ଆଲୋଚନା କଲା ପରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ। ତେଣୁ ସଂଘ ଶିକ୍ଷକ ଦାବି ଦିବସ ଅଗଷ୍ଟ ୧୬ ତାରିଖରୁ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଗତ ମାସରେ ଗାନ୍ଧୀମାର୍ଗରେ କର ବା ମର ସମାବେଶ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଆମରଣ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପରେ ତାଙ୍କର ପ୍ରତିନିଧି ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ବିଧାୟକ ଏକାମ୍ର ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା ହୋଇ ଆସନ୍ତା ୧୦ ରୁ ୨୦ ତାରିଖ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥାରଖି ସଂଘ ସାମୟିକଭାବରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ହେଲେ ବୁଧବାର ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ସରକାରଙ୍କୁ ନିବେଦନ କରିଛନ୍ତି ପୂର୍ବ ଲିଖିତ ପ୍ରତିଶ୍ରୁତି ମୁତାବକ ଉପରୋକ୍ତ ସମୟ ମୁତାବକ ମଧ୍ୟରେ ସରକାର ସଂଘ ସହ ଆଲୋଚନା ରଖିବା ପାଇଁ। ଯଦି ସରକାର ଏଥିପାଇଁ କୌଣସି ନୀତି ଅବଲମ୍ବନ ନ କରନ୍ତି ତେବେ ପୁନର୍ବାର ସଂଘ ଆନ୍ଦୋଳନକୁ ଓହ୍ଲାଇବ। ଏଥିପାଇଁ ଯେଉଁଅପ୍ରିତିକର ପରିସ୍ଥିତି ସୃଷ୍ଟିହେବ ସରକାର ସେଥିପାଇଁ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ମନ୍ଦିରରୁ ଦାନବାକ୍ସ ଚୋରି କରି ଗିରଫ



ଭୁବନେଶ୍ୱର, ୮।୧୦ (ସମିସ): ମନ୍ଦିରରୁ ଦାନବାକ୍ସ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅଞ୍ଚଳର ମଳୟ ଭୋଇ (୨୯)। ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ମଳୟ ନନ୍ଦନ ବିହାର ଅଞ୍ଚଳରେ ଥିବା ଏକ ମନ୍ଦିରରେ ପଶି ଦାନବାକ୍ସ ଚୋରି କରିଥିଲା। ସେହି ସମୟରେ ମନ୍ଦିରର ପୂଜକ ହାତରେ ଧରାପଡ଼ି ଯାଇଥିଲା। ସେ ପିସିଆର ଡାକି ଅଭିଯୁକ୍ତଙ୍କୁ ପୁଲିସ ଜିମା ଦେଇଥିଲେ। ଏନେଇ ସ୍ମୃତିରାଜ ସାହୁଙ୍କ ଅଭିଯୋଗ ଆଧାରରେ ଇନଫୋସିଟି ଥାନା ପୁଲିସ ମାମଲା ରୁଜୁ କରିଥିଲା। ମଳୟକୁ ଗିରଫ କରିବା ସହ ୨୩ ହଜାର ୩୭୦ ଟଙ୍କା ଜବତ କରିଥିଲା।


**SBI**

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


# ଚାକିରି ଚିନ୍ତା; ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ

- ଭବିଷ୍ୟତ ଗଢ଼ିବାକୁ ବାଧକ ସାଜୁଛି ବାସଗୃହ
- ଷ୍ଟେସନଠାରୁ ଆରମ୍ଭ କରି ରାସ୍ତାକଡ଼ରେ ବିତୁଛି ଜୀବନ

ଭୁବନେଶ୍ୱର, ୮।୧୦(ସମିସ): ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଶିକ୍ଷିତ ଯୁବଗୋଷ୍ଠୀ ରାଜଧାନୀକୁ ବାଛୁଛନ୍ତି। ଏପରିସ୍ଥଳେ ଗ୍ରାମାଞ୍ଚଳରୁ ହଜାର ହଜାର ଶିକ୍ଷିତ ଯୁବକ ଚାକିରି ପାଇଁ ଭୁବନେଶ୍ୱର ଚାଲି ଆସୁଛନ୍ତି। କିନ୍ତୁ ଏଠାରେ ମୁଣ୍ଡଗୁଞ୍ଜିବା ପାଇଁ ସୁବିଧା ଟିକେ ନ ଥିବାରୁ ଖରାବର୍ଷାରେ ସେମାନେ ରାସ୍ତାକଡ଼ଠାରୁ ଆରମ୍ଭ କରି ରେଳଷ୍ଟେସନରେ ମଧ୍ୟ ଦିନ ବିତାଇବାକୁ ପଡୁଛି। ଏଭଳି ପ୍ରତିକୂଳାତ୍ମକ ପରିସ୍ଥିତିରେ କେତେକ ଯୁବକ ସଫଳ ହୋଇଥିବା ବେଳେ ଅନେକ ମେଧାବୀଙ୍କୁ ନିରାଶ ହୋଇ ଶେଷ ସମୟରେ ଗାଁକୁ ଫେରିଯିବାକୁ ପଡୁଛି।

ରାଜଧାନୀରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ରହିଛି ଅନୁକୂଳ ବାତାବରଣ ସାଙ୍ଗକୁ ପ୍ରଶିକ୍ଷଣ ଏବଂ ତାଲିମ ନେବା ଭଳି ସୁବିଧା। ଯେଉଁଥିପାଇଁ ପରୀକ୍ଷା ପ୍ରସ୍ତୁତି ହେବାକୁ ରାଜ୍ୟର କୋଣ ଅନୁକୋଣରୁ ଯୁବପିଢି ରାଜଧାନୀମୁହାଁ ହେଉଛନ୍ତି। ଦିନଥିଲା ରାଜଧାନୀର ନୂଆପଲ୍ଲୀ ଅଞ୍ଚଳରେ ଥିବା ବ୍ୟାଚଲର ବାରାକରେ ଅନେକ ଶସ୍ତାରେ ଏବଂ ସୁବିଧାରେ ରହି ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ସଫଳତା ମଧ୍ୟ ପାଉଥିଲେ। ଏବେ ବି ବିଭିନ୍ନ ସରକାରୀ ଦପ୍ତରରେ ଅଧିକାଂଶ ଚାକିରିଆ ବ୍ୟାଚଲର୍ ବାରାକ୍‌ର ପୁରୁଣା ଅନ୍ତେବାସୀ। ହେଲେ ଗତ କିଛିବର୍ଷ ତଳେ ସେହି କୋଠାକୁ ଅସୁରକ୍ଷିତ ଘୋଷଣା କରି ଭାଙ୍ଗି ଦିଆଯିବା ପରେ ଏବେ ଚାକିରି ଆଶାୟୀ ଯୁବଗୋଷ୍ଠୀଙ୍କ ପାଇଁ ରାତିଯାପନର ସୁବିଧା ନାହିଁ। ଫଳରେ ସେମାନେ ଏଠି ସେଠି ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ଫଳରେ ଆଜିର ଦୁର୍ଦ୍ଦିନରେ ଭବିଷ୍ୟତ ନିର୍ମାଣର ପ୍ରୟାସ ଚାଲିଥାଏ। ଏହି ପରିପେକ୍ଷୀରେ ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ତଥା ନିଜ ଅଞ୍ଚଳର ବିଧାୟକ ପାଲଟନ୍ତି ଉଦାହରଣ। ରାଜଧାନୀରେ ବିଧାୟକଙ୍କ ପାଇଁ ଥିବା କ୍ୱାର୍ଟର୍ସକୁ କିଛି ବିଧାୟକ ନିଜ ଅଞ୍ଚଳର ଲୋକଙ୍କ ପାଇଁ ଗେଷ୍ଟ ହାଉସ ଘୋଷଣା କରିଥିବା ଉଦାହରଣ ଦେଖିବାକୁ ମିଳୁଛି। ଏନେଇ ରାଜଧାନୀରେ ଥିବା କିଛି ଆଶାୟୀ କୁହନ୍ତି, ଯଦି ସରକାରୀସ୍ତରରେ ଏକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ ହେଲେ ଏହା ଏକ ଜୀବନଦାୟୀ ସମାଧାନ ହେବ। ଏହା ଦୂରବର୍ତ୍ତୀ ଅଞ୍ଚଳର ଯୁବକ-ଯୁବତୀଙ୍କୁ ଉପକାର ପ୍ରଦାନ କରିବ। ସୁଲଭ ମୂଲ୍ୟରେ ରହଣୀ ସୁବିଧା ମିଳିବ, ଯାହା ଆର୍ଥିକ ବୋଝ ହ୍ରାସ କରି ସେମାନଙ୍କୁ ଶିକ୍ଷା ଓ ପ୍ରସ୍ତୁତି ଉପରେ ଅଧିକ ବିନିଯୋଗ କରିବାକୁ ସକ୍ଷମ ହେବ।

### ସେମାନଙ୍କ ମୁହଁରୁ:



ଭୁବନେଶ୍ୱରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାରେ ସବୁଠି ବଡ ସମସ୍ୟା ହେଉଛି, ରହଣୀ ସମସ୍ୟା। ଆମେ ରାଜ୍ୟର ଶେଷ ପ୍ରାନ୍ତ ମୟୂରଭଞ୍ଜରୁ ଏଠାକୁ ଆସି ପହଞ୍ଚିବା ଓ ପରୀକ୍ଷା ଦେବା ଖୁବ୍ ଆହ୍ୱାନମୂଳକ ଅଟେ। ଭୁବନେଶ୍ୱର ପରି ବ୍ୟୟବହୁଳ ସହରରେ କୌଣସି ହୋଟେଲ ରୁମ୍ ଅଳ୍ପ ମୂଲ୍ୟରେ ମିଳିବା ମଧ୍ୟ ସମ୍ଭବ ନୁହେଁ। ତେଣୁ ବାଧ ବାଧକତାରେ ରାସ୍ତା ପିଣ୍ଡାରେ ଶୋଇବାକୁ ପଡୁଛି।

-ନିତାଇ ପୂର୍ତ୍ତି, ଯଶିପୁର, ମୟୂରଭଞ୍ଜ



ରାଜ୍ୟର ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱରରେ ପରୀକ୍ଷା, ଚାକିରି ସଂକ୍ରାନ୍ତୀୟ ପ୍ରକ୍ରିୟା କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ବାରମ୍ବାର ଯାତ୍ରା କରୁଛନ୍ତି। ଏଥିରେ ସେମାନେ କେବଳ ସମୟସାପେକ୍ଷ ନୁହେଁ ବରଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ସମସ୍ୟା ଭୋଗୁଛନ୍ତି। ଅନେକ ସମୟରେ ଏମାନେ ନିରାପଦ ଓ ସୁଲଭ ରହିବା ସ୍ଥାନର ଅଭାବ ମାନସିକ ଚାପର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ତେଣୁ ରହିବା ପାଇଁ ଟ୍ରାଞ୍ଜିଟ ହାଉସ୍‌ର ଆବଶ୍ୟକତା ରହିଛି।

-ସୁରଜ କୁମାର ବେହେରା, ମାଲକାନଗିରି



ରାଜଧାନୀ ହେଉଛି ଅର୍ଥ ରୋଜଗାର ପାଇଁ ପ୍ରମୁଖ ସ୍ଥାନ। କିନ୍ତୁ ଚାକିରି ଆଶାୟୀଙ୍କଠାରୁ ଜୋମାଟୋ, ସ୍ୱିଗିରେ ମଧ୍ୟ କାମ କରୁଥିବା ଯୁବଗୋଷ୍ଠୀଙ୍କ ରହିବା ପାଇଁ ଏଠାରେ କୌଣସି ସୁବିଧା ନାହିଁ। ତେଣୁ ସେମାନଙ୍କ ପାଇଁ ସୁହାଇଲା ଭଳି ଟ୍ରାନଜିଟ ହାଉସ ଭଳି କିଛି ସୁବିଧା ଯାହା ସେମାନଙ୍କୁ ସୁହାଇଲା ଭଳି ମୂଲ୍ୟରେ ମିଳିପାରନ୍ତା ତେବେ, ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇପାରିବ।

-କେଦାର ମିଶ୍ର, ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ

# ଶ୍ରୀକ୍ଷେତ୍ର ସିଟି

୮/୧୦/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୩୦,୧୬୪/- ସୁନା: ୦୦.୧୦୦ ଗ୍ରାମ୍ ରୁପା: ୨୧.୫୦୦ ଗ୍ରାମ୍





### ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଇ ହବିଷ୍ୟାଳି ନିଖୋଜ

# ରାସ୍ତାରେ କଟିଲା ବ୍ରତଧାରୀଙ୍କ ରାତି

ପୁରୀ,୮।୧୦(ସମିସ)

ହବିଷ୍ୟାଳିଙ୍କ ପ୍ରତି ସରକାର ଏବଂ ପ୍ରଶାସନ କେତେ ସମ୍ବେଦନଶୀଳ ପ୍ରଥମ ଦିନରୁ ହିଁ ଜଳଜଳ ଦିଶିଲାଣି। କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ଆସିଥିବା ଜଣେ ବ୍ରତଧାରୀ ନିଖୋଜ ହୋଇଯିବା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି। କେବଳ ଏତିକି ନୁହେଁ ସରକାରଙ୍କ ଭରସାରେ ଘରୁ ଆସିଥିବା ସମ୍ପୃକ୍ତା ବୃଦ୍ଧାଙ୍କୁ ରାସ୍ତାରେ ରାତି କାଟିବାକୁ ପଡ଼ିଛି। ଶେଷରେ ବୁଧବାର ମଧ୍ୟାହ୍ନରେ ତାଙ୍କୁ ମଙ୍ଗଳାଘାଟ ଛକରୁ ଉଦ୍ଧାର କରିଛନ୍ତି ସ୍ୱେଚ୍ଛାସେବୀ। ସମ୍ପୃକ୍ତା ହବିଷ୍ୟାଳି ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଣପୁରର ରମାମଣି ସେଠୀ (୬୫)।

ମଙ୍ଗଳବାରଠାରୁ ଆରମ୍ଭ ହୋଇଛି କାର୍ତ୍ତିକ ବ୍ରତ। ହବିଷ୍ୟାଳି ଯୋଜନାରେ ପ୍ରାୟ ୨,୫୦୦ ବ୍ରତଧାରୀଙ୍କୁ ୪ଟି ଶିବିରରେ ରଖାଯାଇଛି। ରମାମଣି ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସର ଚତୁର୍ଥ ମହଲାରେ ୪୧୦ ନମ୍ବର ରୁମ୍‌ରେ ରହୁଛନ୍ତି। ମଙ୍ଗଳବାର ଆକାଶଦୀପ ଟେକିସାରିବା ପରେ ଅନ୍ୟ ବ୍ରତଧାରୀଙ୍କ ସହ ଶ୍ରୀମନ୍ଦିରକୁ ଯାଇଥିଲେ ରମାମଣି। ଦର୍ଶନ କରିସାରିବା ପରେ ଯେଉଁ ବସ୍‌ରେ ଯାଇଥିଲେ ସେଥିରେ ଆସିପାରି ନ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚଳାଚଳ କରୁଥିବା ବସ୍‌ରେ ଉଠିଯାଇଥିଲେ। ସେହି ବସ୍ ତାଙ୍କୁ ନେଇ ସମଙ୍ଗ ପାର୍କିଂକୁ ପଳାଇଥିଲା। ରାତିରେ ସେଠାରେ ଓହ୍ଲାଇବା ପରେ କିଛି ଜାଣିପାରି ନ ଥିଲେ। ସେହି ଜାଗାରେ ସେମିତି ଲୋକଙ୍କ ଚଳପ୍ରଚଳ ନ ଥିଲା। ତେଣୁ ସମଙ୍ଗ ପାର୍କିଂ ନିକଟରେ ରାତିରେ ଶୋଇପଡ଼ିଥିଲେ। ଏପଟେ ତାଙ୍କ ସାଥୀ ହବିଷ୍ୟାଳିମାନେ ରମାମଣି ରାତିରେ ନ ଫେରିବାରୁ ଶିବିର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ

### ମଙ୍ଗଳା ଘାଟ ଛକରୁ ଉଦ୍ଧାରକଲେ ସ୍ୱେଚ୍ଛାସେବୀ

କରାଇଥିଲେ। ଫଳରେ ପୁଲିସ, ସ୍ୱେଚ୍ଛାସେବୀ, ଅଧିକାରୀ ସମସ୍ତେ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ହବିଷ୍ୟାଳି ଶିବିର, ଶ୍ରୀମନ୍ଦିର ଆଖପାଖ, ବଡ଼ଦାଣ୍ଡ ଆଦି ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସୂଚନା ମିଳି ନ ଥିଲା। ବୁଧବାର ସକାଳୁ ବି ଖୋଜାଖୋଜି ପ୍ରକ୍ରିୟା ଜାରି ରହିଥିଲା। ତେବେ ମଙ୍ଗଳାଘାଟ ଛକରେ ଜଣେ ବୟସ୍କା ମହିଳା ଠାବ ହୋଇଥିବା ଖବର ପାଇବା ପରେ ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚିଥିଲେ। ରମାମଣିଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ରମାମଣି ସକାଳେ ସମଙ୍ଗ ପାର୍କିଂ ନିକଟରୁ ଚାଲିଚାଲି ମଙ୍ଗଳାଘାଟ ଛକକୁ ଆସିଥିଲେ। କିଛି ଖିଆପିଆ କରି ନ ଥିବାରୁ ତାଙ୍କ ମୁଣ୍ଡ ବୁଲାଇଥିଲା। ସେ ସେହି ଛକ ନିକଟରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିଲା। କିଛି ଲୋକ ତାଙ୍କୁ ଠାବ କରିବା ପରେ ସୂଚନା ଦେଇଥିଲେ। ମଧ୍ୟାହ୍ନରେ ସ୍ୱେଚ୍ଛାସେବୀ ତାଙ୍କୁ ସେଠାରୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପୁନଶ୍ଚ ବୃନ୍ଦାବତୀ ନିବାସ ହବିଷ୍ୟାଳି ଶିବିରକୁ ଅଣାଯାଇଥିଲା।

## ହବିଷ୍ୟାଳି ମା'ମାନଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ



ପୁରୀ,୮।୧୦(ସମିସ): ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଚଳିତ ବର୍ଷର କାର୍ତ୍ତିକ ବ୍ରତ। ଏକମାସ ଧରି ଚାଲିବାକୁ ଥିବା ଏହି ବ୍ରତକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି। ପୂର୍ବରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତ ହବିଷ୍ୟାଳି କେନ୍ଦ୍ର ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବୁଧବାର ଜିଲ୍ଲାପାଳ ଶ୍ରୀ ପରିଡ଼ା ପ୍ରତ୍ୟେକ ହବିଷ୍ୟାଳି କେନ୍ଦ୍ରକୁ ପରିଦର୍ଶନ କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଶେଷକରି ପାନୀୟଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ ପାଇଁ ଗାଡ଼ି ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ପରେ ହବିଷ୍ୟାଳି ମା'ମାନଙ୍କ ସହ ଜିଲ୍ଲାପାଳ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ହବିଷ୍ୟାଳି କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା, ମନ୍ଦିରରେ ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଓ ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ମା'ମାନେ ଜିଲ୍ଲାପାଳଙ୍କୁ କହିଥିଲେ। ମା'ମାନେ ହୁଳହୁଳି ପକାଇ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଆଶୀର୍ବାଦ ଦେଇଥିଲେ। ଏହାକୁ ଯେପରି ଆହୁରି ଅଧିକ ଶୃଙ୍ଖଳିତ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ।

### ଉତ୍ତର ଦ୍ୱାରରେ ଫିଡ୍‌ବ୍ୟାକ୍ ସେଣ୍ଟର

## ପୁଲିସ ବ୍ୟବସ୍ଥାକୁ ଭକ୍ତଙ୍କ ପ୍ରଶଂସା




ପୁରୀ,୮।୧୦(ସମିସ): ଆରମ୍ଭ ହୋଇଯାଇଛି ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି ହବିଷ ବ୍ରତ ପାଳନ କରିବା ଲାଗି ଆସିଛନ୍ତି ହଜାର ହଜାର ହବିଷ୍ୟାଳି। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ପ୍ରାୟ ୨,୫୦୦ ବ୍ରତଧାରୀ ରହିଥିବାବେଳେ ବ୍ୟକ୍ତିଗତ ଭାବେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା, ଆଶ୍ରମ ଆଦିରେ ହଜାର ହଜାର ବ୍ରତଧାରୀ ରହି ହବିଷ ବ୍ରତ ପାଳନ କରୁଛନ୍ତି। ଏହି ମାସଟାଯାକ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥାଏ। ତେଣୁ ଶୃଙ୍ଖଳିତ ଦର୍ଶନ କରାଇବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ତେବେ ଏଥର ପୁଲିସ ବ୍ୟବସ୍ଥିତ ଢଙ୍ଗରେ ସମସ୍ତ ବ୍ୟବସ୍ଥା କରିଥିବାବେଳେ ଏହାକୁ ପ୍ରଶଂସା କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଫିଡ୍‌ବ୍ୟାକ୍ ସେଣ୍ଟର ସ୍ଥାପିତ ହୋଇଥିବାବେଳେ ମନ୍ଦିର ପରିସରର ବିଭିନ୍ନ ସ୍ଥାନରେ କ୍ୟୁଆର୍ ସ୍କାନ୍ ବ୍ୟବସ୍ଥା ମାଧ୍ୟମରେ ଭକ୍ତମାନେ ନିଜ ମତାମତ ଦେଇପାରୁଛନ୍ତି। କାର୍ତ୍ତିକ ମାସର ବୁଧବାର ଦ୍ୱିତୀୟ ଦିନ ୯୪ ଜଣ ଭକ୍ତଙ୍କଠାରୁ ଫିଡ୍‌ବ୍ୟାକ୍ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୭୦ ଜଣ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପରେ ପୁରୀ ପୁଲିସ ଦ୍ୱାରା ହୋଇଥିବା ବ୍ୟବସ୍ଥାକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି। ୨୪ ଜଣ କିଛି ପ୍ରସ୍ତାବ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣ ମନ୍ଦିର ପରିସରରେ କିଛି ସ୍ଥାନରେ ପାଣି ରଖିବା ପାଇଁ କହିଥିଲେ। ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାର ସୃଷ୍ଟି ମିଶ୍ର କହିଥିଲେ, ମନ୍ଦିର ଭିତରେ ଏକ ଛୋଟ ପିଲା ଅସୁସ୍ଥ ହୋଇପଡ଼ିଥିଲା। ତୁରନ୍ତ ପୁଲିସ ପିଲା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ସେଠାରୁ ବାହାର କରି ଶାନ୍ତିପୂର୍ଣ୍ଣ ଭାବେ ଦର୍ଶନ କରାଇ ଛାଡ଼ିଥିଲେ। ଏହି ମାନବିକ ସେବା ପାଇଁ ଓଡ଼ିଶା ପୁଲିସକୁ ଧନ୍ୟବାଦ। ଦିଲ୍ଲୀର ଜଣେ ଭକ୍ତ ଲେଖିଛନ୍ତି 'ଭିଡ଼ ଭିତରେ ପୁଲିସ ସଂଯମ ଓ ସେବାଭାବ ରଖି ଭକ୍ତମାନଙ୍କୁ ସହଯୋଗ କରୁଛନ୍ତି। ଏପରି ସମର୍ପିତ ପୁଲିସ ପ୍ରଶଂସାର ପାତ୍ର'। ଅନ୍ୟପକ୍ଷରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପବିତ୍ର କାର୍ତ୍ତିକ ମାସରେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ, ନିରାପତ୍ତା ଓ ଯାତାୟାତ ସୁବିଧା ଦିଗ ପ୍ରତି ମଧ୍ୟ ପୁଲିସ ଧ୍ୟାନ ଦେଉଛି। ଆଗାମୀ ଦିନରେ ଭକ୍ତମାନଙ୍କ ସହଯୋଗ ଓ ମତାମତ ଆଧାରରେ ସେବା ଓ ସୁବିଧା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ।

### ଶ୍ରୀମନ୍ଦିର ଭିତରେ ଅଭାବନୀୟ ଘଟଣା

## ଦକ୍ଷିଣା ପାଇଁ ସେବାୟତ ହାତାହାତି

ପୁରୀ,୮।୧୦(ସମିସ): ଶ୍ରୀମନ୍ଦିରରେ ଘଟିଛି ଏକ ଅଭାବନୀୟ ଘଟଣା। ଦକ୍ଷିଣା ଟଙ୍କାକୁ କେନ୍ଦ୍ରକରି ମନ୍ଦିର ଭିତରେ ଦୁଇ ସେବାୟତ ହାତାହାତି ହୋଇଛନ୍ତି। ଏତିକିରେ କଥା ସୀମିତ ରହିନି। ଏହି ପ୍ରସଙ୍ଗ ଥାନା ଏବଂ ଡାକ୍ତରଖାନାରେ ପହଞ୍ଚିଛି। ହାତାହାତିରେ ଆହତ ସେବାୟତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଯାଇଥିବାବେଳେ ଅଭିଯୋଗ ପାଇଁ ଉଭୟେ ସିଂହଦ୍ୱାର ଥାନାକୁ ଯାଇଛନ୍ତି। ତେବେ ଥାନାରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲେ ମଧ୍ୟ ଟଙ୍କା ପାଇଁ ଦୁଇ ସେବାୟତ ମହାପ୍ରଭୁଙ୍କ ସମ୍ମୁଖରେ ହାତାହାତି ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେବାୟତଙ୍କ ଅର୍ଥଲାଳସା ପାଇଁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଖରେ ବଦ୍‌ନାମ ହୋଇଛି ବଡ଼ଦେଉଳ।

ସୂଚନା ଅନୁସାରେ, ଭକ୍ତମାନେ ଦର୍ଶନ କରିବା ସମୟରେ ଥାଳିରେ ଦକ୍ଷିଣା ଦେଇଥା'ନ୍ତି। ଯଦିଓ ଥାଳି, ଗରା ପକାଇବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି ଏହାକୁ କିନ୍ତୁ ପାଳନ କରାଯାଉ ନାହିଁ। ପୂର୍ବ ପରି ଅଧିକୃତ ସେବାୟତ ଶ୍ରୀମନ୍ଦିର ଭିତରେ ଥାଳି, ଗରା ମାଧ୍ୟମରେ ଦାନ, ଦକ୍ଷିଣା ନେଉଛନ୍ତି। ତେବେ ବୁଧବାର ଶ୍ରଦ୍ଧାଳୁ ଥାଳିରେ ଦକ୍ଷିଣା ଦେବା ସମୟରେ ଦୁଇ ସେବାୟତଙ୍କ ମଧ୍ୟରେ ଏହି ଟଙ୍କାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରସ୍ପରକୁ ଆକ୍ଷେପ କରି କହିଥିଲେ। ଏତିକିରେ କଥା ଅଟକି ନ ଥିଲା। ଦୁଇଜଣ ଠେଲାପେଲା, ଏପରିକି ହାତାହାତି ହୋଇଥିଲେ। ଜୟ ବିଜୟ ଦ୍ୱାର ନିକଟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏଥିରେ ଉଭୟଙ୍କଠାରେ ସାମାନ୍ୟ ଆଘାତ ଲାଗିଥିବାବେଳେ ନାରାୟଣ ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହୋଇଥିଲେ। ପରେ ଉଭୟେ ସିଂହଦ୍ୱାର ଥାନାରେ ପହଞ୍ଚିଥିଲେ। ଉଭୟ ନିଯୋଗର କର୍ମକର୍ତ୍ତାମାନେ ଥାନାରେ ପହଞ୍ଚିବା ପରେ ଏହାର ଆପୋଷ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଏ ନେଇ ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶଙ୍କୁ ପଚାରିବାରେ ଉଭୟେ ଥାନାକୁ ଆସିଛନ୍ତି। କିନ୍ତୁ କେହି ଅଭିଯୋଗ କରିନାହାନ୍ତି। ସେମାନଙ୍କ ଭିତରେ ଆପୋଷ ସମାଧାନ ପାଇଁ ଆଲୋଚନା ଚାଲିଛି ବୋଲି କହିଥିଲେ। ତେବେ ରିପୋର୍ଟ ଲେଖା ହେବା ବେଳକୁ ରାତି ପ୍ରାୟ ୧୦ଟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିଲା।

### ନାୟକପାଟଣାରେ ପୋଥିଚିତ୍ର କର୍ମଶାଳା

## ପ୍ରଶିକ୍ଷଣ ନେଲେ ମହାରାଷ୍ଟ୍ରର ଛାତ୍ରଛାତ୍ରୀ



ପୁରୀ,୮।୧୦(ସମିସ): ଓଡ଼ିଶାର ପୁରାତନ ଚିତ୍ରକଳା ପୋଥି ଚିତ୍ର। ତାଳପତ୍ରରେ ଖୋଦିତ କରି ଆକର୍ଷଣୀୟ ଚିତ୍ର ପ୍ରସ୍ତୁତ କରିବାରେ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ପାଇଛି ପୁରୀ ଜିଲ୍ଲାର ନାୟକପାଟଣା ଗାଁ। ତେବେ ଅନେକ ସମୟରେ ଦେଶ ବିଦେଶର ପର୍ଯ୍ୟଟକ ଏହି ଗାଁକୁ ଆସି ପୋଥିଚିତ୍ର ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ଅନେକ ମଧ୍ୟ ଏହି ଚିତ୍ରକଳା ଶିକ୍ଷା ଗ୍ରହଣ କରିଥା'ନ୍ତି। ଏହି କ୍ରମରେ ବୁଧବାର ଗାଁର କଳାକୃତି ବିକାଶ କେନ୍ଦ୍ର ତରଫରୁ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାରାଷ୍ଟ୍ର କୋହ୍ଲାପୁରସ୍ଥିତ ସଞ୍ଜୟ ଘୋଡ଼ୱାତ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ଅଷ୍ଟମ ଶ୍ରେଣୀର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପୋଥିଚିତ୍ର ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ପୋଥିଚିତ୍ର ଗୁରୁ ମାଗା ନାୟକଙ୍କଠାରୁ ପୋଥିଚିତ୍ର ବିଷୟରେ ବିସ୍ତୃତ ଭାବେ ଶିଖିବା ସହିତ ଏହାର ଇତିହାସ ସମ୍ପର୍କରେ ଜାଣିଥିଲେ। ଛାତ୍ରଛାତ୍ରୀ ଗୁରୁ ମାଗା ନାୟକ ପ୍ରସ୍ତୁତ କରୁଥିବା ପୋଥିଚିତ୍ର ଦେଖି ବେଶ୍ ଖୁସି ହୋଇଥିଲେ। ତାଳପତ୍ରରେ ଖୋଦେଇ କରି ଏମିତି ଜୀବନ୍ତ ଚିତ୍ରକଳା ପ୍ରସ୍ତୁତ କରାଯାଏ ତାହା ଦେଖି ଛାତ୍ରଛାତ୍ରୀ ଆଶ୍ଚର୍ଯ୍ୟ ହୋଇଥିଲେ। ଗୁରୁ ଶ୍ରୀ ନାୟକ ଏହି ପୋଥିଚିତ୍ର କିପରି ପ୍ରସ୍ତୁତ କରାଯାଏ ତାହାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିସ୍ତୃତ ଭାବେ ପିଲାମାନଙ୍କୁ ବୁଝାଇ କହିବା ସହ ଏହାର ନମୁନା ଦେଖାଇଥିଲେ। ଗାଁର ପ୍ରତ୍ୟେକ ଘର କାନ୍ଥରେ ହୋଇଥିବା ଚିତ୍ରକଳା ବୁଲି ଦେଖିଥିଲେ ଛାତ୍ରଛାତ୍ରୀ। ଏହି ଅବସରରେ କଳାକୃତି ବିକାଶ କେନ୍ଦ୍ରର ସମ୍ପାଦକ ପ୍ରସନ୍ନ ନାୟକ, ବଟକୃଷ୍ଣ ବରାଳ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ଆରମ୍ଭ ହେଲା ୫୮ତମ କୁମାର ଉତ୍ସବ

## ଲଗ୍ନଲୋକିତ ଶ୍ରୀକ୍ଷେତ୍ର କୁମାର ଓ ଅରୋଶିଖା ଶ୍ରୀକ୍ଷେତ୍ର କୁମାରୀ



ପୁରୀ,୮।୧୦(ସମିସ): ଶ୍ରୀକ୍ଷେତ୍ରରେ ଅନ୍ୟତମ ସର୍ବପୁରାତନ ଅନୁଷ୍ଠାନ କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ବୁଧବାର ସନ୍ଧ୍ୟାରେ ୫୮ତମ କୁମାର ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଶିଷ୍ଟ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବରିଷ୍ଠ ସେବାୟତ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ବିଶେଷ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଏବଂ ସୁପ୍ରିମକୋର୍ଟର ବିଶିଷ୍ଟ ଅଧିବକ୍ତା ବିରଜା ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କାର୍ଯ୍ୟକାରୀ ସଭାପତି ଇଂ. ରାଜେଶ କୁମାର ମିଶ୍ର, ଚକ୍ରଧର ମହାପାତ୍ର, ଉପଦେଷ୍ଟା ମନୋଜ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଉପସଭାପତି ଅମରେନ୍ଦ୍ର ପାଇକରାୟ, ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ପ୍ରତିଯୋଗିତା ଅଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚିତ ହେବା ସହ ଲଗ୍ନଲୋକିତ ତ୍ରିପାଠୀ ଏବଂ ଅରୋଶିଖା ରଥଙ୍କୁ ଯଥାକ୍ରମେ ଶ୍ରୀକ୍ଷେତ୍ର କୁମାର ଓ ଶ୍ରୀକ୍ଷେତ୍ର କୁମାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ରଚନା ଦାସଙ୍କୁ ଶ୍ରୀକ୍ଷେତ୍ର ଗୃହିଣୀ ସମ୍ମାନରେ ସମ୍ମାନିତ କରାଯିବା ସହ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ସଫଳତା ପାଇଥିବା ପୁରୀର ଗୌରବ ସ୍ୱାତୀ ସ୍ନିଗ୍ଧା ସୁଆର ଏବଂ ସୌମ୍ୟରଞ୍ଜନ ପଣ୍ଡାଙ୍କୁ କୁମାର ଉତ୍ସବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ପୁରୀ ବିଚ୍ ଲାଇଫ୍‌ଗାର୍ଡ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।

ସଭା ଓ ସମ୍ମାନ ପର୍ବ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ବରଦ ମହାବୀର ମେଢ଼ନୃତ୍ୟ ଗ୍ରୁପ୍ ପକ୍ଷରୁ ମେଢ଼ନୃତ୍ୟ, ରୂପା ଆଣ୍ଡ ଟ୍ରୁପ୍ ପକ୍ଷରୁ ନୃତ୍ୟ ବିଚିତ୍ର 'କୁଆଁର ପୁନେଇଁ ଜହ୍ନ', ଅନନ୍ୟା କଳା ମନ୍ଦିର ପକ୍ଷରୁ ମାହାରୀ ନୃତ୍ୟ, ୟୁନିକ୍ ଷ୍ଟାଇଲ୍ ମାଲ୍‌ଖମ୍ବ ଗ୍ରୁପ୍ ପକ୍ଷରୁ ମାଲ୍‌ଖମ୍ବ, ବଲାଙ୍ଗିର (ଲୋଇସିଂହା) ସଙ୍ଗୀତ ସାଧନା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ ଏବଂ ଲିଙ୍ଗରାଜ କଳାନିକେତନ ପକ୍ଷରୁ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କମିଟି ଅଧ୍ୟକ୍ଷ ଭରତ ଚନ୍ଦ୍ର ନାୟକ ଏବଂ ମଞ୍ଚ ସଂଯୋଜନା କମିଟି ଅଧ୍ୟକ୍ଷ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। କୁମାର ଉତ୍ସବ ସମିତିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଧଳାଜହର ବେପାର ଅପରେଟ୍ କରୁଛନ୍ତି ମହିଳା

### ବାଲେଶ୍ୱରରୁ ପୁରୀକୁ ଆସୁଛି ବ୍ରାଉନ୍‌ସୁଗର

ପୁରୀ,୮।୧୦(ସମିସ)

ପୁରୀକୁ ଅପରାଧମୁକ୍ତ କରିବା ଏବଂ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଚାଲିଛି 'ଅପରେସନ ଚକ୍ର'। ଏଥିରେ ବିଭିନ୍ନ ସମୟରେ ପୁଲିସକୁ ମିଳୁଛି ସଫଳତା। ଅଭିଯୁକ୍ତମାନେ ଧରାପଡୁଥିବା ବେଳେ ବେଆଇନ ନିଶାଦ୍ରବ୍ୟ, ମାରଣାସ୍ତ୍ର ଆଦି ଜବତ କରାଯାଉଛି। ହେଲେ ବେଆଇନ ନିଶା କାରବାର ଉପରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହେଉନାହିଁ। ବରଂ ବ୍ରାଉନ୍‌ସୁଗର କାରବାର ବଢ଼ିବାରେ ଲାଗିଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ପାଇଁ ଏହାକୁ ସହଜ ମାଧ୍ୟମ ଭାବିନେଇଛନ୍ତି ଅନେକ। ଏହି ନିଶାଦ୍ରବ୍ୟ ସେବନ କରି ଯୁବଗୋଷ୍ଠୀ ଅପରାଧ ଘଟାଉଛନ୍ତି। ଅର୍ଥାତ୍ ନିଶା ପାଇଁ ହେଉ ଅବା ନିଶା ସେବନ କରିସାରିବା ପରେ ଅପରାଧୀ ଅପରାଧ ଘଟାଉଛନ୍ତି। ଆଉ ପୁରୀ ସହରକୁ ବାହାରୁ ଚୋରାରେ ଆସୁଛି ବ୍ରାଉନ୍‌ସୁଗର। ଏଠାରେ ଧଳାଜହର କାରବାରକୁ ଅପରେଟ୍ କରୁଛନ୍ତି ମହିଳା। ସହରକୁ ବ୍ରାଉନ୍‌ସୁଗର ଚୋରାଚାଲାଣ ହେଉଥିବାବେଳେ ପୁଲିସ ହାତରେ ଧରାପଡ଼ିବା ଏବଂ ଖୋଳତାଡ଼ ପରେ ମହିଳାଙ୍କ ସମ୍ପୃକ୍ତି ଏବେ ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

ଆଧ୍ୟାତ୍ମିକ ପର୍ଯ୍ୟଟନ ସହର ପୁରୀ। ଏଠାକୁ ଦେଶ ବିଦେଶର ଯାତ୍ରୀ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିଥା'ନ୍ତି। ଏମାନଙ୍କ ଉପସ୍ଥିତିକୁ ନଜରରେ ରଖି ଅନେକ ବିଭିନ୍ନ ପ୍ରକାର ନିଶା କାରବାରକୁ ଆପଣାଇ ନେଇଛନ୍ତି। ଏଠାରେ ପ୍ରାୟ ସବୁ ପ୍ରକାର ନିଶା ଉପଲବ୍ଧ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ତେବେ ଅଧିକ ଲାଭ ଆଶାରେ ପୁରୀରେ ଚୋରାରେ ବିଭିନ୍ନ ପ୍ରକାର ନିଶା କାରବାର ଚାଲିଛି। ବ୍ରାଉନ୍‌ସୁଗରକୁ ଦେଖିଲେ ଏହାର କାରବାର ଏବେ ବୃଦ୍ଧି ପାଇଛି। ବିଶେଷକରି ମହିଳା ଏବଂ ଯୁବତୀମାନେ ହିଁ ଏହି କାରବାରକୁ ନିୟନ୍ତ୍ରଣ କରୁଛନ୍ତି। ସାଧାରଣତଃ ବାଲେଶ୍ୱରରୁ ପୁରୀକୁ ଧଳାଜହର ଆସୁଛି। କିଛି ଯୁବକ ବ୍ରାଉନ୍‌ସୁଗର ଆଣି ପୁରୀରେ ପହଞ୍ଚାଉଛନ୍ତି। ପ୍ରଚ୍ଛଦପଟରେ ପୁରୁଷ ଥିଲେ ହେଁ ବିକ୍ରି ପାଇଁ ମହିଳାଙ୍କୁ ଡାଲ କରୁଛନ୍ତି। ବିଗତ ଦିନରେ ପୁରୀ ସହରକୁ ଚୋରାରେ ବ୍ରାଉନ୍‌ସୁଗର ଚାଲାଣ ହେଉଥିବାବେଳେ ଅନେକଥର ବ୍ରାଉନ୍‌ସୁଗର ଜବତ ହୋଇଛି। ନିକଟରେ ବି ପୁଲିସ ୨୦୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲା, ଯେଉଁଥିରେ ଜଣେ ମହିଳାଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା।

ଗତ ମାସ ୨୭ ତାରିଖରେ ସଦର ଥାନା ଏସ୍‌ଆଇ ବିଜୟ ବସନ୍ତ ବିଶ୍ୱାଳଙ୍କୁ ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଆନ୍ତଃରାଜ୍ୟ ଧଳାଜହର ଚାଲାଣକାରୀ ମହମ୍ମଦ ସାଜଦ ଓରଫ ରାଜା ପୁରୀ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏ ନେଇ ସାଜଦର ଫୋନ୍‌କୁ ଟ୍ରାକିଂ କରାଯାଇଥିଲା। ସାଜଦ ଏକ କାର୍‌ରେ ପୁରୀରେ ପହଞ୍ଚି ନୀଳଚକ୍ରନଗର ସୁକାନ୍ତି ପଣ୍ଡାଙ୍କ ଘରକୁ ଯାଇଥିଲା। ସଦର ପୁଲିସ ସୁକାନ୍ତିଙ୍କ ଘରକୁ ଘେରଉ କରି ଚଢ଼ଉ କରିଥିଲା। ପୁଲିସ ସାଜଦ ଏବଂ ସୁକାନ୍ତିକୁ କାବୁ କରିବା ସହ ୨୦୦ ଗ୍ରାମ୍ ଧଳାଜହର, ଗୋଟିଏ କାର୍, ୨ଟି ମୋବାଇଲ୍ ଏବଂ ୫୨୦୦ ଟଙ୍କା ଜବତ କରିଥିଲା। ଏ ନେଇ ପୁଲିସ ଉଭୟଙ୍କୁ ଗିରଫ କରି ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ ଗୋଟିଏ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲା। ତେବେ ସୁକାନ୍ତି ପୁରୀରେ ଧଳାଜହର କାରବାର କରୁଥିବା ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେବା ସହ ତାଙ୍କ ନାମରେ ସଦର ଥାନାରେ ପୂର୍ବରୁ ୨ଟି ମାମଲା ବିଚାରାଧୀନ ଥିବା କହିଥିଲେ। କେବଳ ସୁକାନ୍ତି ନୁହନ୍ତି, ପୂର୍ବରୁ ବାସେଳିସାହି ଥାନା ପୁଲିସ ମଙ୍ଗଳାଘାଟଠାରେ ଗାଡ଼ି ଯାଞ୍ଚ ବେଳେ ୧୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଯୁବତୀ ଏବଂ ଜଣେ ମହିଳା ଥିଲେ। ଯୁବତୀ ଜଣକ ଗିରଫ ଯୁବକଙ୍କ ସହ ବାଲେଶ୍ୱର ଜଳେଶ୍ୱରରୁ ବ୍ରାଉନ୍‌ସୁଗର ଆଣି ଆସୁଥିଲେ। ସେମାନେ ଏଠାରେ ଜଣେ ମହିଳାଙ୍କୁ ଏହି ବ୍ରାଉନ୍‌ସୁଗର ଦେଇଥାନ୍ତେ। ଏମିତି ଏକାଧିକ ବ୍ରାଉନ୍‌ସୁଗର ଜବତ ଘଟଣାରେ ମହିଳାଙ୍କ ସମ୍ପୃକ୍ତି ନେଇ ପୂର୍ବରୁ ସୂଚନା ରହିଛି। ବିଶେଷକରି ପୁରୁଷମାନେ ବ୍ରାଉନ୍‌ସୁଗର ଆଣି ଯୋଗାଇ ଦେଉଥିବାବେଳେ ମହିଳା ଏବଂ ଯୁବତୀ ଏହାକୁ ବିକ୍ରି କରୁଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୧୦ ଗିରଫ

ପୁରୀ,୮।୧୦(ସମିସ): ଦୁଇଟି ଜୁଆ ଆଡ୍ଡାରେ ଚଢ଼ଉ କରି ପୁରୀ ପୁଲିସ ୧୦ ଜଣଙ୍କୁ ଗିରଫ କରିଛି। ପେଣ୍ଠକଟା ମେରାଇନ ଥାନା ପୁଲିସ ୭ ଜଣଙ୍କୁ କାବୁ କରିଥିବାବେଳେ ଟାଉନ୍ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ସମଙ୍ଗରା ମେଳଣ ପଡ଼ିଆରେ ଜୁଆ ଖେଳ ଚାଲିଥିଲା। ପେଣ୍ଠକଟା ମେରାଇନ ଥାନା ପୁଲିସ ପହଞ୍ଚି ୭ ଜଣଙ୍କୁ ଧରିଥିଲା। ସେମାନେ ହେଲେ ଟୁଟୁ ପ୍ରଧାନ, କାଶୀନାଥ ପ୍ରଧାନ, ଭରତ ଖଟେଇ, ବିଜୟ ପରିଡ଼ା, ଦୁର୍ଯ୍ୟୋଧନ ଜେନା, ସୁମନ୍ତ ନାୟକ ଓ ରାଜକିଶୋର ସାହୁ। ସେମାନଙ୍କଠାରୁ ତାସ୍, ୬୫୦୦ ଟଙ୍କା, ୫ଟି ବାଇକ୍ ଓ ସ୍କୁଟର ଜବତ କରାଯାଇଛି। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ଟାଉନ ଥାନା ଅଧୀନ ପାରାନୋଳିଆ ସାହିରେ ଜୁଆ ଖେଳ ଚାଲିଥିଲା। ପୁଲିସ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିଲା। ସେମାନେ ହେଲେ ରେଣୁକା ଲେନ୍‌ର ଆକାଶ ପ୍ରଧାନ, ଲୋକନାଥ ରୋଡ୍ ପଣ୍ଡାବାରିର ଶଙ୍କର ଦାସ ଏବଂ ଶୀତଳପିଣ୍ଡା ସାହିର ନରସିଂହ ସୁଆର।

## ବାଲିଘାଟ ଜାଗେଶ୍ୱରୀ ଛକରେ ଗଜଲକ୍ଷ୍ମୀ ପୂଜା

ପୁରୀ,୮।୧୦(ସମିସ): ଶ୍ରୀଶ୍ରୀ ମହାମାୟୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୧୮ତମ ଗଜଲକ୍ଷ୍ମୀ ପୂଜା ଧୂମ୍‌ଧାମ୍‌ରେ ଆରମ୍ଭ ହୋଇଛି। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ୩ଦିନ ସୁନେଲି ସନ୍ଧ୍ୟାରେ ସ୍ମୃତି ମଧୁର ମେଲୋଡି ପରିବେଷଣ କରାଯିବ। ୧୦ରେ ମଣ୍ଟୁ ଛୁରିଆ ଓ ଗ୍ରୁପ୍, ୧୧ରେ ଆଟ୍ରାକ୍ସନ ବ୍ୟାଣ୍ଡ ଓ ୧୨ ତାରିଖ ଶେଷ ସନ୍ଧ୍ୟାରେ ଓଡ଼ିଶାର ସୁପ୍ରସିଦ୍ଧ ଗାୟିକା ସୁଜ୍ଞାନୀ ମହାପାତ୍ର ଓ ଗ୍ରୁପ୍‌ର ମହାରାଜା ବ୍ୟାଣ୍ଡ ଭଜନ, ଆଧୁନିକ ଓ ହିନ୍ଦୀ ଚଳଚ୍ଚିତ୍ର ଗୀତର କଣ୍ଠସ୍ୱରରେ ଜଲୱା ସୃଷ୍ଟି କରିବେ। ୧୮ରେ ମା'ଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ଜଣାଇଛନ୍ତି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |


ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


# ମା’ ଧନଦାତ୍ରୀଙ୍କ ପୂଜା ପାଇଁ କେନ୍ଦ୍ରାପଡ଼ା ଉତ୍ସବମୁଖର



ଗଙ୍ଗା ଭାଗିରଥି, ମଡିଆଳ


ତିନିମୂହାଣୀ ଗଜଲକ୍ଷ୍ମୀ


ବଳଗଣ୍ଡି ବଜାର, ଗଜଲକ୍ଷ୍ମୀ


ଶନିଲକ୍ଷ୍ମୀ, କେନ୍ଦ୍ରାପଡ଼ା ବ୍ଲକ୍


ବ୍ୟାସ ସରୋବର, ସାନ୍ତସାହି



ନେତାଜୀ ୟୁଥ୍ କ୍ଲବ୍, କେନ୍ଦ୍ରାପଡ଼ା ବ୍ଲକ୍


କାଳୀଛକ, ହନୁମାନ

## ବଜ୍ରପାତରେ ଜଣେ ମୃତ

ମହାକାଳପଡ଼ା,୮।୧୦(ସମିସ): ମହାକାଳପଡ଼ା ବ୍ଲକ୍ କଂସାରବଡ଼ଦାଣ୍ଡୁଆ ପଞ୍ଚାୟତ ବଗଗହଣ ଗ୍ରାମର ନିଳକମଳ ମାଇତି (୫୭)ଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି । ବୁଧବାର ଅପରାହ୍ଣରେ ପ୍ରବଳ ବଜ୍ରପାତ ସହିତ ବର୍ଷା ଲାଗିରହିଥିଲା । ସେହି ସମୟରେ ବଜ୍ରପାତ ଘଟି ନିଳକମଳ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବଜ୍ରପାତରେ ଯୁବକ ଗୁରୁତର

ରାଜନଗର,୮।୧୦(ସମିସ): ରାଜନଗର ଅଞ୍ଚଳରେ ଘଡଘଡି ସହିତ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ହଠାତ ଅପରାହ୍ଣରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହିତ ପ୍ରବଳ ବର୍ଷିଥିଲା । ବର୍ଷା ସହିତ ବଜ୍ରପାତ ଯୋଗୁଁ ଲୋକେ ଘରୁ ବାହାରି ପାରିନଥିଲେ । କୌଣସି କାର୍ଯ୍ୟରେ ଖମାରସାହି ଗାଁର ଶୁଭ୍ରାଂଶୁ ସ୍ୱାଇଁ (୫୪) ଘରୁ ବଜାରକୁ ଆସୁଥିଲେ । ହଠାତ ବର୍ଷା ସହିତ ବଜ୍ରପାତ ହେବାରୁ ଶୁଭ୍ରାଂଶୁ ଚେତା ହରାଇ ତଳେ ପଡିଯାଇଥିଲେ । ସେ ଗୁରୁତର ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡିଛି ।

## ବଜ୍ରାଘାତରେ ଯୁବକ ଆହତ

ଆଳି,୮।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ମାଳପାଟଣା ହମ୍ପସ ନିକଟରେ ଜଣେ ଯୁବକ ବାଇକ୍‌ରେ ଯାଉଥିବା ବେଳେ ବଜ୍ରାଘାତର ଶିକାର ହୋଇ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି । ଆଳି ଥାନା ପତ୍ରପୁର ନିବାସୀ ସଂଗ୍ରାମ ଦାସ(୨୩) ସବୁ ଦିନ ପରି ନିଜ କାମ ସାରି ରାଜକନିକାରୁ ବାଇକ ଯୋଗେ ନିଜ ଗ୍ରାମକୁ ଯାଉଥିବା ସମୟରେ ହଠାତ ବଜ୍ରାଘାତ ହୋଇଥିଲେ । ସୌଭାଗ୍ୟ ବଶତଃ ବଜ୍ରାଘାତ ତାଙ୍କ ପାଖରେ ହୋଇଥିବାରୁ ସେ ଆଂଶିକ ଆଘାତ ପାଇ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ତାଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ସହ ଦୀର୍ଘ ସମୟ ପରେ ସେ ସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଥିଲେ । ବଜ୍ରାଘାତ ଏତେ ନିକଟରୁ ହୋଇଥିଲା ଯେ ତାଙ୍କ ଶରୀରର କିଛି ଅଂଶ କଳା ପଡିଯାଇଥିଲା ।

## ଝରକା ତାଡ଼ି ଲୁଟିନେଲେ ସୁନାଗହଣା

ପଟ୍ଟାମୁଣ୍ଡାଇ,୮।୧୦(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ମୁଲୁଗାଇ ଗ୍ରାମରେ ଗତକାଲି ରାତିରେ ଚୋରି ହୋଇଥିବା ନେଇ ଗୃହକର୍ତ୍ତା ସୌରେନ୍ଦ୍ର ପ୍ରଧାନ ଥାନାରେ ଏତଲା ଦେଇଛନ୍ତି । ସ୍ଥାନୀୟ ପୁଲିସ ଏସମ୍ପର୍କରେ ମୋକଦ୍ଦମା ରୁଜୁକରି ଏହି ଚୋରି ମାମଲାର ତଦନ୍ତ ଆରମ୍ଭ କରିଛି । ଗୃହକର୍ତ୍ତା ସୌରେନ୍ଦ୍ର ପ୍ରଧାନଙ୍କ ଏତଲା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃର୍ତ୍ତ ତାଙ୍କ ଘର ଝରକା ତାଡି ଘର ମଧ୍ୟରେ ପ୍ରବେଶ କରିଥିଲେ । ପରେ ଗଡ଼ରେଜ ଭାଙ୍ଗି ସୁନା ଚେନ ଓ ମୁଦି ଲୁଟି ନେଇଛନ୍ତି । ଭୋର ୪ଟାରେ ଗୃହ କର୍ତ୍ତା ସୌରେନ୍ଦ୍ରଙ୍କ ମାଆ ନିଦରୁ ଉଠି ଘରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏସମ୍ପର୍କରେ ଜାଣିବା ପରେ ଗ୍ରାମାଞ୍ଚଳ ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ମହିଳାଙ୍କ ଫଟୋ ଭାଇରାଲ କରି ବନ୍ଧାହେଲେ ଯୁବକ

ଡେରାବିଶ,୮।୧୦(ସମିସ): ଡେରାବିଶ ଥାନା ଅଧୀନ ଜଣେ ଯୁବତୀଙ୍କ ଅଶ୍ଳିଳ ଫଟୋ ଭାଇରାଲ କରି ଆଜି ଜଣେ ଯୁବକ ଗିରଫ ହୋଇଛନ୍ତି । ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସ ସମ୍ପୃକ୍ତ ଯୁବକଙ୍କୁ ଆନ୍ଧ୍ରପ୍ରଦେଶର ତିରୁପତିରୁ ଗିରଫ କରିଥିବା ଜଣାଯାଇଛି । ସୂଚନାନୁଯାୟୀ, ଥାନା ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ପ୍ରକାଶ ମଲିକ ଜନୈକା ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ନେଇ ଯୁବତୀଙ୍କ ପରିବାର ଡେରାବିଶ ଥାନାରେ ଅଭିଯୋଗ କରିଥିଲେ । ଡେରାବିଶ ପୁଲିସ ୧୭୭/୨୫ରେ ମାମଲା ରୁଜୁକରି ପ୍ରକାଶଙ୍କୁ ଖୋଜିଥିଲେ । ହେଲେ ସେବେଠାରୁ ପ୍ରକାଶ ଘରୁ ଫେରାର ହୋଇଯାଇଥିଲେ । ଡେରାବିଶ ପୁଲିସ୍ କୌଣସି ସୂତ୍ରରୁ ପ୍ରକାଶ ତିରୁପତିରେ ରହୁଥିବା ଖବର ପାଇ ସେଠାକୁ ଯାଇ ପ୍ରକାଶଙ୍କୁ କୌଶଳ କ୍ରମେ କାବୁ କରି ଆଣିଥିଲେ । ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

## ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକ

ଗୋବିନ୍ଦପୁର,୮।୧୦(ସମିସ): ରାଜ୍ୟ ବ୍ରାହ୍ମଣ ମହାସଭାର ସାଧାରଣ ସମ୍ପାଦକ ପ୍ରଫେସର ବିଷ୍ଣୁଚରଣ ମିଶ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ସଭାପତି ଭକ୍ତବନ୍ଧୁ ମିଶ୍ର , ଆଳି ସଭାପତି ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ପାଦକ କିଶୋର ଭାନୁ ଷଡ଼ଙ୍ଗୀ, ଉପସଭାପତି ଲକ୍ଷ୍ମୀଧର ଦୀକ୍ଷିତ, କର୍ମକାଣ୍ଡବିତ ରଂଜିତ କୁମାର ତ୍ରିପାଠୀ, ଜୟଦେବ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ନରୋତ୍ତମ ଦାଶ, କବି ଗୋବିନ୍ଦ ଚନ୍ଦ୍ର ନନ୍ଦ, ଭକ୍ତ ରଞ୍ଜନ ପତି, ସୁରେନ୍ଦ୍ର କୁମାର ପତି, ଓ ସଦସ୍ୟମାନେ ସ୍ୱର୍ଗତ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଲକ୍ଷ୍ମୀବରାହଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ମା’ ଗଜଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷାକଲେ ପାଟକୁରା ବିଧାୟକ



ଡେରାବିଶ/ପଞ୍ଚୁପାଣ୍ଡବ,୮।୧୦(ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପାଖାପାଖି ୧୦୦ଟି ମଣ୍ଡପରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ସୋମବାରଠାରୁ ମହା ସମାରୋହରେ ପାଳିତ ହେଉଛି । ବୁଧବାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ମା’ଙ୍କ ମଣ୍ଡପକୁ ଯାଇ ଧନଦାତ୍ରୀଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ଆଜି ବିଧାୟକ ଶ୍ରୀ ମହାପାତ୍ର ପ୍ରଥମେ ବାରିମୂଳ ପଞ୍ଚାୟତ ଯାଇ ପଞ୍ଚାୟତ ଅଧୀନ ବିଭିନ୍ନ ଗଜଲକ୍ଷ୍ମୀ ପୂଜାମଣ୍ଡପ ବୁଲିଥିଲେ । ପରେ ନହଙ୍ଗ ପଞ୍ଚାୟତ, ମଙ୍ଗଳପୁର ପଞ୍ଚାୟତ, କୁରୁଜଙ୍ଗା ପଞ୍ଚାୟତ ଓ ବେଣିପୁର ପଞ୍ଚାୟତର ବିଭିନ୍ନ ପୂଜାମଣ୍ଡପକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ । ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ, ସୁକାନ୍ତ ଦ୍ୱିବେଦୀ, ମନୋରଞ୍ଜନ ଉପାଧ୍ୟାୟ, ବାରିମୂଳର ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ରହିଥିଲେ । ସେହିପରି ପଞ୍ଚୁପାଣ୍ଡବ ବ୍ଲକ ଅଧୀନରେ ଥିବା ନହଙ୍ଗ, ମଙ୍ଗଳପୁର ଓ ବେଣୀପୁର ପଞ୍ଚାୟତର ମା’ ବୁଢ଼ୀ ଜାଗୁଳାଇ ମନ୍ଦିର ନିକଟରେ ହୋଇଥିବା ଗଜଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ । ତାଙ୍କ ସହିତ ଚାଟରା ଚକଡା ସମିତି ସଭ୍ୟ ନିରଞ୍ଜନ କର, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ, ମୁକୁନ୍ଦପୁରର ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି, ନରସିଂହ ପୁର ସମିତି ସଭ୍ୟ ଭରତ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ସଭାପତି ଧୀରେନ୍ଦ୍ର ଜେନା, ପୂର୍ବତନ ଜିଲ୍ଲାପରିଷଦ ଭବାନୀ ପ୍ରସାଦ ଓଝା ଓ ଗୋଲାରହାଟ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ଓ ଲକ୍ଷ୍ମୀନାରାୟଣ ପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂହ ପ୍ରମୁଖ ବିଭିନ୍ନ ମଣ୍ଡପ ବୁଲିଥିଲେ । ବିଜେଡ଼ି ନେତା ସୁଧୀର ଖଟୁଆ, ଏଣ୍ଡର ସମିତି ସଭ୍ୟ ପ୍ରଫୁଲ୍ଲ ସେଠୀ, ଦିଲୀପ ଦାସ ଯୋଗଦେଇଥିଲେ । ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଶିଶିର କୁମାର ମଲ୍ଲିକ, ୱାର୍ଡ ମେମ୍ବର ହେମନ୍ତ ସେଠୀ, ସେକ ରିଆସତ୍, କମଳାକାନ୍ତ ନାୟକ, ଅନାଦି ଚରଣ ବେହୁରା, ପିତାମ୍ବର ପାଣ୍ଡବ, ରମେଶ ଗାହାଣ, ପ୍ରବତ ସାହୁ, ଆଖୟ ଦାସ ଓ ଜଗବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବର୍ଦ୍ଧିତ ଭତ୍ତା ଅପେକ୍ଷାରେ ୯୪ ବର୍ଷୀୟ ବୃଦ୍ଧ

ଡେରାବିଶ,୮।୧୦(ସମିସ):



ସରକାରଙ୍କ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ୩୫୦୦ଟଙ୍କା ଭତ୍ତା ପ୍ରଦାନ ଏକ ପ୍ରହସନରେ ପରିଣତ ହୋଇଛି ବୋଲି ଅଭିଯୋଗ ହେଉଛି । ୮୦ ବୟସରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାମାନଙ୍କ ବର୍ଦ୍ଧିତ ଭତ୍ତା ପାଇବା ଆଶା ଏବେ ନିରାଶାରେ ପରିଣତ ହୋଇଗଲାଣି । ସୂଚନାରୁ ଜଣାଯାଇଛି, ଏବେ ଡେରାବିଶ ବ୍ଲକ୍ ଅଧୀନ ୨୬ଟି ପଞ୍ଚାୟତ ଅଞ୍ଚଳରେ ଶହଶହ ଭତ୍ତାଧାରୀ ବୃଦ୍ଧବୃଦ୍ଧା ୮୦ରୁ ଊର୍ଦ୍ଧ୍ୱ ବୟସ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସେମାନେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏପରିକି ସେମାନଙ୍କ ମଧ୍ୟ କିଛି ବ୍ୟକ୍ତିଙ୍କ ବୟସ ୯୦ରୁ ଅଧିକ ହୋଇଯାଇଥିବା ଜଣାପଡ଼ିଛି । ଏହିପରି ଜଣେ ଗରିବ ୯୫ ବର୍ଷୀୟ ବୃଦ୍ଧ ନୃସିଂହ ଚରଣ ମଲ୍ଲ ବର୍ଦ୍ଧିତ ଭତ୍ତାକୁ ଅପେକ୍ଷା କରି ଚାହିଁ ବସିଛନ୍ତି । ଆଧାରକାର୍ଡ ଓ ଭୋଟର ପରିଚୟ ପତ୍ରରେ ନୃସିଂହଙ୍କ ବର୍ତ୍ତମାନ ବୟସ ୯୪ ହୋଇଯାଇଥିବା ଦେଖିବାକୁ ମିଳିଛି । ବୃଦ୍ଧ ନୃସିଂହ ଭଙ୍ଗା ଘରେ ବଡ଼ କଷ୍ଟରେ କାଳାତିପାତ କରୁଥିବା ବେଳେ ସେ ଭାବିଥିଲେ ବର୍ଦ୍ଧିତ ଭତ୍ତା ମିଳିଲେ ଯାହା ତାଙ୍କର ଔଷଧ ଖର୍ଚ୍ଚ ମେଣ୍ଟିଯିବ । ହେଲେ ବିଭାଗୀୟ ଅବହେଳା ଯୋଗୁ ଏବେ ସେ ନିରାଶାରେ ଭାଙ୍ଗିପଡ଼ିଛନ୍ତି । ତୁରନ୍ତ ସରକାରଙ୍କ ପକ୍ଷରୁ ନୃସିଂହଙ୍କ ଭଳି ବ୍ଲକ ଅଞ୍ଚଳର ଶହଶହ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବଜ୍ରପାତରେ ଦୁଇ ଗାଈ ମୃତ



ରାଜକନିକା,୮।୧୦(ସମିସ): ବଜ୍ରପାତରେ ଦୁଇ ଗାଈ ମୃତ । ରାଜକନିକା ଅଞ୍ଚଳରେ କ୍ରମାଗତ ତିନିଦିନ ଧରି ବଜ୍ରପାତ ଲାଗି ରହିଥିବା ବେଳେ ବୁଧବାର ଅପରାହ୍ଣ ୩ଟା ବେଳେ ଲଙ୍ଗଳଭଞ୍ଜା ଗାଁର ମୁରଲୀଧର ମହାପାତ୍ରଙ୍କର ଏକ ଛଡା ବାଛୁରୀ ସହ ନିରାକାର ନାୟକଙ୍କ ଏକ ଗାଈ ପଡିଆରେ ବନ୍ଧା ହୋଇଥିବା ବେଳେ ବଜ୍ରପାତ ଘଟିବାରୁ ୨ଟି ଗାଈର ମୃତ୍ୟୁ ଘଟିଛି । ସେହିପରି ଗତକାଲି ପଙ୍କ ଗାଁର ଏକ ମଇଁଷି ମଧ୍ୟ ପ୍ରାଣ ହରାଇ ଥିଲା । ଘନ ଘନ ବଜ୍ରପାତ ଯୋଗୁ ସାଧାରଣରେ ଆତଙ୍କ ଖେଳିଯାଇଛି ।


SBI

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା**

# ରାସ୍ତାକୁ ଓହ୍ଲାଇଲା ଓକିଲ ସଂଘ

ରାଉରକେଲା,୮।୧୦(ସମିସ):

ବ୍ରହ୍ମପୁରର ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ଘଟଣା ପ୍ରତିବାଦରେ ବୁଧବାର ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନରେ ରାଜ୍ୟବ୍ୟାପୀ

## ଆସାମୀଙ୍କୁ ତୁରନ୍ତ ଗିରଫ ଓ ଆଇନଜୀବୀ ସୁରକ୍ଷା ଆଇନ୍ ଦାବି




ଓକିଲଙ୍କ କଲମ ଛାଡ ଆନ୍ଦୋଳନ ହୋଇଛି। ଏହି କ୍ରମରେ ରାଉରକେଲା ଓକିଲ ସଂଘ ସାଧାରଣ ପରିଷଦ ବୈଠକରେ ରାଜ୍ୟ ଆଇନଜୀବୀ ପରିଷଦର ଡାକରା ଉପରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ କଲମ ଛାଡ ଆନ୍ଦୋଳନରେ ସଂଘର ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଭାପତି ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଲିଙ୍ଗମ ଅନୁସୁରୁ ହରି ଦୋରା, କୋଷାଧ୍ୟକ୍ଷ ଅକ୍ଷୟ ସିଂହଦେଓ, ସହ ସମ୍ପାଦକ ତାପସ ପରିଡା, ରାଜଶ୍ରୀ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ କୈଳାସ ସାବତ, ଅନନ୍ତ ନାରାୟଣ ସାହୁ, ସୁମିତା ନନ୍ଦ, ମେରୀ ମ୍ୟାକ୍ସିମା ଏକ୍କା, ଜେପି ମୁର୍ମୁ, ମହମ୍ମଦ ରଫିକ୍, ଗିରିଶ ମହାପାତ୍ର, ସତ୍ୟ ନାରାୟଣ ମହାପାତ୍ର, ଦିନବନ୍ଧୁ ଭୋଳ, ଦଣ୍ଡପାଣି ଚୌଧୁରୀ, କୈଳାସ ପ୍ରଧାନ, ଚତୁର୍ଭୁଜ ନାଏକ, ଭୀମ ପତି, ବିଜୟ ଦାସ, ରବି ମିଶ୍ର, ସନାତନ ବିଶ୍ୱାଳ, ପ୍ରତାପ ନାଏକ, ବିସ୍ମୟ ଦାସ, ବାବୁଲି ପରିଡା, ସନ୍ତୋଷ ନାୟକ, ସନ୍ତୋଷ ଭଦ୍ର, ସୁଦାମ ଦାଶ, ଅନନ୍ତ ବିଷୋୟୀ, ସୁଷମା ସାହୁ, ଏମ୍ ମାଲେଶ୍ୱରମ, ଅକ୍ଷୟ ସାହୁ, ଚନ୍ଦ୍ରଭାନୁ ଦାସ, ବିଭୂତି ପଲେଇ, କେକେ ଲାଲ୍, ରଙ୍ଗ ବାହାଦୁର ବାଗ, ହାଡିବନ୍ଧୁ ପରିଡା, ସୁଶିଲ ହାଲୱାଇ, କୋମଳ ସାହୁ, ଗିରିଜା ଶଙ୍କର ଦ୍ୱିବେଦୀ, ପ୍ରଶାନ୍ତ ସେନାପତି, ଶ୍ୟାମଳ ସହାୟ, କୁନାରାମ ମୁର୍ମୁ, ଶଶିକାନ୍ତ ନାୟକ, ସୁରେଶ ଦାଶ, ବୁଧୁଆ ଯୋଯୋ, ଅମୁଲ୍ୟ ପାତ୍ର, ଯୁଗଳ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ସମୀର ପ୍ରଧାନ, ପଦ୍ମିନୀ ଦାଶ, ବନ୍ଦନା ପଣ୍ଡା, ଅନ୍ନପୂର୍ଣ୍ଣା କୁମ୍ଭାର, ପ୍ରିୟା ବାରିକ୍, ପୁନମ୍ ଓରାମ, ଅଷ୍ଟମୀ ତାଣ୍ଡିଆ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିଥିବା ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବା ସହିତ ତାଙ୍କ ପରିବାରକୁ ଏକ କୋଟି ଟଙ୍କାର କ୍ଷତିପୂରଣ, ଘଟଣାର ନ୍ୟାୟିକ ତଦନ୍ତ ଓ ରାଜ୍ୟରେ ଆଇନଜୀବୀ ମାନଙ୍କ ସୁରକ୍ଷା ପାଇଁ ପ୍ରୋଟେକସନ ଆକ୍ଟ ତୁରନ୍ତ ପ୍ରଣୟନ କରିବାକୁ ସେମାନେ ଦାବି କରିଥିଲେ। ସରକାର ରାଜ୍ୟରେ ଆଇନଜୀବୀଙ୍କ ସୁରକ୍ଷାକୁ ଗୁରୁତ୍ୱ ନ ଦେଲେ ବାଧ ହୋଇ ଆଜିର ଦିନିକିଆ କଲମ ଛାଡ ଆନ୍ଦୋଳନ ଆଗାମୀ ଦିନରେ ଆହୁରି ବ୍ୟାପକ କରିବାକୁ ସଂଘ ପକ୍ଷରୁ ସରକାରଙ୍କୁ ଚେତାଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ୍ ବରଣ ଷଡଙ୍ଗୀ, ଆନନ୍ଦ ଅଗ୍ରୱାଲ, ଶରତ ପଣ୍ଡା, ସନ୍ତୋଷ ବିଶ୍ୱାଳ, ଅରୁଣ କୁଶଳ, ନାଗେଶ୍ୱର ଜଗଦଳା, ପନାଲାଲ ବାନାର୍ଜୀ, ଶଙ୍କର ନାରାୟଣ ପ୍ରଧାନ, ଆସୀଫ ଅଲ୍ଲୀ, ବୁଧୀରାମ ସ୍ୱାଇଁ, ମାଧବ ନାୟକ, ଜ୍ଞାନ ପ୍ରକାଶ, ଦିନେଶ ସାହୁ, ପ୍ରମୋଦ ବାରିକ୍, ଅନନ୍ଦିତା ନନ୍ଦୀ, ବିଜୟରାମ ଦାସ୍, ଭରତ ସାହୁ, ସରଜିଲ ସାମସି, ଗ୍ରିଜେଶ ତ୍ରୀବେଦୀ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

ରାଉରକେଲା,୮।୧୦(ସମିସ): ସ୍ଥାନୀୟ ଦେଓଗାଁ ଡମ୍ପି ୟାର୍ଡ ନିକଟ ୧୪୩ ନମ୍ବର ଜାତୀୟ ରାଜପଥରେ ସାଇକେଲକୁ ବାଇକ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିବା ସହ ୨ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତ ସାଇକେଲ ଆରୋହୀ ଜଳଦା ଏ ବ୍ଲକ୍ ନିବାସୀ ବୀରବଲ୍ କଂସାରୀ(୫୫) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ସାଇକେଲ ଆରୋହୀ ବୀରବଲ୍ ଡ୍ୟୁଟି ସାରି ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ହଟଷ୍ଟ୍ରିପ ମିଲର ଗେଟରୁ ବାହାରି ଜଳଦା ଏ ବ୍ଲକ୍ ସ୍ଥିତ ନିଜ ଘରକୁ ଫେରୁଥିଲେ। ଏତିକିବେଳେ ଚାନ୍ଦିପୋଷ ଥାନା ଅଧୀନ ବାଙ୍କି ଅଞ୍ଚଳର ଅଜୟ ବରୁଆ (୨୩), ଅଜିତ ଟପ୍ପୋ (୧୯) ଏବଂ ଆଦିତ୍ୟ ଓରାମ (୧୮) ୩ ଜଣ ଯୁବକ ବାଙ୍କି ପଟୁ ପ୍ରଚୁର ମଦ୍ୟପାନ କରି ଆସୁଥିଲେ। ଦେଓଗାଁ ନିକଟରେ ବୀରବଲ୍‌ଙ୍କୁ ଧକ୍କା ଦେଇଥିଲେ। ଫଳରେ ବୀରବଲଙ୍କର ଗୋଡ ଭାଙ୍ଗି ଯିବା ସହ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାସହ ବାଇକ୍ ଚାଳକ ଅଜୟ ଓ ପଛରେ ବସିଥିବା ଅଜିତ ବାଇକରୁ ଛିଟିକି ପଡି ଗୁରୁତର ଭାବେ ଆହତ ହୋଇଥିଲେ। ଅଜିତର ଅବସ୍ଥା ଉଦବେଗଜନକ ଥିବା ସୂଚନା ମିଳିଛି। ଖବର ପାଇ ଜଳଦା ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତାହତଙ୍କୁ ହସ୍ପିଟାଲକୁ ପଠାଇଥିଲା।


## ରେଳବାଇ ଫାଟକ ଭାଙ୍ଗି ମାଡ଼ିଗଲା ଟ୍ରକ୍, ୭ ବାଇକ୍ ଓ ୩ କାରକୁ ଦେଲା ଧକ୍କା

ରାଉରକେଲା,୮।୧୦(ସମିସ): ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ୍ ଅଧୀନ ରାକ୍ସି ରେଲୱେ ଫାଟକରେ ଟ୍ରକ୍ ମାଡିଯାଇ ୭ ଟି ବାଇକ୍ ଆରୋହୀଙ୍କୁ ମାଡିବା ସହ ୨ ଟି କାର ଓ ଗୋଟିଏ ଅଟୋକୁ ଧକ୍କା ଦେଇଛି। ଏଥିରେ ୧୦ ଆହତ ହୋଇଥିଲେ। ସେମାନେ ସ୍ଥାନୀୟ ମେଡିକାଲରେ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ମହିଳା ଓ ଛୋଟ ଶିଶୁ ରହିଥିଲେ ହେଁ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଦୁର୍ଘଟଣା ପରେ ଟ୍ରକ ଚାଳକଙ୍କୁ ଘଟଣା ସ୍ଥଳରେ ଥିବା ଲୋକ ଭିଡ଼ିଆଣି ନିର୍ଦ୍ଦୟ ପିଟିଥିଲେ। ଏଥିରେ ଟ୍ରକ୍ ଚାଳକ ଗୁରୁତର ହୋଇ କେ ବ୍ଲାଙ୍ଗ ମେଡିକାଲ୍‌ରେ ଚିକିତ୍ସା ହେଉଥିବା ଜଣାପଡ଼ିଛି। ଫାଟକ ବନ୍ଦ ଥିବାବାରୁ ସମସ୍ତେ ଠିଆ ହୋଇଥିଲେ। ଫାଟକ ଖୋଲିବା ମାତ୍ରେ ଟ୍ରକ ଚାଳକ ହ୍ୟାଣ୍ଡ ବ୍ରେକ ଖୋଲିଥିଲେ। ଏହି ସମୟରେ ଗାଡିର ବ୍ରେକଫେଲ ହୋଇଯିବାରୁ ଗାଡିଟି ଗଡିବାରେ ଲାଗିଥିଲା। ତୁରନ୍ତ ଚାଳକ ଓ ଘଟଣା ସ୍ଥଳରେ ଥିବା ଲୋକେ ପାଟି କରିବାରୁ ସମସ୍ତେ ଦୌଡି ଖସିଯାଇ ପାରିଥିଲେ। ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲେ ହେଁ ଅନେକ ସାମାନ୍ୟ ଆହତ ହୋଇଛନ୍ତି। କେ ବଲାଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ରାସ୍ତା ମରାମତି ଦାବିରେ ପଞ୍ଚାୟତ ଅଫିସ ତାଲା ପକାଇଲେ ଗ୍ରାମବାସୀ

ବଣାଇଁ,୮।୧୦(ସମିସ): ବଣାଇ ବ୍ଲକ୍ ଅଧୀନ ସରସରା ପଞ୍ଚାୟତ ସାନ ସରସରା ଠାରୁ ସରସରା ପର୍ଯ୍ୟନ୍ତ ଥିବା ୪କିମି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ରହିଛି। ଏହାର ମରାମତି ଦାବି ନେଇ ସ୍ଥାନୀୟ ବାସିନ୍ଦା ଉପଜିଲ୍ଲାପାଳଙ୍କ ଠାରୁ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ପର୍ଯ୍ୟନ୍ତ ସବୁଠି ଗୁହାରି କରିଥିଲେ। ହେଲେ ଫଳାଫଳ ଶୂନ ରହିଲା। କେହି ନ ଶୁଣିବାରୁ ଶେଷକୁ ବାଧ ହୋଇ ଗ୍ରାମବାସୀ ଏକଜୁଟ ହୋଇ ରାସ୍ତା ତୁରନ୍ତ ମରାମତି ପାଇଁ ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ ଆଲୋଚନା ବିଫଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ଗ୍ରାମବାସୀ ପଞ୍ଚାୟତ ଅଫିସରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମସ୍ୟାର ସମାଧାନ ନ ହେବା ଯାଏଁ ତାଲା ପଡି ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଖବର ପାଇ ଘଟଣା ସ୍ଥଳକୁ ବଣାଇ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ଜଣା ପଡିଛି।

## ସାହିତ୍ୟିକ ବ୍ୟୋମ ବିହାରୀ ରଥଙ୍କ ବିୟୋଗ



ରାଉରକେଲା,୮।୧୦(ସମିସ): ରାଉରକେଲା ନୂଆ ବସଷ୍ଟାଣ୍ଡ ସ୍ଥିତ ରଶ୍ମି ପ୍ରିଣ୍ଟର୍ସର ମାଲିକ ତଥା ଇସ୍ପାତ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ମନୋଜ ନନ୍ଦଙ୍କ ଶ୍ୱଶୁର ଏବଂ କଟକ ଜିଲ୍ଲାର ସଂଗ୍ରାମୀ ଓ ସାରସ୍ୱତର ମାଟି ମାହାଙ୍ଗା ଅଞ୍ଚଳର ବରିଷ୍ଠ ସାହିତ୍ୟିକ ଓ ଶିକ୍ଷାବିତ୍ ବ୍ୟୋମ ବିହାରୀ ରଥଙ୍କର ୮୨ ବର୍ଷ ବୟସରେ ନିଜ ବାସଭବନରେ ଦେହାନ୍ତ ହୋଇଛି। ଶିକ୍ଷକତା ପେଶାରୁ ସ୍ୱର୍ଗତ ରଥ ସଂଖତ୍ରାସ ଉଚ୍ଚ ବିଦ୍ୟାଳୟ, କଟକରୁ ଅବସର ନେଇଥିଲେ। ଏହାସହ ସେ ସାମାଜିକ କାର୍ଯ୍ୟ ତଥା ସାହିତ୍ୟ ସୃଷ୍ଟି ସହିତ ମଧ୍ୟ ଜଡ଼ିତ ଥିଲେ। ତାଙ୍କ ରଚିତ ପୁସ୍ତକ ମଧ୍ୟରେ କବିତା ସଙ୍କଳନ କଳ୍ପନା କୁସୁମ, ଯଯାତି, ରଶ୍ମିରଥି, ରାମାୟଣ, ଜନ୍ମାଷ୍ଟମୀ ବ୍ରତ, ବଳିଦ୍ୱାରେ ବାମନ, ବାଲ୍ମିକୀ ଆଶ୍ରମରେ ସୀତା, କର୍ଣ୍ଣବଧ ଆଦି ଅଜସ୍ର ସାହିତ୍ୟ ସୃଷ୍ଟି ପାଠକୀୟ ସ୍ୱୀକୃତି ଲାଭ କରିଛି। ଏହାଛଡ଼ା ପ୍ରାଥମିକ ଓ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଆ ଏବଂ ଇଂରାଜୀ ବ୍ୟାକରଣ ପୁସ୍ତକ ମଧ୍ୟ ଆଦୃତି ପାଇଛି। ସ୍ୱର୍ଗତ ରଥ ଜୟଦେବ ପୁରସ୍କାର, ଉତ୍କଳ ଗୀତିକବି ସମାଜ, ରଶ୍ମି ପ୍ରଭା ସମ୍ମାନ, କୁଞ୍ଜ କଳିକା, ଦ୍ୱିତୀୟ ଭଞ୍ଜ ସାରସ୍ୱତ ସମ୍ମାନ, ପାର୍ବତୀ ଗୋବିନ୍ଦ ସମ୍ମାନ, କଳିଙ୍ଗ ଭାରତୀ ସମ୍ମାନ ପ୍ରଭୃତି ସମେତ ରାଜ୍ୟର ବିଭିନ୍ନ ସାମାଜିକ ଓ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଥିଲେ। ତାଙ୍କର ବିୟୋଗରେ ବହୁ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା ତଥା ସାହିତ୍ୟ ଅନିରାଗୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ୯ ଚୋରା ବାଇକ୍ ଉଦ୍ଧାର, ୧ ଗିରଫ



ରାଉରକେଲା,୮।୧୦(ସମିସ): ରାଉରକେଲା ଜିଲ୍ଲା ପୁଲିସ୍ ଅଧୀନ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ବିଭିନ୍ନ ଅଞ୍ଚଳରୁ ୯ଟି ଚୋରା ବାଇକକୁ ଉଦ୍ଧାର କରିବା ସହ ଏ ନେଇ ଜଣେ ଅଭିଯୁକ୍ତକୁ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପ୍ଲାଣ୍ଟସାଇଟ୍ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ବିଷୟରେ ସୂଚନା ଦେଇ ଜୋନାଲ ଡିଏସପି ଅମରେନ୍ଦ୍ରେ ନାଥ ଷଣ୍ଢ ସୂଚନା ଦେଇଛନ୍ତି। ପୁଲିସ ଚଢ଼ଉ କରି ୯ଟି ଚୋରା ବାଇକକୁ ଜବତ କରିବା ସହ ରାଉରକେଲା ବିର୍ସା ଛକରୁ ଅକ୍ଷୟ ବେହେରା (୫୧)କୁ ଚୋରି ଅଭିଯୋଗରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ଅକ୍ଷୟର ଘର କଟକ ଜିଲ୍ଲା ସଦର ଥାନାର ଶିଶୁଆ ଗାଁରେ ହୋଇଥିବା ବେଳେ ସେ ବର୍ତ୍ତମାନ ଛେଣ୍ଡ କଲୋନୀ କଳିଙ୍ଗ ବିହାର ଏଲ୍-୨/୧୭ ନମ୍ବର କ୍ୱାର୍ଟରରେ ରହୁଛି। ପ୍ଲାଣ୍ଟସାଇଟ୍ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ୮ ଟି ମାମଲା ରହିଥିବା ଜଣାପଡ଼ିଛି।

## ବଣାଇ ସହରରେ ଭାଙ୍ଗିଲା ଲାଇଟ୍ ଗେଟ୍

ବଣାଇଁ,୮।୧୦(ସମିସ): ବଣାଇଁ ସହର କଂସାରୀ ସାହି ବଜାରରେ ଲାଇଟ୍ ଗେଟ୍ ଭାଙ୍ଗିଛି। ବଜାର ଦାଣ୍ଡ ଲକ୍ଷ୍ମୀ ପୂଜା ପାଇଁ ନିର୍ମିତ ବାଉଁଶ ଗେଟ୍ ତଳେ ଗୋଟିଏ ସ୍କୁଟି ଚାପି ହୋଇ ଯାଇଥିବା ବେଳେ ସୌଭାଗ୍ୟ ବଶତଃ ଜନ ଜୀବନର ହାନି ଘଟିନାହିଁ। ତେବେ ଗେଟ୍ ଭାଙ୍ଗିବା ପରେ ରାସ୍ତାରେ ଯାତାୟତ ବନ୍ଦ ହୋଇଥିଲା। ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛି। ସୂଚନା ଅନୁଯାୟୀ ଗଜଲକ୍ଷ୍ମୀ ପୂଜା ପାଇଁ କଂସାରୀ ସାହି ଛକରେ ଲାଇଟ୍ ଗେଟ୍ ନିର୍ମିତ ହେଇଥିଲା। ଆଜି ଦିନ ୧୧ଟା ସମୟରେ ଜୋର୍‌ରେ ପବନ ବହିବା ଫଳରେ ପୂଜା ପାଇଁ ଲାଗିଥିବା ୩୦ ଫୁଟ୍ ଉଚ୍ଚର ବଡ ଲାଇଟ୍ ଗେଟ୍ ଭାଙ୍ଗି ପଡିଥିଲା। ତେବେ ପରେ ଲାଇଟ ଗେଟ୍‌ର ବାଉଁଶ ସବୁ କାଢ଼ି ରାସ୍ତାରୁ ହଟାଇ ଦିଆଯାଇଥିବା ସୂଚନା ରହିଛି।



## ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



ରାଉରକେଲା,୮।୧୦(ସମିସ): ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ରାଉରକେଲା ଇସ୍ପାତ କାରଖାନା ମୁକ୍ତ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ଆରମ୍ଭ ହୋଇଛି। ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସହର ସେବା ବିଭାଗର ଜିଏମ୍ଏକେ ସାବତଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ କ୍ରୀଡାବିତ, ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ଶ୍ରୀ ସାବତ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସିଲିକନ ଷ୍ଟିଲ ମିଲ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଆଧାରରେ ଖେଳାଯାଉଛି। ଏଥିରେ ମୋଟ ୩୭ଟି ଦଳ ଅଂଶଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ପ୍ରଥମ ଗ୍ରୁପ, ଦ୍ୱାଦଶ ଶ୍ରେଣୀ ବାଳକ ପର୍ଯ୍ୟନ୍ତ ଦ୍ୱିତୀୟ ଗ୍ରୁପ ଓ ଦ୍ୱାଦଶ ଶ୍ରେଣୀ ବାଳିକା ପର୍ଯ୍ୟନ୍ତ ତୃତୀୟ ଗ୍ରୁପ ଆଦି ୩ଟି ଗ୍ରୁପ୍‌ରେ ଅଂଶଗ୍ରହଣକାରୀ ଏଥିରେ ଭାଗ ନେଇଥିବା ଜଣାପଡିଛି।

**ବାଳକ ଓ ବାଳିକା ମାନଙ୍କ ୩୭ଟି ଦଳର ଅଂଶଗ୍ରହଣ**

## କାର୍ ଧକ୍କାରେ ୩ ବାଳକ ଗୁରୁତର

ରାଉରକେଲା,୮।୧୦(ସମିସ): ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ସ୍ଥିତ ମାଲଗୋଦାମ ବସ୍ତିର ମୁଖ୍ୟ ବସ୍ତିରେ ବୁଧବାର ରାତିରେ ଏକ କାର ଧକ୍କାରେ ୩ ଜଣ ବାଳକ ଗୁରୁତର ହୋଇଥିବା ଜଣାପଡିଛି। ମହେନ୍ଦ୍ର ସିଂହ ହୋଟେଲ ଛକ ଓ ହାଡୁ ହୋଟେଲ ଛକ ମଧ୍ୟରେ ଥିବା ଏକ କ୍ଲିନିକ୍ ସମ୍ମୁଖ ରାସ୍ତାରେ ବାଳକ ମାନେ ରାସ୍ତା ପାରି ହେଉଥିଲେ। ହଠାତ୍ ଏକ କାର ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୩ ବାଳକ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ତେବେ ଲୋକେ ସମ୍ପୃକ୍ତ କାରକୁ ଧରିବାରେ ସକ୍ଷମ ହୋଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଖଣି ବିଭାଗ ଠିକା କମ୍ପାନୀ ମଧୁଚନ୍ଦ୍ରିକା ଧରାପଡ଼ିଲା

ରାଉରକେଲା,୮।୧୦(ସମିସ): ରାଉରକେଲାରେ ଥିବା ଖଣି ବିଭାଗ ଏବଂ ରାଉରକେଲା ଇସ୍ପାତ କାରଖାନା ପରିସରରେ କାର୍ଯ୍ୟରତ ଏକ ଠିକା କମ୍ପାନୀ ମଧ୍ୟରେ ରହି ଆସିଥିବା ମଧୁଚନ୍ଦ୍ରିକା ଆଜି ପଦାରେ ପଡିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମ୍ପ୍ରତି ନଦୀ ଗର୍ଭରୁ ବାଲି ଖନନ ତଥା ସମସ୍ତ ବାଲିଘାଟରୁ ବାଲି ଉଠିବା ଉପରେ କଟକଣା ଲଗା ଯାଇଛି। କିନ୍ତୁ କୁଆଁରମୁଣ୍ଡା ସ୍ଥିତ ଶଙ୍ଖ ନଦୀର ଚନ୍ଦ୍ରପୁର ନଦୀଘାଟରୁ ଚୋରାରେ ବାଲି ଉଠାଯାଇ ଆରଏସପିର ଏକ ଠିକା କମ୍ପାନୀକୁ ଯାଉଥିବା ବେଳେ ତାରପୁର ଗେଟ ନିକଟରେ ୬ଟି ବାଲି ବୋଝେଇ ହାଇୱାକୁ ପୁଲିସ ଜବତ କରି ଥାନାରେ ଅଟକ ରଖିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବାଲି ବୋଝେଇ ହାଇୱା ୬ଟି ବେଆଇନ ଭାବେ କୌଣସି କାଗଜପତ୍ର ନଥାଇ ଆରଏସପିର ତାରପୁର ଗେଟ ଦେଇ ସମ୍ପୃକ୍ତ ଠିକା କମ୍ପାନୀକୁ ଯାଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ସଦଳବଳେ ତାରପୁର ଗେଟ ନିକଟରେ ପହଞ୍ଚି ସମସ୍ତ ୬ଟି ବାଲି ବୋଝେଇ ହାଇୱାକୁ ଜବତ କରି ଥାନାକୁ ନେଇଥିଲେ। ପରେ ଖଣି ବିଭାଗ ଅଧିକାରୀ ପହଞ୍ଚି ଘଟଣା ଉପରେ ଖୋଳତାଡ ଆରମ୍ଭ କରିଥିଲେ। ସିଭିଲ ଟାଉନସିପର ଜଣେ ଠିକାଦାର ଦୀର୍ଘ ଦିନ ଧରି ଏହିପରି ବିନା ଟ୍ରାନଜିଟ ପରମିଟରେ ସମ୍ପୃକ୍ତ ଠିକା କମ୍ପାନୀକୁ ବାଲି ଯୋଗାଇ ଆସୁଥିବା କୁହାଯାଉଛି। ଆଜି ଏହାର ତଦନ୍ତ ପୁଲିସ ଆରମ୍ଭ କରିଛି। ତେବେ ଆରଏସପିର ତାରପୁର ଗେଟରେ ମାଳ ମାଳ ସିଆଇଏସଏଫ୍ ଅଧିକାରୀ, ଯବାନ, ସୁରକ୍ଷା କର୍ମୀ ନିୟୋଜିତ ହୋଇ ସମସ୍ତ ଯାତାୟାତ ଯାନବାହାନର କାଗଜପତ୍ର, ପ୍ରବେଶ ଅନୁମତି ପତ୍ର ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜପତ୍ର ଯାଞ୍ଚ କରୁଥିବା ବେଳେ କିପରି ଏହି ଠିକାଦାର ଅବାଧରେ ତାଙ୍କର ବାଲି ଚୋରାଚାଲାଣ କରି ଆସୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ସିଆଇଏସଏଫ୍ କର୍ମଚାରୀଙ୍କ ଭୂମିକା ସନ୍ଦେହଜନକ ମନେ ହେଉଛି। ସେହିପରି ବାଲି ଉଠାଣ ନିଷିଦ୍ଧ ରହିଥିବା ବେଳେ କିପରି ଦୈନିକ ଶହ ଶହ ହାଇୱା, ଟ୍ରାକ୍ଟର ବୋଝେଇ ହୋଇ ବାଲି ଚୋରାଚାଲାଣ ହେଉଛି ଏବଂ ଖଣି ବିଭାଗ ଏହାକୁ ଅଣଦେଖା କରି ଆସୁଛି, ସେନେଇ ବିଭାଗୀୟ ଅଧିକାରୀଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି। ଅପରପକ୍ଷେ ପ୍ଲାଣ୍ଟ ଭିତରେ କାର୍ଯ୍ୟରତ ସମ୍ପୃକ୍ତ ଠିକା କମ୍ପାନୀ ଚୋରା ବାଲି ଦ୍ୱାରା ପ୍ରକଳ୍ପ ନିର୍ମାଣ କରିବା, ତାକୁ ତଦାରଖ କରୁଥିବା ଅଧିକାରୀ ଏନେଇ ନୀରବ ରହିବା ଆଦି ବହୁ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଏସପି ୱାଧୱାନୀ କହିଛନ୍ତି ଯେ ଖଣି ବିଭାଗ ଏତଲା ଦେବା ପରେ ଏ ନେଇ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହେବା ସହ ଏହି ରାକେଟରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**୬ଟି ବାଲି ବୋଝେଇ ହାଇୱା ଜବତ**

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବଣାଇଁ,୮।୧୦(ସମିସ): ବଣେଇ ଉପଖଣ୍ଡ ଲହୁଣୀପଡା ଥାନା ଅଧୀନ ବାସୁବାହାଲ ନିକଟରେ ବସ୍ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ବସଯାତ୍ରୀ ଆହତ ହୋଇଛନ୍ତି। ଲିଙ୍ଗରାଜ ନାମକ ଏକ ଘରୋଇ ବସ ଏକ ବାଇକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ବସଟି ରାସ୍ତାରୁ ୧୦ ଫୁଟ ତଳକୁ ଖସି ଯାଇଥିଲା। ଏଥିରେ ବସରେ ଥିବା ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣେ ମହିଳା ଏବଂ ଆଉ ୩ ଜଣ ଗୁରୁତର ଅଛନ୍ତି। ଆହତଙ୍କୁ ପ୍ରଥମେ ବଣେଇ ଡାକ୍ତରଖାନା ଅଣା ଯାଇଥିଲା। ଗୁରୁତର ମାନଙ୍କୁ ଅଧିକ ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି।

**■ ଟ୍ରଲର ଧକ୍କାରେ ମା' ମୃତ, ପୁଅ ଆହତ**

## ରାସ୍ତା ମରାମତି ଦାବିରେ ଘଣ୍ଟାଏ ରାସ୍ତା ଅବରୋଧ

କୁତ୍ରା,୮।୧୦(ସମିସ):



ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନସ୍ଥ ରାଜ୍ୟରାଜପଥ ଗଡପୋଷ ଛକରେ ବୁଧବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ରାଉରକେଲାରୁ ଘରକୁ ବାଇକରେ ଫେରୁଥିବା ମା' ପୁଅଙ୍କ ଉପରେ ଏକ ଟ୍ରଲର ଚଢ଼ିଯିବାରୁ ଘଟଣାସ୍ଥଳରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଆହତ ହୋଇଛନ୍ତି। ମୃତ ମହିଳା ହେମଗିରି ଥାନା ଅଧୀନ ହଲଦିବାହାଲ ଗାଁର ଡିଲେଶ୍ୱରୀ ଦାସ ଓ ତାଙ୍କର ଆହତ ପୁଅ ଅଜୟ ଦାସ ବୋଲି ଜଣାପଡିଛି। ଡିଲେଶ୍ୱରୀ ତାଙ୍କ ଭାଇଙ୍କ ମୃତ୍ୟୁ ଖବର ପାଇ ରାଉରକେଲାରେ ଥିବା ଘରୋଇ ହସ୍ପିଟାଲକୁ ଯାଇଥିଲେ। ତାଙ୍କୁ ଦେଖି ଘରକୁ ଫେରୁଥିବା ସମୟରେ ଗଡପୋଷ ଛକ ନିକଟରେ ବୁଧବାର ସକାଳ ପ୍ରାୟ ୮ଟା ରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ ୧୦ ନମ୍ବର ରାଜ୍ୟରାଜପଥ ରାସ୍ତାରେ ବହୁ ସ୍ଥାନରେ ଖାଲଢ଼ିପ ରହିଥିବାରୁ ପ୍ରାୟ ପ୍ରତିଦିନ ଦୁର୍ଘଟଣା ଘଟୁଛି। ତେଣୁ ଏହି ଦୁର୍ଘଟଣା ପରେ ଉତ୍ତେଜିତ ଗ୍ରାମବାସୀ ଓ ଅଞ୍ଚଳବାସୀ ବିଜୁ ଏକ୍ସପ୍ରେସୱେ ରାସ୍ତାକୁ ଗୋଟିଏ ଘଣ୍ଟା ଧରି ଅବରୋଧ କରିଥିଲେ। ସେମାନେ ରାସ୍ତାର ତତ୍କାଳ ମରାମତି ଓ ଦୁର୍ଘଟଣା ସ୍ଥଳରେ ସ୍ପିଡ୍ ବ୍ରେକର ଲଗାଇବା ପାଇଁ ଦାବି କରିଥିଲେ। ପରେ କୁତ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଅନ୍ୟପକ୍ଷେ ଟ୍ରଲରଟି ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ବେଳେ ବଡଗାଁ ଠାରେ ପୁଲିସ ହାତରେ ଧରାପଡ଼ିଥିଲା। ପୁଲିସ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଡ୍ରାଇଭର ଜଣକ ଝାଡଖଣ୍ଡର ନିତେଶ (୨୨) ବୋଲି ସୂଚନା ରହିଛି। ତେବେ ସ୍ଥାନୀୟ ଲୋକମାନେ ପ୍ରଶାସନକୁ ରାସ୍ତା ମରାମତି କାମ ଶୀଘ୍ର ଆରମ୍ଭ କରିବାକୁ ଦାବି କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

www.sakalaepaper.com
ସକାଳ THE SAKALA





# ଅଣ୍ଡର୍‌ପାସ୍ ତଳେ କୃତ୍ରିମ ପୋଖରୀ

## ଏନ୍‌ଏଚ୍‌ଏଆଇର ମନମାନୀ; ହନ୍ତସନ୍ତ ଲୋକେ

## ଅସରାଏ ବର୍ଷାରେ ବାଟ ବନ୍ଦ



ଭୁବନେଶ୍ୱର, ୮।୧୦(ସମିସ): ଅସରାଏ ବର୍ଷାରେ ରାସ୍ତା ଉପରେ ପ୍ରବାହିତ ହେଉଛି ଆଣ୍ଠୁଏ ଉଚ୍ଚର ପାଣି। ପାଣି ଭିତରେ ୭୦ ପ୍ରତିଶତ ବୁଡ଼ି ଯାଉଛି ଚାରିଚକିଆ ଗାଡ଼ି ସାଙ୍ଗକୁ ବାଇକ୍ ଓ ସ୍କୁଟି। ଫଳରେ କାହାର ଗାଡ଼ି ଇଞ୍ଜିନ ଖରାପ ହେଉଯାଉଛି ତ ଆଉ କାହାର ଗାଡ଼ି ଷ୍ଟାର୍ଟ ବନ୍ଦ ହୋଇ ଯାଉଛି। ପାଦଚଲା ପଥଚାରୀଙ୍କ ପାଇଁ ଆହୁରି ବିପଦ। କାରଣ ଅଣ୍ଟାଏ ଉଚ୍ଚର ପାଣି ଭିତରେ ପଶି ଯିବାଆସିବା କରିବା ସମ୍ଭବ ହେଉନି। ଫଳରେ ସ୍ଥାନୀୟ ଲୋକେ ୨ରୁ ଅଢ଼େଇ କିଲୋମିଟର ବୁଲି ଯିବାଆସିବା କରୁଥିବା ବେଳେ ଅଧିକାଂଶ ଲୋକେ ରଙ୍ଗ୍ ରୁଟ୍‌ରେ ଯାଉଥିବାରୁ ଦୁର୍ଘଟଣା ଘଟିବା ସହ ଭଡ଼ାରେ ଆସୁଥିବା ଗାଡ଼ି ଚାଳକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସତସଂଘବିହାର ଅଣ୍ଡରପାସ୍ ରାସ୍ତାରେ। ପ୍ରତିବର୍ଷ ବର୍ଷା ଋତୁରେ ଏଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମିବା ସହ ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିଲେ ବି ଏହାର ସମାଧାନ କରାଯାଉନାହିଁ। ଫଳରେ ଅସରାଏ ବର୍ଷାରେ ଅଣ୍ଡରପାସ୍ ତଳେ କୃତ୍ରିମ ନଦୀର ଭ୍ରମ ସୃଷ୍ଟି କରୁଛି। ଏହାଦ୍ୱାରା ସ୍କୁଲ ବସ୍ ଠାରୁ ଆରମ୍ଭ କରି ବଡ଼ ବଡ଼ ଯାନବାହାନ ବାଧ ହୋଇ ୨ରୁ ୩ କିଲୋମିଟର ରାସ୍ତା ଅଧିକ ବୁଲି ଯାଉଥିବା ଦେଖିବାକୁ ମିଳିଛି।

ଭିଏସ୍‌ଏସନଗର, ଚକେଇସିଆଣି, ସତ୍‌ସଂଘବିହାର, ବାଣୀବିହାର, ସହିଦନଗରକୁ ଯାତାୟତ ସୁଗମ କରିବାକୁ ଏହି (ସତସଂଘ ବିହାର) ଅଣ୍ଡରପାସ୍ ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକମାନେ ଯିବା ଆସିବା କରିଥାନ୍ତି। କାରଣ ରସୁଲଗଡ଼ ଛକ ଦେଇ ଆସିବା ଦ୍ୱାରା ଅଧିକ ସମୟ ଲାଗୁଥିବାରୁ ସହଜ ରାସ୍ତା ଭାବେ ଏହାକୁ ସ୍ଥାନୀୟ ଲୋକେ ବ୍ୟବହାର କରିଥାନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ଅଣ୍ଡପାସ୍ ତଳେ ଆଣ୍ଠୁଏ ପାଣି ଜମିରହୁଥିବା ବେଳେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର-୧୭ ଅଧୀନରେ ରହିଛି ଏହି ଅଞ୍ଚଳ। କିନ୍ତୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ୍ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ଅଣ୍ଡରପାସ୍ ଗୁଡ଼ିକର ଉଚ୍ଚତା କମ୍ ରଖାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହୋଇଛି।

ତେବେ ଏହି ଅଣ୍ଡରପାସ୍ ନିର୍ମାଣ କରାଯିବା ସମୟରେ ଜଳନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଯାହାଦ୍ୱାରା ବର୍ଷା ସମୟରେ ବର୍ଷା ପାଣି ନିଷ୍କାସନ ହୋଇନପାରି ଏଠାରେ ଜମି ରହୁଛି। ଥରେ ବର୍ଷାରେ ଜମି ରହୁଥିବା ପାଣି ଶୁଖିବାକୁ ପ୍ରାୟ ୩ରୁ ୪ଦିନ ସମୟ ଲାଗୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏହି ରାସ୍ତାରେ କେବଳ ବର୍ଷା ଋତୁରେ ସମସ୍ୟା ନୁହେଁ ବରଂ ବର୍ଷ ତମାମ୍ ଏଠାରେ ସମସ୍ୟା ଲାଗି ରହିଛି। ବିନା ବର୍ଷାରେ ବି ଅଣ୍ଡରପାସ୍ ତଳ ଉଭୟ ପାର୍ଶ୍ୱରେ ଆବର୍ଜନା ପାଣି ଜମି ରହୁଛି। ତା ସାଙ୍ଗକୁ ଏଠାରେ ନିୟମିତ ଅଳିଆ ଗଦା କରାଯାଉଥିବା ଦେଖିବାକୁ ମିଳିଛି। ଗୋଟେପେଟ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ବିଏମ୍‌ସି ପକ୍ଷରୁ ଗଳି କନ୍ଦିରେ ସଫେଇ ଗାଡ଼ି ଘର ଦୁଆର ମୁହଁରୁ ଅଳିଆ ସଂଗ୍ରହ କରୁଥିବା ବେଳେ ଏଠାରେ ପଡ଼ି ରହିଛି ମାସ ମାସର ଅଳିଆ। ବର୍ଷାରେ ଅଳିଆ ବର୍ଷା ପାଣିରେ ମିଶି ରାସ୍ତାରେ ବିଛାଡ଼ି ହୋଇ ପଡ଼ୁଛି। ଫଳରେ ଯେଉଁମାନେ ଚାଲିଚାଲି ଯାଉଛନ୍ତି ସେମାନେ ବିଭିନ୍ନ ଚର୍ମରୋଗରେ ଶିକାର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ଭୋଳାନାଥ ମହାରଣା କହିଛନ୍ତି ଯେ, ଏହି ରାସ୍ତା ଏନଏଚ୍‌ଏଆଇ ଅଧୀନରେ ରହିଛି। ଏହି ସମସ୍ୟା ପାଇଁ ଏନ୍‌ଏଚଏଆଇକୁ ୨ଥର ଚିଠି କରାଯାଇଥିଲେ ସୁଦ୍ଧା ସମାଧାନ ହୋଇପାରି ନାହିଁ। ଏହାସହ ନିକଟରେ ରହିଥିବା ଏକ ଗାଡ଼ି ସର୍ଭିସ୍ ସେଣ୍ଟରରୁ ଆସୁଥିବା ପାଣି ସାଙ୍ଗକୁ ବର୍ଷା ସମୟରେ ରାଜପଥ ଓ ସହିଦନଗର ପଟୁ ପାଣି ଗଡ଼ି ଆସି ଏହିସ୍ଥାନରେ ଜମୁଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି।

## ଧଉଳିରେ ବୋଧିଦ୍ରୁମ ଆଳତି



ଭୁବନେଶ୍ୱର, ୮।୧୦(ସମିସ): କୁମାର ପୂର୍ଣ୍ଣମୀ ଅବସରରେ ଧଉଳି ପଞ୍ଚାୟତ ଅଫିସ୍ ପାଖ ବୁଦ୍ଧବିହାର ଠାରେ ବୋଧିଦ୍ରୁମ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଆଇସିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପରେଶ ନାୟକଙ୍କ ଦ୍ୱାରା ଶ୍ରୀଲଙ୍କା, ଅନୁରାଧା ପୁରରୁ ଅଣାଯାଇଥିବା ପବିତ୍ର ଅଶ୍ୱସ୍ଥ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟରର(ଓଆଇସିର) ସଦସ୍ୟା, ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ପବିତ୍ର ବୋଧୀଦ୍ରୁମ ଆଳତି ସମାରୋହରେ ଯୋଗ ଦେଇଥିଲେ। ସମ୍ପାଦନ କରିଥିଲେ। ଏହାପରେ ଓଆଇସିର ମାସିକ ବୈଠକ ଓଆଇସିର ମାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ନଭେମ୍ବର ୨୦ରେ ପୁରୀ ବଡ଼ଦାଣ୍ଡରେ ଆସନ୍ତା ପବିତ୍ର ଦେବ ଦୀପାବଳୀ ଉତ୍ସବର ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ଆଜୀବନ ସଦସ୍ୟ ମନୋରଞ୍ଜନ ମହାନ୍ତିଙ୍କ ସହଯୋଗରେ ତାଳ ମଞ୍ଜି ରୋପଣ କରାଯିବା ସହ ବୁଲା ଗୋରୁଙ୍କୁ ଖାଦ୍ୟ ଓ ପ୍ରସାଦ ବିତରଣ କରାଯାଇଥିଲା ଏବଂ ଗୋରୁ ଗାଈଙ୍କୁ ରୁଟି ଓ ପ୍ରସାଦ ଖାଇବାକୁ ଦିଆଯାଇ ଗୋସେବା କରାଯାଇଥିଲା।

## ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଗଜଲ



ଭୁବନେଶ୍ୱର, ୮।୧୦(ସମିସ): ଭୁବନେଶ୍ୱର ମ୍ୟୁଜିକ ସର୍କଲର ପ୍ରତିଷ୍ଠାତା ସର୍ଦ୍ଦାର ସନ୍ତକ ସିଂଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସ୍ୱରୂପ ଭୁବନେଶ୍ୱର ସର୍କଲ ତରଫରୁ ରବୀନ୍ଦ୍ର ମଣ୍ଡପଠାରେ ଏକ 'ସୋଲଫୁଲ ଗଜଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଅକ୍ଟୋବର ମାସରେ ଏହି ସଙ୍ଗୀତ ସଂଧ୍ୟାର ଆୟୋଜନ କରାଯାଇ ଗଜଲ ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥାଏ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗଜଲ ଗାୟକ ଧୃତିମୟ ବେହେରା ଓ ଶୁଭଲକ୍ଷ୍ମୀ ବେହେରା ଗଜଲ ପରିବେଷଣ କରିଥିଲେ। ଏହି କଳାକାରଙ୍କର ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ଦିଲ୍ଲୀ, କୋଲକାତା ଏବଂ ହାଇଦ୍ରାବାଦରେ ସଙ୍ଗୀତ ପରିବେଷଣ କରିବାର ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଉଭୟ ସିନେମା ଇଣ୍ଡଷ୍ଟ୍ରି ଓ ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ମଧ୍ୟ କାମ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତବଲାରେ ଜଗନ୍ନାଥ ଦାଶ, ବଂଶୀରେ ଅଭିରାମ ନନ୍ଦ, ସିନ୍ଥେସିସରରେ ବବ୍‌ଲୁ ଚନ୍ଦ୍ରକାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଗଜଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ଉତ୍ତର ବିଧାୟକ



ଭୁବନେଶ୍ୱର, ୮।୧୦(ସମିସ): ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଉତ୍ତର ନିର୍ବାଚନୀ ମଣ୍ଡଳୀର ବିଭିନ୍ନ ପୂଜା ମଣ୍ଡପ ବୁଲିଛନ୍ତି ବିଧାୟକ ସୁଶାନ୍ତ କୁମାର ରାଉତ। ବୁଧବାର ପୂର୍ବାହ୍ଣରେ ୧୨ ନମ୍ବର ୱାର୍ଡର ଲକ୍ଷ୍ମୀ ବିହାର, ଗଜପତି ନଗର ଓ ୭ମ ବାଟାଲିୟନ ଆଦି ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପହଞ୍ଚି ମା' ଧନଦାତ୍ରୀଙ୍କ ଆଶ୍ରୀର୍ବାଦ ଗ୍ରହଣ କରଥିଲେ। ସମସ୍ତ ପୂଜା କମିଟି ପକ୍ଷରୁ ବିଧାୟକ ଶ୍ରୀ ରାଉତ ଏବଂ କର୍ପୋରେଟର ଜୟନ୍ତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପ୍ରସନ୍ନ କୁମାର ସାହୁ, ପ୍ରଫୁଲ ଜେନା, ଗଗନ ପଣ୍ଡା, ମିଟୁ ପରିଡ଼ାଙ୍କ ସମେତ ସମସ୍ତ କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀରେ କବିତା ପାଠୋତ୍ସବ

ଭୁବନେଶ୍ୱର, ୮ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଡ. ଶ୍ୟମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ମିଳିତ ସହଯୋଗରେ ବୁଦ୍ଧ ମନ୍ଦିରରେ 'ଆଦିକବି ମହର୍ଷି ବାଲ୍ମିକୀ'ଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ରବି ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ ରଥ, ସମ୍ମାନିତ ଅତିଥି ଭାବେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ସମାଜସେବୀ ଲକ୍ଷ୍ମଣ ପଣ୍ଡା, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜୟନ୍ତୀ ପଡ଼ିଆରୀ ଓ ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ସେବାଶିବିର ଓ ପୋଷାକ ବଣ୍ଟନ



ଧଉଳି, ୮।୧୦(ସମିସ): ଭୁବନେଶ୍ୱର ପାଣ୍ଡବନଗର ସ୍ଥିତ 'ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ' ତରଫରୁ ସେବାଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜର ବେତନଟୀସ୍ଥିତ 'ପରିବର୍ତ୍ତନ' ଭିନ୍ନକ୍ଷମ ଆବାସିକ ଅନୁଷ୍ଠାନରେ ଏକ ଦିନିକିଆ ସେବା ଶିବିର ଅନଷ୍ଠିତ ହୋଇଯାଇଛି। ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟର କର୍ମକର୍ତ୍ତାମାନେ ଛୋଟ ଛୋଟ ପିଲାଙ୍କୁ ଦୁର୍ଗାପୂଜା ଉପଲକ୍ଷେ ନୂଆ ପୋଷାକ ପିନ୍ଧିବାକୁ ଦେଇଥିଲେ। ପରେ ବିସ୍କୁଟ, କେକ୍ ଜଳପାନର ବ୍ୟବସ୍ଥା କରାଯାଇଥିଲା। ପିଲାମାନଙ୍କର ମନରେ ସ୍ନେହ ଓ ଶ୍ରଦ୍ଧା ବାଣ୍ଟିବା ପାଇଁ ଶିକ୍ଷା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରିକି ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଇଥିଲା। ପରେ ପିଲାମାନଙ୍କର ଯତ୍ନ ଉପରେ ଓ ସେମାନଙ୍କର ସୃଜନକଳାର ବିକାଶ ନିମନ୍ତେ ତପନ କୁମାର ଶତପଥୀ 'ପରିବର୍ତ୍ତନ' ଅଧ୍ୟକ୍ଷ ଦେବୀ ପ୍ରସାଦ ପରିଡ଼ା ଓ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। 'ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ'ର ସମ୍ପାଦକ ପ୍ରବୀର କୁମାର ଆଚାର୍ଯ୍ୟ ଭିନ୍ନକ୍ଷମ ପିଲାମାନଙ୍କୁ ଭଗବାନଙ୍କର ଜୀବନ୍ତ ରୂପ ବୋଲି କହିଥିଲେ। ଏମାନଙ୍କର ସେବାହିଁ ଭଗବାନଙ୍କ ସେବା କହି କର୍ମୀମାନଙ୍କୁ ପ୍ରେରଣା ଦେଇଥିଲେ। ଶ୍ରୀମତୀ ବନଜା ଦ୍ୱିବେଦୀ 'ପରିବର୍ତ୍ତନ'ର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ।

## ବୁଦ୍ଧିପଡ଼ା ଗଜଲକ୍ଷ୍ମୀ ପୂଜାରେ ସ୍ୱତନ୍ତ୍ର ବିଧି



ବାଲିଅନ୍ତା, ୮ ।୧୦(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଅନ୍ତା ବ୍ଲକ ପୁରାଣ ପ୍ରଧାନ ଗ୍ରାମ ପଞ୍ଚାୟତର ବୁଦ୍ଧିପଡ଼ା ଗ୍ରାମରେ ସୋମବାର ଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ଏହି ପୂଜା ବିଧିମତେ ପାଞ୍ଚ ଦିନ ଧରି ଚାଲିବ। ଏହି ପାଞ୍ଚ ଦିନ ମଧ୍ୟରେ ପଡୁଥିବା ଆଦ୍ୟ ଗୁରୁବାର ମା'ଙ୍କ ନିକଟରେ ବିଶେଷ ପୂଜାର ଆୟୋଜନ କରାଯିବା ସହ ପ୍ରାୟ ପାଞ୍ଚ ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରତି ବର୍ଷ ଭଳି ଏହି ବର୍ଷ ମଧ୍ୟ ପ୍ରସାଦ ସେବନର ଆୟୋଜନ କରାଯାଇ ଅଛି। ଶୁକ୍ରବାର ରାତିରେ ପୂଜା ସମାପନ ପରେ ମାଁଙ୍କର ବିସର୍ଜନ କାର୍ଯ୍ୟ କରାଯିବ। ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଅଛି। ବୁଦ୍ଧିପଡ଼ା ପୂଜା ଅନୁଷ୍ଠାନ ଦ୍ୱାରା ଚତୁଃର୍ଦ୍ଦଶ ବର୍ଷରେ ପଦାର୍ପଣ କରିଛି ମା'ଙ୍କର ଏହି ପୂଜା କାର୍ଯ୍ୟକ୍ରମ। ପୁରଣପଧାନ ଗ୍ରାମ ପଞ୍ଚାୟତର ସୁନାମଧନ୍ୟ ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ବାରିକଙ୍କ ନିଖୁଣ କାରିଗରୀରେ ପ୍ରତିବର୍ଷ ଏହି ମୃଣ୍ମୟୀ ପ୍ରତିମା ବିନା ପାରିଶ୍ରମିକରେ ଶ୍ରଦ୍ଧାର ସହ ନିର୍ମାଣ କରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର ପଣ୍ଡିତ ଆଚାର୍ଯ୍ୟ ମନୁ ଦାଶଙ୍କ ଦ୍ୱାରା ନିଷ୍ଠାର ସହ ମାଙ୍କର ପୂଜାବିଧି କାର୍ଯ୍ୟ ଅନୁଷ୍ଠିତ ହେଉଛି। ପୂଜା କମିଟିର ଅଧ୍ୟକ୍ଷ ଯୁବ ସମାଜସେବୀ ଶିବ ବେହେରା, ଗ୍ରାମ କମିଟିର ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରତାପ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ବାମଦେବ ନାୟକ, ଆବାହକ ବିଜୟ ବେହେରା ଓ ଗନ୍ଧର୍ବ ଜେନାଙ୍କ ସମେତ ସ୍ଥାନୀୟ ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ଅନୁଷ୍ଠାନର କଳେବର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ ମା'ଙ୍କର ମୃଣ୍ମୟୀ ପ୍ରତିମା ସାଙ୍ଗକୁ ଆକର୍ଷଣିୟ ମେଢ଼ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ଭକ୍ତମାନେ ଆସୁଛନ୍ତି।

## ଯାଁଳା କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଲକ୍ଷ୍ମୀପୂଜା

ଯାଁଳା, ୮।୧୦(ସମିସ): ବିଗତ ବର୍ଷ ପରି ଚଳିତ ବର୍ଷ ସ୍ଥାନୀୟ ମା' ଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟୀ ସଂଘ ଯାଁଳା, ମୁଣ୍ଡମୁହାଣ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପୂଜା ଉତ୍ସବରେ ମା' ଗଜଲକ୍ଷ୍ମୀଙ୍କ ଅଧିବାସ, ଜଳଯାତ୍ରା, ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି। ଦଶହରାରେ ମା' ଦୁର୍ଗାଙ୍କ ଦର୍ଶନ ପରେ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ ସଂଘର ସମସ୍ତ କର୍ମକର୍ତ୍ତା ଓ ବଣିକମାନେ ଉପସ୍ଥିତ ଥିଲେ। ଏପରିକି ଗଜଲକ୍ଷ୍ମୀ ପୂଜା ମଣ୍ଡପ ସାଜସଜା ଓ ରଙ୍ଗବେରଙ୍ଗ ଆଲୋକମାଳା ଆଦି ବେଶ୍ ମନୋରମ ଆକର୍ଷଣୀୟ ହୋଇଛି।

## ଶ୍ରମିକ ମାନ୍ୟତା ଦାବି କଲା ଘରୋଇ ମହିଳା ଶ୍ରମିକ ମଞ୍ଚ



ଭୁବନେଶ୍ୱର, ୮।୧୦(ସମିସ): ଅଶୋକନଗରସ୍ଥିତ ନାଗଭୁଷଣ ଭବନ ଠାରେ ଏଆଇସିସିଟିୟୁଙ୍କ ନେତୃତ୍ୱରେ ଜିଜିଏସ, ଘରୋଇ ମହିଳା ଶ୍ରମିକ ମଞ୍ଚ ପକ୍ଷରୁ ଘରୋଇ ଶ୍ରମିକମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଯାଉଛି। ଏଥିରେ ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଭାରତ ସରକାର ସି -୧୮୯କୁ ତୁରନ୍ତ ରଟିଫିକେସନ କରିବା ସହ ଘରୋଇ ମହିଳା ଶ୍ରମିକଙ୍କୁ ଶ୍ରମିକର ମନ୍ୟତା ଦେବା ଦରକାର। ଏହି ସଭାରେ ଘରୋଇ ମହିଳା ଶ୍ରମିକମାନେ କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଅସୁବିଧା ସମ୍ପର୍କରେ ସାପ୍ତାହିକ ଛୁଟି, ଦୈନିକ ଦରମାର ଧାର୍ଯ୍ୟ ଓ ଅସୁସ୍ଥତା ସମୟରେ ମଜୁରି କାଟିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନନ୍ତି ବୋଲି ଦର୍ଶାଇ ଥିଲେ। ସେହିଭଳି ଏଆଇସିସିଟିୟୁର ସଭାପତି ଓ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ସରକାର ଘରୋଇ ଶ୍ରମିକମାନଙ୍କର ଅଧିକାର ତୁରନ୍ତ ସମାଧାନ କରିବା ସହ ଅସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ଼କୁ ୧୦୦ କୋଟିରୁ ଅଧିକ ବଜେଟ ବ୍ୟବସ୍ଥା କରାନ୍ତୁ ନଚେତ ଘରୋଇ ମହିଳା ଶ୍ରମିକମାନେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି କହିଥିଲେ। ଭୁବନେଶ୍ୱର ଘରୋଇ ମହିଳା ଶ୍ରମିକ ସଙ୍ଘର ସମ୍ପାଦକ ନଳିନୀ ଦିଗଲ, ଜିଜିଏସ ର ସମ୍ପାଦିକା ବିଜୟ ଲକ୍ଷ୍ମୀ ସିଂ, ସମାଜସେବୀ ପ୍ରତାପ ସାହୁ ମଧ୍ୟ ଏଥିରେ ଉପସ୍ଥିତ ଥିଲେ।

## 'ଦିବ୍ୟାଲୋକ ସନ୍ଧାନେ'ର ଶାରଦୀୟ ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର, ୮।୧୦(ସମିସ): ଆଧ୍ୟାତ୍ମିକ ପତ୍ରିକା ' ଦିବ୍ୟାଲୋକ ସନ୍ଧାନେ'ର ଶାରଦୀୟ ସଂଖ୍ୟା ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର କଟକ ରୋଡ଼ରେ ଅବସ୍ଥିତ ତେରାପନ୍ଥ ଭବନରେ ଅନୁଷ୍ଠିତ ଏହି ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାବାଜୀ ପ୍ରଣବକ୍ଷନନ୍ଦ ଦାସ, ସ୍ୱାମୀ ଡଃ ଚିଦାନନ୍ଦ ବ୍ରହ୍ମଚାରୀ, ବାବାଜୀ ସଞ୍ଜୟ ଦାସ, ଓ ପ୍ରଜ୍ଞାନନ୍ଦ ଦାସଙ୍କ ସମେତ ବହୁ ବହୁ ସାଧୁସନ୍ଥ ଉପସ୍ଥିତ ଥିଲେ। ଶେଷରେ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ କୃତଜ୍ଞତା ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପତ୍ରିକାର ପରିଚାଳନା ସମ୍ପାଦକ ଇଂ ବିପ୍ଳବ ଦାସ, ସହଯୋଗୀ ସମ୍ପାଦକ ରାମଚନ୍ଦ୍ର ବେହେରା, ପ୍ରସାରଣ ଅଧିକାରୀ ଡଃ ଆରତୀ ପଣ୍ଡା, ଡାକ୍ତର ଅରବିନ୍ଦ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧୦(ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ବଡ଼ବଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶ୍ୱର ମହାନଗରର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ସସ୍ମିତା ମଙ୍ଗରାଜଙ୍କ ସମେତ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି କେନ୍ଦ୍ରରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱର ଅନ୍ୟ ସ୍ଥାନରେ ମଧ୍ୟ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବାର ଯୋଜନା ରହିଥିବା ସଂଗଠନ ପକ୍ଷରୁ କୁହାଯାଇଛି।

## ଓୟୁଟିଆର୍ ଚତୁର୍ଥ ପ୍ରତିଷ୍ଠା ଦିବସ

# ନବସୃଜନର ନେତୃତ୍ୱ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର, ୮ ।୧୦(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଆତ୍ମନିର୍ଭରଶୀଳ ଭାରତକୁ ଅଧିକ ସୁଦୃଢ଼ କରିବା ପାଇଁ ନବସୃଜନ ଏବଂ ସମାଧାନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ସ୍ୱଳ୍ପ ସମୟ ମଧ୍ୟରେ ଓୟୁଟିଆର୍ ସୃଜନଶୀଳତା ଏବଂ ଉତ୍କର୍ଷତାର କେନ୍ଦ୍ର ପାଲଟିଛି। ଯୁବବର୍ଗଙ୍କୁ ନୂତନ ଚିନ୍ତାଧାରା ପ୍ରଦାନ କରି ରାଷ୍ଟ୍ର ନିର୍ମାତା ପାଇଁ ପ୍ରୋତ୍ସାହିତ କରିଛି। ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଉପଯୋଗ କରି ଅଭିନବ ଉଦ୍‌ଭାବନ ଓ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇଛି। 'ମେକ୍ ଇନ୍ ଇଣ୍ଡିଆ' ସହିତ 'ଡିଜାଇନ୍ ଇନ୍ ଇଣ୍ଡିଆ' ଏବଂ 'ଇନୋଭେଟ ଫର୍ ଦ ୱାର୍ଲଡ'କୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତର ସେମିକଣ୍ଡକ୍ଟର ବିପ୍ଳବରେ ଓଡ଼ିଶାର ଭୂମିକାକୁ ଅବତାରଣା କରିବା ସହ ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ସୁବିଧା ଏବଂ ରାଜ୍ୟରେ ପ୍ରତିଷ୍ଠିତ ହେବାକୁ ଥିବା ଉନ୍ନତ ପ୍ୟାକେଜିଂ ୟୁନିଟ୍ ନୂତନ ସମ୍ଭାବନା ବୋଲି କହିଛନ୍ତି। ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତ୍ତାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ରହିଥିବା କହିବା ସହ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂହ ଯୋଗଦେଇ ପ୍ରାଚୀନ କାଳରୁ କଳା ଓ ଭାସ୍କର୍ଯ୍ୟରେ ସମୃଦ୍ଧ ଓଡ଼ିଶାକୁ ବୈଷୟିକ ଜ୍ଞାନକୌଶଳରେ ମଧ୍ୟ ଶିଖରକୁ ନେବାପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଅତ୍ୟାଧୁନିକ ପାଠ୍ୟକ୍ରମ ଓ ଅନନ୍ୟ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ। ଡିନ୍ ପ୍ରଫେସର ଅଚ୍ୟୁତ ନନ୍ଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ଆଶିଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓୟୁଟିଆରସ୍ଥିତ ଡିଜିଟାଲ ଉତ୍ପାଦନ ଉତ୍କର୍ଷତା କେନ୍ଦ୍ରର ଉଦଘାଟନ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

## ଜଗତସିଂହପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ମୁଖ୍ୟ ଚିକିତ୍ସାଳୟରେ ୬୮, ସମଗ୍ର ଜିଲ୍ଲାରେ ୧୪୭ ଡାକ୍ତର ପଦବୀ ଖାଲି

ଗତସିଂହପୁର,୮।୧୦ (ଶଶାଙ୍କ ଶେଖର ପଣ୍ଡା):







ସମସ୍ତ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚଳନ କରିଛନ୍ତି ଅନେକ ଯୋଜନା। ସରକାରୀସ୍ତରରେ ମଧ୍ୟ ସମସ୍ତ ନାଗରିକଙ୍କୁ ସଠିକ୍ ସ୍ୱାସ୍ଥ୍ୟସେବା ମିଳୁଥିବା ଜୋରଦାର୍ ପ୍ରଚାର କରାଯାଉଛି।

### ହନ୍ତସନ୍ତ ରୋଗୀ ଏବଂ ସମ୍ପର୍କୀୟ

ହେଲେ ତଳସ୍ତରରେ ଏହା ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ତଦାରଖ କରାଯାଉ ନଥିବାରୁ ଆଜି ମଧ୍ୟ ଲୋକେ ଏହି ମୌଳିକ ଆବଶ୍ୟକତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାରେ। ବିଶେଷକରି ଜିଲ୍ଲାର ସ୍ୱାସ୍ଥ୍ୟସେବା ଏକପ୍ରକାର ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨୩ ଡାକ୍ତର ପଦବୀ ମଧ୍ୟରୁ ୬୮ ଡାକ୍ତର ପଦବୀ ଖାଲି ରହିଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ଚିକିତ୍ସାଳୟରେ ୧୪୭ ଡାକ୍ତର ପଦବୀ ଖାଲିପଡିଛି। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଓ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮ ଡାକ୍ତର ପଦବୀ ଖାଲିରହିଛି। ସେହିପରି ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪, କୁଜଙ୍ଗରେ ୧୩, ଏରସମାରେ ୧୨, ମଣିଜଙ୍ଗାରେ ୧୬, ବିରିଡିରେ ୧୪, ରଘୁନାଥପୁରରେ ୧୮, ରେଢୁଆରେ ୬, ବୋରିକିନାରେ ୭ ଏବଂ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ଡାକ୍ତର ପଦବୀ ଖାଲିପଡିଛି। ଯାହାଫଳରେ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ୯ଟି ପ୍ରଶାସନିକ ପଦବୀ ରହିଛି। ସେଥିମଧ୍ୟରୁ ୨ଟି ଖାଲି ରହିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି। ବିଶେଷକରି ମେଡିସିନ, ପେଡିଆଟ୍ରିକ ଏବଂ ସର୍ଜରୀ ବିଭାଗରେ ଡାକ୍ତର ଅଭାବ ରୋଗୀସେବାରେ ବ୍ୟାଘାତ ସୃଷ୍ଟି କରୁଛି। ତେବେ କେବଳ ଡାକ୍ତର ପଦବୀ ନୁହେଁ ପାରାମେଡିକାଲ ପଦବୀ ମଧ୍ୟ ବହୁସଂଖ୍ୟାରେ ଖାଲି ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆର୍‌ଏସ୍‌ସି ଏବଂ ପିପିସିକୁ ମିଶାଇ ମୋଟ ୧୫୦ ନର୍ସିଂ ଅଫିସର ପଦବୀ ଥିବାବେଳେ ଏଥି ମଧ୍ୟରୁ ୯୨ଟି ଖାଲି ରହିଛି। ସେହିପରି ୨ଟି ଫାର୍ମାସିଷ୍ଟ, ୩ଟି ରେଡିଓଗ୍ରାଫର ସମେତ ଅନ୍ୟ ୫ଟି ପାରାମେଡିକାଲ ପଦବୀ ଏବଂ ୩ଟି ଗ୍ରୁପ୍-ଡି ପଦ ମଧ୍ୟ ଖାଲି ରହିଛି। ଯାହାଫଳରେ ଆଇସିୟୁ ଏବଂ ଅନ୍ୟ ଟେକ୍‌ନିକାଲ କାର୍ଯ୍ୟ ସଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାଛଡା ସମଗ୍ର ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧୀକ ପାରାମେଡିକାଲ ପଦବୀ ଖାଲିପଡିଥିବାରୁ ସ୍ୱାସ୍ଥ୍ୟସେବାରେ ଗୁରୁତର ବାଧା ସୃଷ୍ଟି ହେଉଛି। ପ୍ରତିଦିନ ମେଡିକାଲ ପରିସରରେ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କର ଲମ୍ବା ଧାଡି ଲାଗୁଥିବା ଲକ୍ଷ୍ୟ କରାଯାଇଛି। ଏପରିକି ଡାକ୍ତର ଅଭାବ କାରଣରୁ ଘଣ୍ଟା ଘଣ୍ଟା ଧରି ଧାଡିରେ ରୋଗୀମାନଙ୍କୁ ଠିଆହେବାକୁ ପଡୁଛି। ଆଧୁନିକ ମେଡିକାଲ ଉପକରଣ ନଥିବାରୁ ରୋଗୀସେବା ସଠିକ୍ ଭାବେ ହୋଇପାରୁନଥିବା ବେଳେ ଅଧିକାଂଶ ସମୟରେ ରୋଗୀମାନଙ୍କୁ କଟକ ରେଫର କରାଯାଉଥିବା ଅଭିଯୋଗ କରୁଛନ୍ତି ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟ। ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବାର ୧୬ ମାସ ବିତିବାକୁ ଯାଉଥିବା ବେଳେ କେବେ ପୂରଣ ହେଉଛି ଡାକ୍ତର ପଦବୀ ଏବଂ କେବେ ଜଗତସିଂହପୁର ଜିଲ୍ଲାବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଉଛନ୍ତି ତାହାକୁ ହିଁ ଅପେକ୍ଷା।

## ଓଲଟିଲା ମାଛଧରା ବୋଟ୍

■ ଅଳ୍ପକେ ବର୍ତ୍ତିଲେ ୪ ମତ୍ସ୍ୟଜୀବୀ



ପାରାଦୀପ,୮।୧୦(ସମିସ): ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମହାନଦୀ ଓ ସମୁଦ୍ର ମୁହାଣରେ ବୁଧବାର ଏକ ମାଛଧରା ବୋଟ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଅନ୍ୟ ଡଙ୍ଗା ସାହାଯ୍ୟରେ ୪ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି। ଘଟଣାରୁ ପ୍ରକାଶଯେ, ବୁଧବାର ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରୁ ଏକ ମାଛଧରା ବୋଟ୍ ମାଛ ଧରିବାକୁ ସମୁଦ୍ର ମଧ୍ୟକୁ ଯାଉଥିଲା। ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରର ଉଚ୍ଚ ଢେଉ ବୋଟ୍‌ରେ ମାଡ ହେଉଥିଲା। ଢେଉର କରାଳତାକୁ ସାମ୍ନା କରିନପାରି ବୋଟ୍‌ଟି ମୁହାଣରେ ଭାରସାମ୍ୟ ହରାଇ ଓଲଟି ପଡିବାସହ ମତ୍ସ୍ୟଜୀବୀମାନେ ବୋଟ୍‌ରୁ ଖସି ପଡିଥିଲେ। ନିକଟରେ ଥିବା ଅନ୍ୟ ବୋଟ୍ ଗୁଡ଼ିକ ସାମୁଦ୍ରିକ ଢେଉକୁ ଅତିକ୍ରମ କରି ସେମାନଙ୍କ ନିକଟର ପହଞ୍ଚିବାକୁ ଉଦ୍ୟମ କରିଥିଲେ। ହେଲେ ବଡ ବଡ ଢେଉକୁ ଅତିକ୍ରମ କରି ସେମାନଙ୍କ ପାଖରେ ପହଞ୍ଚିବା ସମ୍ଭବ ପର ହୋଇନଥିଲା। ହଠାତ୍ ଓଲଟି ପଡିଥିବା ବୋଟ୍‌ଟି ଢେଉ ମାଡରେ ସିଧା ହୋଇଯାଇଥିଲା। ସମସ୍ତ ୪ଜଣ ଯାକ ମତ୍ସ୍ୟଜୀବୀ ବୋଟ୍‌ଟି ସିଧା ହୋଇଯିବା ପରେ ବୋଟ୍ ଉପରୁ ଚଢି ଯାଇଥିଲେ। ବୋଟ୍‌ରେ ଥିବା ଜାଲ ଓ ମଟର ଢେଉରେ ଭାସିଯାଇଥିଲା। ଫଳରେ ଅନ୍ୟ ବୋଟ୍ ସହାୟତାରେ ବୋଟ୍‌ଟି ରଶି ଦ୍ୱାରା ଟଣାହୋଇ କୂଳକୁ ଆସିଥିବା ଜଣାପଡ଼ିଛି।

## ବିନୋଦିନୀ ରାଉତଙ୍କ ସ୍ମୃତିଚାରଣ ସଭା



ରଘୁନାଥପୁର, ୮।୧୦(ସମିସ): ରଘୁନାଥପୁର ବ୍ଲକ୍ ଅଧୀନ ତାରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତଙ୍କ ମାଆ ବିନୋଦିନି ରାଉତଙ୍କ ସର୍ପଦଂଶନରେ ଗତ ସେପ୍ଟେମ୍ବର ୨୭ରେ ଦେହାନ୍ତ ହୋଇଥିଲା। ସେ ଜଣେ ପରୋଉପକାରୀ ତଥା ଧର୍ମପରାୟଣ ମହିଳା ଥିଲେ। ପଞ୍ଚାୟତରେ ବିଭିନ୍ନ ସାମାଜିକ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କର ଏକାଦଶାହ ଅବସରରେ ସ୍ଥାନୀୟ କବିତା ମଣ୍ଡପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଡା. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ପୂର୍ବତନ ମହିଳା କମିଶନର ମିନତୀ ବେହେରା, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସ୍ୱପ୍ନସରୀତା ବଳ, ଜିଲ୍ଲା ପରିଷଦ ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, କଂଗ୍ରେସ ନେତା ହିମାଂସୁ ମଲ୍ଲିକ, ଯୁବନେତା ବସନ୍ତ ମହାପାତ୍ର, ଯୁବନେତା ତାରାକାନ୍ତ ଜେନା ଓ ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର, ସୁରେନ୍ଦ୍ରନାଥ ମହାପାତ୍ର, ପରମାନନ୍ଦ ସ୍ୱାଇଁ ଯୋଗଦେଇଥିଲେ। ସାନପୁଅ ମିଟୁ ରାଉତ, ପୁତ୍ରବଧୂ ଝିଅ ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ସାରଳାଦାସଙ୍କ ଜୟନ୍ତୀ ସମାରୋହ ପାଇଁ ପ୍ରସ୍ତୁତି



ତିର୍ତ୍ତୋଲ,୮।୧୦(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ତେନ୍ତୁଳିପଦାସ୍ଥିତ ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ଆନୁକୁଲ୍ୟରେ ଆସନ୍ତା ନଭେମ୍ବର ୬ରେ ସାରଳା ଦାସଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପ୍ରସ୍ତୁତି ବୈଠକ ସାରଳାରୋଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ତଥା ପରିଷଦର ସଭାପତି ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦର ଉପଦେଷ୍ଟା ଇଂ ସୁଭାଷ ଚନ୍ଦ୍ର ସାହୁ, ଶିକ୍ଷାବିତ ଅକ୍ଷୟ ଦାସ, ପ୍ରଭାତ ପରିଜା, ନନ୍ଦନନ୍ଦନ ନାୟକ, ଗୁରୁ ପ୍ରସାଦ ଦାସ, ଅଶୋକ ଭୋଇ, ଶିକ୍ଷାବିତ ସମୀର ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ଦାସ, ଆଶିଷ ପରିଜା, ପ୍ରଭୁଦତ୍ତ ପରିଜା, ନମିତା ସିଂହ, ଚିତ୍ତରଞ୍ଜନ ଦାସ, ଅଶୋକ ଦାଶ, ପ୍ରଫୁଲ୍ଲ ଭୋଇ ପ୍ରମୁଖ ଉପସ୍ଥିତ ରହି ଜୟନ୍ତୀ ସମାରୋହକୁ ସରସ ସୁନ୍ଦର କରିବା ପାଇଁ ମତ ପ୍ରଦାନ୍ କରିଥିଲେ। ପରେ ସମାରୋହର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଶେଷରେ ସାରଳା ପାଠଚକ୍ରରେ ସାରଳା ସାହିତ୍ୟ ଉପରେ ଆଲୋଚନା କରାଯାଇଥିଲା। ପରିଷଦର ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା ସ୍ୱାଗତ ଭାଷଣ ଓ ସଂଗଠନ ସମ୍ପାଦକ ଦେବବ୍ରତ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ସୁଶାନ୍ତ ପରିଜା ଧନ୍ୟବାଦ ଦେଇଥିଲେ।

## ବଳଦେବଜୀଉ ମନ୍ଦିରରେ ନବକାକଳିର କାର୍ତ୍ତିକ କବିତା ଆସର




ଜଗତସିଂହପୁର,୮।୧୦(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅଧୀନ ମୁଦପୁର ପଞ୍ଚାୟତର ସିଦ୍ଧଳ ସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ସଭାଗୃହରେ ସାହିତ୍ୟ ପତ୍ରିକା ନବକାକଳିର ମାସିକ ସଭା 'କାର୍ତ୍ତିକ କଥା ଓ କବିତା ଆସର' ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପଣ୍ଡିତ ରବି ନାରାୟଣ ପଣ୍ଡାଙ୍କ ବେଦଧ୍ୱନି ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଝଙ୍କଡ଼ ସାହିତ୍ୟ ସଂସଦର ଉପସଭାପତି ଡ. ବିଷ୍ଣୁପ୍ରିୟା ଦାସ, ମୁଖ୍ୟବକ୍ତା ରୂପେ ଅଧ୍ୟକ୍ଷା ଡ. ବୈଜୟନ୍ତୀ ମାଳା ଶତପଥୀ, ବରେଣ୍ୟ ଅତିଥି ରୂପେ କବି ଅଜୟ କୁମାର ବେହେରା, ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ, ଜାହ୍ନବୀର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ପଣ୍ଡିତ ସୁରେନ୍ଦ୍ରନାଥ ଦାଶ ଶର୍ମା ଏବଂ ବର୍ଷିଆନ କବି ପଣ୍ଡିତ ଭସ୍କର ଚନ୍ଦ୍ର ଶତପଥୀ ଯୋଗଦେଇ ରାଧା କୃଷ୍ଣଙ୍କ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଲେଖକମାନଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିଥିବା ସମ୍ପାଦକ ଓ ପ୍ରକାଶକମାନଙ୍କ ପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିବାକୁ ଦାବି ଜଣାଇଥିଲେ। ମାତୃପ୍ରସାଦ ଶତ୍ରୁଜିତ୍ ଓ ଅମିତା ଦାସଙ୍କ ସଂଯୋଜନାରେ ୪୫ ଜଣ କବି କାର୍ତ୍ତିକ ମାସ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଅମିତା ଦାସଙ୍କ ସମ୍ପାଦିତ ମିନି ପତ୍ରିକା 'ଅପା'କୁ ଅତିଥିଗଣ ଲୋକାର୍ପଣ କରିଥିଲେ ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥୀଙ୍କୁ ତାଙ୍କ ୮୭ତମ ଜନ୍ମଦିନ ପାଇଁ ନବକାକଳିର ପରିଚାଳନା ସମ୍ପାଦିକା ମନୋରମା ଦାଶ ଉତ୍ତରୀୟ ଏବଂ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୀଳକଣ୍ଠ ମିଶ୍ର, ଗଣେଶ ମହାନ୍ତି, ଦୁର୍ଯ୍ୟୋଧନ ମହାନ୍ତି, ଜୟଶ୍ରୀ ମିଶ୍ର, ବଂଶୀଧର ବେହେରା, ନିରଞ୍ଜନ ନାୟକ, ଝୁଲରାମ ଦାସ, ହୃଦାନନ୍ଦ ବାରିକ, ଶେଷଦେବ ଛୋଟରାୟ, ପ୍ରଦୀପ୍ତ କୁମାର ପାଳ, ବେଣୁଧର ବେହେରା, ସବ୍ୟସାଚୀ ତ୍ରିପାଠୀ ଓ ଜ୍ଞାନରଞ୍ଜନ ସ୍ୱାଇଁଙ୍କ କବିତା ଉଚ୍ଚକୋଟିର ହୋଇଥିଲା। ଶେଷରେ କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପରେ କୁମାର ଉତ୍ସବ ଉଦ୍‌ଯାପିତ

ପାରାଦୀପ,୮।୧୦(ସମିସ): ନୂଆବଜାର ସ୍ମାଇଲ କ୍ଲବ ଓ ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କୁମାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ନୂଆବଜାରର ମହିଳାମାନେ କୁମାର ପୂର୍ଣ୍ଣିମା ଅବସରରେ ଏହି ଉତ୍ସବକୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ




ଧୁମଧାମରେ ଆୟୋଜନ କରିଥିଲେ। ଉତ୍ସବ ମଞ୍ଚରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ସମାଜସେବୀ ପ୍ରେମଲତା ବାରିକ, ସୁଶୀଲ ମହାପାତ୍ର, ସମୀର ବିଶ୍ୱାଳ, କାଉନସିଲର ମନୋଜ କୁମାର ନାୟକ ଓ ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟର ସଭାପତି ସଚିତ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କୁମାରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ମହିଳାମାନେ ନାଚ, ଗୀତ ଓ ରଙ୍ଗୋଲିରେ ଭାଗ ନେଇଥିଲେ। ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପାରାଦୀପ ବିଜୁ ମଇଦାନରେ ମୟୂରୀ କଳା ପରିଷଦ ପକ୍ଷରୁ ଆୟୋଜିତ କୁମାର ଉତ୍ସବରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କାଉନସିଲର ଅଜିତ ଷଡଙ୍ଗୀ, ସୁଶାନ୍ତ ଦାସ, ସୌଦାମିନି ସାହୁ, ସଂଘମିତ୍ରା ସ୍ୱାଇଁ, ଗୋଲେଖ ସାହୁ, ଅନନ୍ତ ଜେନା, ନଳିନୀ ପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ସୁତାର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବହୁ ଛାତ୍ରଛାତ୍ରୀ, ଯୁବତୀ ଓ ବିଭିନ୍ନ ସଂଗଠନର ମହିଳାମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶେଷକରି ଓଡିଶାର ପରମ୍ପରାକୁ ନେଇ ପ୍ରଦର୍ଶିତ ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ବିଶେଷକରି ଓଡିଶାର ଖ୍ୟାତନାମା ବ୍ୟଙ୍ଗ କବି ତଥା ମୟୂରଭଞ୍ଜ ଜିଲ୍ଲାର ସେ ଜଣେ ପ୍ରାଥମିକ ଶିକ୍ଷୟିତ୍ରୀ ନୀଳିମା ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଆହୁରି ରଦ୍ଧି ମନ୍ତର କରିଥିଲେ।

## ଜିଲ୍ଲା ଓକିଲ ସଂଘ ପକ୍ଷରୁ ଶୋକସଭା



ଜଗତସିଂହପୁର,୮।୧୦(ସମିସ): ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ସଦସ୍ୟ ଆଇନଜୀବୀ ସ୍ୱର୍ଗତ ଦେବକାନ୍ତ ମିଶ୍ର(୪୯)ଙ୍କ ଗତ ୩ ତାରିଖରେ ମଞ୍ଚରେ ନାଟକ ଅଭିନୟ କରିବା ବେଳେ ହୃଦଘାତରେ ଅକାଳ ବିୟୋଗ ଘଟିଛି। ସ୍ୱର୍ଗତ ଦେବକାନ୍ତ ମିଶ୍ର ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲ୍ଲା ଓକିଲ ସଂଘ ଗୃହରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ଉପସଭାପତି ସରୋଜ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ୍ କାନୁନଗୋ, ଅତୁଲ୍ୟ ଚନ୍ଦ୍ର ଦାସ, ବିଳାସ ଚନ୍ଦ୍ର ଲେଙ୍କା, ସୌରୀପ୍ରସାଦ ସ୍ୱାଇଁ, ପିତାମ୍ବର ପଣ୍ଡା, ଯୁଧିଷ୍ଠିର ମିଶ୍ର, ରବିନ୍ଦ୍ର କୁମାର ସ୍ୱାଇଁ, ସୁଧାଂଶୁ ମୋହନ ମିଶ୍ର, ପାର୍ଥସାରଥୀ ଦାସ, ସୁବ୍ରତ ଶତପଥୀ, ଗଗନ୍ ଚନ୍ଦ୍ର ଦାଶ, ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, ଶାରଦା ପ୍ରସାଦ ଦାସ, ନରେଶ ଦାସ, ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ରାୟ, ଶକ୍ତିଧର ମିଶ୍ର, ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ସ୍ୱର୍ଗତ ଆଇନଜୀବୀ ଦେବକାନ୍ତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିବାସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ପ୍ରତିବାଦ

# ଜିଲ୍ଲା ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ










ଜଗତସିଂହପୁର,୮।୧୦(ସମିସ):

ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ବୁଧବାର ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ପକ୍ଷରୁ କଲମଛାଡ ଆନ୍ଦୋଳନ ମାଧ୍ୟମରେ ପ୍ରତିବାଦ କରାଯାଇଛି। ଆଇନଜୀବୀ ସ୍ୱର୍ଗତ ପଣ୍ଡାଙ୍କ ହତ୍ୟାକୁ ଦୁର୍ଭାଗ୍ୟଜନକ କହିବା ସହିତ ଓକିଲ ସଂଘ ପକ୍ଷରୁ ଏହାର ଦୃଢ଼ ନିନ୍ଦା କରାଯାଇଥିଲା। ହତ୍ୟାକାରୀକୁ ଶୀଘ୍ର ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏଥିସହିତ ମୃତ ଆଇନଜୀବୀଙ୍କ ପରିବାରକୁ ୧କୋଟି ଟଙ୍କାର କ୍ଷତିପୂରଣ ଦାବି ସହିତ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଉପସ୍ଥିତ ଆଇନଜୀବୀମାନେ ଦାବି କରିଥିଲେ। ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ୍ କାନୁନଗୋ, ଅତୁଲ୍ୟ ଚନ୍ଦ୍ର ଦାସ, ସୌରୀ ପ୍ରସାଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଶ୍ରୀକାନ୍ତ ନନ୍ଦ, ପୀତାମ୍ବର ପଣ୍ଡା, ଗଗନ ଚନ୍ଦ୍ର ଦାଶ, ସୁବ୍ରତ ଶତପଥୀ, ରବିନ୍ଦ୍ର କୁମାର ସ୍ୱାଇଁ, ଚନ୍ଦ୍ର ଶେଖର ନାୟକ, ସରୋଜ କୁମାର ବିଶ୍ୱାଳ, ପ୍ରସନ୍ନ କୁମାର ମହାନ୍ତି, ନରେଶ ଦାସ, ନାରାୟଣ ମହାନ୍ତି, ସୁରପ୍ରସାଦ ବାରିକ, ସଂଗ୍ରାମ କେଶରୀ ମହାପାତ୍ର, ଆଶୁତୋଷ ଦାସ, ରୁଦ୍ରନାରାୟଣ ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ଦୁଷ୍ମନ୍ତ ବାରିକ, ରଞ୍ଜିତ ବେହେରା, ପ୍ରକାଶ ଚନ୍ଦ୍ର ପ୍ରଧାନ, ଦିପ୍ତେନ୍ଦୁ ଖଟୁଆ, ଯଦୁମଣି ବିଶ୍ୱାଳ, ତ୍ରିଲୋଚନ ସାହୁ, ଶାରଦା ପ୍ରସାଦ ଦାସ, ପ୍ରଶାନ୍ତ କୁମାର ବଢ଼େଇ, ଶରତ ଚନ୍ଦ୍ର ମିଶ୍ର, ଜ୍ଞାନରଞ୍ଜନ ମହାନ୍ତି, ରଞ୍ଜିତ ସ୍ୱାଇଁ, ନୃସିଂହ ଚରଣ ବାରିକ, ଯୁଗଳ କିଶୋର ମହାନ୍ତି, ଜୀବନ କୁମାର ଦାସ ପ୍ରମୁଖ ଶତାଧିକ ଆଇନଜୀବୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ତିର୍ତ୍ତୋଲ:** ଓଡ଼ିଶା ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ ତିର୍ତ୍ତୋଲ ବାର୍ ଆସୋସିଏସନ୍ ପକ୍ଷରୁ ମଧ୍ୟ କଲମ ଛାଡ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆସୋସିଏସନ୍‌ର ଗୃହରେ ଉପସଭାପତି ଟୁକନ ଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ଶୋକସଭା ଏବଂ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ହତ୍ୟା ଅଭିଯୁକ୍ତ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଅଧିବକ୍ତା ସୁରକ୍ଷା ଆଇନ ତୁରନ୍ତ ପ୍ରଣୟନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ପରେ ବାର୍ ଆସୋସିଏସନର ଓକିଲ ମାନେ ଶୋଭାଯାତ୍ରାରେ ତିର୍ତ୍ତୋଲ ଜେଏମଏଫସି ଅଦାଲତର ବିଚାରପତି ଓ ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କୁ କଲମ ଛାଡ ଆନ୍ଦୋଳନର ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବାର ଆସୋସିଏସନ୍‌ର ଉପସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ଆଇନଜୀବୀ ପ୍ରଶାନ୍ତ ରାୟ, ନାରାୟଣ ମହାନ୍ତି, ସୁଧୀର ଚନ୍ଦ୍ର ଖୁଣ୍ଟିଆ, ପ୍ରମୋଦ ସାହୁ, ଦେବେନ୍ଦ୍ର ନାୟକ, ତ୍ରିଲୋଚନ ବେହେରା, ଅମିୟ ରଞ୍ଜନ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବୋଧ ଖୁଣ୍ଟିଆ, ଅଞ୍ଜନ ଜେନା, ବିନୟ ସ୍ୱାଇଁ, ବିଷ୍ଣୁଚରଣ ମାଝୀ, ଗୋପାଳ ଚୌଧୁରୀ, ବିର ନାରାୟଣ ପାତ୍ର, ପ୍ରଭାକର ପଲାଉର୍ ପ୍ରମୁଖ ଯୋଗଦେଇଥିଲେ।

**କୁଜଙ୍ଗ:** ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କର ହତ୍ୟାକାଣ୍ଡକୁ ନେଇ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ ଓ କଲମ ଛାଡ ଆନ୍ଦୋଳନ ଦେଖିବାକୁ ମିଳିଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ କୁଜଙ୍ଗ ଓକିଲ ସଂଘ ତରଫରୁ ଦାବି କରାଯାଇଛି। ଅବସରରେ କୁଜଙ୍ଗ ବଜାର ନୀରବ ପ୍ରତିବାଦ ପରିକ୍ରମାରେ ସଙ୍ଘର ସଭାପତି ଏଏନ୍‌ଡି ଯାଦବ ପୌରହିତ୍ୟରେ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ, ରଶ୍ମିରଞ୍ଜନ ମହାପାତ୍ର, ନୃସିଂହ ପ୍ରଧାନ, ରମେଶ ଦାସ, ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ସଞ୍ଜୟ ବେହେରା, ଦାମୋଦର ସ୍ୱାଇଁ, ସୁବର୍ଣ୍ଣ ମିଶ୍ର, ରଞ୍ଜିତ ବିଶ୍ୱାଳ, ଶ୍ରୀଧର ମିଶ୍ର, ନିର୍ମଳ ସାହୁ, ଧନେଶ୍ୱର ସ୍ୱାଇଁ, ବିଦ୍ୟାଧର ମଲ୍ଲିକ, ପ୍ରମୋଦ ବେହେରା, କାର୍ତ୍ତିକ ମହାନ୍ତି, ପ୍ରଫେସର ପ୍ରଧାନ, ପରେଶ୍ ନାଥ, ଅଭିମନ୍ୟୁ ରାଉତ, ସୁକାନ୍ତ ମାଝୀ, ଅଲେଖ ମାଝୀ, ପବିତ୍ର ନାୟକ, ଅଭି ବେହେରା, ମହେଶ୍ୱର ଦାସ, ଦୀପକ ନାୟକ, ତୋଫାନ ସାହୁ, ପ୍ରଭାତ ନାଥ ଶର୍ମା, କାଳୀ ପ୍ରସାଦ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

## ତୃତୀୟ ଦିନରେ ଗଜଲକ୍ଷ୍ମୀ ପୂଜା

# ଠୁଙ୍କାପୁରୀ, ଚୁସ୍କିର ମଜା; ରକିଂ ଦୋଳିରେ ଲାଗିଛି ଭିଡ଼






ଢେଙ୍କାନାଳ,୮ ।୧୦(ସମିସ) ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ତୃତୀୟଦିନରେ ପହଞ୍ଚିଛି । ତୃତୀୟଦିନରେ ବଜାରରେ ଦର୍ଶକ ମାନେ ପୂଜାର ମଜା ଉଠାଉଥିବା ବେଳେ ଠୁଙ୍କାପୁରୀ, ଚୁସକିର ମଜା ସହିତ ବିଭିନ୍ନ ପ୍ରକାରର ଦୋଳି ସହିତ ରକିଂ ଦୋଳୀ ମଜା ନେଉଛନ୍ତି ।

ଢେଙ୍କାନାଳ ଜିଲ୍ଲାରେ ମୋଟ ୩୮ ଟି ମଣ୍ଡପରେ ପୂଜହେଉଛି । ସହରର ପ୍ରବେଶ ପଥ କୋରିଆଁ ଠାରୁ ଆରମ୍ଭ କରି ଦୀର୍ଘ ୭କିମି. କଲେଜ ବାଇପାସ ପର୍ଯ୍ୟନ୍ତ କେବଳ ଲାଇଟ୍‌ର ମାଳମାଳ ଆଲୋକ ସଜ୍ଜାରେ ଢେଙ୍କାନାଳ ସହର ରାସ୍ତା ଘାଟ ଝଲସୁଛି । ପୂଜାର ମଜା ପାଇଁ ଦର୍ଶକମାନେ ଅପରାହ୍ନ ୩ଟାରୁ ଭିଡ଼ ଲଗାଉଥିବା ବେଳେ ରାସ୍ତାର ଉଭୟ ପାଶ୍ୱର୍ର ବିଭିନ୍ନ ପ୍ରକାରର ଦୋକାନ ବଜାରଖୋଲିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀ ମାନେ ସେମାନଙ୍କ ପସରା ଖୋଲିଛନ୍ତି । ରାସ୍ତାପାଶ୍ୱର୍ରେ ଭଳିକି ଭଳି ଖାଦ୍ୟ ସାମଗ୍ରୀ ସହିତ ଗୁପଚୁପ, ଚାଟ, ଠୁଙ୍କାପୁରୀ, ଭେଲପୁରୀ, ଦୋଷା, ଭଳିକି ଭଳି ଆଇସକ୍ରୀମ, ଚୁସକି, ଛୋଟ ପିଲାଙ୍କ ପାଇଁ ବେଲୁନ, ବିଭିନ୍ନ ପ୍ରକାରର ଖେଳନା ବେଶ ଆକୃଷ୍ଟ କରୁଛି । ବ୍ୟବସାୟୀମାନେ ଭଲ ରୋଜଗାର କରୁଥିବାର ଜଣାପଡ଼ିଛି । ସେହିପରି ବିଭିନ୍ନ ସ୍ଥାନରେଭେଜ, ନନ୍‌ଭେଜ ବିରୟାନୀ,ଚିକେଟ ପକୋଡା, ରୋଲ, ଚିକେନ କବାବ, ଚିକେନ ପକୋଡା ନିକଟରେ ବେଶ ଭିଡ ଜମୁଛି । ଦର୍ଶକମାନେ ପୂଜା ସହିତ ରଥଗଡା ଏବଂ ବିବି ହାଇସ୍କୁଲ ନିକଟରେ ଥିବା ମୀନାବଜାର ଏବଂ ବିଭିନ୍ନ ପ୍ରକାରରଦୋଳିର ମଜା ନେଉଛନ୍ତି । ଲାଇଟ୍ ଗେଟ୍ ସହିତ ନୂଆ ଡିଜାଇନର ମଣ୍ଡପଗୁଡ଼ିକ ସଜାଇହୋଇଥିବା ବେଳେ ଏହା ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିଛି । ଫଳରେ ପ୍ରଥମରୁ ଭିଡ଼ ପରିଲିଖିତ ହୋଇଛି । ପୂଜା ପାଇଁ ଆଜି ପ୍ରବଳ ଭିଡ଼ ହୋଇଥିବା ବେଳେ ମାଆଙ୍କୁ ଦର୍ଶନ କରୁଥିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଛି । ଏହା ସହିତ ମହିଷାପାଟଠାରେ ପଲ୍ଲିଶ୍ରୀ ମେଳାରେ ଦର୍ଶକ ଏବଂ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି ।

### ମନମୋହୁଛି କଙ୍କଡ଼ାହାଡ଼ ପୂଜା

କଙ୍କଡ଼ାହାଡ଼,୮ ।୧୦(ସମିସ): ଭକ୍ତଙ୍କ ମନ ଲାଖି କୁମାର୍ ପୂର୍ଣ୍ଣିମା ଠାରୁ ପ୍ରତ୍ୟେକ ସନ୍ଧ୍ୟାରେ ମନମୋହୁଛି ଲକ୍ଷ୍ମୀପୂଜା, ମା ଖଣ୍ଡୁରୀ କଲଚୁରାଲ କ୍ଲବ୍ ଦ୍ୱାରା ଆୟୋଜିତ ପ୍ରାୟ ପଞ୍ଚସ୍ତରୀ ସଭ୍ୟଙ୍କ ପ୍ରଚେଷ୍ଟାରେ ଦୀର୍ଘବର୍ଷ ହେବ ଏହି ପୂଜା ହୋଇଆସୁଛି । ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି, ଖେଳ ସହ ବିଭିନ୍ନ ପ୍ରକାର ଖାଦ୍ୟ ମେଳ । ଏହି ମେଳାରେ, କ୍ଲବ୍ ସଭାପତି, ସମ୍ପାଦକ ଓ ସଭ୍ୟମାନେ ଶାନ୍ତି ଶୃଙ୍ଖଳା ସହ ସନ୍ଧ୍ୟାରେ ଦର୍ଶକ ଓ ଭକ୍ତଙ୍କୁ ନିୟନ୍ତ୍ରଣ କରିବା ପାଇଁ ଏକ ବିଶେଷ ପେଣ୍ଡାଲ ଉପରେ ବସି ନିୟନ୍ତ୍ରଣ କରିଥାନ୍ତି । ଏହି କ୍ଲବ୍‌ଦ୍ୱାରା ୧୧ ତାରିଖ ଠାରୁ ମନୋରଞ୍ଜନ ପାଇଁ ଅପେରା କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଛନ୍ତି ।

### ଚଣ୍ଡୀକ ସାହିରେ ଲକ୍ଷ୍ମୀପୂଜା

ଭୁବନ,୮ ।୧୦(ସମିସ): ସ୍ଥାନୀୟ ଚଣ୍ଡୀକ ସାହିରେ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପ୍ରଥମତମ ଗଜଲକ୍ଷ୍ମୀ ପୂଜାର ଯଥାବିଧି ଅନୁଷ୍ଠିତ ହୋଇଛି । କଳସ ଯାତ୍ରା ମଣ୍ଡପକୁ ଆସିବାପରେ ପୂଜକଙ୍କ ଉପସ୍ଥିତିରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଛି । ପୂଜା କମିଟି ପକ୍ଷରୁ ପ୍ରମୁଖ ପରିଚାଳନା କମିଟି ନାରାୟଣ ବାରିକ ଜିତେନ୍ଦ୍ର ସାହୁ, ଅନଆ ସାହୁ, ଦିଲ୍ଲୀପ ସେଠି, ସନାତନ ସାହୁ ଜିତେନ୍ଦ୍ର ବାରକ, ଦାୟିତ୍ୱରେ ଅଛନ୍ତି ।

### ବଣସିଂହରେ ୧୪ଟି ମଣ୍ଡପ

ଗଁଦିଆ,୮ ।୧୦(ସମିସ): ଢେଙ୍କାନାଳ ସଦର ବ୍ଲକ୍ ବଣସିଂହ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ୧୪ ଟି ମଣ୍ଡପରେ ଗତକାଲିଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ନୂଆଗଡ଼, ବଣସିଂହ ଛକ, ଖଣ୍ଡାୟତ ସାହି, ବଢେଇ ସାହି, ତଳ ସାହି ଦଧିବାମନ ସାହି, ପ୍ରଧାନ ସାହି, ଉପର ସାହି, ଶଙ୍କରପୁର, ଭୂଇଁପୁର ଆଦି ଗ୍ରାମରେ ବିଭିନ୍ନ ମଣ୍ଡପରେ ମା ପୂଜା ପାଉଛନ୍ତି । ଆଲୋକ ମାଳା ସହିତ ସାଜ ସଜା, ତୋରଣ ମାଳା ଓ ଡାକ ବାଜି ଯନ୍ତ୍ର ଦ୍ୱାରା ମାଙ୍କ ଭଜନ କୀର୍ତ୍ତନ ଦ୍ୱାରା ଆଖପାଖ ଅଞ୍ଚଳ ପ୍ରକମ୍ପିତ ହେଉଛି । ଭଲପାଗ ସହ ବଜାରରେ ନାନା ପ୍ରକାର ଖେଳନା, ଖାଦ୍ୟ ପଦାର୍ଥ ପୂଜାର ମଜା କୁ ଦ୍ୱିଗୁଣିତ କରୁଛି ।

### ମା'ଙ୍କ ମସ୍ତକରେ ୮ କେଜିର ରୂପା ମୁକୁଟ

ଢେଙ୍କାନାଳ,୮ ।୧୦(ସମିସ): ଢେଙ୍କାନାଳ ସହରରେ ଚଳିତବର୍ଷ ୩୮ ଟି ପୂଜା ମଣ୍ଡପରେ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି । ଏଥିମଧ୍ୟରୁ କୁଞ୍ଜକାନ୍ତ କ୍ରୀଷ୍ଣା ବଜାରର ମା'ଙ୍କ ମସ୍ତକରେ ୮କେଜି ଓଜନର ଭବ୍ୟ ରୂପା ମୁକୁଟ ଦର୍ଶକଙ୍କ ମନମୋହୁଛି । ଯେତେବେଳେ ସହରର ଅଧିକାଂଶ ମୁଖ୍ୟ ବଜାର ନିଜ ନିଜର ଆଲୋକ ସଜ୍ଜା ପାଇଁ ସହରର ମୁଖ୍ୟ ରାସ୍ତାଉପରେ ଆଖିବୁଜା ଗାତ ଖୋଳିଥିବାବେଳେ କୁଞ୍ଜକାନ୍ତ କ୍ରୀଷ୍ଣା ବଜାର ନିଜର ଆଲୋକ ତୋରଣ ପାଇଁ ରାସ୍ତାକୁ ଛାଡି ଏହାର ମାଟି ଅଂଶରେ ଗାତ ଖୋଳି ବାଉଁଶ ପୋତିଛି । ଏଥିପାଇଁ କୁଞ୍ଜକାନ୍ତ କ୍ରୀଷ୍ଣା ବଜାର କମିଟିର ସଭାପତି ଶିକ୍ଷକ ନେତା ହୃଦାନନ୍ଦ ଦ୍ୱିବେଦୀ ଏବଂ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦର ପାତ୍ର । ଜିଲ୍ଲା ସଡ଼କ ସୁରକ୍ଷା କମିଟି ଏଥିପାଇଁ କୁଞ୍ଜକାନ୍ତ କ୍ରୀଷ୍ଣା ବଜାରକୁ ସମ୍ମାନିତ କରିବାକୁ ସଡ଼କ ସୁରକ୍ଷା କମିଟିର ସଭ୍ୟ ପ୍ରଦ୍ୟୁମ୍ନ ରଥ ମତ ଦେଇଛନ୍ତି । କୁଞ୍ଜକାନ୍ତ କ୍ରୀଷ୍ଣା ବଜାର କମିଟି ପକ୍ଷରୁ ଏହାର ସଭାପତି ହୃଦାନନ୍ଦ ଦ୍ୱିବେଦୀ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କୁ ସ୍ୱାଗତ ଜଣାଇଥିଲେ । ୧୯୫୮ ରୁ ଆରମ୍ଭ ହୋଇଥିବା ୬୭ ବର୍ଷର ପୁରୁଣା ଏହି ପୂଜା ମଣ୍ଡପରେ ମା'ଙ୍କ ପୃଷ୍ଠ ଦେଶରେ ସ୍ୱର୍ଣ୍ଣଜରିମେଢ ସାଙ୍ଗକୁ ଉଭୟ ପାଶ୍ୱର୍ରେ ମନୋରମ ପୁଚ୍ଛଧାରୀ ୨ଟି ମୟୁର ସହ ୨ ସଖୀ ମଧ ଉପବେଶନ କରିଛନ୍ତି ।

## ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି



ଢେଙ୍କାନାଳ,୮ ।୧୦(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ଠାରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଭସାଣି ଉତ୍ସବ ନିମନ୍ତେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭସାଣି ଯାତ୍ରା ସମୟରେ ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ପୂର୍ଣ୍ଣ ସମୟ ଉପସ୍ଥିତ ରହି ସମୟାନୁବର୍ତ୍ତିତା ଅନୁପାଳନ କରି ଶାନ୍ତିଶୃଙ୍ଖଳାର ସହିତ ଭସାଣି ଯାତ୍ରା ସମାପନ କରିବାକୁ ପରାମର୍ଶ ଦେଇଛନ୍ତି । ଭସାଣି ଯାତ୍ରାରେ କେବଳ ଆଧାତ୍ମିକ ଗୀତ ପରିବେଷଣ କରିବା ସହିତ ଭାଇବ୍ରେଟର ବ୍ୟବହାର ନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଏଥିରେ ସହମତି ପ୍ରଦାନ କରିଥିଲେ । ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ସ୍ୱିକର ଶବ୍ଦ ମାତ୍ରାପ୍ରତି ଯତ୍ନବାନ ହେବାକୁ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଗୁରୁତ୍ୱାରୋପ କରିଥିଲେ । ମେଢରେ ସର୍ବାଧିକ ୧୨ଟି ସ୍ୱିକର ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଟ୍ରାଫିକକୁ ଶୃଙ୍ଖଳିତ କରାଯିବ ଏବଂ ପୂଜା ପ୍ରତିଷ୍ଠାନ କୌଣସି ପ୍ରକାରର ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ପୂଜା ମଣ୍ଡପ ଓ ଦୋକାନ ବଜାର ଖୋଲା ରହିବ ବୋଲି ନିଷ୍ପତ୍ତି ହୋଇଛି । ସମୟାନୁବର୍ତ୍ତିତା ପ୍ରତି ବିଶେଷ ଧ୍ୟାନ ଦିଆଯିବ ଏବଂ ଶାନ୍ତିଶୃଙ୍ଖଳାର ସହିତ ଭସାଣି ଯାତ୍ରା ସମ୍ପୂର୍ଣ୍ଣ କରାଯିବ ବୋଲି ମିଳିତ ବଜାର ଲକ୍ଷ୍ମୀପୂଜା କମିଟିର ସଭାପତି ଶ୍ରୀ ରୁଦ୍ର ନାରାୟଣ ତ୍ରିପାଠୀ ପ୍ରକାଶ କରି ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ପୌର ଉପାଧ୍ୟକ୍ଷା ଜୟନ୍ତୀ ପାତ୍ର, ଆଇଏଏସ୍ ପ୍ରୋବେସନ ଭଗତ ସାମଲ କଲ୍ୟାଣ ରାଓ, ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଗଣ, ପୁଲିସ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସଦର ଉପ ଜିଲ୍ଲାପାଳ ବିବୁଧ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ଆସନ୍ତା ୧୫ରେ ଭସାଣି, ଭାଇବ୍ରେଟର ବ୍ୟବହାର ନ କରିବାକୁ ପରାମର୍ଶ**

## ବିଭିନ୍ନ ଔଷଧ ଦୋକାନରେ ଚଢ଼ଉ




ହିନ୍ଦୋଳ,୮ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଔଷଧ ଦୋକାନରେ ଜିଲ୍ଲା ଡ୍ରଗସ୍ କଣ୍ଟ୍ରୋଲ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚଢ଼ଉ କରାଯାଇ ସଂଗ୍ରହ କରାଯାଇଥିବା ବିଭିନ୍ନ କମ୍ପାନୀର କଫ୍‌ସିରପର ମାନ ଜାଣିବାକୁ ଲ୍ୟାବକୁ ପଠାଇଦିଆଯାଇଥିବା ଜଣାପଡ଼ିଛି । ପ୍ରକାଶ ଥାଉକି ମଧ୍ୟପ୍ରଦେଶରେ କଫସିରପ ଖାଇ ଶିଶୁ ମୃତ୍ୟୁ ଘଟଣା ଆଲୋଡନ ସୃଷ୍ଟିକରିଥିବା ସମୟରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଏନେଇ ସଚେତନା ସୃଷ୍ଟି ମଧ କରାଯାଉଛି । ଓଡ଼ିଶା ଭେଷଜ ନିୟନ୍ତ୍ରକଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ସହର ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ହିନ୍ଦୋଳ ଉପଖଣ୍ଡରେ ମଧ ଅନେକ ଔଷଧ ଦୋକାନରେ ଚଢ଼ଉ କରାଯାଇ କେତେକ କମ୍ପାନୀର କଫ୍ ସିରପ ସାମ୍ପୁଲରମାନ ପରିକ୍ଷା କରିବା ସିରପ୍ ସଂଗ୍ରହ କରାଯାଇ ସମ୍ପୃକ୍ତ ଦୋକାନର କର୍ମକର୍ତ୍ତାଙ୍କୁ ସଚେତନ କରାଯାଇ ୨ ବର୍ଷରୁ କମ୍ ଶିଶୁଙ୍କୁ ସିରପ ନ ଦେବାକୁ ଚେତାବନୀ ଦିଆଯାଇଛି । ଢେଙ୍କାନାଳ ଡ୍ରଗସ କଣ୍ଟ୍ରୋଲର ଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଡ୍ରଗସ କଣ୍ଟ୍ରୋଲର ପ୍ରଣତିପ୍ରଭା ସାହୁ ଉଭୟ ଅନୁଗୁଳ ଓ ଢେଙ୍କାନାଳର ଅନେକ ଔଷଧ ଦୋକାନରେ ସୋମବାର ଓ ମଙ୍ଗଳବାର ୨ ଦିନ ଧରି ଚଢଢ଼ଉ କରିଥିବା ଜଣାପଡିଛି । ଉକ୍ତ ଚଢଢ଼ଉ ରେ ଢେଙ୍କାନାଳ ଡ୍ରଗସ୍ ଇନ୍ସପେକ୍ଟର ଦିଲୀପ କୁମାର ଜେନା, ଅନୁଗୁଳ ଜିଲ୍ଲାକ ଡ୍ରଗସ୍ ଇନ୍ସପେକ୍ଟର ମନସ୍ୱିନି ବିଶ୍ୱାଳ, ସୌରଭ ଗୌତମ ସହଯୋଗ କରିଥିଲେ ।

## ଏୟାର ଫୋର୍ସ ଆସୋସିଏସନ୍‌ରେ ବାୟୁସେନା ଦିବସ



ଢେଙ୍କାନାଳ,୮ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଏୟାର ଫୋର୍ସ ଆସୋସିଏସନ୍ ପକ୍ଷରୁ ବାୟୁସେନା ଅଧିକାରୀ ଉଇଙ୍ଗ କମାଣ୍ଡର ବିରଜା ଶଙ୍କର ସିଂହଦେଓଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସିନର୍ଜୀ ଇଂଜିନିୟରିଂ କଲେଜ ବାସଭବନରେ ପାଳିତ ହୋଇଯାଇଛି । ସଂଗଠନର ଜିଲ୍ଲା ସଭାପତି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ତପନ କୁମାର ପାଲଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏନ୍‌ସିସି କମାଣ୍ଡାଣ୍ଟ କୋଲନେଲ ଆର୍‌କେ ବଲ୍ ଆସୋସିଏସନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଏବଂ ଅବସର କର୍ମଚାରୀମାନଙ୍କରଦେଶମାତୃକା ପାଇଁ ବଳିଦାନକୁ ସରାହାନା କରିଥିଲେ । ଭେଟେରାନଙ୍କ ପରିବାର ବର୍ଗ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଆସୋସିଏସନର ମହିଳା ଶାଖା ବାନ୍ଧବୀ, ପ୍ରତିଟି ଓଡ଼ିଆ ପର୍ବ ପର୍ବାଣୀ ଓ ରାଷ୍ଟ୍ରୀୟ ଦିବସ ଗୁଡିକୁ ଅତ୍ୟନ୍ତ ସମାରୋହରେ ପାlନ କରୁଥିବାରୁ ସଂଗଠନର ଉପଦେଷ୍ଟା ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର ବିଏସ୍ ସିଂହଦେଓ ପ୍ରଶଂସା କରିଥିଲେ । ଏନ୍‌ସିସି କମାଣ୍ଡର କର୍ଣ୍ଣଲ ଆରକେ ବଳ ଇଣ୍ଡିଆନ ଏୟାର୍ ଫୋର୍ସର ବୀରତ୍ୱ ଗାଥା ଏବଂ ବଳୀଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଢେଙ୍କାନାଳ ଇସିଏଚଏଫର କମାଣ୍ଡିଂ ଅଫିସର ଇନ୍‌ଚାର୍ଜ ଲେଫନାଣ୍ଟ କର୍ଣ୍ଣଲ ଅମରଜ୍ୟୋତି ରଏ ବାୟୁସେନା ମେଡିକାଲର ସୁବିଧା ବିଷୟରେ ଆଲୋକପାତ କରିଥିଲେ । ଏହି ସଭାରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବାୟୁସେନା ଅଧିକାରୀ ଏବଂ ସେମାନଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ । ପ୍ରମୋଦ କୁମାର ମହାନ୍ତୀ, ଆସୋସିଏସନ ପକ୍ଷରୁ ଅତିଥି ତଥା ଉପସ୍ଥିତ ପୂର୍ବତନ ବାୟୁସେନା ଏବଂ ପରିବାର ବର୍ଗଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଢେଙ୍କାନାଳ ଜିଲ୍ଲାର ଗର୍ବ ସାଜିଲେ ସୋରିଶିପଦାର ଲୁକ୍କାୟିତ ପ୍ରତିଭା

ଗଁଦିଆ,୮ ।୧୦(ସମିସ): ସମଗ୍ର ରାଜ୍ୟରେ ଆଜି ଢେଙ୍କାନାଳ ଜିଲ୍ଲାକୁ ଗର୍ବିତ କରିଛନ୍ତି ଗଁଦିଆ ବ୍ଲକର ସୋରିଶିପଦା ଗ୍ରାମ ପଞ୍ଚାୟତର କିଛି ପ୍ରତିଭା । ଚଳିତ ମାସ ୫ ତାରିଖ ଦିନ ଭୁବନେଶ୍ୱର କରାଟେ ବିଦ୍ୟାଳୟ ଠାରେ ସ୍ଲିଙ୍ଗଶଟ ଓଡିଶା ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ବାଟୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଢେଙ୍କାନାଳ ଜିଲ୍ଲା ଅଧୀନ ସୋରିଶିପଦା ପଞ୍ଚାୟତର ୧୨ ବର୍ଷ ବର୍ଗରେ ଲିପୁ ବେହେରା, ରାଜେଶ ଦେହୁରୀ (୧୪), ମୁନା ହେମ୍ବ୍ରମ (୧୬) ବର୍ଗରେ ବ୍ୟକ୍ତିଗତ ପ୍ରତିଯୋଗିତାରେ ଭାଗ ନେଇ ୧ମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଜିତିଥିବା ସ୍ଥଳେ ସେହିପରି ସୁମେଶ ଦେହୁରୀ ୧୪ବର୍ଷ ବର୍ଗରେ ଦ୍ୱିତୀୟ ହୋଇ ରୌପ୍ୟ ପଦକ ଜିତିଛନ୍ତି । ଏତତ୍‌ବ୍ୟତୀତ ଦଳଗତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧ମ ସ୍ଥାନ ଅଧିକାରୀ ସ୍ୱର୍ଣ୍ଣପଦକ ଜିତି ଢେଙ୍କାନାଳ ଜିଲ୍ଲାକୁ ଗୌରବାନ୍ୱିତ କରଛନ୍ତି । ମୁଖ୍ୟଅତିଥି ସମୀର କୁମାର ମହାନ୍ତିଙ୍କ ଠାରୁ ପ୍ରତିଯୋଗୀମାନେ ପଦକ ଗ୍ରହଣ କରିଥିଲେ । ଉକ୍ତ ସଫଳତାକୁ ନେଇ ସମଗ୍ର ଜିଲ୍ଲା ଓ ଉକ୍ତ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛ । ପ୍ରତିଯୋଗୀମାନେ ଡା ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିଲେ ।



## ଭୁଷଳ ପରିବେଶ କ୍ଲବ୍ ପକ୍ଷରୁ ଚାରା ରୋପଣ



ଗଁଦିଆ,୮ ।୧୦(ସମିସ): ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ହରିହର ସାହୁ ଓ ପରିବେଶବିତ ବିଜୟ କୁମାର ସାମନ୍ତଙ୍କ ପ୍ରେରଣାରେ ପ୍ରେରିତ ହୋଇ ଭୁବନ ବ୍ଲକ ଅନ୍ତର୍ଗତ ଭୁବନ ବନାଞ୍ଚଳର ରେଞ୍ଜର ରାକେଶ କୁମାର ଦଳେଇଙ୍କ ସହଯୋଗରେ ଭୁଷଳ ଗ୍ରାମର ଯୁବକମାନେ ଭୁଷଳ ପରିବେଶ କ୍ଲବ ଗଠନ କରି ଚଳିତ ମୌସୁମୀ ଋତୁରେ ୨୦୦ରୁ ଅଧିକ ଚାରାରୋପଣ କରିସାରିଲେଣି । ଭୁଷଳ ଗ୍ରାମର ବିଜ୍ଞାନ ଶିକ୍ଷକ ଅଭୟ କୁମାର ଶତପଥିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହେଉଅଛି । ଏଥିରେ ଗ୍ରାମର ଯୁବକମାନେ ବଣ୍ଟି, ବାପି, ବୁବୁ, ଟୁନା, ବିଚିତ୍ରାନନ୍ଦ,ଲୁଲୁ, ଶରତ, ଜଗା, ପଦନ, କମଳ, ରିଙ୍କୁ, କାଳିଆ, ବବୁଲ, ସିପୁ, ଆରୀୟନ ପ୍ରମୁଖ୨୦ରୁ ଅଧିକ ଯୁବକମାନେ ସାମିଲ ହୋଇ ପ୍ରତ୍ୟେକ ଦିନ ଭୁଷଳ ଗ୍ରାମ ପଞ୍ଚାୟତ ଆଗରେ , ଭୁଷଳ ଗ୍ରାମ ପଞ୍ଚାୟତ ମୁଖ୍ୟ ରାସ୍ତା ପାର୍ଶ୍ୱରେ, ଭୁଷଳ ସ୍କୁଲ ଆଗରେ ଓ ହତା ମଧ୍ୟରେ ବିଭିନ୍ନ ପ୍ରକାର ଗଛ ଯଥା ବର ଗଛ,ଅଶ୍ୱତ୍ଥ, କଦମ୍ବ, ବଉଳ, ଅର୍ଜୁନ, ପେଷ୍ଟା ବାଦାମ,ନିମ୍ବ, କରଞ୍ଜ ଆଦି ରୋପଣ କରୁଛନ୍ତି ।

## ପୀତବାସ ପଣ୍ଡାଙ୍କ ବିୟୋଗରେ ବାର୍ ଆସୋସିଏସନ୍‌ର ଶୋକ



ଢେଙ୍କାନାଳ,୮ ।୧୦(ସମିସ): ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ ଆଜି ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରତ୍ୟେକ ଆଇନଜୀବୀ ନିଜ ଜୀବନକୁ ବାଜି ଲଗାଇ ସାଧାରଣ ଲୋକମାନଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରୁଥିଲେ ମଧ ଆଇନଜୀବୀଙ୍କ ପାଇଁ କୌଣସି ବ୍ୟକ୍ତିଗତ ସୁରକ୍ଷା ଆଇନ ସରକାର ଏ ପର୍ଯ୍ୟନ୍ତ ପ୍ରଣୟନ କରି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ସରକାରଙ୍କ ତରଫରୁ ତୁରନ୍ତ ଉକ୍ତ ଆଇନ ପ୍ରଣୟନ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା । ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତି ଅନୁଯାୟୀ ଆଜି ଢେଙ୍କାନାଳ ଜିଲ୍ଲା ଓକିଲ ସଂଘର ସମସ୍ତ ସଭ୍ୟ କଲମଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ । ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ବୈଠକରେ ସଂଘର ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ, ସହସମ୍ପାଦକ ଉତ୍ତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ, ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ପଣ୍ଡା, ଦୀପ୍ତିଶ ପଟ୍ଟନାୟକ, ସଞ୍ଜୟ ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ, ଭାବଗ୍ରାହୀ ପଣ୍ଡା, ସତ୍ୟପ୍ରିୟ ଶରଣ, ଦୀପକ ପ୍ରସାଦ ପଟ୍ଟନାୟକ, ପତିତପାବନ ମିଶ୍ର, ମନୋଜ ମହାପାତ୍ର, ପ୍ରମିଳା ମହାପାତ୍ରଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ ।

# ଶିକାରୀ ମୃତ୍ୟୁ ଘଟଣାରେ ଜଣେ କୋର୍ଟ ଚାଲାଣ

**ଲାଞ୍ଜିଗଡ଼, ୮ ।୧୦ (ସମିସ):** ଶିକାରୀ ମୃତ୍ୟୁ ଘଟଣାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ନର୍ଲା ପୁଲିସ। ସୂଚନାଯୋଗ୍ୟ ହାତ ତିଆରି ଦେଶୀ ବନ୍ଧୁକ ଧରି ଚାରି ଜଣ ମିଶି ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ୩ଜଣ ଘରକୁ ଫେରିଥିବା ବେଳେ ଜଣେ ପ୍ରାଣ ହରାଇଲେ। ଏଭଳି ଏକ ଘଟଣା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତ ତଥା ନର୍ଲା ଥାନା ଅନ୍ତର୍ଗତ ଖୀମ୍ବାଭଟା ଗାଁରେ ଘଟିଥିଲା। ଗାଁର ସଦା ଗୌଡ ନିଜର ତିନିଜଣ ସାଙ୍ଗ ଲଛମନ ଗଉଡ, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ ସହିତ ମିଶି ଶନିବାର ସକାଳୁ ଗାଁକୁ ଲାଗିଥିବା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଦିନସାରା ବୁଲି ବୁଲି କିଛି ନ ପାଇବାରୁ ପାଖରେ ଥିବା ପଖାଳକୁ ଖାଇସାରି ପୁଣି ଜନ୍ତୁ ଖୋଜିବାକୁ ବାହାରିଥିଲେ। ସେଇ ସମୟରେ ସଦା ନିଜେ ଧରିଥିବା ବନ୍ଧୁକରୁ ଗୁଳି ଫୁଟି ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୁକ୍ତମାନେ କହିଥିଲେ। ଘଟଣା ସମ୍ପର୍କରେ ଖବର



ପାଇ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ କରି ତିନିଜଣ ସନ୍ଦିଗ୍ଧଙ୍କୁ ଗିରଫ କରି ପଚରାଉଚରା କରିବା ପରେ ପାହାଡ଼ରୁ ଓହ୍ଲାଉଥିବା ସମୟରେ ପଛରେ ଚାଲୁଥିବା ଲଛମନ କୁଆଡେ ଏକ ପଥରରେ ଖସିପଡ଼ିଥିଲେ। ସେଇ ସମୟରେ ଲଛମନ୍ ଧରିଥିବା ବନ୍ଧୁକରୁ ଗୁଳି ଫୁଟି ଆଗରେ ଚାଲୁଥିବା ସଦାର ଦେହକୁ ଭେଦି ବାହାରି ଯିବାରୁ ତାଙ୍କର ସେଠାରେ ହିଁ ମୃତ୍ୟୁ ଘଟିଥିବା ଅଭିଯୁକ୍ତ ଲଛମନ ସ୍ୱୀକାର କରିଥିବା ନର୍ଲା ପୁଲିସ ପ୍ରକାଶ କରିଛି। ଘଟଣାରେ ଲଛମନ ଗୌଡ (୪୫)କୁ ଗିରଫ କରି ମଦନପୁର ରାମପୁର କୋର୍ଟକୁ ଚାଲଣ ସହ ଦେଶୀ ବନ୍ଧୁକ ମଧ୍ୟ ଜବତ କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବୃନ୍ଦାବାହାଲରେ ସ୍ୱାଗତ ସମ୍ମିଳନୀ




**ଧର୍ମଗଡ଼, ୮ ।୧୦ (ସମିସ):** ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଉଦଘାଟନ ଉତ୍ସବ ତଥା ସ୍ୱାଗତ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେସ୍ଥାନୀୟ ସରପଞ୍ଚ ଦିନେଶ ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ସରକାର ଉକ୍ତ ବିଦ୍ୟାଳୟକୁ ଯୁକ୍ତ-୨ବିଜ୍ଞାନ ପଦୋନ୍ନତି କରିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଛାତ୍ରଛାତ୍ରୀ ନା ଲେଖାଇ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି।ଯୁକ୍ତ ୨ବିଜ୍ଞାନରେ ନାଁ ଲେଖାଇ ଥିବା ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ସ୍ୱାଗତ ଜଣାଇ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରାଯାଇଛି। ସମ୍ମାନିତ ଅତିଥି ଭାବରେ ଗୋଲାମୁଣ୍ଡା ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ଗୋଲାମୁଣ୍ଡା ବିଇଓ ରାଜେଶ କୁମାର ନାୟକ, ସମିତି ସଭ୍ୟ ଗୋରେଖ ବିଶି, ଗଣ୍ଡାମେର ପୂର୍ବତନସରପଞ୍ଚ ରାହାସ ବିହାରୀ ନାଏକ, ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ, ସ୍କୁଲ କମିଟି ସଭାପତି ବଭ୍ରୁବାହନ ଟୋଲଟିଆ, ସମାଜସେବୀ ପ୍ରସନ୍ନ ରାଉତ, ଦେବରାଜ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ନବରତ୍ନ ରାଉତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ ରାଉତ ଯୁକ୍ତ-୨ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ତରଙ୍ଗ ଚଣ୍ଡୀ ମଞ୍ଚ ପରିଚାଳନା କରିଥିଲେ।

**କେଳାକଟାରେ ଘର ଉପରେ ବଜ୍ରପାତ**

# ଅଳ୍ପକେ ବର୍ତ୍ତିଲେ ପରିବାରର ୩ ସଦସ୍ୟ

**ବୌଦ୍ଧ, ୮ ।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କେଳାକଟା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଟିଏ ଘର ଉପରେ ବଜ୍ରପାତ ହୋଇଛି। ତେବେ ଘରେ ଥିବା ପରିବାରର ୩ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସନ୍ଧ୍ୟାରେ ବର୍ଷା ସହ ବିଜୁଳି ମାରିଥିଲା। କେଳାକଟା ଗ୍ରାମର ପୀତବାସ ପ୍ରଧାନଙ୍କ ଘର ଉପରେ ବଜ୍ରପାତ ହୋଇଥିଲା। ଏହାଫଳରେ ତାଙ୍କ ଛାତ ଘରର ତାଜା କଣା ହେବା ସହ ଘର ମଧ୍ୟରେ ଥିବା ପୀତବାସ, ପତ୍ନୀ ରଶ୍ମିତା ଓ ପୁଅ ରଘୁନାଥ ଆହତ ହୋଇଥିଲେ। ସମସ୍ତଙ୍କୁ ବୌଦ୍ଧ ଡାକ୍ତରଖାନା ଅଣା ଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ବିପଦମୁକ୍ତ ରହିଛନ୍ତି।

**ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀରୁ ଜଳଯୋଗାଣ ବନ୍ଦ**

# ୨୪ ଘଣ୍ଟା ମହଲତ ଦେଲେ ଚାଷୀ

**ସମ୍ବଲପୁର, ୮ ।୧୦ (ସମିସ)**

ଧାନ ଫସଲ ଅମଳ ହେବା ସମୟରେ ପ୍ରଚୁର ପାଣିର ଆବଶ୍ୟକତା ରହିଥାଏ। ତେବେ, ଏଭଳି ସମୟରେ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀକୁ ବନ୍ଦ କରିଦେଇ ବିଭାଗ ଚୁପ୍ ହୋଇ ବସିଯାଇଛି। ସମ୍ପ୍ରତି ଖରିଫ୍ ଧାନ ଫସଲ ଅମଳକ୍ଷମ ହେଲାଣି। କେତେକ ସ୍ଥାନରେ ୧୨୦ ଦିନିଆ ଧାନ ଅମଳ ମଧ୍ୟ କଲେଣି। ସାଧାରଣତଃ ନଭେମ୍ବର ପ୍ରଥମ ସପ୍ତାହରୁ ଚାଷୀମାନେ ଖରିଫ ଧାନ ଅମଳ କରିଥାନ୍ତି। ଏପରିସ୍ଥଳେ କେନାଲ ଜଳଯୋଗାଣ ବନ୍ଦ କରିଦିଆଯାଇଥିବାରୁ ଚାଷୀ ମହଲରେ ଅମଳକ୍ଷମ ଧାନଫସଲକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଆଜି ଜୟଦୁର୍ଗା ଆଞ୍ଚଳିକ କୃଷକ ସଙ୍ଗଠନର ଚାଷୀମାନେ ଘେରିବାସହ କର୍ତ୍ତୃପକ୍ଷଙ୍କୁ ୨୪ ଘଣ୍ଟାର ମହୁଲତ ଦେଇଛନ୍ତି, ଉପରୋକ୍ତ ସମୟ ମଧ୍ୟରେ ଜଳଯୋଗାଣ ଆରମ୍ଭ ନକଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀରେ ଗତ ୧୫ ଦିନ ହେଲା ପାଣି ନାହିଁ। ସମ୍ବଲପୁରରେ ହୀରାକୁଦ ନଦୀବନ୍ଧର କେନାଲ ବ୍ୟବସ୍ଥାରେ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ଓ ଶାସନ କେନାଲ ଦେଇ ଚାଷକୁ ଜଳଯୋଗାଣ ହୋଇଥାଏ। ପ୍ରାୟ ୧୩୦ କ୍ୟୁସେକ ଜଳଯୋଗାଣ କେନାଲକୁ ହୋଇଥାଏ। ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀରେ ବୈଷୟିକ ତ୍ରୁଟି ହୋଇ ଗେଟ୍ ପଡ଼ିଯାଉଛି। ଏଣୁ ଗତ ୧୫ ଦିନ ହେବ କେନାଲରେ ପାଣି ନାହିଁ। ମଝିରେ ମଝିରେ ବର୍ଷା ହୋଇଯାଉଛି କିନ୍ତୁ ଚାଷୀ କେନାଲ ପାଣି ଉପରେ ନିର୍ଭର କରେ। ବନ୍ଧ କର୍ତ୍ତୃପକ୍ଷ ଏହି ତ୍ରୁଟି ସୁଧାରି ପାରୁନାହାନ୍ତି ବୋଲି କହିଥିବା ପ୍ରକାଶ। କେନାଲରେ ପାଣି ନଥିବାରୁ ଆଜି ଜୟ ଦୁର୍ଗା ଆଞ୍ଚଳିକ କୃଷକ ସଙ୍ଗଠନର ଚାଷୀମାନେ ଯାଇ ବନ୍ଧ କର୍ତ୍ତୃପକ୍ଷଙ୍କୁ ଘେରାଉ କରିଥିଲେ। ସେମାନେ ତ୍ରୁଟି ସୁଧାରିବାକୁ ୨୪ ଘଣ୍ଟା ସମୟ ଦେଇଛନ୍ତି। କମ୍ପାନୀ ମାନଙ୍କୁ



ପାଣି କେବେହେଲେ ବନ୍ଦ ହେଉନଥିବାବେଳେ ଚାଷର କେନାଲ ପାଣି ବନ୍ଦ କରିବାନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେନାଲର ପାଣି ଚାଷ ସହିତ ପିଇବା ଏବଂ ସ୍ନାନ ଆଦି ପାଇଁ ମଧ୍ୟ ଲୋକେ ବ୍ୟବହାର କରିଥାନ୍ତି।

ଆଜି ଘେରଉ ସମୟରେ ଚାଷୀ ଏତୁଆ ଖଡ଼ିଆ, ସାଗର ସାହୁ, ଭୈରବ ପ୍ରଧାନ, ପିତାମ୍ବର ପ୍ରଧାନ, ନଟୁ ବିଶ୍ୱାଳ, ରାଜା ସାହାଣୀ, ସୁବ୍ରତ ପଧାନ, ଏନ୍ ଗୋବିନ୍ଦୁ, କୁଞ୍ଜ ମନଛୋର, ରମେଶ ଖମାରୀ, ଏସ୍.ଭି ରାଓ, ଜଗନ୍ନାଥ ପଣ୍ଡା, ବିଶ୍ୱନାଥ ପ୍ରଧାନ, ରୁଦ୍ର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

**ଆଇନଜୀବୀଙ୍କୁ ହତ୍ୟା ଘଟଣାରେ କଲମଛାଡ଼ ଆନ୍ଦୋଳନ**

# ଅଭିଯୁକ୍ତଙ୍କୁ ଗିରଫ ସହ ଦଣ୍ଡବିଧାନ ଦାବି



**ସମ୍ବଲପୁର, ୮।୧୦ (ସମିସ) :** ବ୍ରହ୍ମପୁରରେ ସୋମବାର ରାତିରେ ତାଙ୍କ ବୈକୁଣ୍ଠ ନଗର ଘର ନିକଟରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ମାମଲାରେ ରାଜ୍ୟ ବାର୍ କାଉନସିଲ ଆହ୍ୱାନକ୍ରମେ ଆଜି ସମ୍ବଲପୁର ଜିଲ୍ଲା ଓକିଲ ସଂଘ (ଡିବିଏ) କଲମ ଛାଡ଼ କରିଛି। ଜିଲ୍ଲା ଅଦାଲତ ସହ ବିଭିନ୍ନ ଉପଖଣ୍ଡ ଅଦାଲତରେ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି।

ଏହାସହ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ସମ୍ପୃକ୍ତ ସମସ୍ତ ଅପରାଧିକ ତତ୍ତ୍ୱଙ୍କୁ ତୁରନ୍ତ ଗିରଫ ଏବଂ ଫାଷ୍ଟଟ୍ରାକ୍ କୋର୍ଟ ମାଧ୍ୟମରେ ଦଣ୍ଡବିଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଥିବା ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ବହିଦାର କହିଛନ୍ତି। ଏହାସହ ଆଇନଜୀବୀ ସୁରକ୍ଷା ଆଇନ ଲାଗୁ ପାଇଁ ବହୁଦିନରୁ ଦାବି ହେଉଥିଲେ ସୁଦ୍ଧା ତାହା କରାଯାଉନାହିଁ, ଏଣୁ ଓଡ଼ିଶାରେ ଏହି ଆଇନ ଲାଗୁ କରିବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅପୂରଣୀୟ କ୍ଷତି ହୋଇଥିବା ପୀତବାସଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ମଧ୍ୟ ଦାବି କରାଯାଇଛି। ଓଡ଼ିଶାରେ ଆଇନଶୃଙ୍ଖଳା ସ୍ଥିତି ଠିକ୍ ରହିବାସହ ଓକିଲମାନେ ସୁରକ୍ଷିତ ରହିବା ଦିଗରେ ସରକାର ପଦକ୍ଷେପ ନେବେ ବୋଲି ଡିବିଏ ସଭାପତି ଆଶାପ୍ରକାଶ କରିଛନ୍ତି।

**■ 'ସକାଳ' ପ୍ରଭାବ**

# ଅଡ଼ାପାଣିରେ ସ୍ୱାସ୍ଥ୍ୟବସ୍ଥା ନିରୀକ୍ଷଣ କଲା ଜିଲ୍ଲା ଡାକ୍ତରୀ ଦଳ

**ଝାରବନ୍ଧ, ୮ ।୧୦(ସମିସ):** ଝାରବନ୍ଧ ବ୍ଲକ ଅଡାପାଣି ଗ୍ରାମରେ ଡାଇରିଆ ଆକ୍ରାନ୍ତ ଖବର 'ସକାଳ'ରେ ଖବର ପ୍ରକାଶ ପରେ ଆଜିର ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଟିମ୍ ଅଡାପାଣିରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଡିପିଏଚ୍‌ଓ ଡାକ୍ତର ବିଶ୍ୱନାଥ ଯୋଷୀ, ଡିଡିଏମ(ଆଇଡିଏସପି) ଅଜିତ ମେହେର, ମାଇକ୍ରୋବାଇଲୋଜିଷ୍ଟ ଡାକ୍ତର ଅଲିଶା ପ୍ରଧାନ, ହେଲଥ ସୁପରଭାଇଜର ତେଜରାଜ ସାହୁ, ଏଲଟି ଡେଭିଡ ବାରିକ ପ୍ରମୁଖ ଟିମରେ ସାମିଲ ଥିଲେ। ଝାରବନ୍ଧ ଡାକ୍ତରୀ ଟିମରେ ଡାକ୍ତର ଯଶୋବନ୍ତ ମେହେର, ଡାକ୍ତର ସୁନୀଲ ମେହେର, ପିଏଚଇଓ ଅରୁଣ ଭୋଇ ଏବଂ ପ୍ରଶାନ୍ତ କୁମାର ପ୍ରଧାନ ଉପସ୍ଥିତ ଥାଇ ସ୍ୱାସ୍ଥ୍ୟ ନିରୀକ୍ଷଣ କରିଥିଲେ। ଅଡାପାଣି ଡ଼ାଇରୀଆ ଆକ୍ରାନ୍ତ ଖବର ପାଇ ପଦ୍ମପୁରର ଯୁବନେତା ପ୍ରିତମ ମେହେର, ଝାରବନ୍ଧ ଜିଲ୍ଲା ପରିଷଦ ସନ୍ତୋଷ ବେହେରା ଗ୍ରାମ ର ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।୧୫ ଜଣ ଆକ୍ରାନ୍ତ ମଧ୍ୟରୁ ୧୦ ଜଣ ସୁସ୍ଥ ହୋଇଥିବା ବେଳେ ୪ ଜଣ ଚିକିତ୍ସାଧୀନ ଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁଚନା ରହିଛି କେବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଥଣ ରେ ଅଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ କହିଛନ୍ତି ତା ସହ 'ସକାଳ'କୁ ଧନ୍ୟବାଦ୍ ଜଣାଇଛନ୍ତି।



# ଜର୍ଜ ହାଇସ୍କୁଲ ପଡ଼ିଆରେ ଉଚ୍ଚ ଶକ୍ତି ସମ୍ପନ୍ନ ଲାଇଟ୍ ଉଦ୍‌ଘାଟିତ



**ବରଗଡ଼, ୮ ।୧୦(ସମିସ):** ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆ ସହରର ଏକ ପ୍ରମୁଖ ସ୍ଥାନ। ଏଠି ସବୁବେଳେ ସରକାରୀ ହେଉ କି ବେସରକାରୀ କାର୍ଯ୍ୟକ୍ରମମାନ ହୋଇଥାଏ।ଧନୁଯାତ୍ରା ସମୟରେ ମୀନା ବଜାର ବେଳେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ।ଜାନୁୟାରୀ ୨୬, ଅଗଷ୍ଟ ୧୫, ଗାନ୍ଧୀ ଭବନ ତରଫରୁ ପୁସ୍ତକ ମେଳା ସହ ଆହୁରି ଅନେକ କାର୍ଯ୍ୟକ୍ରମ ହୋଇଥାଏ।ସ୍କୁଲ କଲେଜ ଛାତ୍ରଛାତ୍ରୀ ତଥା ଜନସାଧାରଣ ସକାଳେ ସନ୍ଧ୍ୟାରେ ଖେଳକୁଦ ସହ ଯୋଗ ପ୍ରାଣାୟାମ କରିଥାନ୍ତି। ହେଲେ ସନ୍ଧ୍ୟା ହେଲେ ପଡ଼ିଆରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣ ସୁରକ୍ଷିତ ମନେ କରୁ ନ ଥିଲେ। ଏନେଇ ପୁଲିସ ପ୍ରଶାସନ ତଥା ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ବୁଧବାର ପଡ଼ିଆ ଚାରି ପାର୍ଶ୍ୱରେ ଉଚ୍ଚ ଶକ୍ତି ସମ୍ପନ୍ନ ଲାଇଟ୍‌ର ଶୁଭ ଉଦ୍‌ଘାଟନ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ପୌର ପରିଷଦ ନିର୍ବାହୀଅଧିକାରୀ ଦେବାନନ୍ଦ ସାହୁ, କାଉନସିଲରରୀନା ମହାପାତ୍ର, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ଡିଷ୍ଟ୍ରିକ ପ୍ରେସ୍ କ୍ଲବ ସଭାପତି ସାମ୍ବାଦିକ ସତ୍ୟଜିତ ଦାଶ, ବିଶ୍ୱଜିତ୍ ମିଶ୍ର, ନବ ମହନ୍ତମ୍, ଆଇନଜୀବୀ ରମଣୀ ରଞ୍ଜନ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ଝାରବନ୍ଧ, ୮ ।୧୦(ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା ବିଭାଗ ଅଧୀନ ଗୌଡ଼ମାଳ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ପାଳନ ପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୌଡ଼ମାଳରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ସିଆରସିସି ପୁରନ୍ଦର କୁମ୍ଭାରଙ୍କ ସହିତ କ୍ଲଷ୍ଟରର ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ହୃଷିକେଶ ବାଗ, ଶରତ କୁମାର ସାହୁ, ଭୁବନେଶ୍ୱର ପ୍ରଧାନ, ସଚ୍ଚିଦାନନ୍ଦ ଡନସନା, ତ୍ରିନାଥ ସେଠ, ଗୋକୁଳାନନ୍ଦ ସାହୁ, ସୁବ୍ରତ ପୁରୋହିତ, ସୁମନ୍ତ ବରିହା, ଚନ୍ଦ୍ରକାନ୍ତ ମେହେର, କିଶୋର ଦୀପ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁରଭି କାର୍ଯ୍ୟକ୍ରମର ରୂପରେଖ ତଥା ବିଦ୍ୟାଳୟର ଶିକ୍ଷାଦାନ ଉପରେ ଆଲୋଚନା ହୋଇଥିଲା।




# ଜାରିଂରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବିଜେପୁର, ୮ ।୧୦ (ସମିସ):** ବିଜେପୁର ବ୍ଲକ ଜାରିଂ ଠାରେ ଆଜି ପଞ୍ଚମ ଦିବସୀୟ ରନିଙ୍ଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପ୍ରଭାସିନୀ ବିଭାର ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଇଚ୍ଛାପୁର ଓ ଟାଉନ ସ୍ପୋର୍ଟ୍ସ୍ ବିଜେପୁର ମଧ୍ୟରେ ହୋଇଥିଲା। ଅଁଏଠାପାଲିକୁ ପେନାଲାଟିକରେ ପରାସ୍ତ କରି ଇଚ୍ଛାପୁର ସେମିଫାଇନାଲକୁ ପ୍ରବେଶ କରିଛି।ଖେଳ ପରିଚାଳନା ରଞ୍ଜୁ ଛତରିଆ, ବେଣୁ ତାଣ୍ଡି, ଶାନ୍ତନୁ ବିଶି, କରୁଣା ପ୍ରଧାନ କରିଥିବା ବେଳେ ଜାରିଂ ଆଥ୍‌ଲେଟିକ ଆସୋସିଏସନର କର୍ମକର୍ତ୍ତାମାନେ ପ୍ରତିଯୋଗିତା ଆୟୋଜନ କରୁଛନ୍ତି।

# ସରେଇରେ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଜମନକିରା, ୮।୧୦(ସମିସ)**

ସରେଇ ଗଜଲକ୍ଷ୍ମୀ ପୂଜାରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଫୁଟବଲ ଟୁର୍ଣ୍ଣାମେଣ୍ଟକୁ କଟଙ୍ଗପାଣି ସରପଞ୍ଚ ତୁଳେଶ୍ୱରୀ ମାଝୀ ଓ କଟଙ୍ଗପାଣି ସମିତିସଭ୍ୟ ସନାତନ ବାଘ ଉଦ୍‌ଘାଟନ କରିଥିବାବେଳେ ରେଙ୍ଗାଲବେଡ଼ା ଓ ବିଜୟଧନୁ ଏଫସି ମଧ୍ୟରେ ଖେଳ ହୋଇଥିଲା। ଗତକାଲି ପ୍ରିନସ ୧୧ ସମ୍ବଲପୁର ଫାଇନାଲକୁ ଯାଇଥିବାବେଳେ ଆଜି ଫାଇନାଲକୁ ନୂଆଁଡିହି ଯାଇଥିଲା। ମୋଟ ୧୬ଟି ଦଳ ଯୋଗଦେଇଥିଲେ। ପ୍ରିନସ ୧୧ ସମ୍ବଲପୁର ଓ ବିକିବ୍ରଦର ନୂଆଁଡିହି ଏଫସି ମଧ୍ୟରେ ଫାଇନାଲ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନପାରିବାରୁ ଶେଷରେ ଟ୍ରାଇବେକର ସାହାଯ୍ୟ ନେଇଥିଲେ। ଏଥିରେ ପ୍ରିନସ ୧୧ ସମ୍ବଲପୁରକୁ ହରାଇ ବିକିବ୍ରଦର ନୂଆଁଡିହି ଏଫସି ଚମ୍ପିଆନ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ଗଜଲକ୍ଷ୍ମୀ କମିଟି ସଭାପତି ମନୋଜ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଜମନକିରା ଥାନାର ସବ୍‌ଇନ୍ସପେକ୍ଟର ମନୋରଞ୍ଜନ ଦାଶ, ସମ୍ମାନୀତ ଅତିଥି ଭାବରେ ଗୁରୁଚରଣ ପଟେଲ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ସମିତିସଭ୍ୟ ସନାତନ ବାଘ, ଜମନକିରା ଥାନାର ଟାଉନ ହାବିଲଦାର ସ୍ୱାଧୀନ ବେହେରା, ଜମନକିରା ସାମ୍ବାଦିକ ସଂଘ ସଭାପତି କ୍ଷିତିରଞ୍ଜନ ପଧାନ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଚମ୍ପିଆନ ନୂଆଁଡିହି ଟିମ୍‌କୁ ଟ୍ରଫିସହ ୨୦ ହଜାର ଓ ରନର୍ସଅପ୍ ଟିମ୍‌କୁ ଟ୍ରଫିସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଖେଳକୁ ରାଜୀବ ନାୟକ, ରାଜେଶ ଜୟପୁରିଆ, ଜୀବନ ବାବୁ ଓ ତନ୍ମୟ କିସାନ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବରେ ସମ୍ବଲପୁରର ପିଣ୍ଟୁ ନାଗ, ଗୋଲକିପର ଭାବରେ ନୂଆଁଡିହିର ମାନସ ନାଏକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।




**■ ଜିଲ୍ଲାସ୍ତରୀୟ ବନ୍ୟ ପ୍ରାଣୀ ସପ୍ତାହ**

# ବନ୍ୟ ସମ୍ପଦର ସୁରକ୍ଷା କରିବା ସମସ୍ତଙ୍କ ନୈତିକ ଦାୟିତ୍ୱ

**ବରଗଡ଼, ୮। ୧୦(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବରଗଡ଼ ବନଖଣ୍ଡ ପକ୍ଷରୁ ଜିଲ୍ଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ସପ୍ତାହ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଏବଂ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗ ଦେଇଥିଲେ।ଏହି ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସମଲେଶ୍ୱରୀ ହାଇସ୍କୁଲ ଅମ୍ବାପାଲିର ଛାତ୍ର କିଶନ କୁମାର ଦାଶ ପ୍ରଥମ, କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଛାତ୍ରୀ ସିପ୍ରା ସୈନୀ ମହାନ୍ତି ଓ ପିଏମଶ୍ରୀ ଜବାହର




ନବୋଦୟ ବିଦ୍ୟାଳୟ, ପାଇକମାଳର ଛାତ୍ରୀ ପ୍ରିୟଙ୍କା ଧରୁଆ ଦ୍ୱିତୀୟ ଏବଂ ରୋଟାରି ପବ୍ଲିକ ସ୍କୁଲରକନିଷ୍ଠ ବିଭାଗରେ ଛାତ୍ର ଶ୍ରୀଶାନ୍ତ କୁମାର ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ।ସେହିପରି କନିଷ୍ଠ ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟ ବରଗଡ଼ର ଛାତ୍ରୀ ସ୍ମିତାରାଣୀ ପଟେଲ୍, କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଛାତ୍ରୀ ପରିଧି ସା ଏବଂ ଆୟୁଷୀ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ।ସମସ୍ତ ଜନସାଧାରଣ ସେବା ମନୋବୃତ୍ତି ନେଇ ପ୍ରକୃତିର ସୁରକ୍ଷା କରିବା ସହ ବନ୍ୟ ସମ୍ପଦର ସଂରକ୍ଷଣ ଦିଗରେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।ଜିଲ୍ଲାର ସମସ୍ତ ବନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବରଗଡ଼ ଜିଲ୍ଲାରେ ସାମିଲ ପାଇଁ ୧୯ ଗ୍ରାମବାସୀଙ୍କ ଦାବି

# ରେମତାରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ବୈଠକ

**ଝାରସୁଗୁଡ଼ା, ୮।୧୦(ସମିସ)**



ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମା ଠାରୁ ଦୀର୍ଘ ୧୦୦ କିଲୋମିଟର ଦୂରତାରେ ଅବସ୍ଥିତ ଓଡ଼ିଶା ଛତିଶଗଡ଼ ସୀମାନ୍ତ ୧୯ ଖଣ୍ଡ ମୌଜା ଅଞ୍ଚଳ ଏବଂ ଝାରସୁଗୁଡ଼ା ଜିଲ୍ଲାର ସର୍ବାଧିକ ଅବହେଳିତ ଅଞ୍ଚଳରୂପେ ଏହି ଅଞ୍ଚଳ ପରିଚିତ। ହୀରାକୁଦ ବନ୍ଧ ନିର୍ମାଣ ପରେ ଏ ଅଞ୍ଚଳର ଅନେକ ସମୃଦ୍ଧ ଗାଁ ଜଳମଗ୍ନ ହୋଇ ସମ୍ପୂର୍ଣ୍ଣ ଅସ୍ତିତ୍ୱ ହରାଇଲା। ଆଉ କିଛି ଗାଁ ଜଳ ଭଣ୍ଡାର ତଟବର୍ତ୍ତୀ ଇଲାକାରେ ଯଦିଓ ରହିଗଲା କିନ୍ତୁ ଏହି ଗାଁ ଗୁଡ଼ିକର କୃଷିଯୋଗ୍ୟ ଜମି ସବୁ ଜଳରେ ସମାଧିସ୍ଥ ହୋଇ ବୁଡି ଜମିରେ ପରିଣତ ହୋଇଗଲା। ତଥାପି ଏ ଅଞ୍ଚଳର ଅତ୍ୟନ୍ତ ପରିଶ୍ରମି ତଥା ଶାନ୍ତ ସରଳ ଲୋକମାନେ ଡଙ୍ଗର, ଟିକିରା ଆଦି ଜମିରେ ଚିନା ବାଦାମ ଓ ଅନ୍ୟାନ୍ୟ ଚାଷ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିଲେ। ବର୍ତ୍ତମାନ ଜଙ୍ଗଲୀ ବାରହାଙ୍କ ଦୌରାତ୍ମ୍ୟ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ତାହା ବି ସମ୍ଭବ ହେଲା ନାହିଁ। ଝାରସୁଗୁଡ଼ା ସଦର ମହକୁମା ଠାରୁ ଦୂରତ୍ୱ ଯୋଗୁଁ ଏ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକ ଜିଲ୍ଲା ପ୍ରଶାସନର ନଜରରେ ଆସିପାରେ ନାହିଁ।ଯଦ୍ୱାରା ଏମାନେ ସର୍ବଦା ନିଜକୁ ଚିର ଅବହେଳିତ ମନେ କରିଥାନ୍ତି। ଦୀର୍ଘ ୩୦ ବର୍ଷ ଧରି ବାରମ୍ବାର ଦାବି ସତ୍ତ୍ୱେ ଅଞ୍ଚଳରେ ଏକ ସରକାରୀ ଡିଗ୍ରୀ କଲେଜ ପ୍ରତିଷ୍ଠା ହୋଇପାରିଲା ନାହିଁ। ନିକଟରେ ଏକ ହାଇସ୍କୁଲକୁ ଯୁକ୍ତ ଦୁଇରେ ରୂପାନ୍ତରିତ କରାଯାଇଥିଲେ ମଧ୍ୟ ଆବଶ୍ୟକ ଅଧ୍ୟାପକ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ପ୍ରାୟ ୬୦୦ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏ ସମ୍ପର୍କରେ ମଧ୍ୟ ବାରମ୍ବାର ଦାବି ଜଣାଇ ୧୯ ଖଣ୍ଡ ମୌଜାବାସୀ ନିରାଶ ହୋଇଛନ୍ତି। ୧୯ ଖଣ୍ଡ ମୌଜାରୁ ଲଖନପୁର ବ୍ଲକ ମୁଖ୍ୟାଳୟ ଦୀର୍ଘ ୬୦ କିଲୋମିଟର ହୋଇଥିବା ବେଳେ ଦୈନନ୍ଦିନ କାର୍ଯ୍ୟ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ଖର୍ଚ୍ଚାନ୍ତ, କ୍ଳାନ୍ତ ଓ ନୟାନ୍ତ ହୋଇ ଆନ୍ତି। କୋମଳମତି ଛାତ୍ର ଛାତ୍ରୀଙ୍କୁ ମଧ୍ୟ ମୌଳିକ ଶିକ୍ଷା ଗ୍ରହଣ ପାଇଁ ବ୍ଲକ ମୁଖ୍ୟାଳୟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପ୍ରତ୍ୟହ ଯିବା ଆସିବା କରିବାକୁ ପଡେ। ସେହିପରି ଚାଷୀ ନିଜ ଚାଷ କାମ ଛାଡି ସାର, ବିହନ, ଔଷଧ ପାଇଁ ବାରମ୍ବାର ଏତେ ଦୂର ଆସିବା ଦ୍ୱାରା ଘୋର ମାନସିକ ଅବସାଦର ଶିକାର ହୁଅନ୍ତି। ଘର ଦ୍ୱାର ପୋଡି ଗଲେ କିମ୍ବା ନଈରେ କେହି ଭାସି ଗଲେ ମଧ୍ୟ ଦୂରତା ଯୋଗୁଁ ଲଖନପୁର ଠାରୁ ଅଗ୍ନିଶମ ବାହିନୀ ଠିକ ସମୟରେ ପହଞ୍ଚି ପାରେ ନାହିଁ। ଦୁର୍ଘଟଣାର ଶିକାର, ବିଷାକ୍ତ ସାପ କାମୁଡ଼ାର ଶିକାର ହୋଇ ଥିବା ରୋଗୀ ହେଉ ବା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳା ହେଉ ଲଖନପୁର ଠାରୁ ଯଥା ସମୟରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବା ହେତୁ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେବା ସହିତ ମୃତ୍ୟୁବରଣ କରିଥାନ୍ତି। ତେବେ ନିକଟରେ ମହୁଲପାଲି ବ୍ରିଜ ନିର୍ମାଣ ଯୋଗୁଁ ଏମାନେ ଏସମସ୍ତ ସମସ୍ୟାର ଏକମାତ୍ର ସମାଧାନ ବରଗଡ଼ ଜିଲ୍ଲା ସହ ମିଶ୍ରଣ ବୋଲି ଅନୁଭବ କରିଛନ୍ତି।କାରଣ ବରଗଡ଼ ଜିଲ୍ଲା ସଦର ମହକୁମା ଅଞ୍ଚଳରୁ ମାତ୍ର ୫୦ କିଲୋମିଟର ଦୂରତାରେ ରହିଛି। ତେଣୁକରି ନିକଟ ଭବିଷ୍ୟତରେ ସରକାରଙ୍କ ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତର ପୁନର୍ଗଠନ ପାଇଁ ପ୍ରସ୍ତାବ ଥିବାରୁ ୧୯ ଖଣ୍ଡ ମୌଜା ଅଞ୍ଚଳକୁ ଏକ ସ୍ୱତନ୍ତ୍ର ବ୍ଲକ ଭାବେ ଗଠନ କରିବା ସହ ବରଗଡ଼ ଜିଲ୍ଲାରେ ମିଶ୍ରଣ ପାଇଁ ଆଶା କରୁଛନ୍ତି। ସରକାର ଏଭଳି ଏକ ନ୍ୟାର୍ଯ୍ୟ ଦାବିକୁ ସହାନୁଭୂତି ପ୍ରଦର୍ଶନ କରି ପୂରଣ କରିବେ ବୋଲି ଆଶା ବାନ୍ଧିଛନ୍ତି। ଏହି ପରିପ୍ରେକ୍ଷୀରେ ରେମତା କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଦିନ ଅଞ୍ଚଳର ସଚେତନ ନାଗରିକ, ବୁଦ୍ଧିଜୀବୀଙ୍କୁ ନେଇ ସଭାର ଆୟୋଜନ ହୋଇଥିଲା। ଏଥିରେ ବରଗଡ଼ ଅଞ୍ଚଳରୁ ମଧ୍ୟ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଏଭଳି ପ୍ରୟାସକୁ ସ୍ୱାଗତ କରିଥିଲେ। ସଭାରେ ୧୯ ଖଣ୍ଡ ମୌଜା ଅଞ୍ଚଳର ପୂର୍ବତନ ସରପଞ୍ଚ ପ୍ରଦୀପ ବିଶାଳ, କଣ୍ଠେଇକେଳା ସମିତି ସଭ୍ୟ ଅନିଲ ବାରିକ, ନିମାଇଁ ସାହୁ, ରାମ ସା, ଚତୁର୍ଭୁଜ ବିଶାଳ, ଲେଖମ ସାହୁ, ଗୁପ୍ତେଶ୍ୱର ଭୋଇ, ରୂପାନନ୍ଦ ବିଶାଳ, ପ୍ରଫୁଲ୍ଲ ସାହୁ, ଗଜାନନ ପଧାନ ପ୍ରମୁଖଙ୍କ ସହ ଭୁକ୍ତା ଅଞ୍ଚଳରୁ ଧ୍ରୁବଚରଣ ସାହୁ, ଡକ୍ଟର ଚିନ୍ତାମଣି ପଟେଲ, ଗୁନାରୁ ପଧାନ, ତାରାଚାନ୍ଦ ପଟେଲ, ସୁଧୀର ପଧାନ ବିପିନ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଆସନ୍ତା ରବିବାର ଦିନ ଉଭୟ ଜିଲ୍ଲାର ଶତାଧିକ ସାମାଜସେବୀ ବୁଦ୍ଧ ଠାରେ ସମ୍ମିଳିତ ହୋଇ ଦାବି ପ୍ରତି ନିଜର ସମର୍ଥନ ଜଣାଇବାର କାର୍ଯ୍ୟକ୍ରମ ରହିଛି।

## ■ ପୁଲିସ ପକ୍ଷରୁ ଅପରେସନ ନେତ୍ର

# ବିପୁଳ ବିଦେଶୀ ମଦ ସହ ଗଞ୍ଜେଇ ଜବତ



**ଝାରସୁଗୁଡ଼ା, ୮।୧୦ (ସମିସ):** ଝାରସୁଗୁଡ଼ା ସଦର ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ମଙ୍ଗଳବାର ବିପୁଳ ପରିମାଣର ଗଞ୍ଜେଇ ସହିତ ବିଦେଶୀ ମଦ ଜବତ କରାଯାଇଥିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ ଥିବା ସଦର ଥାନା ପୁଲସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଝାରସୁଗୁଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବେଆଇନ କାରବାର, ଅସମାଜିକ ଗତିବିଧି ଉପରେ ନଜରରଖାଯାଇ ଝାରସୁଗୁଡ଼ା ଜିଲ୍ଲାରେ ଅପରେସନ ନେତ୍ର ଜାରିରହିଛି। ଝାରସୁଗୁଡ଼ା ଏସଡିପିଓ ଓ ସଦର ଥାନା ଆଇଆଇସିଙ୍କ ନେତୃତ୍ୱରେ ଝାରସୁଗୁଡ଼ା ବେହେରାପାଟ ନିକଟ ମହାକାଳ ଢ଼ାବାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ୨ କେଜି ୩୩୧ଗ୍ରାମ ଗଞ୍ଜେଇ, ଏକ ପ୍ଲାଷ୍ଟିକ ଡ୍ରମ, ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ୧୮୭ ବୋତଲ ବିଦେଶୀ ମଦ ଜବତ କରାଯାଇଥିଲା। ଏହାକୁ ନେଇ ଜଣେ ଅଭିଯୁକ୍ତ ଝାରସୁଗୁଡ଼ା ଥାନା ବୁଡୋମାଲ ଅଞ୍ଚଳର ଅଙ୍କିତ ପଣ୍ଡିତ(୩୪)କୁ ଗିରଫ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରୀ ରହିଛି।

# ଝାରସୁଗୁଡ଼ା ରେଳଷ୍ଟେସନରେ 'ଅମୃତ ସମ୍ବାଦ' କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୮।୧୦(ସମିସ):** ଦକ୍ଷିଣ ପୂର୍ବ ହାୱାଡା ବମ୍ବେ ମୁଖ୍ୟ ରେଳପଥରେ ଥିବା ଜଙ୍କସନ ଝାରସୁଗୁଡ଼ା ରେଳଷ୍ଟେସନରେ ଭାରତ ସରକାରରେଳ ମନ୍ତ୍ରଣାଳୟ ଦ୍ୱାରା ଅମୃତ ସମ୍ବାଦ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ୫.୦ ଆୟୋଜିତ କରାଯାଇଛି। ଯେଉଁଥିରେ ବରିଷ୍ଠ ନାଗରିକ ଏବଂରେଳଯାତ୍ରୀଙ୍କ ଠାରୁ ରେଳୱେ ଉନ୍ନତିକରଣ ପାଇଁ ମତାମତ ଲୋଡା ଯାଉଛି। କାର୍ଯ୍ୟକ୍ରମ ଝାରସୁଗୁଡ଼ା ରେଳଷ୍ଟେସନରେ ରେଳ ବିଭାଗୀୟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏସ ଏସରାଏ ବରିଷ୍ଠ ନାଗରିକ ସହରେଳଯାତ୍ରୀଙ୍କ ଠାରୁ ମତାମତ ସଂଗ୍ରହ କରିବା ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ପ୍ରତି ସହଯୋଗ କରିବାକୁ ଅନୁରୋଧ ଜଣାଇଥିଲେ।

# ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

**ରିଆମାଳ, ୮।୧୦(ସମିସ):** ରିଆମାଳ ଥାନା ମଳେହିପଡ଼ା ପଞ୍ଚାୟତ ଅନ୍ତର୍ଗତ କତ୍ରାପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ କତ୍ରାପାଲି ଗ୍ରାମର ପ୍ରମୋଦ ମାଝୀ(୪୦। ବୁଧବାର ଅପରାହ୍ନ ସମୟରେ ଘଡ଼ଘଡ଼ି, ବର୍ଷା ହେଉଥିବା ସମୟରେ ସେ ଅସୁସ୍ଥତା ଅନୁଭବ କରି ଅଚେତ୍ ହୋଇ ପଡ଼ିଥିଲେ। ପରିବାର ଲୋକ ଛତାବର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।

# ୫୨ ବର୍ଷରେ ବଣିଆସାହି ଗଜଲକ୍ଷ୍ମୀ ପୂଜା

**ଦେବଗଡ଼, ୮।୧୦(ସମିସ):** ଗଜଲକ୍ଷ୍ମୀ ପୂଜା ପାଇଁ ଦେବଗଡ଼ ପୌରାଞ୍ଚଳ ବଣିଆ ସାହି ଚଳଚଞ୍ଚଳ ହୋଇ ପଡ଼ିଛି। ପଣ୍ଡିତ କମଳା କାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଥିବା ପୂଜାରେ କର୍ତ୍ତା ଭାବେ ପୂଜା କମିଟି



ସଭାପତି ଅଶୋକ ନାୟକ ଓ ତାଙ୍କ ଧର୍ମପତ୍ନୀ ହରିପ୍ରିୟା ନାୟକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଚଳିତ ବର୍ଷ ପୂଜା ୫୨ ବର୍ଷରେ ପହଁଞ୍ଚିଥିବା ବେଳେ ଅତ୍ୟନ୍ତ ଉତ୍ସାହ ସହ ପୂଜା ପାଳନ ହେଉଛି। ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାରେ ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କମିଟି ପକ୍ଷରୁ ଆୟୋଜନ କରାଯାଇଛି। ଗଜଲକ୍ଷ୍ମୀ ପୂଜା କମିଟିର କର୍ମକର୍ତ୍ତା ଓ ସାହି ବାସିନ୍ଦାଙ୍କ ସହଯୋଗରେ ଅନୁଷ୍ଠିତ ପୂଜାର ଭସାଣି ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ବ୍ରହ୍ମପୁର ଆଇନଜୀବୀ ହତ୍ୟା ଘଟଣାର ପ୍ରତିବାଦ

# ଦେବଗଡ଼ ଜିଲ୍ଲା ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ

**ଦେବଗଡ଼, ୮।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ତଥା ରାଜ୍ୟ ଓକିଲ ସଂଘ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣାର ପ୍ରତିବାଦରେ ରାଜ୍ୟ ଓକିଲ ସଂଘ ଡାକରାରେ ବୁଧବାର ଦେବଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ କଲମଛାଡ ଆନ୍ଦୋଳନ ହୋଇଯାଇଛି। ଏହା

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଜିଲ୍ଲା ନ୍ୟାୟାଳୟ ପରିସର ସ୍ଥିତ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ଠାରେ ସଭାପତି ସଚ୍ଚିକାନ୍ତ ଦାଶଙ୍କ ଆବାହକତ୍ୱରେ ସଭା ହୋଇଥିଲା। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଇନଜୀବୀଙ୍କ ସୁରକ୍ଷା ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ବିଲ ଆଣିବାକୁ




ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏଥିସହ ମୃତ ଆଇନଜୀବୀ ସ୍ୱର୍ଗତ ପଣ୍ଡାଙ୍କ ପରିବାରକୁ ଏକ କୋଟି ଟଙ୍କା ସହାୟତା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଏବଂ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ଦାଶ ଓ ସମ୍ପାଦକ ସିଦ୍ଧେଶ୍ୱର ଗୁରୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାରିଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

# ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ



**ଝାରସୁଗୁଡ଼ା, ୮।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଦ୍ୱାରା ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଛି। ଏହି ସେବା ଦ୍ୱାରା ବୁଲା ଗୋରୁଗାଈ, କୁକୁର, ଷଣ୍ଢ ଓ ଅନ୍ୟ ପଶୁମାନେ ଉପକୃତ ହେବେ। ଦେୟମୁକ୍ତ ନମ୍ବର ୧୯୬୨ ଯୋଗାଯୋଗ ଦ୍ୱାରା ସେବା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା ପୌରପାଳିକା ଅଞ୍ଚଳରେ ଉପଲବ୍ଧ ହେବ। ଜିଲ୍ଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୟାସାଗର ଦୂରିଆ, ଜିଲ୍ଲା ପ୍ରାଣୀମଙ୍ଗଳ ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ଦାଶ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଭଗବତୀ ପ୍ରସାଦ ଦାଶ, ଜିଲ୍ଲା ପ୍ରାଣୀରୋଗ ଅଧିକାରୀ ଏବଂ ଜିଲ୍ଲା ପ୍ରାଣୀ ଉତ୍ପାଦନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୁଲା ପଶୁମାନେ ଯେପରି ଠିକ ଭାବେ ଉପକୃତ ହେବେ ସେ ଦିଗରେ ଯତ୍ନବାନ ହେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ପ୍ରାଣୀ ଚିକିତ୍ସାଳୟ ଓ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।

# ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସ ବୈଠକ

**ଝାରସୁଗୁଡ଼ା, ୮।୧୦(ସମିସ):** 'ଶିଶୁ ପାଇଁ ଦିନଟିଏ' ସମ୍ପର୍କିତ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସର ତ୍ରୟୋମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ।ଜିଲ୍ଲାସ୍ତରରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଯଥା ମିଶନ ବାସଲ୍ୟ, ଶିଶୁ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ଶିଶୁ ଶ୍ରମିକ ଆଇନ, ବାଲ୍ୟ ବିବାହ ନିରୋଧ ଆଇନ, ଯଶୋଦା ତଥା ବିଭିନ୍ନ ଶିଶୁ ସୁରକ୍ଷା ସମ୍ପର୍କିତ କମିଟିର କାର୍ଯ୍ୟକାରିତା ଇତ୍ୟାଦି ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ।ବିଦ୍ୟାଳୟ ସ୍ତରରେ କିଶୋର କିଶୋରୀମାନଙ୍କୁ ମୈତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ସଚେତନ କରାଇବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳଙ୍କ ପରାମର୍ଶ ଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଆଶିଷ ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ, ଡିଏସପି ବନିତା ମାଝୀ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା, ସ୍ୱତନ୍ତ୍ର କିଶୋର ପୋଲିଶ ୟୁନିଟ ମୁଖ୍ୟ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ■ ପୁରୁଣା ଡାକ୍ତରଖାନାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଦ୍ୱିତୀୟ ଦିନରେ ସମାଜସେବୀଙ୍କ ଅନଶନ




**ଦେବଗଡ଼, ୮।୧୦(ସମିସ):** ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦାବିରେ ମଙ୍ଗଳବାର ଠାରୁ ସମାଜସେବୀ ଅର୍ଣ୍ଣବ ପଣ୍ଡାଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଶ୍ରୀ ପଣ୍ଡା ଅନଶନରେ ବସିଥିବା ବେଳେ ଆଜି ମଧ୍ୟାହ୍ନରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ଥାନା ଆଇଆଇସି ସବ୍ୟସାଚି ଶତପଥି ପହଞ୍ଚି ଶ୍ରୀ ପଣ୍ଡାଙ୍କୁ ବୁଝାସୁଝା କରି ରାଜ୍ୟ ସରକାର ଡାକ୍ତର ନିଯୁକ୍ତି ଦେଲେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ଆଲୋଚନା କରିଥିଲେ ମଧ୍ୟ ଆଲୋଚନାର କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଶ୍ରୀ ପଣ୍ଡାଙ୍କ ଅନଶନ ଜାରିରହିଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ଗତ ଜୁଲାଇ ମାସରେ ନୂଆଁବାଲିରଇସ୍ଥିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୋଠାକୁ ସ୍ଥାନାନ୍ତରିତ କରାଯାଇଥିଲା। ସହର ଠାରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୬ କିଲୋମିଟର ଦୂରରେ ଥିବା ହେତୁ ସ୍ଥାନୀୟ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ପୁରୁଣା ମେଡିକାଲରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା। ଉକ୍ତ ଦାବି ନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ମଧ୍ୟ କରାଯାଇଥିଲା। କିନ୍ତୁ ଏହାପରେ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦେକ୍ଷେପ ଗ୍ରହଣ କରାଯାଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଶ୍ରୀ ପଣ୍ଡା ପଦଯାତ୍ରା କରି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଦାବିପତ୍ର ଦେଇଥିଲେ। ଏହାପରେ ମଧ୍ୟ ସରକାରଙ୍କ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସେବା ଦିଗରେ କୌଣସି ପଦକ୍ଷେପ ନିଆ ନଯିବାରୁ ସମାଜସେବୀ ଶ୍ରୀ ପଣ୍ଡା ଅନଶନ ଆରମ୍ଭ କରିବା ସହ ସରକାରଙ୍କ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସେବା ନିମନ୍ତେ ବିଧିବଦ୍ଧ ଭାବେ ଘୋଷଣା ନ କରିବା ପର୍ଯ୍ୟନ୍ତ ଅନଶନ ଜାରିରଖିବେ ବୋଲି ପ୍ରକାଶ କରିଛନ୍ତି।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ଝାରସୁଗୁଡ଼ା, ୮।୧୦ (ସମିସ):** ବେଲପାହାଡ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ୨୦୨୨ ମସିହାର ଘଟଣା ହୋଇଥିବା ବେଳେ ସେ ସମୟରେ ଅଭିଯୁକ୍ତ ଫେରାର ମାରିଥିଲା। ଅଭିଯୁକ୍ତ ନିକଟରେ ନାବାଳିକା ଜଣକ ଟ୍ୟୁସନ ପଢୁଥିବା ବେଳେ ସେ ନାବାଳିକାଙ୍କ ସହ ଅସଦାଚରଣ ଏବଂ ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ମାମଲାରୁଜୁ କରି ତଦନ୍ତ କରିଥିବା ବେଳେ ଅଭିଯୁକ୍ତ ଜଣକ ଫେରାର ମାରିଥିଲା। ପୁଲିସ ତଦନ୍ତ ଜାରିରଖି ଅଭିଯୁକ୍ତ ଜଣକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ

# ରମ୍ପାଲୁଗା ପର୍ଯ୍ୟଟନସ୍ଥଳରେ ପ୍ଲାଷ୍ଟିକ୍ ମୁକ୍ତ ସଚେତନତା



**ଝାରସୁଗୁଡ଼ା, ୮।୧୦(ସମିସ):** ଝାରସୁଗୁଡ଼ା ବନଖଣ୍ଡ ଅଧୀନସ୍ଥ ବେଲପାହାଡ ବନାଞ୍ଚଳ ଅନ୍ତର୍ଗତ ରମ୍ପାଲୁଗା ପର୍ଯ୍ୟଟନସ୍ଥଳ ଠାରେ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ୨୦୨୫ ଅବସରରେ ବନାଞ୍ଚଳସ୍ତରୀୟ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଏହି ଅବସରରେ ଅନଲାଇନ ମାଧ୍ୟମରେ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଥିରେ ଲଖନପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ପରେ ପ୍ଲାଷ୍ଟିକ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ସୁନାରି ପଞ୍ଚାୟତର ସରପଞ୍ଚ ନନ୍ଦିନୀ ସାହୁ ଏବଂ ଟାଙ୍ଗରପାଲି, ସୁନାରୀ ଓ ବେହେରାମାଲ ବନସୁରକ୍ଷା ସମିତିର ଜନସାଧାରଣ, ଏସଏଚ୍‌ଜି ମହିଳା ଏବଂ ବେଲପାହାଡ ବନାଞ୍ଚଳ ଅଧିକାରୀ ପ୍ରଦୀପ ନାଏକ, କ୍ଷେତ୍ର ପରିଚାଳକ ଦିଲୀପ ପ୍ରଧାନ, ସୁଜିତ ବସ୍ତିଆ, ସୁବ୍ରତ ଛନ୍ଦ, ସୁମନ ବିଶ୍ୱାଳ, ବନପାଳ ସୁନିଲ ଭୋଇ, ସରୋଜ ଖମାରି, ପ୍ରଦୀପ ବେସନ, ମୁନି ଦାସ, ସଙ୍ଗୀତା ସାମନ୍ତରାୟ, ସନ୍ତୋଷ ଗୁରୁ, ଲଳିତ ଅଧା, ବନରକ୍ଷୀ ସୁରେଶ ତରେଇ, ସୁରେନ୍ଦ୍ର ଖମାରି, ବନିତା ମିଶ୍ର, ତେଜସ୍ୱିନୀ ଶା, ଟ୍ୱିଙ୍କିଲ ଉଇଁଶାଲ, ଭାଗିରଥୀ ପଧାନ ସହିତ ସମସ୍ତ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନ ଉପରେ ପ୍ରେରଣା ଦେବା ସହିତ ଗାଁରେ ସଚେତନ କରି ସମସ୍ତେ ପ୍ଲାଷ୍ଟିକ୍ ମୁକ୍ତ ଜୀବନ ବଞ୍ଚିବା ପାଇଁ ଶପଥ ଗ୍ରହଣ କରିଥିଲେ।

# କୁମ୍ଭାରବନ୍ଧ ବଏଲ୍ ଯାତ୍ରା ସମ୍ପନ୍ନ

**ଇବଥର୍ମାଲ, ୮।୧୦(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ କୁମ୍ଭାରବନ୍ଧସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଶତାଧିକ ବର୍ଷର ଅନନ୍ୟ ପରମ୍ପରା ବଏଲ୍ ଯାତ୍ରା ରବିବାର ଆରମ୍ଭ ହୋଇ ସୋମବାର ସମ୍ପନ ହୋଇଛି। ଏଠାରେ ଥିବା ସମଲେଶ୍ୱରୀଙ୍କ ପୀଠରେ ବର୍ଷତମାମ ମାଁଙ୍କ ଦୁଇ ଓଳି ଭୋଗ ସହ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଆଶ୍ୱିନ ଅମାବାସ୍ୟା ଠାରୁ ମାଁଙ୍କ ଷୋଡ଼ଶ ଉପଚାର ପୂଜା ସହ ବଏଲ ଯାତ୍ରା ଆଦି ପର୍ବ ଆରମ୍ଭ ହୋଇଯାଏ।ଅମାବାସ୍ୟା ପୂଜାପରେ ଝାଙ୍କର, କର୍ତ୍ତା, ଚାରିଘରିଆ, ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଉତ୍ସାହ ସହ ବଏଲ ଯାତ୍ରା ସହ ଚଣ୍ଡୀ ପାଠ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ସର୍ବଧର୍ମ ସମନ୍ୱୟର ପୀଠ ହୋଇଥିବାରୁ ଏଠାକାର ପରମ୍ପରା ମଧ୍ୟ ଅନନ୍ୟ। ଚଳିତବର୍ଷ ରବିବାର ସକାଳୁ କର୍ତ୍ତା ଉମାକାନ୍ତ ପଣ୍ଡାଙ୍କ ଘରୁ ଚଣ୍ଡୀ ପାଠ ଭାର ଝାଙ୍କର ନରେନ୍ଦ୍ର ନେଗି ବିଧିବଦ୍ଧ ଭାବେ ନେବା ପରେ ମାଁଙ୍କ ପାରମ୍ପରିକ ଚଣ୍ଡୀ ପାଠ ଆରମ୍ଭ ହୋଇଥିଲା। ଚଣ୍ଡୀପାଠ ସମ୍ପନ୍ନ ହୋଇ ମାଁଙ୍କ ମହାଆଳତି ପରେ ମଧ୍ୟାହ୍ନ ୩ ଟା ସମୟରେ ପାହୁର ଯାତ୍ରା ସକାଶେ ମାଁଙ୍କ ମନ୍ଦିରରେ ପୂଜିତ ଛତ୍ର ନେଇ ନୃସିଂହ ନାଥ ବଗାର କର୍ତ୍ତା ଘରକୁ



ଆସିଥିଲେ।ଚାରିଘରିଆମାନେ ମାଁଙ୍କର ଅସ୍ତ୍ର ଆଣି ଆସିବା ପରେ କର୍ତ୍ତା ଉମାକାନ୍ତ ପଣ୍ଡା ଓ ସୁବ୍ରତା ପଣ୍ଡାଙ୍କ ଘରେ ମାଁଙ୍କ ତନ୍ତ୍ର ପୂଜାର ପରମ୍ପରା ପାହୁର ଯାତ୍ରା ଅନୁଷ୍ଠିତ ହୋଇ ପୂଜାର୍ଚ୍ଚନା କରାଯାଇ ପଞ୍ଚବାଦ୍ୟ ସହ କର୍ତ୍ତା ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଝାଙ୍କର ଈଶ୍ୱର ଅଢା, ଝାଙ୍କର ନରେନ୍ଦ୍ର ନେଗୀ, ଶ୍ରୀ ବଗାର, ଛତ୍ର ବାହକ ସୁଧିର ଦେହେରୀ ଚାରିଘରିଆ ରାମାଧିନ ପାଣ୍ଡେ, ହେମନ୍ତ କାଲୋ, ଗୌତମ ଦେହେରୀ, ବନମାଳୀ ଦେହେରୀ, ରାମଦୟାଲ କାଲୋ, ମୁନୁବାବୁ ଛତ୍ରିଆ ତଥା ଗ୍ରାମବାସୀ ମହିଳା ପୁରୁଷ ଓ କମିଟି ସଦସ୍ୟଙ୍କୁ ନେଇ ଶୋଭାଯାତ୍ରାରେ ପାହୁର ଭାର ମନ୍ଦିର ଗଲାପରେ ସେଠାରେ ମାଁ ସମଲେଇଙ୍କ ତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ପରେ ରାତି ୧୧ ଟାରେ ଝାଙ୍କର ତଥା ବରୁଆ (କାଳିସୀ) ଈଶ୍ୱର ଅଢାଙ୍କ ଘରୁ ପୂଜାର୍ଚ୍ଚନା କରାଯାଇ ବରୁଆ ସ୍ନାନ ସକାଶେ ଢୋଲ ନିଶାନ ତାଶା ଘଣ୍ଟ ଶୋଭାଯାତ୍ରାରେ ବରୁଆକୁ ସ୍ନାନସକାଶେ ଚିଙ୍ଗିରା ବନ୍ଧକୁ ନିଆଯାଇ ସ୍ୱତନ୍ତ୍ର ସମଲେଇ ଘାଟଠାରେ ସ୍ନାନ କାର୍ଯ୍ୟ କରାଯିବାପରେ ସେଠାରେ ସମଲେଶ୍ୱରୀ ଠାକୁରାଣୀଙ୍କର ଆଜ୍ଞାମାଳ ଦେବାସହ ତନ୍ତ୍ର ପୂଜାସମ୍ପନ କରାଯାଇ ବରୁଆ ଉଠା ଯାଇଥିଲା। ସେଠାରୁ ବରୁଆ ମନ୍ଦିର ଯିବାପରେ ମାଁଙ୍କ କାଳିଶିଙ୍କୁ କର୍ତ୍ତା ଉମାକାନ୍ତ ପଣ୍ଡା ପରମ୍ପରା ଅନୁସାରେ ଚୂଳ ପ୍ରଦାନ କରି ନୃସିଂହନାଥ ବଗାରଙ୍କ ସହ ପଗଡ଼ି, ଚୂଳ, କାଚ ଆଦି ପରିଧାନ କରାଇ ମାଁଙ୍କୁ ବେଶ କରାଇଥିଲେ।ପରେ ମାଁ ପଞ୍ଚବାଦ୍ୟ ତାଳେତାଳେ ମନ୍ଦିର ଗର୍ଭଗୃହରୁ ବାହାରି ମନ୍ଦିର ବେଢ଼ାରେ ଅଧିଆ ପଡ଼ିଥିବା ଭକ୍ତଙ୍କୁ ଆଶିର୍ବାଦ କରିବା ପରେ ବାଉତୀ ପୀଠରେ ଚାଚେର ଖେଳ ହୋଇଥିଲା ପରେ ରାତି ଦୁଇଟା ବେଳେ ମାଁଙ୍କ କାଳିସୀଓ ଛତ୍ରବାଉତୀ ମନ୍ଦିରକୁ ବାହାରିବା ପରେ ଚାଚେରୀ ଖେଳି ଗ୍ରାମ ପରିକ୍ରମାରେ ବାହାରି ଘରଘର ପଡ଼ାପଡ଼ା ବୁଲି ପୂଜା ପାଇଥିଲେ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରସାଶନ ପକ୍ଷରୁ ଦୁଇ ପ୍ଲାଟୁନ ଫୋର୍ସ ମୂତୟନ କରାଯାଇଥିଲା।ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାଏକ ଙ୍କ ନେତୃତ୍ୱରେ କୁମ୍ଭାରବନ୍ଧ, ବନହରପାଲି ଓ ବନ୍ଧବାହାଲ ପୁଲିସ ମୁତୟନ କରାଯାଇଥିଲା। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ପୂଜାକାର୍ଯ୍ୟ କରିଥିବା ବେଳେ ବିଶେଷ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅରୁଣ ପ୍ରଧାନ ଚାଚେରୀ ଖେଳି ବେଳେ ଉପସ୍ଥିତ ଥିଲେ।କମିଟି ସଦସ୍ୟ ସୌମ୍ୟରଞ୍ଜନ ପଣ୍ଡିଆ, ପ୍ରେମାନନ୍ଦ ଭୋଇ, ପତନ ପାଟଯୋଷୀ, ଅଭିଷେକ ପୁରୋହିତ, ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା, ରାଜୁ ନାଏକ ଘନଶ୍ୟାମ ପାଣ୍ଡେଙ୍କ ସମେତ ସମସ୍ତ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## କେଶଦୁରାପାଳ ବାଲିଯାତ୍ରା ପାଇଁ ମାଟି ଅନୁକୂଳ



ରାମଚନ୍ଦ୍ରପୁର, ୮ ।୧୦ (ସମିସ): କେଶଦୁରାପାଳ ବାଲିଯାତ୍ରା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି । ପୂଜା କମିଟି ସଦସ୍ୟ ଟିଟୁ ବିନ୍ଧାଣି ଦିନତମାମ୍ ଉପବାସ ବ୍ରତ ରଖି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପୂଜକ ଟାଙ୍ଗୁରୁ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିବାପରେ ରେମାଳ ନଦୀ ଶଯ୍ୟାରୁ ପବିତ୍ର ମାଟି ଅନୁକୂଳ କରାଯାଇଥିଲା । ହରିବୋଲ ହୁଳହୁଳି ସହ ଦେବ ମନ୍ତ୍ର ଉଚ୍ଚରଣ ପୂର୍ବକ ପବିତ୍ର ମାଟିକୁ ଆବାହନ କରାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା । ପୂଜା କମିଟି ସଂଯୋଜକ ଭିକାରୀ ଚରଣ ବିନ୍ଧାଣି, ସୁରେନ୍ଦ୍ର ସାହୁ, ନବୀନଚନ୍ଦ୍ର ବିନ୍ଧାଣି, ହରିପ୍ରସାଦ ମିଶ୍ର, ବିଶ୍ୱନାଥ ଓଝା, ସୁରେନ୍ଦ୍ର ନାୟକ, ପର୍ଶୁରାମ ମହାରଣା, ନାରାୟଣ ଦାସ, ରଞ୍ଜନ କୁମାର ଆଚାର୍ଯ୍ୟ, ମାଧବାନନ୍ଦ ସାହୁ, ରଞ୍ଜନ କୁମାର ଦାସ, ନିଧି ବିନ୍ଧାଣି, ଅର୍ଜୁନ ବିନ୍ଧାଣି, ଲକ୍ଷ୍ମୀଧର ସାହୁ ସମେତ ବହୁ ମହିଳା ପୁରୁଷ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ ।

## ଗାଁ ମୁରବୀ ଭରତଚନ୍ଦ୍ର ନାୟକଙ୍କ ଦେହାନ୍ତ



ରାମଚନ୍ଦ୍ରପୁର, ୮।୧୦(ସମିସ): ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କରଡ଼ାମାଳି ଗ୍ରାମର ବରିଷ୍ଠ ମୁରବୀ ତଥା ପୂର୍ବତନ ସ୍ୱାସ୍ଥ୍ୟକର୍ମୀ ଭରତଚନ୍ଦ୍ର ନାୟକ (୮୨)ଙ୍କ ଗତ ହୃଦଘାତରେ ପରଲୋକ ଘଟିଛି । ପରିବାର ଲୋକ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ, ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅବୋହୂ, ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ । ପରେ ବହୁ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ତାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି । ଅବସର ନେବା ପରେ ଗାଁର ବିଭିନ୍ନ ସାଂସ୍କୃତିକ ଏବଂ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ । ସୋମବାର ବିଳମ୍ବିତ ରାତ୍ରୀରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡପୁଅ ସମିରରଞ୍ଜନ ମୁଖାଗ୍ନି ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ତେଲକୋଇ, ୮।୧୦(ସମିସ): ତେଲକୋଇ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୮୩ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲେ । ସମସ୍ତଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା । ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଅନଲାଇନରେ ପଞ୍ଜୀକରଣ କରାଯାଇଥିଲା । ଯେଉଁମାନେ ପୂର୍ବରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ସେମାନଙ୍କ ନବୀକରଣ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅସ୍ଥିଶଲ୍ୟ ବିଭାଗର ଡା ପ୍ରବୀର କୁମାର ମହାପାତ୍ର, ଚକ୍ଷୁ ବିଶେଷଜ୍ଞ ଡା ରଶ୍ମିରଞ୍ଜନ ଭଞ୍ଜ, ନାସା ଓ ଗଳା ବିଶେଷଜ୍ଞ ଡା ସଞ୍ଜୟ କୁମାର ବେହେରାଙ୍କ ସହ ଡା ନିହାର ରଞ୍ଜନ ରଥ, ମାନସ କୁମାର ମହାନ୍ତ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । ତେଲକୋଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଆନନ୍ଦପୁର ଓ ଘସିପୁରା ବସଷ୍ଟାଣ୍ଡରେ ଜଳଯୋଗାଣ ଓ ଶୌଚାଳୟ ଅକାମୀ

ଆନନ୍ଦପୁର, ୮।୧୦ (ସମିସ)






ଆନନ୍ଦପୁର ଓ ଘସିପୁରା ବସଷ୍ଟାଣ୍ଡର ରାକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା କମ୍ପାନୀର ମନମାନି ଯୋଗୁଁ ଜଳଯୋଗାଣ, ଶୌଚାଳୟ, ସଫେଇ ହୋଇପାରୁନାହିଁ । ଫଳରେ ଏନେଇ ବ୍ୟାପକରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବସଷ୍ଟାଣ୍ଡରେ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଛି । ତନ୍ମଧ୍ୟରୁ ଶୌଚାଳୟ, ଜଳଯୋଗାଣ, ବିଦ୍ୟୁତ୍, ସଫେଇ, ପରିମଳ ବ୍ୟବସ୍ଥା ନିୟମିତ ଠିକ ଭାବେ କରିବାକୁ ବିଭିନ୍ନ ଠିକା ସଂସ୍ଥା ସହ ଚୁକ୍ତିନାମା କରାଯାଇଛି । ଟେକ୍ନୋ କମ୍ପାନୀ ଏଥିପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଶୌଚାଳୟ ଠିକ ଭାବେ କାର୍ଯ୍ୟକ୍ଷମ ନ ଥିଲା ବେଳେ ସମ୍ପୂର୍ଣ୍ଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ହେଉ ନଥିବା ଜଣାପଡ଼ିଛି । ଏହାଦ୍ୱାରା ଯାତ୍ରୀମାନେ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି । ବସଷ୍ଟାଣ୍ଡ ଭିତରେ ଥିବା ଥଣ୍ଡା ପାନୀୟଜଳ ଯୋଗାଣ ମେସିନ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ପାଣି ବନ୍ଦ ରହିଥିବାରୁ ଯାତ୍ରୀମାନେ ହଇରାଣ ହରକତ ହେଉଥିବା ବେଳେ ଶୌଚାଳୟଗୁଡ଼ିକରେ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ମହିଳା ଓ ପୁରୁଷ ଯାତ୍ରୀମାନେ ଶୌଚ ହେବାପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳୟଗୁଡ଼ିକରେ କମ୍ପାନୀ ପକ୍ଷରୁ ଫିନାଇଲ, ବ୍ଲିଚି ପାଉଡର ପକାଯାଉ ନଥିବାରୁ ପରିବେଶ ଦୁର୍ଗନ୍ଧମୟ ହୋଇପଡିଛି । ଆନନ୍ଦପୁର ବସଷ୍ଟାଣ୍ଡ ଭିତରେ ଲାଗିଥିବା ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଜଳୁ ନଥିବାରୁ ଅନ୍ଧାରିଆ ପରିବେଶ ଯୋଗୁଁ ଯାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି । ଏପରିକି କମ୍ପାନୀ ଦୀର୍ଘ ମାସ ହେଲା କର୍ମଚାରୀଙ୍କୁ ଦରମା ନଦେବା ଓ ବସଷ୍ଟାଣ୍ଡର ସମସ୍ୟା ପ୍ରତି ଦୃଷ୍ଟି ନଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି ।

## କଲମ ଛାଡ଼ି ଓକିଲଙ୍କ ସମୂହ ପ୍ରତିବାଦ



ଆନନ୍ଦପୁର,୮।୧୦ (ସମିସ): ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ଆନନ୍ଦପୁର ଓକିଲ ସଂଘ କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଛି । ବ୍ରହ୍ମପୁରରେ ଜଣେ ଓକିଲଙ୍କୁ ଗତ ସୋମବାର ସନ୍ଧ୍ୟାରେ ଗୁଳିକରି ହତ୍ୟା କରାଯାଇଥିବା ପ୍ରତିବାଦରେ ବୁଧବାର ଆନନ୍ଦପୁର ଓକିଲ ସଂଘର ସଦସ୍ୟ କାର୍ଯ୍ୟ ବନ୍ଦ ରଖି ଧାରଣା ଦେଇଥିଲେ । ପୁଲିସ ଅଦ୍ୟାବଧି ଦୁର୍ବୃତ୍ତଙ୍କର କୌଣସି ସନ୍ଧାନ ପାଇ ନଥିବା ବେଳେ ତୁରନ୍ତ ବିଚାର ବିଭାଗୀୟ ତଦନ୍ତ କରିବା ଓ ଓକିଲଙ୍କ ସୁରକ୍ଷା ଦାବିରେ ଏହି ପ୍ରତିବାଦ କରାଯାଇଥିବା ଆନନ୍ଦପୁର ଓକିଲ ସଂଘର ସମ୍ପାଦକ ଭଗବାନ ମଲିକଙ୍କଠାରୁ ସୂଚନା ମିଳିଛି । ପ୍ରାରମ୍ଭରେ ଓକିଲ ସଂଘର ସଭାଗୃହରେ ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ସ୍ୱର୍ଗତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଏ ସମ୍ପର୍କରେ ଆନନ୍ଦପୁରର ସମସ୍ତ ଅଦାଲତ ଓ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କୁ ସୂଚନା ଦିଆଯାଇ କଲମଛାଡ଼ ଆନ୍ଦୋଳନ କରାଯାଇଥିଲା । ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ଭୁବନାନନ୍ଦ ଦାଶ, ରାମଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ସାହୁ, ଲକ୍ଷ୍ମୀଧର ମିଶ୍ର, ହରିହର ମିଶ୍ର, ଶରତଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ମିଶ୍ର, ଅଖିଳ ପଟ୍ଟନାୟକ, ହରେକୃଷ୍ଣ ପଟ୍ଟନାୟକ, ସଞ୍ଜୟ ମିଶ୍ର, ବାଇଧର ସେଠୀ, ଅମର ମହାପାତ୍ର, ବନବିହାରୀ ଜେନା, ଜୟନ୍ତ ରାଜ, ସୁବାସଚନ୍ଦ୍ର ବିଶ୍ୱାଳ, ସୁବାସ ତ୍ରିପାଠୀ, କୋଷାଧ୍ୟକ୍ଷ ଅଶୋକ ରାଉଲ, ରଶ୍ମିରଞ୍ଜନ ବଳ, ଶିବଶଙ୍କର ସାହୁ, ମନୋରଞ୍ଜନ ପାଣିଗ୍ରାହୀ, ଆଲୋକ ରାଉତ, ଅମୀୟ ଜେନା, ରବିନ୍ଦ୍ର ସାହୁ, ରମେଶ ବାରିକ୍, ଭୁବନେଶ୍ୱର ଜେନା, ହେମନ୍ତ ମଲିକ, ତ୍ରିଲୋଚନ ତ୍ରିପାଠୀ, ଭାଗୀରଥୀ ଦାଶ, ମାନସ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ଗୁମୁରା ସମିତିସଭ୍ୟ ଉଦୟ ପାତ୍ରଙ୍କ ପରଲୋକ



ବାଲିବନ୍ଧ, ୮।୧୦ (ସମିସ): ଝୁମ୍ପୁରା ବ୍ଲକ ଗୁମୁରା ପଞ୍ଚାୟତ ସମିତିସଭ୍ୟ ଉଦୟ ପାତ୍ରଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ହୋଇଥିଲା । ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରପୋକାରୀ ବ୍ୟକ୍ତି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ଦୀର୍ଘ ଦିନ ହେବ ଯକୃତ ଜନିତ ରୋଗରେ ଚିକିତ୍ସିତ ହେଉଥିଲେ । ମଙ୍ଗଳବାର ସନ୍ଧ୍ୟା ସମୟରେ ଅସୁସ୍ଥ ଅନୁଭବ କରିଥିଲେ ଉଦୟ । ତୁରନ୍ତ ପରିବାର ଲୋକେ ତାଙ୍କୁ ଚମ୍ପୁଆ ମେଡିକାଲ ନେଇଥିଲେ । ସେଠାରେ ଉଦୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଉଦୟଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳ ସ୍ତବ୍ଧ ହୋଇଯାଇଛି । ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଉପାଧ୍ୟକ୍ଷ ମାନସରଞ୍ଜନ ବିଶ୍ୱାଳ, ବିଡିଓ ହୃଦାନନ୍ଦ ଅଡା, ଜିଡିପିଓ ମାନସ ରଞ୍ଜନ, ପିଇଓ ଶୁଭଦର୍ଶୀ କର, ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀ ପ୍ରତିନିଧି ତଥା ବାଲିବନ୍ଧ ସମିତିସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ନାରଦପୁର ସମିତିସଭ୍ୟ ଅଯୋଧ୍ୟା ନାଏକ, ଝୁମ୍ପୁରା ସମିତିସଭ୍ୟ କୁଞ୍ଜବିହାରୀ ନାଏକ, ମଳଦା ସମିତିସଭ୍ୟା ଗୀତାଞ୍ଜଳି ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗାଁ ମଶାଣିରେ ଉଦୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି ।

## ବିଦ୍ୟାଧରପୁର ୧ ନଂ ୱାର୍ଡ ରାସ୍ତା ଜଳମଗ୍ନ



ହାଟଡ଼ିହୀ, ୮।୧୦(ସମିସ): ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ୧ନଂ ୱାର୍ଡକୁ ଯିବା ପାଇଁ ରହିଥିବା ରାସ୍ତା ଜଳମଗ୍ନ ହୋଇ ପଡ଼ିଛି । ପୂର୍ବରୁ ଗାଁ ରାସ୍ତା ଅପେକ୍ଷା ମୁଖ୍ୟରାସ୍ତାର ଉଚ୍ଚତା ରାସ୍ତାର କମ୍ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ଥିବାରୁ ଗାଁରେ ବର୍ଷାଜଳ ଜମି ରହୁ ନଥିଲା । ଗାଁ ନିକଟରେ ନୂତନ କେନାଲ ନିର୍ମାଣ ପରେ ମୁଖ୍ୟ ରାସ୍ତାଟି ଅଧିକ ଉଚ୍ଚତା ହେବାରୁ ଗାଁ ମୁଣ୍ଡ ପୋଖରୀ ପାଣି ସହ ବର୍ଷାଜଳ ଗାଁ ରାସ୍ତାକୁ ଜଳମଗ୍ନ କରୁଛି । ଯାହାଫଳରେ ବର୍ଷା ଦିନେ ଗାଁ ଭିତରୁ ଲୋକମାନେ ବାହାରିବା କଷ୍ଟକର ହୋଇପଡୁଛି । ଛାତ୍ରଛାତ୍ରୀମାନେ ଗାଁ ଭିତରୁ ବାହାରି ସ୍କୁଲ କଲେଜ ଯିବାରେ ନାନା ସମସ୍ୟା ଭୋଗୁଛନ୍ତି । ଜଳମଗ୍ନ ରାସ୍ତା ପାଇଁ ଗାଁ ଭିତରେ ଥିବା ଖାଲୁଆ ଘରଗୁଡ଼ିକରେ ବର୍ଷାଜଳ ପଶି ଯାଉଛି । କିଛି ଲୋକଙ୍କ ଚୁଲି ଓଦା ହୋଇ ଯାଉଥିବାରୁ ରୋଷେଇ କରି ଗଣ୍ଡେ ଖାଇବା ସେମାନଙ୍କ ପକ୍ଷେ ନିହାତି କଷ୍ଟକର ହୋଇପଡୁଛି । ଏହି ରାସ୍ତାକଡରେ ଥିବା ଏକ ସରକାରୀ ନଳକୂପ ମଧ୍ୟ ବର୍ଷାଜଳରେ ବୁଡ଼ି ଯାଉଥିବାରୁ ସେଥିରୁ ପାନୀୟଜଳ ସଂଗ୍ରହ କରିବା ସମ୍ଭବ ହୋଇପାରୁନି । ଏପରିକି ଏହି ଗାଁ ରାସ୍ତାଟି କଂକ୍ରିଟ ନଥିବାବେଳେ ଏହାର ଉଚ୍ଚତା ବୃଦ୍ଧି ସହ ମରାମତି କରି ଏହାର ନବୀକରଣ କରାଗଲେ ଗାଁ ଲୋକେ ଆନନ୍ଦରେ ଯାତାୟାତ କରିପାରନ୍ତେ ବୋଲି ଗ୍ରାମର ସମ୍ବିତ ବିଶ୍ୱାଳ, ଅସିତ ବିଶ୍ୱାଳ, ବୃନ୍ଦାବନ ବିଶ୍ୱାଳ, ଅଭୟ ବିଶ୍ୱାଳ, ଗଣେଶ ବିଶ୍ୱାଳ, କମଳ ବିଶ୍ୱାଳ, ସୁବାସ ମଲ୍ଲିକ, ସତ୍ୟବ୍ରତ ବିଶ୍ୱାଳ, ଟୁଙ୍ଗୁରୁ ବିଶ୍ୱାଳ, ବିନ ମଲ୍ଲିକ, ମହେଶ୍ୱର ଜେନା, ଦେବାଶିଷ ବିଶ୍ୱାଳ ପ୍ରମୁଖ କହିଛନ୍ତି । ପଞ୍ଚାୟତ ଓ ବ୍ଲକ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଗ୍ରାମପଞ୍ଚାୟତ ପରିବର୍ତ୍ତନ ବିରୋଧରେ ତିଳବେଡ଼ା ଗ୍ରାମବାସୀ



ତୁରୁମୁଙ୍ଗା, ୮।୧୦(ସମିସ): ସାହାରପଡ଼ା ବ୍ଲକର କିଛି ପଞ୍ଚାୟତକୁ ଭାଗ କରାଯାଇ ତଣ୍ଡ, ବାଲିତୋଟା ଓ ଗୋଜିଟାଙ୍ଗିରୀ ଗ୍ରାମଗୁଡିକୁ ନେଇ ତଣ୍ଡଠାରେ ଓ କମାରମରା, ଅସ୍ତଯୋଡି, ବାଉଁଶନାଳୀ ଗ୍ରାମଗୁଡିକୁ କମାରମରାଠାରେ, ଯାମଦା, ବାଲିପଶି, ମୟୂରପଙ୍ଖା, ଅର୍ଜୁନପଶି, ଗଣିଆବରେଇ ଗ୍ରାମଗୁଡିକୁ ନେଇ ଯାମଦାଠାରେ ଏବଂ ବାରତଣିଆ, ମାଟିଆଗୁନି, ରାଧାପୁର, ମେଦିନୀପୁର, ପିଙ୍ଗୁପାଟଣା, ତିଳବେଡା ଗ୍ରାମଗୁଡିକୁ ନେଇ ମାଟିଆଗୁନିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ହେବାକୁ ପ୍ରସ୍ତାବ ଦିଆଯାଇଛି । ବଡ଼ବିଲ ପଞ୍ଚାୟତର ୬ ୱାର୍ଡ ତିଳବେଡାର ଶତାଧିକ ମହିଳା ଓ ପୁରୁଷ ମିଳିତ ଭାବେ ଏହାକୁ ବିରୋଧ କରିଛନ୍ତି । ନୂତନ ପଞ୍ଚାୟତ ମାଟିଆଗୁନିରେ ମିଶିବାକୁ ବିରୋଧ କରି ବୁଧବାର ସାହାରପଡା ବିଡିଓ ରଣଜିତ ମହାନ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମାଟିଆଗୁନି ତିଳବେଡ଼ା ଗ୍ରାମଠାରୁ ୧୨ କିଲୋମିଟର ଦୂର ଏବଂ ଗମନାଗମନରେ ସୁବିଧା ନଥିବାରୁ ଗ୍ରାମବାସୀ ଭତ୍ତା, ରାସନ୍ ଚାଉଳ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମାଟିଆଗୁନି ଯିବାଆସିବାରେ ଅସୁବିଧା ଓ ବର୍ତ୍ତମାନ ବଡ଼ବିଲ ପଞ୍ଚାୟତର କାର୍ଯ୍ୟାଳୟ ମାତ୍ର ଏକ କିଲୋମିଟର ଦୂର ଥିବାରୁ ସେମାନେ ସେହି ବଡ଼ବିଲ ପଞ୍ଚାୟତବାସୀ ହୋଇ ରହିବାକୁ ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଏସମ୍ପର୍କରେ ଗ୍ରାମବାସୀଙ୍କ ଦାବିକୁ ସରକାରଙ୍କୁ ସୁପାରିସ କରିବି ବୋଲି ବିଡିଓ କହିଛନ୍ତି ।

# ଗାଁରେ ଜମୁଛି ମା’ ଗଜଲକ୍ଷ୍ମୀଙ୍କ ପୂଜା



### ■ ନାଉକଣା

ରାମଚନ୍ଦ୍ରପୁର, ୮।୧୦(ସମିସ): ଘଷିପୁରା ବ୍ଲକ୍ ମଛାଳୋ ପଞ୍ଚାୟତ ନାଉକଣା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳନ ହେଉଛି । ପୂଜା ମଣ୍ଡପରେ ଘଟ ସ୍ଥାପନ ପରେ ପୂଜକ ସାରଙ୍ଗଧର ନନ୍ଦ ଏବଂ ସାଥୀ ଗଙ୍ଗାଧର ନନ୍ଦଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । କର୍ତ୍ତା କାର୍ଯ୍ୟ ଚିନ୍ତାମଣି ଜେନା ଏବଂ ତାଙ୍କ ପତ୍ନୀ ଦେବକୀ ଜେନା ଥିଲେ । ପୂଜା ମଣ୍ଡପକୁ ସୁଉଚ୍ଚ ତୋରଣ ସାଂଗକୁ ଚିକିମିକି ରଙ୍ଗୀନ ଆଲୁଅରେ ସଜାଯାଇଛି । ସଂଧ୍ୟା ହେଲେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି । ସଙ୍କୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ କୀର୍ତ୍ତନ ହେଉଛି । ବୁଧବାର ସନ୍ଧ୍ୟା ସାତଟାରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପାଲା ପରିବେଷଣ ହେବ ବୋଲି ସୂଚନା ମିଳିଛି । ଏହାସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି । ଭକ୍ତ ମାନଙ୍କ ପାଇଁ କମିଟି ପକ୍ଷରୁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

### ■ ଚମ୍ପୁଆ ବ୍ଲକ୍

**ଚମ୍ପୁଆ:** ମାଆ ଗଜଲକ୍ଷ୍ମୀଙ୍କୁ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଆକର୍ଷଣୀୟଭାବେ ସାଜସଜ୍ଜା କରାଯାଇ ପୂଜା ମଣ୍ଡପରେ ଆଲୋକୀକରଣ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପୂଜାର୍ଚ୍ଚନା କରାଯାଉଛି । ବିଭିନ୍ନ ଗ୍ରାମ ଏଥିପାଇଁ ଝଲସି ଉଠିଛି । ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କୁ ବିଭିନ୍ନ ପୂଜା କମିଟି ତରଫରୁ ବିଶେଷ ଭାବେ ପୂଜା ମଣ୍ଡପ ଦର୍ଶନ ନିମନ୍ତେ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । କଇଁତା ଗ୍ରାମ, ସାନ କରଞ୍ଜିଆ, ଭଣ୍ଡା କଂସରା, ଚିଲିକାପଶି, କେମଡିହା, ଉଚ୍ଚବାଲି, ପାହାଡ଼ଭଙ୍ଗା, ନନ୍ଦପୁର, ନିଶାଗଡ଼ିଆ, ମଥୁରାପୁର ଆଦି ଗାଁଗୁଡ଼ିକର ପ୍ରାୟ ୧୭ଟି ପୂଜା ମେଢ଼ ବୁଲି ମାଆଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ ଶ୍ରୀ ତ୍ରିପାଠୀ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ କୌଣସି ମନାନ୍ତର ନରଖି ସମସ୍ତ ଭାଇଭଉଣୀ, ମା’ମାଉସୀ ଏକତ୍ରିତ ହୋଇ ସମାଜର ମଙ୍ଗଳ କାମରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ ।

### ■ ଚେମଣା

**ତୁରୁମୁଙ୍ଗା:** ପାଟଣା ବ୍ଲକ ଚେମଣା ଗ୍ରାମ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖର ହୋଇପଡିଛି । ଚଳିତ ବର୍ଷ ୩୫ତମ ଲକ୍ଷ୍ମୀପୂଜା କରାଯାଉଥିବା ବେଳେ ପୂଜକ ଭାବରେ ମହେଶ ଚାଟାର୍ଜି ପୂଜାର୍ଚ୍ଚନା କରୁଛନ୍ତି । କର୍ତ୍ତା ଭାବରେ ରବୀନ୍ଦ୍ର କୁମାର ମହାନ୍ତ ନୀତିକାନ୍ତି ତୁଲାଉଛନ୍ତି । ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଦୀନବନ୍ଧୁ ନାୟକ, ସମ୍ପାଦକ ବିରେନ୍ଦ୍ର ପ୍ରସାଦ, ରମେଶଚନ୍ଦ୍ର ନାୟକ, ସଞ୍ଜୟ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ନିତ୍ୟାନନ୍ଦ ମହାନ୍ତ, ହେମନ୍ତମହାନ୍ତ, ନିରାକାର ମହାନ୍ତ, ସଞ୍ଜୟ ମହାନ୍ତ, ଚିଣ୍ଟୁ ମହାନ୍ତ, ଉଗ୍ରେସନ ମହାନ୍ତ, ଗଜେନ୍ଦ୍ର ମହାନ୍ତ, ହରେକୃଷ୍ଣ ମହାନ୍ତ, ରଣଜିତ ମହାନ୍ତ, ଜୟଦେବ ମହାନ୍ତ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି । ଏଠାରେ ୫ ଦିନ ଧରି ଭଜନ ସଂଧ୍ୟା ସାଙ୍ଗକୁ ପାଲା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ଝଲସୁଛି ତୋରଣ ମାଳା, ରଙ୍ଗୀନ୍ ଆଲୁଅ

ହାଟଡ଼ିହୀ,୮।୧୦(ସମିସ): ହାଟଡ଼ିହୀ, ଅଣା, ଛେନାପଦି ଆଦି ତିନିଟି ବଜାରରେ ୧୦ଟି ମେଢ଼ରେ ମା' ମହାଲକ୍ଷ୍ମୀ ପୂଜା ପାଉଛନ୍ତି । ବିଶ୍ୱତାରିଣୀ ମନ୍ଦିର ନିକଟରେ ଲକ୍ଷ୍ମୀ ମେଢ଼ ସହ ବିରାଟ ତୋରଣ ସାଙ୍ଗକୁ ସୁନ୍ଦର ମୀନବଜାର ଦର୍ଶକଙ୍କୁ ଘଡ଼ିଏ ବାନ୍ଧି ରଖୁଛି । ବଉଳା ରାସ୍ତାରେ ନିର୍ମିତ ସୁନ୍ଦର ଲକ୍ଷ୍ମୀ ମେଢ଼ ସହ ବଡ଼ ତୋରଣ ଓ ସଖୀଙ୍କୁ ଦେଖି ଦର୍ଶକଙ୍କ ପାଦ ଅଟକି ଯାଉଛି । ସବୁଠି ଭଳିକି ଭଳି ସୁନ୍ଦର ତୋରଣ ସାଙ୍ଗକୁ ଆଲୋକମାଳା ଓ ସାଉଣ୍ଡ କମ୍ପିଟିସନ୍ ଚାଲିଛି । ଏହିପରି ଛେନାପଦି ବଜାରର ତୁଳସୀ କମ୍ପ୍ଲେକ୍ସ, ବିଶ୍ୱତାରିଣୀ ମହିଳା କଲେଜ ସାମ୍ନା, ବଲ୍ଲୀ ମଲ୍ଲିକ କମ୍ପ୍ଲେକ୍ସ, ଦଳେଇ ପେଟ୍ରୋଲ ପମ୍ପ, ସହ ସାଇସ କମ୍ପ୍ୟୁଟର କମ୍ପ୍ଲେକ୍ସ ଆଦି ସ୍ଥାନରେ ଲକ୍ଷ୍ମୀପୂଜା ସହ ଦୋକାନ ବଜାର ଜମୁଛି । ଅଣା ଛକରେ ମା' ଲକ୍ଷ୍ମୀଙ୍କ ସୁନ୍ଦର ମେଢ଼ ସହ ତୋରଣ ଏବଂ ସଖି କଣ୍ଢେଇ ଅତ୍ୟନ୍ତ ଆକର୍ଷଣ ହୋଇଛି । ସର୍ବପୁରାତନ ଅନୁଷ୍ଠାନ ଭାବେ ହାଟଡ଼ିହୀ ଲକ୍ଷ୍ମୀ ବଜାରରେ ନିର୍ମିତ ହୋଇଥିବା ମହାଲକ୍ଷ୍ମୀଙ୍କ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ବଡ଼ ତୋରଣ ଓ ଆଲୋକମାଳା ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି । ଜଳକଳଙ୍ଗ ଲକ୍ଷ୍ମୀ ବଜାରରେ ପୂଜା ପାଉଥିବା ଜୀବନ୍ତ ରୂପୀ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ଆବାଳ ବୃଦ୍ଧବନିତାଙ୍କୁ ଚକ୍ଷୁଶୀଳ ହୋଇପାରିଛି । ପୂଜା କମିଟିର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଉପଦେଷ୍ଟା ଓ ପ୍ରତ୍ୟେକ ସଦସ୍ୟଙ୍କ ସହଯୋଗକ୍ରମେ ଆଜକୁ ୩ଦିନ ଧରି ଲକ୍ଷ୍ମୀପୂଜା ଓ ମୀନବଜାର ଶାନ୍ତିଶୃଙ୍ଖଳାର ସହ ଆଗେଇ ଚାଲିଛି । ଆଉ ୪ଦିନ ଧୂମଧାମରେ ମେଳା ଚାଲିବ । ଗତକାଲି ଏବଂ



ଆଜି ପାଗ ଭଲ ରହିଥିବାରୁ ବ୍ଲକର ବିଭିନ୍ନ ଗ୍ରାମରୁ ଛୋଟ ଛୁଆ, ମହିଳା, ଝିଅ, ବୋହୂମାନେ ବୁଲାବୁଲି କରି ମେଳା ଉପଭୋଗ କରୁଥିବା ଦେଖିବାକୁ ମିଳିଛି । ପୂଜା ବଜାରର ଶାନ୍ତିଶୃଙ୍ଖଳା ପାଇଁ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବିଳମ୍ବିତ ରାତ୍ର ଯାଏଁ କଡ଼ା ପାଟ୍ରୋଲିଂ ଚାଲିଛି । ଝିଅ, ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା ନେଇ ବିଭିନ୍ନ ପୂଜାମଣ୍ଡପ ନିକଟରେ ପୁଲିସ ମୁତୟନ କରାଯାଇଛି ।

# ଆଇନଜୀବୀ ହତ୍ୟା ଘଟଣାକୁ ଭଦ୍ରକ ଓକିଲ ସଂଘର ନିନ୍ଦା

## କାର୍ଯ୍ୟାନୁଷ୍ଠାନ ଦାବି ସହ ସମୂହ ପ୍ରତିବାଦ ଓ କଲମ ଛାଡ଼ ଆନ୍ଦୋଳନ

ଭଦ୍ରକ, ୮ ।୧୦(ସମିସ)

ଓଡ଼ିଶା ରାଜ୍ୟ ବାର୍ କାଉନସିଲର ସଭ୍ୟ ତଥା ବ୍ରହ୍ମପୁର କୋର୍ଟର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା, ତାଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ, ସାରା ଦେଶରେ ଆଇନଜୀବୀଙ୍କ ସୁରକ୍ଷା ପାଇଁ ଏଡଭୋକେଟ ପ୍ରୋଟେକ୍ସନ ଆକ୍ଟ ସଂସଦରେ ଆସିବା, ଆମ ରାଜ୍ୟ ଓ ଦେଶରେ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଦାବି କରି ଭଦ୍ରକ ଓକିଲ ସଂଘ ପକ୍ଷରୁ ବିକ୍ଷୋଭ ଓ ଏକ ପ୍ରତିବାଦ ସଭା ଭଦ୍ରକ ଜିଲ୍ଲା ନ୍ୟାୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବାର୍ କାଉନସିଲ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଭଦ୍ରକ ଓକିଲ ସଂଘ କଲମଛାଡ କରିଛି। ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ଓ ଭଦ୍ରକ ଓକିଲ ସଂଘର ବରିଷ୍ଠ ସଭ୍ୟ ବିଜୟ ଜେନାଙ୍କ ସ୍ମୃତିରେ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଭଦ୍ରକ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ବରିଷ୍ଠ ଓକିଲ ପିତବାସ ପଣ୍ଡାଙ୍କ ହତ୍ୟା ଘଟଣା ସମେତ ୧୦୦୦ ବର୍ଷର ଭାଇଚାରାର ସହର




କଟକରେ ସାଂପ୍ରଦାୟିକ ଗଣ୍ଡଗୋଳ, ବାଲେଶ୍ୱରରେ କର୍ଫ୍ୟୁ, ଗତ ଏକ ମାସ ଭିତରେ ଆମ ରାଜ୍ୟରେ ୩୯ ଜଣଙ୍କୁ ନିର୍ମମ ହତ୍ୟା ଘଟଣାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୂଚାଉଥିବା ବେଳେ ମୌଳବାଦୀ ଓ ଆତତାୟୀଙ୍କୁ ପ୍ରତିହତ କରିବା ପାଇଁ ଭାରତର ଜନଗଣ ଆଗେଇ ଆସିବାକୁ ଓକିଲମାନେ ମତ ବ୍ୟକ୍ତ କରିଥିଲେ। ଆନ୍ଦୋଳନରେ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ଅଶୋକ କୁମାର ନାୟକ, ସହ ସଂପାଦକ ନିକୁଞ୍ଜକୃଷ୍ଣ ପୁହାଣ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, ଓକିଲ ସଂଘ ପୂର୍ବତନ ସଂପାଦକ ଦିବ୍ୟସିଂହ ନାୟକ, ଓଡିଶା ରାଜ୍ୟ ବାର୍ କାଉନସିଲର ପୂର୍ବତନ ସଭ୍ୟ ପବନ ଶର୍ମା, ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ, ବରିଷ୍ଠ ଆଇନଜୀବୀ ବିଜନ ଜେନା, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ସାମଲ, ଆଇନଜୀବୀ ଅଗଣି ଚରଣ ଜେନା, ବିନୟ ସ୍ୱାଇଁ, ଯୁବ ଆଇନଜୀବୀ ବିକାଶ ନାଥ, ବିନୋଦ ସାହୁ, ଉଜ୍ଜ୍ୱଳ ଜେନା, ସୁକାନ୍ତ ସେଠୀ, ପ୍ରତାପ ସେଠୀ, ସଞ୍ଜୟ ମାଝି, ବସନ୍ତ ମହାନ୍ତି, ମନୋରଞ୍ଜନ ଦାସ, ଶ୍ରୀକାନ୍ତ ବିଶ୍ୱାଳ, ବିଚିତ୍ରାନନ୍ଦ ଜେନା, ଅକ୍ଷୟ ମଲ୍ଲିକ, ନିଶିକାନ୍ତ ନାୟକ, ପ୍ରଫୁଲ୍ଲ ପାତ୍ରୀ, ବିମଳ ମହାନ୍ତି, ପ୍ରଦୀପ ଜେନା ନେତୃତ୍ୱ ନେଇଥିଲେ।

## ପୁରୁଣା କଚେରି ସଂଘ ସଭାଗୃହରେ ଶୋକସଭା

ଭଦ୍ରକ, ୮ ।୧୦(ସମିସ): ସ୍ୱର୍ଗତ ବିଜୟ ଜେନା ଏବଂ ପୀତବାସ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସୌରେଶଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବହୁ ଆଇନଜୀବୀଙ୍କର ଉପସ୍ଥିତିରେ ଏହି ଶୋକସଭାରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବିଜୟ ଜେନାଙ୍କର ଅଧ୍ୟାପନା ଏବଂ ଅଧ୍ୟକ୍ଷ ଭାବରେ କଲେଜ ପରିଚାଳନା ଖୁବ୍ ଉଚ୍ଚକୋଟୀର ଥିବାବେଳେ ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ସମସ୍ତଙ୍କୁ ପ୍ରଭାବିତ କରୁଥିଲା ବୋଲି ଉପସ୍ଥିତ ସଦସ୍ୟମାନେ ମତ ବ୍ୟକ୍ତ କରିଥିଲେ। ସେ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ନିଜର ରୁଚି ରଖି ବିଭିନ୍ନ ଅନୁଷ୍ଠାନର ପଦପଦବୀରେ ରହିଥିଲେ। ଆଇନଜୀବୀ ସରୋଜ ତପନ ଦାସ, ସୂର୍ଯ୍ୟନାରାୟଣ ମିଶ୍ର, ରତ୍ନାକର ଜେନା, ଶେଖ୍ ସହଜାନ, ବିରେନ୍ଦ୍ର ସାହୁ, ମନୋରଞ୍ଜନ କର, ନିରାକାର ବାରିକ, ଅର୍ଚ୍ଚନାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପିସି ନେଲେ କାର୍ଯ୍ୟାନୁଷ୍ଠାନ: ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର, ୮ ।୧୦(ସମିସ): ବାସୁଦେବପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମରେ ସରକାରୀ କର୍ମଚାରୀ ପିସି କାରବାରକୁ ନେଇ ଅଦିନିଆ ଝଡ଼ ସୃଷ୍ଟି ହୋଇଛି। କୌଣସି କର୍ମଚାରୀ ଉନ୍ନୟନ ମୂଳକ କାମରେ ପିସି ମାଗିବାର ଅଭିଯୋଗ ଆସିଲେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବାସୁଦେବପୁର ବ୍ଲକର ପିସି ଯେତିକି ଆଦାୟ ହେଉଛି ଫଲ୍ସ ବିଲ ତା'ଠାରୁ ଅଧିକ ହେଉଛି। ଠୋସ ପ୍ରମାଣ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖୋଦ୍ ଜିଲ୍ଲାପାଳ ପଛଘୁଞ୍ଚା ଦେଉଛନ୍ତି। ସରକାରୀ କଳ ଚାପରେ ଚେପା ହୋଇ ଯାଉଛନ୍ତି। ବରିଷ୍ଠ ଅଧିକାରୀଙ୍କ ଇଚ୍ଛା ନଥିଲେ ମଧ୍ୟ ପରୋକ୍ଷରେ ସରକାରୀ ଅର୍ଥ ଲୁଟେରାଙ୍କ ସୁରକ୍ଷା କବଚ ସାଜିଛନ୍ତି। ବାସୁଦେବପୁର ବ୍ଲକ ଦୁର୍ନୀତିର ମହାଦ୍ରୁମ ପାଲଟିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ମୁଠେ ବାଲି ନାହିଁ କି ଖଣ୍ଡେ ଇଟା ନାହିଁ; ହେଲେ ହିତାଧିକାରୀଙ୍କ ନାମରେ ଉଠିଛି ଫୁଲ ବିଲ୍। ସୂଚନା ଅନୁସାରେ, ବୁଧବାର ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ବ୍ଲକର ପହଞ୍ଚି ବିଡିଓ ତନ୍ମିତା କରଙ୍କୁ ଭେଟି ବିଲ୍ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଫାଇଲ ବ୍ଲକ ଅଧ୍ୟକ୍ଷଙ୍କ ପାଖକୁ ଯାଇଛି ବୋଲି କହିଥିଲେ। ଉପସ୍ଥିତ ଠିକାଦାର ପିସି କାରବାର କଥା ଉଠାଇଥିଲେ। ଯାହାକୁ ନେଇ ବ୍ଲକ ପରିସର ଉତ୍ତପ୍ତତାରେ ଭରିଯାଇଥିଲା। କେତେକ ବ୍ଲକ ଅଧ୍ୟକ୍ଷ ଉପରେ ଦୋଷ ଦେବାକୁ ପଛାଇ ନଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। କୌଣସି ଫାଇଲ ତାଙ୍କ ପାଖକୁ ଆସିନାହିଁ। ଫାଇଲ ଆସିଲେ କାମ ଯାଞ୍ଚ କରି ତୁରନ୍ତ ଫାଇଲ ପେମେଣ୍ଟ ପାଇଁ ପଠାଇ ଦେଇଥାଏ। ସରକାରଙ୍କ ନୂତନ ନିୟମ ଅନୁଯାୟୀ, ୧୦ ଲକ୍ଷରେ କମ୍ ଟଙ୍କାର କାମରେ ଫାଇଲରେ କାଉଣ୍ଟର ସାଇନ୍ କରିବେ ନାହିଁ। ଏହି ଫାଇଲ ବିଡିଓ ଦସ୍ତଖତରେ ବିଲ୍ ପେିଠ ହେବ। କାହିଁକି ସେଠାକୁ ଫାଇଲ ଯାଉଛି ବୋଲି କେତେକ ପ୍ରଶ୍ନ କରିଥିଲେ। ରୁଲ୍ - ୩ ପଂଚାୟତରାଜ ଆଡମିଷ୍ଟ୍ରେସନ ଅଫ ଏଫାୟର୍ସ ରୁଲ୍ ୧୯୮୭, ଓଡ଼ିଶା ପଂଚାୟତ ସମିତି ଆକ୍ଟ ୧୯୫୯ ଅନୁଯାୟୀ ଯେ କୌଣସି ଫାଇଲକୁ ବ୍ଲକ ଅଧ୍ୟକ୍ଷ ଦେଖିପାରିବେ। ଉନ୍ନୟନମୂଳକ କାମକୁ ଯାଞ୍ଚ କରିବାର କ୍ଷମତା ରହିଛି ବୋଲି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ କହିଥିଲେ। ବ୍ଲକରୁ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାସୁଦେବପୁର ବ୍ଲକର ପିସି ଅଭିଯୋଗକୁ ନେଇ ଅଦିନିଆ ଝଡ ଦେଖାଦେଇଛି। ଏହି ଅଦିନିଆ ଝଡ କେତେ କର୍ମଚାରୀଙ୍କୁ ପ୍ରଭାବିତ କରି କ୍ଷୟକ୍ଷତି କରିବ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା। ବ୍ଲକର କୌଣସି କର୍ମଚାରୀଙ୍କ ଯଦି ପିସି ନେଉଥିବାର ଅଭିଯୋଗ ଆସେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି



ଧାମନଗର, ୮ ।୧୦(ସମିସ): ଧାମନଗର ପଞ୍ଚାୟତସମିତି ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନବିହାରୀ ଦିନ୍ଦାଙ୍କ ସଂଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଭଦ୍ରକ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ରାଜୀବ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ନିରାକାର ମହାପାତ୍ର, ବ୍ଲକ ସାମାଜିକ ସମୀକ୍ଷା ସଂଯୋଜକ ଜଗନ୍ନାଥ ପଣ୍ଡା, ବିଭିନ୍ନ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। କେତେକ କାର୍ଯ୍ୟର ତ୍ରୁଟି ଓ ଆର୍ôଥକ ଅନିୟମିତତାକୁ ନେଇ ସାମାଜିକ ସଂଯୋଜକ ଶ୍ରୀ ପଣ୍ଡା ସୂଚନା ପ୍ରଦାନ କରିଥିଲେ। କିଛି ମୃତ ବ୍ୟକ୍ତିଙ୍କ ନାମରେ ସେମାନଙ୍କର ପରିବାର ଲୋକେ ଚାଉଳ ନେଉଥିବାର ପରିଲକ୍ଷିତ ହୋଇଥିଲା। ପଞ୍ଚଦଶ ଅର୍ଥ ଆୟୋଗରେ କିଛି ପଞ୍ଚାୟତରେ କାର୍ଯ୍ୟର ତାଳ ମେଳ ରହି ନଥିଲା। ଭିଆରପିମାନେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପ୍ରତିପାଦନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କୁ ସାମାଜିକ ସମୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ଏହି ଶିବିରରେ ଆଲୋଚନା କରାଯାଇଥିଲା। ଏପିଓ ପୀୟୁଷ ରଞ୍ଜନ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକର ଉକ୍ତ ଯୋଜନା ସହକାରୀ ଅଧିକାରିଣୀ ସନ୍ଧ୍ୟାରାଣୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

● ଭଦ୍ରକ-ଚାନ୍ଦବାଲି ରାସ୍ତାର ସରକାର ନଗର ଛକରେ ସରକାରୀ ଜମିରୁ ଉଚ୍ଛେଦ

## ୨ଟି ଦୁଇତାଲା ମାର୍କେଟ କମ୍ପ୍ଲେକ୍ସକୁ ଭଙ୍ଗାଗଲା



ଭଦ୍ରକ, ୮ ।୧୦(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରାଞ୍ଚଳର ଭଦ୍ରକ-ଚାନ୍ଦବାଲି ରାସ୍ତାର ଇସବପୁର ଗାଁର ସରକାର ନଗର ଛକ ନିକଟ ପାର୍ଶ୍ୱ ସରକାରୀ ନୟନଯୋରୀ କିସମ ଜମିରେ ଉପରେ ନିର୍ମିତ ହୋଇଥିବା ୨ଟି ଦୁଇ ମହଲା ବିଶିଷ୍ଟ ବିରାଟକାୟ କୋଠାଘର (ମାର୍କେଟ କଂପ୍ଲେକ୍ସ)କୁ ଉଚ୍ଛେଦ କରାଯାଇଛି। ଅସେକ୍ ବବି ଓ ସେକ୍ ମୁବାରକଙ୍କ ଦ୍ୱାରା ଗତ ୪-୫ ବର୍ଷ ପୂର୍ବରୁ ତିଆରି ହୋଇଥିବା ୨ଟି ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବରୋଧମୁକ୍ତ କରାଯାଉଛି। ପ୍ରାୟ ୩୫ ଡେସିମିଲ ସରକାରୀ ଜମିରେ ୭ ହଜାର ସ୍କୋୟାର ଫୁଟ୍‌ର ଏହି ୨ଟି ଦ୍ୱିମଲା ଘରକୁ ଜେସିବି ଲଗାଇ ଭଙ୍ଗାଯାଇଛି। ଏହାଦ୍ୱାରା ରାସ୍ତାର ପ୍ରଶସ୍ତୀକରଣ, ଜଳ ନିଷ୍କାସନ ବ୍ୟବସ୍ଥା ଓ ଭବିଷ୍ୟତରେ ଏହି ଉଚ୍ଛେଦ ହେଉଥିବା ସରକାରୀ ଜମିକୁ ଭଦ୍ରକ ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ଜନସାଧାରଣଙ୍କ ପାଇଁ ସହାୟକ ହେବ ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉଚ୍ଛେଦ କାର୍ଯ୍ୟରେ ସ୍ଥାନୀୟ ଅଂଚଳବାସୀ ସହଯୋଗ କରିଥିଲେ। ଉଚ୍ଛେଦ ବେଳେ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା, ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର, ସଦର ଆର୍‌ଆଇ ଶରତ ମହାନ୍ତିଙ୍କ ସମେତ ପୌରପାଳିକା କର୍ମଚାରୀ ଓ ପୁଲିସ ଫୋର୍ସ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସରକାରୀ ଆଇନ୍ ଅନୁଯାୟୀ ସରକାରୀ ଜମି ଅବରୋଧକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ବୁଧବାର ଏହି ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଗୁରୁବାର ମଧ୍ୟ ଏହା ଜାରି ରହିବ ବୋଲି ଜଣାଯାଇଛି।

**ବୈତରଣୀ ମହୋତ୍ସବର ୨ୟ ସନ୍ଧ୍ୟା**

## ମନ ମୋହିଲା ସିଂହବାହିନୀ



ବାରିକପୁର, ୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ଗଜଲକ୍ଷ୍ମୀ ପୂଜା ମଞ୍ଚରେ ଆଜି ବୈତରଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଦେବଦତ ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର ପୁଣ୍ୟତୋୟା ବୈତରଣୀ ମୋକ୍ଷ ପ୍ରାପ୍ତିର ରାସ୍ତା ବୋଲି ମତ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ମାଧବଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଥାନାଧିକାରୀ କମଳାକାନ୍ତ ଦାଶ, ନାରିନେତ୍ରୀ କଳ୍ପନା ଜେନା, ଯାତ୍ରା ହାସ୍ୟ ଅଭିନେତା ଧଡିଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ, ସମ୍ପାଦକ ରାଜେନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜୟ ରାଉତ ଆଭିମୁଖ୍ୟ ପ୍ରଦାନ ଓ ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ନୃତ୍ୟ ତରଙ୍ଗ ପକ୍ଷରୁ ନୃତ୍ୟ ଗୀତ ପରିବେଷଣ ହୋଇଥିଲା। ଏହାଛଡା ଗୀତିନାଟ୍ୟ ସିଂହବାହିନୀ ଶହଶହ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ବଜାର କମିଟି ସଦସ୍ୟ ପରିଚାଳନା କରିଥିଲେ।

> 'ମୋକ୍ଷ ପ୍ରଦାନର ରାସ୍ତା ପୁଣ୍ୟତୋୟା ବୈତରଣୀ'

## ରବୀନ୍ଦ୍ରଙ୍କ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଆଖି ନଷ୍ଟ ଅଭିଯୋଗ

ଧାମନଗର, ୮ ।୧୦(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ବ୍ରହ୍ମପୁର ଗାଁର ରବୀନ୍ଦ୍ର କୁମାର ଦାସଙ୍କ ବୟସ ଅଧିକ ଯୋଗୁଁ ଆଖିରେ ଦୃଶ୍ୟ ଧୀରେ ଧୀରେ କମି କମି ଆସୁଥିଲା। ଆଖିର ଏହି ସମସ୍ୟାକୁ ଦୂର କରିବାକୁ ଚିକିତ୍ସା ପାଇଁ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରିବାର କିଛି ଦିନ ପରେ ବାମ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହେବା ଦ୍ୱାରା ବୃଦ୍ଧ ଜଣଙ୍କ ଠିକ ଭାବେ ଚଳପ୍ରଚଳ କିମ୍ବା କାମଧନ୍ଦା କହିପାରୁ ନାହାନ୍ତି। ଏହାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଆଖିକୁ ପରୀକ୍ଷା ନିରୀକ୍ଷା କରିବା ପରେ ମୋତିଆ ବିନ୍ଦୁ ହୋଇଥିବା ନେଇ ଡାକ୍ତର ଜାଣିବାକୁ ପାଇଥିଲେ। ଆଖିକୁ ଅସ୍ତ୍ରୋପଚାର କରାଗଲେ ସମ୍ପୂର୍ଣ୍ଣ ଭାବେ ଠିକ ହେଇଯିବ ବୋଲି ଡାକ୍ତର ରୋଗୀ ରବୀନ୍ଦ୍ରଙ୍କୁ କହିଥିଲେ। ସାଇନେତ୍ର ଚକ୍ଷୁ ଚିକିତ୍ସାଳୟର ଡ଼ା ବିଶ୍ୱଜିତ୍ ଦେ ରବୀନ୍ଦ୍ରଙ୍କ ଉକ୍ତ ଦିନ ଆଖିର ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରିଥିଲେ। ଏହାର ଅଳ୍ପ ଦିନ ପରେ ଅର୍ଥାତ୍ ୧/୪/୨୫ରେ ଆଖିର ଅବସ୍ଥା କିଭଳି ଅଛି ଦେଖିବାକୁ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ରବିନ୍ଦ୍ରକୁ ଡାକି ପରୀକ୍ଷା କରି ଔଷଧପତ୍ର ଦେବା ସହ ଆଖି ଭଲ ହୋଇଯିବ କହିଥିଲେ। ଔଷଧପତ୍ର ଖାଇବା ପରେ ମଧ୍ୟ ଆଖିରୁ ପାଣି ଗଡ଼ିବା, ବିନ୍ଧିବା ଭଳି ସମସ୍ୟା ଦୂର ହୋଇ ନଥିଲା। ପୁଣିଥରେ ଡାକ୍ତରଙ୍କୁ ଦେଖାଇବା ପରେ ନିଜର ଅକ୍ଷମତା ପ୍ରକାଶ କରି ଉନ୍ନତ ମାନର ଚିକିତ୍ସା ହେବାକୁ ଭୁବନେଶ୍ୱର ପଟିଆସ୍ଥିତ ଡା.ଏଲଭି ପ୍ରସାଦଙ୍କୁ ଦେଖାଇବାକୁ ପରାମର୍ଶ ଦେଇଥିଲେ। ସେଠାରୁ ଡ଼ା ପ୍ରସାଦଙ୍କୁ ଦେଖାଇବା ପରେ ଜାଣିବାକୁ ପାଇଲେ ଯେ ଭୁଲ ଅସ୍ତ୍ରୋପଚାର ଯୋଗୁଁ ବାମ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚିକିତ୍ସା ବାବଦକୁ ସ୍ୱାସ୍ଥ୍ୟ ବୀମା କାର୍ଡରୁ ଅର୍ଥ ଏବଂ କିଛି ନଗଦ ଆକାରରେ ଚିକିତ୍ସାଳୟକୁ ଦେଇଥିଲେ। ଚକ୍ଷୁ ଚିକିତ୍ସାଳୟର ଅନଭିଜ୍ଞ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଏବଂ ସରକାର ଏହାର ସଠିକ୍ ତଦନ୍ତ କରି ଆମ ଗରିବ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ରବୀନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଦାସ ଏବଂ ଗ୍ରାମବାସୀ ଦାବି କରିଛନ୍ତି।



## ପୂର୍ବ ବିଦ୍ୟାର୍ଥୀଙ୍କ ଏକତ୍ରୀକରଣ ଉତ୍ସବ




ମଞ୍ଜୁରୀରୋଡ, ୮ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ନିକଟସ୍ଥ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରଠାରେ ପୂର୍ବତନ ବିଦ୍ୟାର୍ଥୀଙ୍କୁ ନେଇ ଏକତ୍ରୀକରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ତପନ ସାହୁଙ୍କ ଅଧ୍ୟକ୍ଷତା ଓ ରଞ୍ଜୁଲତା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ୬୦ରୁ ଅଧିକ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅତିଥି ଭାବେ ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ବେହେରା, ସହସମ୍ପାଦକ କରୁଣାକର ଖଣ୍ଡାଇ, ସୁବାସିନୀ କର, କବିତା ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରୁଣା ବିଦ୍ୟାର୍ଥୀ ବନ୍ଧୁମାନେ କିଛି ସମୟ ପାଇଁ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ତପନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଷମାରାଣୀ ସେନାପତିଙ୍କ ସମେତ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

## ପୂଜାମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ଦର୍ଶନ କଲେ ବିଭିନ୍ନ ରାଜନେତା



ଧାମନଗର, ୮।୧୦ (ସମିସ): ଧାମନଗର ବ୍ଲକ୍ ଓ ଏନଏସି ଅଞ୍ଚଳରେ ବିଭିନ୍ନ ଗଜଲକ୍ଷ୍ମୀ ପୂଜାମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଛନ୍ତି ଅଞ୍ଚଳର ରାଜନୈତିକ ନେତୃବୃନ୍ଦ। ଏଥିସହ ଜନସାଧାରଣଙ୍କ ସୁଖଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ଉପାଧ୍ୟକ୍ଷା ଜିଲ୍ଲା ପରିଷଦ ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ ନାୟକ, ସଭ୍ୟ ପ୍ରଦୀପ ମଲ୍ଲିକ, ଧାମନଗର ନିର୍ବାଚନମଣ୍ଡଳୀସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସରପଞ୍ଚ ଅଜୟ ମଲ୍ଲିକ, ସମିତିସଭ୍ୟ ଭାରତ ବିଜୟ ଦଳାଇ, ଧୂଷୁରୀ ସେବା ସମବାୟ ସଭାପତି ସନ୍ଦୀପ ସ୍ୱାଇଁ, ଛାତ୍ର ସଭାପତି ପ୍ରକାଶ ବେହେରା, ବିଜେଡି ନେତା ଦେବେନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତ ସଭାପତି ଏବଂ ସ୍ଥାନୀୟ ନେତୃମଣ୍ଡଳୀ ପ୍ରମୁଖ ଏଥିରେ ସାମିଲ ରହିଥିଲେ। ସେହିପରି ବିଜେପି ଏବଂ କଂଗ୍ରେସ ଦଳର ନେତା-କର୍ମୀମାନେ ସମସ୍ତ ଜନସାଧାରଣଙ୍କ ପାଇଁ ମଙ୍ଗଳ କାମନା କରିଥିବା କହିଛନ୍ତି।







ବନ୍ତ/ଆଗରପଡ଼ା: ମଣ୍ଡପରେ ପୂଜା ପାଉଛନ୍ତି ଲକ୍ଷ୍ମୀ | ୯ ବର୍ଷରେ ଆଡ଼ିଆ ଲକ୍ଷ୍ମୀପୂଜା, | ୧୫ ବର୍ଷରେ ସେଣ୍ଢତୀରା ଲକ୍ଷ୍ମୀପୂଜା , | ୫୦ ବର୍ଷରେ କୁସୁନନଗର ଲକ୍ଷ୍ମୀପୂଜା